# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଜାନୁଆରୀ ୨୫/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, January 25/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 63 | ମୂଲ୍ୟ ₹୭/-




**ଗୋବିନ୍ଦ ପୋଦ୍ଦାରଙ୍କ ଶତକ**

ଶିଲଂର ଏମ୍‌ସିଏ ଗ୍ରାଉଣ୍ଡରେ ଚାଲିଥିବା ମେଘାଳୟ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଓଡ଼ିଶାର ଗୋବିନ୍ଦ ପୋଦ୍ଦାର।

୧୬

୦୨

**ମମତା କୁଲ୍‌କର୍ଣ୍ଣି କିନ୍ନର ଆଖଡ଼ା ମହାମଣ୍ଡଳେଶ୍ୱର**

ବଲିଉଡ୍ ଅଭିନେତ୍ରୀ ମମତା କୁଲ୍‌କର୍ଣ୍ଣି ଗ୍ଲାମରସ୍ ଦୁନିଆରୁ ଓହରି କିନ୍ନର ଆଖଡ଼ାର ମହାମଣ୍ଡଳେଶ୍ୱର ହୋଇଛନ୍ତି।



# ଆଉ ୪୦ ହଜାର ନିଯୁକ୍ତି ପାଇବେ: ମୁଖ୍ୟମନ୍ତ୍ରୀ

## ୨୦୨୫-୨୬ ଆର୍ଥିକବର୍ଷ ସୁଦ୍ଧା

**ରାଜ୍ୟ ସରକାର ଓଡ଼ିଶାର ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ଏହି କ୍ରମରେ ୨୦୨୫-୨୬ ଆର୍ଥିକବର୍ଷ ଶେଷ ସୁଦ୍ଧା ୬୫ ହଜାର ନିଯୁକ୍ତି ପ୍ରଦାନ ଲକ୍ଷ୍ୟ ରଖାଯାଇଛି। ଅଦ୍ୟାବଧି ୨୦ ହଜାର ନିଯୁକ୍ତି ସରିଥିବାବେଳେ ଚଳିତ ଆର୍ଥିକବର୍ଷ ଶେଷସୁଦ୍ଧା ଆଉ ୪୦ ହଜାର ନିଯୁକ୍ତି ପ୍ରଦାନ କରାଯିବ। ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରଠାରେ ଶୁକ୍ରବାର ପ୍ରାକ୍-ବଜେଟ ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ବିଶେଷକରି ଗ୍ରାମାଞ୍ଚଳରେ ରୋଜଗାର ବୃଦ୍ଧି ସହିତ ଭିତ୍ତିଭୂମି ସୁଦୃଢ଼ କରି 'ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମକୁ ସଫଳ କରାଯିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଯୁବପିଢ଼ିଙ୍କ ମନରେ ନୂଆ ଆଶା ସଞ୍ଚାର କରିଛି।**

ଭୁବନେଶ୍ୱର,୨୪।୧(ସୁନିତ୍ ମିଶ୍ର)

ଗତବର୍ଷ ପରି ବଜେଟ ପ୍ରସ୍ତୁତି ପ୍ରକ୍ରିୟାକୁ ଲୋକାଭିମୁଖୀ କରିବା ପାଇଁ ଆମ ସରକାର ପ୍ରେସ୍ ଇସ୍ତାହାର ମାଧ୍ୟମରେ ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କରିଛନ୍ତି। ବିଭିନ୍ନ ମାଧ୍ୟମରେ ଆସୁଥିବା ଏହି ପରାମର୍ଶଗୁଡ଼ିକୁ ଅନୁଧ୍ୟାନ ଓ ତର୍ଜମା କରି ଚଳିତ ବଜେଟରେ ସ୍ଥାନିତ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ଶୁକ୍ରବାର ଆୟୋଜିତ ପ୍ରାକ୍ ବଜେଟ ଆଲୋଚନା ବୈଠକ ପରେ ଗଣମାଧ୍ୟମକୁ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ନିଯୁକ୍ତି କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି, ବର୍ତ୍ତମାନ ସୁଦ୍ଧା ୨୦ ହଜାର ନିଯୁକ୍ତି ଦିଆସରିଛି, ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ୪୦ ହଜାର ନିଯୁକ୍ତି ଦିଆଯିବ। ୨୦୨୫-୨୬ ଆର୍ଥିକବର୍ଷ ଶେଷ ସୁଦ୍ଧା ଆମ ସରକାର ୬୫ ହଜାର ନିଯୁକ୍ତି ଦେବାର ଲକ୍ଷ୍ୟ ରଖିଛନ୍ତି। ଶିଳ୍ପ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ଅଢ଼େଇ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ଅନୁମୋଦନ କରାଯାଇଛି, ଯାହାଦ୍ୱାରା ଲକ୍ଷେ ୧୦ ହଜାର ନିଯୁକ୍ତି ସୃଷ୍ଟି ହେବ। ବଜେଟ ପାଇଁ ଯେଉଁ ମତାମତ ଆସିଛି ତନ୍ମଧ୍ୟରୁ ଲୋକହିତକାରୀ ମତାମତଗୁଡ଼ିକୁ ଫିସ୍‌କାଲ ରେସ୍ପନ୍ସ ଟିମ୍ ଗୁରୁତ୍ୱ ଦେବ ଏବଂ ଏହି ବଜେଟ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ନିଶ୍ଚିତ ଭାବେ ଏକ ପୂର୍ଣ୍ଣାଙ୍ଗ ରୂପରେ ଆସିବ ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି, ଚଳିତବର୍ଷର ବଜେଟ କିପରି ଲୋକାଭିମୁଖୀ ହୋଇପାରିବ ସେନେଇ ସମସ୍ତେ ନିଜର ବହୁମୂଲ୍ୟ ମତାମତ ଦେଇଛନ୍ତି। ଏ ବାବଦରେ ସାଧାରଣ ଲୋକ ଆସନ୍ତା ୩୧ ସୁଦ୍ଧା ଇ-ମେଲ ଓ ହ୍ୱାଟ୍‌ସଅପ୍, ୱେବ୍ ପୋର୍ଟାଲ ମାଧ୍ୟମରେ ସେମାନଙ୍କ ମତାମତ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଲୋକଙ୍କ ସରକାରରେ ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ ଏବଂ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ କରାଯିବ। ବିଶେଷ କରି ବଜେଟରେ ଗ୍ରାମାଞ୍ଚଳବାସୀ ଓ ଅର୍ଥନୈତିକ ଅନଗ୍ରସର ଲୋକଙ୍କୁ ଫୋକସ କରାଯାଉଛି। ଏଥିସହିତ ରାଜସ୍ୱ ବୃଦ୍ଧି, ଆଇ.ଟି, ସେମିକଣ୍ଡକ୍ଟର, ପେଟ୍ରୋକେମିକାଲ, ଷ୍ଟିଲ, ଅକ୍ଷୟ ଶକ୍ତି, ଟେକ୍ସଟାଇଲ, ଆଗ୍ରୋ ଇଣ୍ଡଷ୍ଟ୍ରି ଭଳି ଶିଳ୍ପ ସହିତ ପର୍ଯ୍ୟଟନକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। କୃଷକମାନଙ୍କ ଆୟ ବୃଦ୍ଧି ସହିତ ଶୀତଳ ଭଣ୍ଡାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଗ୍ରାମାଞ୍ଚଳରେ ରୋଜଗାର ବୃଦ୍ଧି ସହିତ ଭିତ୍ତିଭୂମି ସୁଦୃଢ଼ ପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକାରୀ କରାଯିବ। ବୈଠକରେ ମୁଖ୍ୟମନ୍ତ୍ରୀ ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିଙ୍କ ସହିତ ପ୍ରାକ୍ ବଜେଟ ☞ପୃଷ୍ଠା-୪

# ଗୋଳାବାରୁଦ କାରଖାନାରେ ବିସ୍ଫୋରଣ: ୮ ମୃତ



ନୂଆଦିଲ୍ଲୀ,୨୪।୧

ମହାରାଷ୍ଟ୍ରର ଭଣ୍ଡାରା ଜିଲାରେ ଥିବା ଏକ ଗୋଳାବାରୁଦ କାରଖାନାରେ ଶୁକ୍ରବାର ବଡ଼ ଧରଣର ବିସ୍ଫୋରଣ ଘଟି ୮ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଏକ କାର୍ଯ୍ୟକ୍ରମରେ ବିସ୍ଫୋରଣ ସମ୍ପର୍କରେ ସୂଚନା ଦେବା ସହ ଉପସ୍ଥିତ ଲୋକମାନଙ୍କୁ ଏକ ମିନିଟ୍ ନୀରବ ପ୍ରାର୍ଥନା କରିବାକୁ କହିଥିଲେ। ସକାଳ ୧୦ଟା ୩୦ ମିନିଟ୍ ସମୟରେ କାରଖାନାରେ ଏଲ୍‌ଟିପି ସେକ୍ସନରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଏହାର ଶବ୍ଦ ୫ କିଲୋମିଟର ଦୂରକୁ ଶୁଭିଥିଲା। କାରଖାନାର ଛାତ ଭୁଶୁଡ଼ି ପଡ଼ିବାରୁ ଏହା ତଳେ ୧୩ରୁ ୧୪ ଜଣ କର୍ମଚାରୀ ରହିଯାଇଥିଲେ। ଭଗ୍ନାବଶେଷ ହଟାଇବାକୁ ଏସ୍କାଭେଟର ବ୍ୟବହାର କରାଯାଇଥିଲା। ନିଆଁଲିଭା ଓ ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଥିଲେ। ବିସ୍ଫୋରଣ ସ୍ଥଳରେ ଉଚ୍ଚ ପଦାଧିକାରୀଙ୍କ ସମେତ ନାଗପୁରରୁ ଉଦ୍ଧାରକାରୀ ଟିମ୍ ପହଞ୍ଚିଥିବାବେଳେ ମେଡିକାଲ ଟିମ୍ ମଧ୍ୟ ଘଟଣାସ୍ଥଳରେ ପ୍ରସ୍ତୁତ ରହିଥିବା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ସୂଚନା ଦେଇଥିଲେ। ବିସ୍ଫୋରଣର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ତଦନ୍ତ ଜାରି ରହିଛି। ଗୋଳାବାରୁଦ କାରଖାନାରେ ବିସ୍ଫୋରଣ ପାଇଁ ମହାରାଷ୍ଟ୍ରର କଂଗ୍ରେସ ସଭାପତି ନାନା ପଟୋଲେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ବିଫଳତାକୁ ଦାୟୀ କରିଛନ୍ତି।

# ଆବାସ ଯୋଜନା ସର୍ଭେର ଶୁଭାରମ୍ଭ

## ଲୋକଙ୍କ ଘର ସ୍ୱପ୍ନକୁ ଭାଜପା ସରକାର ସାକାର କରିବ: ମନ୍ତ୍ରୀ ରବି ନାଏକ

ପିପିଲି/ପୁରୀ,୨୪।୧ (ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର/ଅଜିତ ମହାନ୍ତି)




ମନ୍ତ୍ରୀ ରବିନାରାୟଣ ନାଏକ ଜଣେ ହିତାଧିକାରୀଙ୍କୁ ଆବାସ ପାଇଁ ଚାବିକାଠି ପ୍ରଦାନ କରୁଛନ୍ତି।

ନିଜର ଘରଟିଏ କରିବା ସମସ୍ତଙ୍କ ପାଇଁ ସ୍ୱପ୍ନ ଥାଏ। ଭାଜପା ସରକାର ଏହି ସ୍ୱପ୍ନକୁ ସାକାର କରିବା ନିମନ୍ତେ ସଂକଳ୍ପବଦ୍ଧ ବୋଲି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି। ଶୁକ୍ରବାରଠାରୁ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ଗ୍ରାମୀଣ ସର୍ଭେ ଆରମ୍ଭ ହୋଇଛି। ପୂର୍ବାହ୍ନରେ ପୁରୀ ଜିଲା ପିପିଲି ବ୍ଲକ ଯଶୁଆପୁର ପଞ୍ଚାୟତର ଅର୍ଜ୍ଜୁନସିଂହପୁର ଗ୍ରାମରେ ମନ୍ତ୍ରୀ ନାଏକ ଏହି ସର୍ଭେର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ ୫ଜଣ ହିତାଧିକାରୀଙ୍କ ଘରକୁ ଯାଇ ସର୍ଭେ କରିବା ସହ ସେମାନଙ୍କୁ ଆବାସ ପ୍ଲସ୍‌ଆପ୍‌ରେ ପଞ୍ଜୀକରଣ କରାଇଛନ୍ତି। ପରେ ସାତଶଙ୍ଖ ମେଳଣ ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ମନ୍ତ୍ରୀ ନାଏକ କହିଛନ୍ତି, ରାଜ୍ୟର ସମସ୍ତ ଅଧିବାସୀଙ୍କ ପାଇଁ ପକ୍କାଘରର ବାସ୍ତବତା ପୂରଣ ହେବାକୁ ଯାଉଛି। ଘର ପାଇଁ ହିତାଧିକାରୀମାନେ ଆବାସ ପ୍ଲସ୍ ମୋବାଇଲ୍ ଆପ୍ ଜରିଆରେ ନିଜେ ଅନଲାଇନରେ ଆବେଦନ କରିପାରିବେ। ପଞ୍ଚାୟତ କାର୍ଯ୍ୟାଳୟରେ ଯାଞ୍ଚ ପରେ ନାମ ନ ଥିଲେ, ପୁନର୍ବାର ଆବେଦନ କରିପାରିବେ। ବର୍ତ୍ତମାନ ରାଜ୍ୟରେ ୧ ଲକ୍ଷ ୨୦ ହଜାର ହିତାଧିକାରୀଙ୍କୁ ଆବାସ ଯୋଗାଇଦିଆଯିବ। ସର୍ଭେ ପ୍ରକ୍ରିୟା ଦେଢ଼ରୁ ୨ମାସ ପର୍ଯ୍ୟନ୍ତ ଚାଲିବ। ୧୪ ହଜାର ଅଧିକାରୀ ଓ କର୍ମଚାରୀ ଏହି ସର୍ଭେ କାର୍ଯ୍ୟ ତଦାରଖ କରିବେ। କୌଣସି ☞ପୃଷ୍ଠା-୪


**ଓଡ଼ିଶା ସରକାର** No. T-

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା27.01.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0055/2425


**ଚଳନ୍ତା ଟ୍ରେନ୍‌ରୁ ଖସି ଛାତ୍ରୀଙ୍କ ମୃତ୍ୟୁ**

ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

**ହ୍ୱିସିଲ୍‌ବ୍ଲୋୟର୍‌ଙ୍କ ବଦଳି**






# ଫେବୃଆରୀ ୨ରେ ଅନ୍‌ଲାଇନ, ୫ ଓ ୬ରେ କାଉଣ୍ଟର ଟିକେଟ ବିକ୍ରି

କଟକ,୨୪।୧(କାର୍ତ୍ତିକ ସାହୁ)

**ବାରବାଟୀ ଦିନିକିଆ ଫେବୃଆରୀ ୯ରେ**

୩ ବର୍ଷ ପରେ ବାରବାଟୀ ଷ୍ଟାଡିୟମକୁ ଫେରୁଛି ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ। ଭାରତ ଓ ଇଂଲଣ୍ଡ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ ବାରବାଟୀରେ ଆଗାମୀ ଫେବୃଆରୀ ୯ ତାରିଖରେ ଅନୁଷ୍ଠିତ ହେବ। ସାଧାରଣ ଦର୍ଶକଙ୍କ ପାଇଁ ଫେବୃଆରୀ ୨ରେ ଅନ୍‌ଲାଇନ ଏବଂ ୫ ଓ ୬ ତାରିଖରେ କାଉଣ୍ଟରରେ ଟିକେଟ ବିକ୍ରି କରାଯିବ। ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର ବାରବାଟୀ ଷ୍ଟାଡିୟମସ୍ଥ ଓସିଏ ସମ୍ମିଳନୀ କକ୍ଷରେ ☞ପୃଷ୍ଠା-୪

# କାର୍ଯ୍ୟସ୍ଥଳରେ କରମର୍ଦ୍ଦନ ପାଇଁ ବାଧ କରିବା ଯୌନ ନିର୍ଯାତନା: ହାଇକୋର୍ଟ

ଚେନ୍ନାଇ,୨୪।୧



କାର୍ଯ୍ୟସ୍ଥଳରେ ମହିଳା କର୍ମଚାରୀଙ୍କୁ କରମର୍ଦ୍ଦନ ପାଇଁ ବାଧ କରିବା ଏବଂ ଯେକୌଣସି ଅପ୍ରିୟ ବ୍ୟବହାର ଯୌନ ନିର୍ଯାତନା ବୋଲି ମାଡ୍ରାସ୍ ହାଇକୋର୍ଟ ଏକ ମାମଲାର ଶୁଣାଣି ବେଳେ ଟିପ୍ପଣୀ ଦେଇଛନ୍ତି। ପୋସ୍ ଆଇନ ଅନୁଯାୟୀ, ଉତ୍ପୀଡ଼ନର ଶିକାର ହୋଇଥିବା ମହିଳାଙ୍କ ଅନୁଭୂତିକୁ ପୁରୁଷଙ୍କ ଉଦ୍ଦେଶ୍ୟ ଅପେକ୍ଷା ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ ବୋଲି ଜଷ୍ଟିସ୍ ଆର୍.ଏନ୍. ମଞ୍ଜୁଳା କହିଛନ୍ତି। ଉତ୍ପୀଡ଼ନକାରୀଙ୍କ ଉଦ୍ଦେଶ୍ୟ ଯାହା ହୋଇଥାଉ ନା କାହିଁକି କାର୍ଯ୍ୟସ୍ଥଳରେ ଅପ୍ରିୟ ବ୍ୟବହାର ଯୌନ ନିର୍ଯାତନା ବୋଲି ଆମେରିକା କୋର୍ଟର ଏକ ରାୟର ଉଦାହରଣ ଦେଇ ବିଚାରପତି କହିଥିଲେ। ଯଦି ମହିଳା ଜଣକ କୌଣସି ଆଚରଣକୁ ଭଲ ଭାବରେ ଗ୍ରହଣ କରୁନାହାନ୍ତି ବା ଅନୁପଯୁକ୍ତ ଭାବୁଥାନ୍ତି ଏବଂ ଏଭଳି ଅପ୍ରିୟ ବ୍ୟବହାର ଯଦି ତାଙ୍କୁ ପ୍ରଭାବିତ କରୁଥାଏ, ତେବେ ଏହା ଯୌନ ନିର୍ଯାତନାର ସଂଜ୍ଞା ମଧ୍ୟରେ ଯିବା ନିଃସନ୍ଦେହ। ଯୁକ୍ତିଯୁକ୍ତତା ହେଉଛି ଏକ ମାପଦଣ୍ଡ, ଯାହା ମହିଳାମାନେ କିପରି ଅନୁଭବ କରୁଛନ୍ତି, ତାହା ନିରୂପଣ କରିଥାଏ ବୋଲି ବିଚାରପତି କହିଛନ୍ତି। ଶ୍ରମ ଅଦାଲତଙ୍କ ଏକ ରାୟକୁ ଖାରଜ କରିବା ଅବସରରେ ବିଚାରପତି ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ରୋକିବା ପାଇଁ ୨୦୧୩ ଡିସେମ୍ବର ୯ରେ ପୋସ୍ ଆଇନ କାର୍ଯ୍ୟକାରୀ ହୋଇଥିଲା।







## ସଂକ୍ଷେପରେ

### ଟ୍ରମ୍ପଙ୍କ ସହ ଆଲୋଚନା ପାଇଁ ପୁଟିନ୍ ପ୍ରସ୍ତୁତ

ମସ୍କୋ,୨୪।୧

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆମେରିକା ପ୍ରତିପକ୍ଷ ଡୋନାଲ୍ଡ ଟ୍ରମ୍ପଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ। ସେ କେବଳ ୱାଶିଂଟନ୍‌ର 'ସଙ୍କେତ'କୁ ଅପେକ୍ଷା କରି ରହିଛନ୍ତି ବୋଲି ଶୁକ୍ରବାର କ୍ରେମ୍‌ଲିନ୍ ପକ୍ଷରୁ ସୂଚନା ଦିଆଯାଇଛି। କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ ଖବରଦାତାମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ପୁଟିନ୍ ପ୍ରସ୍ତୁତ। ଆମେ ଆମେରିକାର ସଙ୍କେତ ଅପେକ୍ଷାରେ ରହିଛୁ। ପୁଟିନ୍ ଓ ଆମେରିକାର ନୂଆ ରାଷ୍ଟ୍ରପତି ୟୁକ୍ରେନ୍ ଉପରେ ଆଲୋଚନା ପାଇଁ ପ୍ରସ୍ତୁତ ଥିବା ପୂର୍ବରୁ କହିଥିଲେ। ଇତିମଧ୍ୟରେ ୟୁକ୍ରେନ୍ ସହ ମସ୍କୋ ଯୁଦ୍ଧ ଶେଷ ନ କଲେ ରୁଷିଆ ଉପରେ ଆର୍ଥିକ କଟକଣା ଜାରି କରାଯିବ ବୋଲି ଟ୍ରମ୍ପ ଧମକ ଦେଇଥିଲେ। ଏହା ଉପରେ ପେସ୍କୋଭ୍ କହିଛନ୍ତି, ଦୁଇନେତାଙ୍କ ସାକ୍ଷାତ୍ କେବେ ହେବ ସେନେଇ ସେ କିଛି ମନ୍ତବ୍ୟ ଦେଇପାରିବେ ନାହିଁ। ରୁଷିଆ ନିଜ ତୈଳର ମୂଲ୍ୟ ହ୍ରାସ କଲେ ୟୁକ୍ରେନ୍ ସଂଘର୍ଷର ଅବସାନ ଘଟିବ ବୋଲି ଟ୍ରମ୍ପ କହିଥିବା ବିଷୟକୁ କ୍ରେମ୍‌ଲିନ୍ ପ୍ରତ୍ୟାଖ୍ୟାନ କରି କହିଛି, ଏହି ସଂଘର୍ଷ ତୈଳ ଦର ଉପରେ ନିର୍ଭରଶୀଳ ନୁହେଁ। ପ୍ରକାଶ ଯେ, ଡାଭୋସ୍‌ରେ ଚାଲିଥିବା ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ (ଡବ୍ଲ୍ୟୁଇଏଫ୍)କୁ ଗୁରୁବାର ସମ୍ବୋଧିତ କରି ଟ୍ରମ୍ପ କହିଥିଲେ, ସେ ସାଉଦି ଆରବ ଏବଂ ଅର୍ଗାନାଇଜେଶନ୍ ଅଫ୍ ଦି ପେଟ୍ରୋଲିଂ ଏକ୍ସପୋର୍ଟିଂ କଣ୍ଟ୍ରିଜ୍ (ଓପିଇସି)କୁ ତୈଳ ଦର ହ୍ରାସ ପାଇଁ ପରାମର୍ଶ ଦେବେ। ମୂଲ୍ୟ ହ୍ରାସ ହେଲେ ତତ୍କାଳ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଶେଷ ହେବ।

### ୨୯ରେ ଶ୍ରୀହରିକୋଟାରୁ ଇସ୍ରୋର ୧୦୦ତମ ଉତ୍କ୍ଷେପଣ

ବେଙ୍ଗାଲୁରୁ,୨୪।୧

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଆସନ୍ତା ୨୯ ତାରିଖ ସକାଳ ୬ଟା ୨୩ ମିନିଟ୍ ସମୟରେ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଏହାର ୧୦୦ତମ ଉତ୍କ୍ଷେପଣ କରିବାକୁ ଯାଉଛି। ଜିଏସ୍‌ଏଲ୍‌ଭି-ଏଫ୍୧୫ ମିଶନ ସହାୟତାରେ ଏନ୍‌ଭିଏସ୍-୦୨ ସାଟେଲାଇଟ୍‌କୁ କକ୍ଷପଥରେ ଅବସ୍ଥାପିତ କରାଯିବ। ଜିଏସ୍‌ଏଲ୍‌ଭି-ଏଫ୍୧୫ ହେଉଛି ଜିଏସ୍‌ଏଲ୍‌ଭିର ୧୭ତମ ଫ୍ଲାଇଟ୍ ଏବଂ ସ୍ୱଦେଶୀ କ୍ରିଓଜେନିକ୍ ଷ୍ଟେଜ୍ ଫିଟର ଥାଇ ୧୧ତମ ଫ୍ଲାଇଟ୍। ଶ୍ରୀହରିକୋଟାର ଦ୍ୱିତୀୟ ଲଞ୍ଚ୍ ପ୍ୟାଡ୍‌ରୁ ଏହି ରକେଟ୍ ଏନ୍‌ଭିଏସ୍-୦୨ ସାଟେଲାଇଟ୍‌କୁ ନେଇ ଜିଓସିନ୍‌କ୍ରୋନିଅସ୍ ଟ୍ରାନ୍ସଫର ଅର୍ବିଟ୍ (ଜିଟିଓ)ରେ ଅବସ୍ଥାପିତ କରିବ। ସାଟେଲାଇଟ୍‌ର ଓଜନ ୨,୨୫୦ କିଲୋଗ୍ରାମ ହୋଇଥିବାବେଳେ ଶକ୍ତି ପରିଚାଳନା ସାମର୍ଥ୍ୟ ୩ କିଲୋୱାଟ୍। ଏହା ନାଭ୍‌ଆଇସିର ସେବାକୁ ଉନ୍ନତ କରାଇବ, ଯାହା ନାଭିଗେଶନ, କୃଷି, ଜରୁରୀ ସେବା, ଜାହାଜ ପରିଚାଳନା ଏବଂ ମୋବାଇଲ ଡିଭାଇସ୍ ଲୋକେଶନରେ ବ୍ୟବହାର କରାଯିବ। ହାଇଫ୍ରିକ୍ୱେନ୍ସି ସୁନିଶ୍ଚିତ କରିବା ପାଇଁ ଏଥିରେ ୩ ଫ୍ରିକ୍ୱେନ୍ସି ବ୍ୟାଣ୍ଡ (ଏଲ୍୧, ଏଲ୍୫ ଏବଂ ଏସ୍) ପେ'ଲୋଡ୍ ରହିଛି।

# ଆମେରିକାରୁ ଅନେକ ଶହ ଆପ୍ରବାସୀ ବିଦା

ୱାଶିଂଟନ୍,୨୪।୧

**ଅପରାଧୀଙ୍କ ଗଣପ୍ରତ୍ୟର୍ପଣ ଜାରି ରହିବ: ହ୍ୱାଇଟ୍ ହାଉସ୍**



ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବାର ୩ ଦିନ ପରେ ତାଙ୍କ ପ୍ରଶାସନ ଏବେ ବେଆଇନ ଆପ୍ରବାସୀମାନଙ୍କ ଉପରେ ଦମନଲୀଳା ଆରମ୍ଭ କରିଦେଇଛି। ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖି ବିପଜ୍ଜନକ ଭାବେ ଆମେରିକାକୁ ଆସିଥିବା ବହୁ ଶରଣାର୍ଥୀଙ୍କୁ ଏୟାରଲିଫ୍ଟ କରି ସେମାନଙ୍କ ଦେଶକୁ ଫେରାଇ ଦିଆଯାଇଛି। ୫୩୮ ବେଆଇନ ଆପ୍ରବାସୀଙ୍କୁ ଗିରଫ କରାଯାଇଥିବାବେଳେ ଅନେକ ଶହଙ୍କୁ ସାମରିକ ବିମାନ ଜରିଆରେ ପ୍ରତ୍ୟର୍ପଣ କରାଯାଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରାକୃତିକ ବିପର୍ଯ୍ୟୟ ଏକ ରାଜନୈତିକ ଫୁଟ୍‌ବଲ୍‌ରେ ପରିଣତ ହୋଇଥିବା କାରୋଲିନା ଓ ନର୍ଥ କାରୋଲିନାକୁ ଟ୍ରମ୍ପ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଶୁକ୍ରବାର ପ୍ରଥମ ଗସ୍ତରେ ବାହାରିଛନ୍ତି। ନୂଆ ରାଷ୍ଟ୍ରପତିଙ୍କ ପ୍ରତିଶ୍ରୁତି ଅନୁଯାୟୀ ବେଆଇନ ଆପ୍ରବାସୀ ଅପରାଧୀଙ୍କ ଗଣପ୍ରତ୍ୟର୍ପଣ ଜାରି ରହିବ ବୋଲି ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରି କାରୋଲିନ୍ ଲେଆଭିଟ୍ଟ କହିଛନ୍ତି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ କାରୋଲିନ୍ ଏହାକୁ ଇତିହାସରେ ସବୁଠୁ ବଡ଼ ପ୍ରତ୍ୟର୍ପଣ ଅଭିଯାନ ବୋଲି ଅଭିହିତ କରିଛନ୍ତି। ଟ୍ରମ୍ପ ପ୍ରଶାସନ ଜଣେ ସନ୍ଦିଗ୍ଧ ଆତଙ୍କବାଦୀ, ଟ୍ରେନ୍ ଡେ ଆରାଗୁଆର ୪ ସଦସ୍ୟ ଏବଂ ନାବାଳିକା ନାବାଳକଙ୍କ ବିରୋଧରେ ଯୌନ ଅପରାଧ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅନେକଙ୍କ ସମେତ ୫୩୮ ବେଆଇନ ଆପ୍ରବାସୀ ଅପରାଧୀଙ୍କୁ ଗିରଫ କରିଛି। ଅନେକ ଶହ ବେଆଇନ ଆପ୍ରବାସୀ ଅପରାଧୀଙ୍କୁ ମିଲିଟାରି ଏୟାରକ୍ରାଫ୍ଟ ଜରିଆରେ ବିତାଡ଼ିତ କରାଯାଇଛି ବୋଲି ସେ କହିଛନ୍ତି। ଟ୍ରମ୍ପ ପ୍ରଶାସନ ଆମେରିକାର ସୀମାକୁ ସୁରକ୍ଷିତ କରିବା ପାଇଁ ନେଉଥିବା ପଦକ୍ଷେପର ଏକ ସଂକ୍ଷିପ୍ତ ଦୃଶ୍ୟକୁ ହ୍ୱାଇଟ୍ ହାଉସ୍ ଶେୟାର କରିଛି। ଆମେରିକା ଇମିଗ୍ରେଶନ୍ ଆଣ୍ଡ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ ପକ୍ଷରୁ ଗିରଫ କରାଯାଇଥିବା କେତେଜଣ ବ୍ୟକ୍ତିଙ୍କ ନାମ ଏବଂ ସେମାନେ ଘଟାଇଥିବା ଅପରାଧର ଏକ ତାଲିକା ମଧ୍ୟ ଏଥିରେ ପ୍ରକାଶ କରାଯାଇଛି। ଏହି ଅପରାଧୀଙ୍କ ମଧ୍ୟରୁ କେତେଜଣ ଶିଶୁ ଓ କିଶୋରିକିଶୋରଙ୍କୁ ବଳାତ୍କାର କରିଥିବା ମଧ୍ୟ ଏଥିରେ ଉଲ୍ଲେଖ କରାଯାଇଛି। ଜାନୁଆରୀ ୨୦ରେ ଟ୍ରମ୍ପ ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଅନେକ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଥିଲେ। ତନ୍ମଧ୍ୟରେ 'ଦେଶବାସୀଙ୍କୁ ଆକ୍ରମଣରୁ ସୁରକ୍ଷା ଦେବା' ପାଇଁ ଉଦ୍ଦିଷ୍ଟ ଏକ ଅର୍ଡର ରହିଛି। ବିଗତ ୪ ବର୍ଷ ମଧ୍ୟରେ ଅନେକ ଲକ୍ଷ ବେଆଇନ ଏଲିଆନ୍ସ ସୀମା ଅତିକ୍ରମ କରି ଆମେରିକାକୁ ଅନୁପ୍ରବେଶ ପୂର୍ବକ ସଂଘୀୟ ଆଇନକୁ ଉଲ୍ଲଂଘନ କରୁଥିବା ଏଥିରେ ଦର୍ଶାଯାଇଛି। ୨୩ ତାରିଖରେ ଗ୍ରାଣ୍ଡ ଓଲ୍ଡ ପାର୍ଟି (ଜିଓପି) ନେତୃତ୍ୱାଧୀନ ଲାକେନ୍ ରିଲେୟ ଆଇନକୁ କଂଗ୍ରେସ ସବୁଜ ସଙ୍କେତ ଦେଇଛି। ତଦନୁଯାୟୀ ବିନା କାଗଜପତ୍ରରେ ଆମେରିକାରେ ରହୁଥିବା ଆପ୍ରବାସୀମାନଙ୍କୁ ଅଟକ ପରେ ପ୍ରତ୍ୟର୍ପଣ କରାଯାଇପାରିବ। ଅନ୍ୟପକ୍ଷେ ନ୍ୟୁଜର୍ସିସ୍ଥିତ ନ୍ୟୁୱାର୍କର ଡେମୋକ୍ରାଟିକ୍ ମେୟର ରାସ୍ ବାରାକା ଟ୍ରମ୍ପ ପ୍ରଶାସନର ଏଭଳି ପଦକ୍ଷେପକୁ ନିନ୍ଦା କରିଛନ୍ତି।

### 'ବେଆଇନ ପ୍ରବାସୀଙ୍କୁ ଫେରାଇ ଆଣିବ ଭାରତ'

ନୂଆଦିଲ୍ଲୀ,୨୪।୧

ବେଆଇନ ଆପ୍ରବାସନ ସଙ୍ଗଠିତ ଅପରାଧ ସହ ଜଡ଼ିତ ହୋଇଥିବାରୁ ଭାରତ ଏହାର ବିରୋଧୀ। ଆମେରିକା ହେଉ କି ଅନ୍ୟ କୌଣସି ଦେଶରେ ବିନା କାଗଜପତ୍ରରେ ବେଆଇନ ଭାବେ ବସବାସ କରୁଥିବା ଭାରତୀୟମାନଙ୍କୁ ସ୍ୱଦେଶକୁ ଫେରାଇ ଅଣାଯିବ ବୋଲି ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ତେବେ ଆମେରିକାରେ କେତେ ସଂଖ୍ୟକ ଭାରତୀୟ ବେଆଇନ ଭାବେ ରହୁଛନ୍ତି ସେନେଇ ପ୍ରଶ୍ନ କରାଯିବାରୁ ସେ କିଛି କହିପାରିନାହାନ୍ତି। ଏହା ପୂର୍ବରୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମଧ୍ୟ ବେଆଇନ ପ୍ରବାସୀଙ୍କ ପ୍ରତ୍ୟର୍ପଣ ସପକ୍ଷରେ ଭାରତ ରହିଥିବା କହିଥିଲେ।

### ୱାକ୍‌ଫ ବୋର୍ଡ ଜେପିସି କମିଟିରୁ ୧୦ ବିରୋଧୀ ଏମ୍‌ପି ନିଲମ୍ବିତ

ନୂଆଦିଲ୍ଲୀ,୨୪।୧

ୱାକ୍‌ଫ ସଂଶୋଧନ ବିଲ୍, ୨୦୨୪ ଉପରେ ଯୁଗ୍ମ ସଂସଦୀୟ କମିଟି (ଜେପିସି) ବୈଠକ ବେଳେ ବିଶୃଙ୍ଖଳା ସୃଷ୍ଟି କରିବାରୁ ଶୁକ୍ରବାର ୧୦ ଜଣ ବିରୋଧୀ ଦଳ ଏମ୍‌ପିଙ୍କୁ ଦିନକ ପାଇଁ ନିଲମ୍ବନ କରାଯାଇଛି। ନିଲମ୍ବିତ ହୋଇଥିବା ଏମ୍‌ପିମାନେ ହେଲେ କଲ୍ୟାଣ ବାନାର୍ଜୀ, ମହମ୍ମଦ ଜାୱେଦ, ଏ. ରାଜା, ଅସାଦୁଦ୍ଦିନ୍ ଓ୍ୱାଇସି, ନାସିର ହୁସେନ୍, ମହିବୁଲ୍ଲା, ଏମ୍. ଅବଦୁଲ୍ଲା, ଅରବିନ୍ଦ ସାୱନ୍ତ, ନଦିମୁଲ୍ ହକ୍ ଏବଂ ଇମ୍ରାନ୍ ମାସୁଦ।

ଜେପିସି ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ଜଗଦମ୍ବିକା ପାଲ୍ ବିରୋଧୀ ସଦସ୍ୟମାନଙ୍କ କଥା ଶୁଣୁ ନ ଥିବା ଏବଂ ଏକ ଜମିଦାରୀ ଭଳି ବୈଠକ ଚଳାଉଥିବା ଟିଏମ୍‌ସି ଏମ୍‌ପି କଲ୍ୟାଣ ବାନାର୍ଜୀ ଅଭିଯୋଗ କରିଥିଲେ। ଗୁରୁବାର ମଧ୍ୟରାତ୍ରରେ ପୁଣି ଥରେ ବୈଠକ ସମୟ ପରିବର୍ତ୍ତନ କରାଯାଇ ଜାନୁଆରୀ ୨୪ ଓ ୨୭ ରଖାଯିବା ସହ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି। ଦିଲ୍ଲୀ ନିର୍ବାଚନ ପାଇଁ ସେମାନେ ତରବରିଆ ଭାବେ ଏଭଳି କରୁଥିବା ବାନାର୍ଜୀ କହିଛନ୍ତି। କଂଗ୍ରେସ ଏମ୍‌ପି ନାସିର ହୁସେନ୍ ମଧ୍ୟ ଜେପିସି ଅଧ୍ୟକ୍ଷଙ୍କ କାର୍ଯ୍ୟକୁ ସମାଲୋଚନା କରିଛନ୍ତି।

# ଜନ୍ମସିଦ୍ଧ ନାଗରିକତ୍ୱ ଅଧିକାର ରଦ୍ଦ ନିର୍ଦ୍ଦେଶନାମାକୁ ସ୍ଥଗିତ ରଖିଲେ ବିଚାରପତି

ୱାଶିଂଟନ୍,୨୪।୧

ଅଣନାଗରିକ ଦମ୍ପତିଙ୍କ ପିଲା ଆମେରିକାରେ ଫେବୃଆରୀ ୨୦ ପରେ ଜନ୍ମ ହେଲେ ତାଙ୍କୁ ଜନ୍ମଗତ ନାଗରିକତ୍ୱ ଅଧିକାର ମିଳିବ ନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ୱାକ୍ଷର କରିଥିବା ଏକ୍‌ଜିକ୍ୟୁଟିଭ୍ ଅର୍ଡରକୁ ଗୁରୁବାର ଜଣେ ସଂଘୀୟ ବିଚାରପତି ସାମୟିକ ଭାବେ ସ୍ଥଗିତ ରଖିଛନ୍ତି।

ୱାଶିଂଟନ୍, ଆରିଜୋନା, ଇଲିୟନ୍ସ ଏବଂ ଓରେଗୋନ୍ ପକ୍ଷରୁ ଦାଖଲ ଆବେଦନର ଶୁଣାଣି କରି ୟୁଏସ୍ ଡିଷ୍ଟ୍ରିକ୍ଟ ଜଜ୍ ଜନ୍ ସି. କଫେନୌର ଏହି ରାୟ ଦେଇଛନ୍ତି। ଏହି ରାଜ୍ୟଗୁଡ଼ିକର ଯୁକ୍ତି ହେଲା ଚତୁର୍ଦ୍ଦଶ ସଂଶୋଧନ ସହ ସୁପ୍ରିମକୋର୍ଟ ଆଇନ ଦୃଢ଼ଭାବେ ଜନ୍ମସିଦ୍ଧ ନାଗରିକତ୍ୱକୁ ପ୍ରତିଷ୍ଠିତ କରିଛି।

ରିପବ୍ଲିକାନ୍ ରାଷ୍ଟ୍ରପତି ସୋମବାର ପ୍ରଥମେ ସ୍ୱାକ୍ଷର କରିଥିବା ଏକ୍‌ଜିକ୍ୟୁଟିଭ୍ ଅର୍ଡରକୁ ୨୨ ରାଜ୍ୟର ଡେମୋକ୍ରାଟିକ୍ ଆର୍ଟର୍ନି ଜେନେରାଲ ଏବଂ ନାଗରିକ ଅଧିକାର ସଙ୍ଗଠନଗୁଡ଼ିକ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ମୋଟ ୫ଟି ପିଟିଶନ ବିଭିନ୍ନ ଫେଡେରାଲ କୋର୍ଟରେ ଦାଖଲ କରାଯାଇଛି। ସମାଲୋଚକମାନେ ଟ୍ରମ୍ପଙ୍କ ଅର୍ଡରକୁ ଆମେରିକା ସମ୍ବିଧାନର ଖୋଲା ଉଲ୍ଲଂଘନ ବୋଲି ଅଭିହିତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଟ୍ରମ୍ପଙ୍କ ନିର୍ଦ୍ଦେଶନାମା ପରେ ଆମେରିକାରେ ରହୁଥିବା ଭାରତୀୟଙ୍କ ସମେତ ବିଭିନ୍ନ ଦେଶର ଦମ୍ପତିମାନେ ଆସନ୍ତା ୧୯ ତାରିଖ ପୂର୍ବରୁ ପିଲା ଜନ୍ମ ପାଇଁ ମାଟର୍ନିଟି କ୍ଲିନିକ୍‌ଗୁଡ଼ିକରେ ଭିଡ଼ ଜମାଇବାରେ ଲାଗିଛନ୍ତି। ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରସବ ଲାଗି ସିଜରିଆନ୍ ସେକ୍ସନର ସହାୟତା ନେଉଛନ୍ତି। ଅନ୍ୟପକ୍ଷେ ଏଭଳି ଉପାୟରେ ଜନ୍ମିତ ଶିଶୁ ଓ ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟକୁ ନେଇ ଡାକ୍ତରମାନେ ଚିନ୍ତାବ୍ୟକ୍ତ କରିଛନ୍ତି।



ଅଗରତାଲାରେ ସାଧାରଣତନ୍ତ୍ର ଦିବସ ପାଳନ ପୂର୍ବରୁ ଶୁକ୍ରବାର ଫୁଲ୍ ଡ୍ରେସ୍ ରିହରସାଲ୍‌ରେ ଭାଗନେଇଥିବା ତ୍ରିପୁରା ଷ୍ଟେଟ୍ ରାଇଫଲ୍ସ (ଟିଏସ୍‌ଆର୍) ସୈନ୍ୟ।

# ସ୍ଥାନାନ୍ତରିତ ୫୦୦ ବାସିନ୍ଦା କ୍ୱାରାଣ୍ଟାଇନ୍‌ରେ

**ରାଜୌରୀରେ ରହସ୍ୟମୟ ରୋଗ ନେଲାଣି ୧୭ ଜୀବନ**

ଶ୍ରୀନଗର,୨୪।୧

ଜମ୍ମୁ-କଶ୍ମୀରର ରାଜୌରୀ ଜିଲାର ବଡ଼ାଲ ଗ୍ରାମରେ ଏକ ରହସ୍ୟମୟ ରୋଗରେ ୧୭ ଜଣଙ୍କ ଜୀବନ ଯାଇଥିବାବେଳେ ଅନ୍ୟ ୧୧ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ଗ୍ରାମର ପ୍ରାୟ ୫୦୦ ବାସିନ୍ଦାଙ୍କୁ ରାଜୌରୀର କେତେକ ସରକାରୀ ବିଲ୍ଡିଂକୁ ସ୍ଥାନାନ୍ତର କରାଯାଇ ସଙ୍ଗରୋଧରେ ରଖାଯାଇଛି। ରୋଗରେ ଆକ୍ରାନ୍ତଙ୍କ ପରିବାର ଓ ସମ୍ପର୍କୀୟମାନଙ୍କୁ ସ୍ଥାନାନ୍ତର କରିବା ନିମନ୍ତେ ରାଜୌରୀ ଜିଲାପାଳ ନିଷ୍ପତ୍ତି ନେଇଥିଲେ। ୨ ଦିନରେ ୫ଟି ନୂଆ ମାମଲା ଚିହ୍ନଟ ହେବା ପରେ ଉକ୍ତ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଲୋକମାନଙ୍କୁ ସେମାନଙ୍କ ନିରାପତ୍ତା ପାଇଁ ସ୍ଥାନାନ୍ତର କରାଯାଇଥିବା ସ୍ଥାନୀୟ ବିଧାୟକ କହିଛନ୍ତି। ସେମାନଙ୍କୁ ରାଜୌରୀର ଜିଏମ୍‌ସି, ପୁରୁଣା ହସ୍ପିଟାଲ, ନର୍ସିଂ କଲେଜ ଏବଂ ବଏଜ୍ ହାୟର ସେକେଣ୍ଡାରୀ ସ୍କୁଲ୍‌ରେ ରଖାଯାଇ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ କରାଯିବା ସହ ଖାଦ୍ୟ ଯୋଗାଇଦିଆଯାଉଛି। ଏହି ରହସ୍ୟମୟ ରୋଗ ପ୍ରଥମେ ଗତବର୍ଷ ଡିସେମ୍ବର ୭ରେ ଚିହ୍ନଟ ହୋଇଥିଲା। ଏଥିରେ ଫଜଲ ହୁସେନ୍ ଏବଂ ତାଙ୍କର ୪ ଝିଅ ଆକ୍ରାନ୍ତ ହୋଇ ୫ ଦିନ ମଧ୍ୟରେ ପ୍ରାଣ ହରାଇଥିଲେ। ମହମ୍ମଦ ରଫିକ୍ ତାଙ୍କର ସ୍ତ୍ରୀ ଓ ୩ ପିଲାଙ୍କୁ ହରାଇଥିବାବେଳେ ମହମ୍ମଦ ଅସ୍‌ଲମଙ୍କ ପରିବାରର ୬ ଜଣ ଏବଂ ସେମାନଙ୍କ ମାଇଁମାମୁଁଙ୍କ ମୃତ୍ୟୁ ଘଟିଥିଲା।

# ଶିଶୁ ସ୍ୱାସ୍ଥ୍ୟ, ଶିକ୍ଷାକୁ ପ୍ରଭାବିତ କରୁଛି ପ୍ରଦୂଷଣ, ଗ୍ରୀଷ୍ମଲହର

**ୟୁନିସେଫ୍ ରିପୋର୍ଟ**

ନୂଆଦିଲ୍ଲୀ,୨୪।୧



ଗ୍ରୀଷ୍ମ ଲହର ଏବଂ ବାୟୁ ପ୍ରଦୂଷଣ ଭଳି ପରିବେଶ ସମସ୍ୟା ଯୋଗୁ ଭାରତରେ ଶିଶୁମାନେ ଉଲ୍ଲେଖନୀୟ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଏହା ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ୟୁନିସେଫ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ କେବଳ ୨୦୨୪ରେ ଭାରତରେ ୫.୪୮ କୋଟି ପିଲା ଗ୍ରୀଷ୍ମଲହର ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଅତ୍ୟଧିକ ଉତ୍ତପ୍ତ ଦିନ ସାଙ୍ଗକୁ ବନ୍ୟା, ଭୂସ୍ଖଳନ, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ କେବଳ ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହେଉଛି ତାହା ନୁହେଁ, ଏହା ସେମାନଙ୍କ ଶିକ୍ଷାଗ୍ରହଣରେ ମଧ୍ୟ ବାଧା ସୃଷ୍ଟି କରୁଛି।

ୟୁନିସେଫ୍ ଶିଶୁ ଜଳବାୟୁ ବିପଦ ସୂଚକାଙ୍କରେ ୧୬୩ ଦେଶ ମଧ୍ୟରେ ଭାରତ ୨୬ତମ ର୍ୟାଙ୍କ୍‌ରେ ରହିଛି, ଯାହାକି ଜଳବାୟୁ ପରିବର୍ତ୍ତନର ପ୍ରଭାବ ପ୍ରତି ଅତ୍ୟନ୍ତ ବିପଜ୍ଜନକ ସ୍ଥିତି। ଦେଶରେ ହିଟ୍‌ୱେଭ୍ ଏବଂ ପ୍ରାକୃତିକ ବିପର୍ଯ୍ୟୟ କ୍ରମାଗତ ଭାବେ ବଢ଼ିଚାଲିଛି। ଫଳରେ ପିଲାମାନେ ନିରାପଦ ଏବଂ ଅନୁକୂଳ ଶୈକ୍ଷିକ ପରିବେଶ ପାଇବା କଷ୍ଟକର ହୋଇପଡ଼ିଛି। ଗ୍ରୀଷ୍ମଲହର ଏବଂ ପ୍ରଦୂଷଣ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିବା ସହ ରୋଗାକ୍ରାନ୍ତ କରାଉଛି ଓ ପାଠପଢ଼ାରେ ବ୍ୟାଘାତ ଘଟାଉଛି। ଜାତୀୟ ପାଠ୍ୟକ୍ରମରେ ଜଳବାୟୁ ପରିବର୍ତ୍ତନ ଶିକ୍ଷାକୁ ସାମିଲ କରିବା ପାଇଁ ୟୁନିସେଫ୍ ଭାରତ ସରକାରଙ୍କ ସହ ଏକାଠି କାର୍ଯ୍ୟ କରିଆସୁଛନ୍ତି। ପିଲାଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ସହ ସେମାନଙ୍କୁ ଜଳବାୟୁ ପରିବର୍ତ୍ତନ ସହ ଖାପଖୁଆଇବା ଦିଗରେ ପ୍ରସ୍ତୁତ କରାଇବ ଏହାର ଲକ୍ଷ୍ୟ। ଜାତିସଂଘ ଶିଶୁ ପାଣ୍ଠି ବା ୟୁନିସେଫ୍ ସାରା ବିଶ୍ୱର ପିଲାମାନଙ୍କ ଜୀବନଧାରଣ ମାନ ଉନ୍ନତ କରିବା ଦିଗରେ କାର୍ଯ୍ୟ କରିଥାଏ। ଏହାର ଜାତୀୟ ପାଠ୍ୟକ୍ରମ କାର୍ଯ୍ୟଯୋଜନାରେ ଜଳବାୟୁ ପରିବର୍ତ୍ତନ ଶିକ୍ଷାକୁ ସାମିଲ କରାଯାଇଛି। ୧୨ ରାଜ୍ୟରେ ବିସ୍ତୃତ ବିଦ୍ୟାଳୟ ନିରାପତ୍ତା କାର୍ଯ୍ୟକ୍ରମ (ସିଏସ୍‌ଏସ୍‌ପି) କାର୍ଯ୍ୟକାରୀ କରାଇବାରେ ଏହା ସରକାରଙ୍କୁ ସହଯୋଗ କରୁଛି। ୨୦୨୪ରେ ଏହି କାର୍ଯ୍ୟକ୍ରମ ଜରିଆରେ ୧,୨୧,୦୦୦ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

## ଫୁରସତ୍

# ଫ୍ଲାଇଟ୍ ଆଟେଣ୍ଡାଣ୍ଟରୁ ସଫଳ ଘୁଷୁରି ଚାଷୀ

**୨ ମାସରେ ୨୩ ଲକ୍ଷ ରୋଜଗାର**

ଶାଙ୍ଘାଇ



ଚାଇନାର ୨୭ ବର୍ଷୀୟା ପୂର୍ବତନ ବିମାନ କର୍ମଚାରୀ ୟାଙ୍ଗ୍ ୟାଙ୍ଗ୍‌ସି ସମ୍ପ୍ରତି ବିମାନ ସେବା ଛାଡି କୃଷି ଜଗତରେ ପାଦ ଥାପିଛନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିବା ପରେ ସେ ମାତ୍ର ୨ ମାସ ମଧ୍ୟରେ ପ୍ରାୟ ୨୨.୮ ଲକ୍ଷ ଟଙ୍କା (୨ ଲକ୍ଷ ୟୁଆନ୍) ରୋଜଗାର କରି ସମସ୍ତଙ୍କୁ ଚକିତ କରିଛନ୍ତି।

ହେଇଲୋଙ୍ଗ୍‌ଜିଆଙ୍ଗ୍ ପ୍ରଦେଶର ଏକ ଗ୍ରାମୀଣ ପରିବାରରେ ଜନ୍ମିତ ୟାଙ୍ଗ୍, ଶାଂଘାଇର ଏକ ଏୟାରଲାଇନ୍ସରେ ଫ୍ଲାଇଟ୍ ଆଟେଣ୍ଡାଣ୍ଟ ଭାବରେ ୫ ବର୍ଷ ଧରି କାର୍ଯ୍ୟ କରିଥିଲେ। ତେବେ ବିଭିନ୍ନ ବିପରୀତ ପରିସ୍ଥିତି ଯୋଗୁ ୟାଙ୍ଗ୍‌ଙ୍କର ଦରମା ପ୍ରାୟ ୩୨ ହଜାର ଟଙ୍କା (୨୮୦୦ ୟୁଆନ୍)କୁ ଖସି ଆସିଥିଲା। ଫ୍ଲାଇଟ୍ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିବାରୁ ସେ ଅଧିକାଂଶ ସମୟ ନିଜ ମା'ବାପାଙ୍କ ପାଖରେ ରହିପାରୁ ନ ଥିଲେ। ସେ ବିଶେଷ ଦରମା ମଧ୍ୟ ପାଉ ନ ଥିବାରୁ ତାଙ୍କୁ ଅନେକ ସମୟରେ ବାପା ଓ ମା'ଙ୍କଠାରୁ ଆର୍ଥିକ ସହାୟତା ନେବାକୁ ପଡୁଥିଲା। ତେବେ ତାଙ୍କ ଆବଶ୍ୟକତାକୁ ପୂରା କରିବା ପାଇଁ, ବାପା ଓ ମା' ଋଣ ନେଇ ତାଙ୍କୁ ଅର୍ଥ ପଠାଇଥିଲେ ବୋଲି ୟାଙ୍ଗ୍ ଜାଣିବାକୁ ପାଇଥିଲେ। ଏହା ତାଙ୍କୁ ବେଶ୍ ଦୁଃଖ ଦେଇଥିଲା। ୨୦୨୨ ଅକ୍ଟୋବରରେ ମା'ଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ୟାଙ୍ଗ୍ ଚାକିରି ଛାଡ଼ି ଘରେ ରହି ମା'ଙ୍କ ସେବା କରିବାକୁ ନିଷ୍ପତ୍ତି ନେଇଥିଲେ।

୨୦୨୩ ଏପ୍ରିଲ୍ ସୁଦ୍ଧା ୟାଙ୍ଗ୍ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘୁଷୁରି ଫାର୍ମକୁ ସମ୍ଭାଳିବା ଆରମ୍ଭ କରିଦେଇଥିଲେ। ସେ ଘୁଷୁରି ଫାର୍ମରେ ନିଜ ଅନୁଭୂତିକୁ ସୋସିଆଲ ମିଡିଆରେ ମଧ୍ୟ ଶେୟାର କରନ୍ତି। ୟାଙ୍ଗ୍ ଘୁଷୁରିଙ୍କ ଖାଇବା ପାଇଁ ଖାଦ୍ୟ ପ୍ରସ୍ତୁତ କରିବା ସହ ସେମାନଙ୍କର ଯତ୍ନ ନେଉଥିବା ଆଦି ନିଜ ଭିଡିଓରେ ଶେୟାର କରିଥାନ୍ତି। ଫ୍ଲାଇଟ୍ ଆଟେଣ୍ଡାଣ୍ଟ ଅପେକ୍ଷା ଘୁଷୁରି ଚାଷରେ ବେଶୀ ଶାରୀରିକ ପରିଶ୍ରମ ଆବଶ୍ୟକ ବୋଲି ୟାଙ୍ଗ୍ କହିଛନ୍ତି। ନିଜ ପରିବାରର ଉନ୍ନତି ପାଇଁ ୟାଙ୍ଗ୍ ପ୍ରତିଦିନ ଘୁଷୁରି ଚାଷରେ ନିଜକୁ ଉତ୍ସର୍ଗ କରନ୍ତି ଓ କୁହନ୍ତି, ଏହି କାର୍ଯ୍ୟ କରି ସେ ଖୁବ୍ ଖୁସି ଅଛନ୍ତି। ଏବେ ସେ ତାଙ୍କ ଅଭିଭାବକଙ୍କ ସହ ରହି ପାରୁଛନ୍ତି। ଘୁଷୁରି ଚାଷ, ପଶୁପାଳନ ବିକ୍ରୟ ଓ ସୋସିଆଲ ମିଡିଆ ପରିଚାଳନାରେ ୟାଙ୍ଗ୍ ନିଜର ନିରନ୍ତର ଉଦ୍ୟମ ଯୋଗୁ ଗତ ୨ ମାସ ମଧ୍ୟରେ ୨୨.୮ ଲକ୍ଷ (୨ ଲକ୍ଷ ୟୁଆନ୍)ରୁ ଅଧିକ ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ସେ ନିଜର ଏହି ଚାଷକୁ ସମ୍ପ୍ରସାରଣ କରିବା ସହ ନିଜର ଏକ ସ୍ୱତନ୍ତ୍ର ଷ୍ଟୋର ଖୋଲିବା ପାଇଁ ଯୋଜନା ରଖିଛନ୍ତି। ସେହିପରି ଭବିଷ୍ୟତରେ ଏକ ହୋଟେଲ ମଧ୍ୟ ପ୍ରତିଷ୍ଠା କରିବାକୁ ୟାଙ୍ଗ୍‌ଙ୍କର ଇଚ୍ଛା ରହିଛି।

# ମମତା କୁଲ୍‌କର୍ନି କିନ୍ନର ଆଖଡ଼ା ମହାମଣ୍ଡଳେଶ୍ୱର

**ଗ୍ଲାମର ଜୀବନରୁ ସନ୍ନ୍ୟାସିନୀ**

ପ୍ରୟାଗରାଜ



ବଲିଉଡ୍ ଅଭିନେତ୍ରୀ ମମତା କୁଲ୍‌କର୍ନି ଚଳଚ୍ଚିତ୍ର ଜଗତର ଗ୍ଲାମରସ୍ ଦୁନିଆରୁ ସମ୍ପୂର୍ଣ୍ଣ ଓହରି ସନ୍ନ୍ୟାସିନୀ ଜୀବନ ବାଛିଛନ୍ତି। ୫୨ ବର୍ଷୀୟା ପୂର୍ବତନ ଆକ୍ଟ୍ରେସ୍‌ଙ୍କୁ ଶୁକ୍ରବାର ଏକ ଭବ୍ୟ ସମାରୋହରେ ଆନୁଷ୍ଠାନିକ ଭାବେ କିନ୍ନର ଆଖଡ଼ାର ମହାମଣ୍ଡଳେଶ୍ୱର ଉପାଧି ପ୍ରଦାନ କରାଯାଇଛି। ପ୍ରୟାଗରାଜର ସଙ୍ଗମ ସ୍ଥଳରେ ପାରମ୍ପରିକ ପିଣ୍ଡଦାନ ପରେ ସେ ନୂଆ ଭୂମିକାରେ ନଜର ଆସିଛନ୍ତି। ଏଣିକି ସେ ମମତା ପରିବର୍ତ୍ତେ ମମତାନନ୍ଦ ଗିରି ନାମରେ ପରିଚିତ ହେବେ। ପ୍ରକାଶ ଯେ, ୧୯୯୦ ଦଶକରେ ଦର୍ଶକଙ୍କ ହୃଦୟରେ ରାଜ କରିଥିବା ଏହି ସୁନ୍ଦରୀ ଅଭିନେତ୍ରୀ ୨୦୧୩ରେ ଡ୍ରଗ୍ସ କିଙ୍ଗ୍‌ପିନ୍ ଭି.କି. ଗୋସ୍ୱାମୀଙ୍କୁ ବିବାହ କରି କେନିଆରେ ବସବାସ କରୁଥିଲେ। ଦୀର୍ଘ ୨୫ ବର୍ଷର ବ୍ୟବଧାନ ପରେ ମମତା ନିକଟରେ ମୁମ୍ବାଇ ଫେରିଥିଲେ। ବକ୍ତ ହମାରା ହୈ, କ୍ରାନ୍ତିବୀର, କରନ୍ ଅର୍ଜୁନ, ଚାଇନା ଗେଟ୍, ଛୁପା ରୁସ୍ତମ୍, ବାଜି ଆଦି ମମତାଙ୍କ ଅଭିନୀତ ଚର୍ଚ୍ଚିତ ଚଳଚ୍ଚିତ୍ର।




# ପୋଡ଼ିହୋଇ ମା’, ଝିଅ ଗୁରୁତର

ଛେନାପଦି,୨୪।୧(ନିରାକାର ପରିଡା)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନସ୍ଥ ଗିରିଗାଁ ଗ୍ରାମରେ ଶୁକ୍ରବାର ରାତି ୮ଟା ୩୦ରେ ଏକ ଅଭାବନୀୟ ଘଟଣା ଘଟିଛି। ରୋଷେଇ କରୁଥିବା ବେଳେ ନିଆଁ ଲାଗି ମା’, ଝିଅ ଗୁରୁତର ହୋଇଛନ୍ତି। ଗ୍ରାମର ଚଗୁଲୁ ପାଗଳଙ୍କ ସ୍ତ୍ରୀ ଜ୍ୟୋତି ପାଗଳ ଓ ତାଙ୍କର ୩ ମାସର ଶିଶୁ କନ୍ୟାଙ୍କୁ କୋଳରେ ଧରି ରୋଷେଇ କରୁଥିବା ବେଳେ ଅସାବଧାନତା ବସତଃ ପିନ୍ଧା ଶାଢ଼ୀରେ ନିଆଁ ଲାଗିଯାଇଥିଲା। ଫଳରେ ମା’, ଝିଅ ପୋଡ଼ି ଯାଇଥିଲେ। ତାଙ୍କୁ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପରେ କଟକ ବଡ଼ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଅଗ୍ନିକାଣ୍ଡରେ ବୃଦ୍ଧ ଜୀବନ୍ତ ଦଗ୍ଧ

ଛତ୍ରପୁର,୨୪।୧ (ଦିଲ୍ଲୀପ ସାମଲ)

ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ଭାଗ୍ୟଲକ୍ଷ୍ମୀ ନଗର ୨ୟ ଲାଇନରେ ଶୁକ୍ରବାର ରାତି ୮ଟା୩୦ରେ ଘରେ ଅଗ୍ନିକାଣ୍ଡ ଘଟି ଜଣେ ବୃଦ୍ଧ ଜୀବନ୍ତ ଦଗ୍ଧ ହୋଇଛନ୍ତି। ସେ ହେଲେ ରଙ୍କନିଧି ସାହୁ(୭୮)। ଖବରରୁ ଜଣାପଡ଼ିଛି ରଙ୍କନିଧି ଭାଗ୍ୟଲକ୍ଷ୍ମୀ ନଗରଠାରୁ ଅଳ୍ପ ଦୂରରେ ଥିବା ଏକ ଜଙ୍ଗଲ ନିକଟରେ ନିଛାଟିଆ ସ୍ଥାନରେ ଘର କରି ଏକୁଟିଆ ରହି ଆସୁଥିଲେ। ଅଗ୍ନିକାଣ୍ଡ ସମୟରେ ସେ ଶୋଇଥିଲେ। ଘରେ ନିଆଁ ଲାଗିଯିବା ଦେଖି ସେ ବାହାରକୁ ଆସିବା ପାଇଁ ଚେଷ୍ଟା କରୁଥିବା ବେଳେ ତାଙ୍କ ଉପରେ ଏକ ଜଳନ୍ତା କାଠ ପଡ଼ିଯାଇଥିଲା। ସେ ଆଉ କାଠ ତଳୁ ଉଠିପାରି ନ ଥିଲେ। ଫଳରେ ତାଙ୍କ ଶରୀରରେ ନିଆଁ ଲାଗି ସେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏନେଇ ସୂଚନା ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଘଟଣାସ୍ଥଳରେ ଛତ୍ରପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ଛତ୍ରପୁର ମେଡିକାଲକୁ ବ୍ୟବଚ୍ଛେଦ ଲାଗି ପଠାଇ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ଖବରପାଇ ବ୍ରହ୍ମପୁରରେ ରହୁଥିବା ରଙ୍କନିଧିଙ୍କ ଝିଅମାନେ ଆସି ଛତ୍ରପୁରରେ ପହଞ୍ଚିଛନ୍ତି।




# ରାସ୍ତା ସମ୍ପ୍ରସାରଣ ପାଇଁ ୧୯୯୦ ଗଛ ବଳି ପଡ଼ିଲା

ବୁଗୁଡା,୨୪।୧(କାଳିଚରଣ ଦାଶ)


ରାସ୍ତା ସମ୍ପ୍ରସାରଣ ପାଇଁ କଟାଯାଇଥିବା ଗଛ ।

ଗଞ୍ଜାମ ଜିଲା ବୁଗୁଡା ବ୍ଲକ ଅନ୍ତର୍ଗତ ବାଲିପଦରଠାରୁ କରସିଙ୍ଗି ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ଚାଲିଛି। ଏଥିପାଇଁ ରାସ୍ତା ପାର୍ଶ୍ୱରେ ଥିବା ବହୁ ପୁରୁଣା ଗଛସବୁ କଟାଯାଉଥିବାରୁ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ଭବିଷ୍ୟତ ଚିନ୍ତା ନ କରି ଯୋଜନାବିହୀନ ଭାବେ ବିଭିନ୍ନ ବିଭାଗ ପକ୍ଷରୁ ମନଇଚ୍ଛା ଚାରାରୋପଣ କରାଯାଉଥିବାରୁ ଅନେକ ସମୟରେ ସେସବୁ କାଟିବାକୁ ପଡୁଛି।

ପୂର୍ତ୍ତ ବିଭାଗ ପକ୍ଷରୁ ୩୩ ନଂ. ରାଜ୍ୟ ରାଜପଥର ବାଲିପଦରଠାରୁ ତାରସିଙ୍ଗି ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ସହ ସମ୍ପ୍ରସାରଣ ଚାଲିଛି। ୩୩ କି.ମି.ର ଏହି ରାସ୍ତା ପାଇଁ ପ୍ରାୟ ୪୨ କୋଟି ଟଙ୍କା ବ୍ୟୟ କରାଯାଉଥିବା ସୂଚନା ମିଳିଛି। ରାସ୍ତା ଚଉଡ଼ା କରିବା ପାଇଁ ଶହ ଶହ ଗଛକଟା ଚାଲିଛି। ବୁଗୁଡା ବନବିଭାଗ ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ ବାଲିପଦରଠାରୁ ବୁଗୁଡା ପର୍ଯ୍ୟନ୍ତ ୧,୭୯୫ ଗଛ କଟାଯାଇଥିବା ବେଳେ ବୁଗୁଡାରୁ କରସିଙ୍ଗି ପର୍ଯ୍ୟନ୍ତ ୧୯୫ ଗଛ କଟା ଯାଇଛି। ସେଥିମଧ୍ୟରୁ କେତେକ ଗଛ ବନବିଭାଗ ପକ୍ଷରୁ କିଛି ବର୍ଷ ପୂର୍ବେ ଲଗା ଯାଇଥିଲା। ଗଛ ଗୁଡିକୁ ରାସ୍ତାକଡ଼ର ଶେଷ ଭାଗରେ ଲଗାଇଥିଲେ ବର୍ତ୍ତମାନ ତାହାକୁ କାଟିବାକୁ ପଡି ନ ଥାନ୍ତା ବୋଲି ପରିବେଶବିତ୍‌ମାନେ କହିଛନ୍ତି। ଏ ନେଇ ବୁଗୁଡା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଉକ୍ତ ରାସ୍ତା ସମ୍ପ୍ରସାରଣ ପାଇଁ ୧୯୯୦ ଗଛ କଟାଯାଉଛି। ରାସ୍ତା କାମ ସରିଲେ ସେଠାରେ ଯେତିକି ଗଛ କଟାଯାଇଛି, ତାହାର ଦୁଇ ଗୁଣ ଗଛ ଭଞ୍ଜନଗର ବନ ଉନ୍ନୟନ ନିଗମ ପକ୍ଷରୁ ଲଗାଯିବ। ସର୍ବସାଧାରଣଙ୍କ ସୁବିଧା ପାଇଁ ଗଛ କାଟିବାକୁ ପଡୁଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ ବୁଗୁଡାର ଭାରପ୍ରାପ୍ତ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରାମକୃଷ୍ଣ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

# ଚଳନ୍ତା ଟ୍ରେନ୍‌ରୁ ଖସି ମେଧାବୀ ଛାତ୍ରୀଙ୍କ ମୃତ୍ୟୁ

କେନ୍ଦୁଝର/ପାଟଣା,୨୪।୧
(ନରେଶ ଚନ୍ଦ୍ର ପଟ୍ଟନାୟକ/ ବୀର କିଶୋର ଦାଶ)

## ସେଲ୍ଫି ନେଲା ଜୀବନ


ନମ୍ରତା ବେହେରା

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଟାଙ୍ଗିଆପାଳ ରେଳ ଷ୍ଟେଶନ ନିକଟରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ଚଳନ୍ତା ଟ୍ରେନ୍‌ରୁ ଖସି ଜଣେ ମେଧାବୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ଛାତ୍ରୀ ଜଣକ ହେଲେ ପାଟଣା ବ୍ଲକ୍ ଖିରେଇଟାଙ୍ଗିରୀ ପଞ୍ଚାୟତ ଅନ୍ତର୍ଗତ ଡଳଙ୍ଗ ଗ୍ରାମର ବିଜୟାନନ୍ଦ ବେହେରାଙ୍କ ଝିଅ ନମ୍ରତା ବେହେରା (୨୨)। ସେ ୨୦୨୪ରେ କମ୍ପ୍ୟୁଟର ସାଇନ୍ସରେ ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟରେ ୮୭ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଥିଲେ। ଭୁବନେଶ୍ୱର ଏକ ଘରୋଇ କଲେଜରେ ଏମ୍‌ସିଏ ପ୍ରଥମ ବର୍ଷରେ ଅଧ୍ୟୟନ କରୁଥିଲେ।

ସୂଚନା ଅନୁଯାୟୀ, ସେ ପୁରୀ–ବଡ଼ବିଲ ଏକ୍ସପ୍ରେସ୍‌ରେ ପୁରୀରୁ ସାଙ୍ଗମାନଙ୍କ ସହ କେନ୍ଦୁଝର ଅଭିମୁଖେ ଯାତ୍ରା କରୁଥିଲେ। ଟାଙ୍ଗିଆପାଳ ଷ୍ଟେଶନଠାରୁ କିଛି କିଲୋମିଟର ଦୂରରେ ସେଲ୍ଫି ନେଉଥିବା ବେଳେ ଚଳନ୍ତା ଟ୍ରେନ୍‌ରୁ ଖସି ପଡ଼ିଥିଲେ ବୋଲି କୁହାଯାଉଛି। ଏହା ସ୍ପଷ୍ଟ ହୋଇ ନ ଥିବା ବେଳେ ସେ ଟଏଲେଟ ଯାଇ ଆଉ ଫେରି ନ ଥିବା ସାଙ୍ଗମାନେ କହିଛନ୍ତି। ତେବେ ରେଳ ବିଭାଗର ଜଣେ ଟ୍ରାକ୍‌ମ୍ୟାନ ତାଙ୍କୁ ଖସି ପଡ଼ିଥିବା ଦେଖି ଟାଙ୍ଗିଆପାଳ ଷ୍ଟେଶନ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ରେଲୱେ ଓ ହରିଚନ୍ଦନପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ନମ୍ରତାଙ୍କ ବାପା ଓ ବିଶ୍ୱବିନାୟକ କଲେଜ ଅଧକ୍ଷ ରବିନାରାୟଣ ମହାନ୍ତ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଭଦ୍ରକ ଜିଆର୍‌ପି ପୋଲିସ ହେମଲତା ବେହେରା କହିଛନ୍ତି, ଭଦ୍ରକ ରେଲୱେ ଥାନାରେ ଏକ ମାମଲା(ନଂ. ୪/୨୫)ରୁଜୁ ହୋଇ ତଦନ୍ତ ଚାଲିଛି। ଯାଜପୁର–କେନ୍ଦୁଝର ରୋଡ୍‌ର ରେଲୱେ ପୋଲିସ ଏସ୍‌ଆଇ ସୁଶାନ୍ତ ସେଠୀ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇ ଅନୁସନ୍ଧାନ ଚାଲିଛି।

# ଭାରତୀୟ ରେଳପଥକୁ ମିଳିବ ଶ୍ରେଷ୍ଠ ନିର୍ବାଚନୀ ଅଭ୍ୟାସ ପୁରସ୍କାର

ଭୁବନେଶ୍ୱର,୨୪।୧
(ଅନୁରାଧା ମହାରଣା)

ଜାତୀୟ ଭୋଟର ଦିବସରେ ଭାରତୀୟ ରେଳପଥକୁ ସର୍ବୋତ୍ତମ ନିର୍ବାଚନୀ ଅଭ୍ୟାସ ପୁରସ୍କାର ମିଳିବ। ୨୫ ତାରିଖ ଶନିବାର ନୂଆଦିଲ୍ଲୀସ୍ଥିତ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ମାନେକଶା ସେଣ୍ଟରରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯିବ। ୨୦୨୪ ଲୋକସଭା ନିର୍ବାଚନ ବେଳେ ଭୋଟର ସଚେତନତା ଏବଂ ଲଜିଷ୍ଟିକ ସମର୍ଥନରେ ଭାରତୀୟ ରେଳପଥ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ପୁରସ୍କାର ଦିଆଯିବ। ଭାରତୀୟ ରେଳପଥ ଏହାର ନେଟୱର୍କ ବ୍ୟବହାର କରି ଭୋଟର ସଚେତନତା ସୃଷ୍ଟି କରିଥିଲା। ଭୋଟର ହେଲ୍ପଲାଇନ ସମ୍ବନ୍ଧୀୟ ସୂଚନା ଷ୍ଟେଶନ, ରେଳପଥର ସରକାରୀ ୱେବ୍‌ସାଇଟ ଏବଂ ମୋବାଇଲ ଆପ୍‌ରେ ଶେୟାର କରାଯାଇଥିଲା। ଭୋଟଦାନର ଗୁରୁତ୍ୱ ଏବଂ ପ୍ରକ୍ରିୟା ବୁଝାଇ ଷ୍ଟେଶନଗୁଡ଼ିକରେ ପୂର୍ବରୁ ରେକର୍ଡ ହୋଇଥିବା ଘୋଷଣା କରାଯାଇଥିଲା। ଏହାବ୍ୟତୀତ କଶ୍ମୀର ଘାଟିରେ ସ୍ୱିପ ଏକ୍ସପ୍ରେସ ସ୍ୱତନ୍ତ୍ର ଟ୍ରେନ ପ୍ରଚଳନ କରାଯାଇଥିଲା। ଯୁବପିଢ଼ିଙ୍କୁ ଭୋଟଦାନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ପ୍ରୋତ୍ସାହିତ କରିବା ଏହି ଟ୍ରେନର ଲକ୍ଷ୍ୟଥିଲା। ନିର୍ବାଚନରେ ନିୟୋଜିତ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ଭାରତୀୟ ରେଳପଥ ଦ୍ୱାରା ନିରାପଦରେ ପରିବହନ କରାଯାଇଥିଲା। ଏହି ସମୟରେ, ୩,୭୪,୦୦୦ରୁ ଅଧିକ ଅର୍ଦ୍ଧସାମରିକ ବାହିନୀକୁ ୩୮୩ଟି ସ୍ୱତନ୍ତ୍ର ଟ୍ରେନ ମାଧ୍ୟମରେ ସାରା ଦେଶରେ ସୁରକ୍ଷିତ ଏବଂ ସମୟସୀମା ମଧ୍ୟରେ ପରିବହନ କରାଯାଇଥିଲା।

# ଗାଁ ଶ୍ମଶାନରେ ଲୀନ ହେଲା ଯବାନଙ୍କ ମରଶରୀର

ନାକଟିଦେଉଳ, ୨୪।୧
(ବୈକୁଣ୍ଠନାଥ ସାହୁ)

## ବିଏସ୍‌ଏଫ୍ ପକ୍ଷରୁ ଦିଆଗଲା ତୋପ ସଲାମି



ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଜଗନ୍ନାଥପ୍ରସାଦ ଗ୍ରାମର ମୃତ ବିଏସ୍‌ଏଫ୍ ଯବାନ ଜଗବନ୍ଧୁ ଦେହୁରୀଙ୍କ ଶେଷକୃତ୍ୟ ଶୁକ୍ରବାର ଅପରାହ୍ନ ୨ଟାରେ ଗାଁ ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ତୋପ ସଲାମି ସହ ସମ୍ପନ୍ନ ହୋଇଛି । ମୃତ ବିଏସ୍‌ଏଫ୍ ଯବାନ ପଶ୍ଚିମବଙ୍ଗର ଜଲପାଇଗୁଡ଼ିରେ ଅବସ୍ଥାପିତ ଥିବାବେଳେ ଗତ ସପ୍ତାହେ ପୂର୍ବରୁ ଏକ ମାସ ଛୁଟିରେ ଘରକୁ ଆସିଥିଲେ। ଗୁରୁବାର ଅପରାହ୍ନ ୧ଟା ୩୦ରେ ସେ ଗ୍ରାମ ନିକଟ ଙ୍କିରା ନଦୀକୁ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ସନ୍ଧ୍ୟାରେ ଗାଧୁଆଘାଟକୁ ଯାଇ ସେଠାରେ ମୃତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତେବେ ତାଙ୍କର ମୃତ୍ୟୁର ଠିକ୍ କାରଣ ଜଣା ପଡି ନ ଥିଲେ ମଧ ଖବରପାଇ ନାକଟିଦେଉଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହୋଇ ଜଗନ୍ନାଥ ପ୍ରସାଦ ଗ୍ରାମରେ ପହଞ୍ଚିବା ପରେ ଗାଁମୁଣ୍ଡରୁ ଶୋଭାଯାତ୍ରାରେ ଘର ପର୍ଯ୍ୟନ୍ତ ନିଆଯାଇଥିଲା।

ଏହି ଶୋଭାଯାତ୍ରାରେ ଛାତ୍ରୀଛାତ୍ରଙ୍କ ସମେତ ଗ୍ରାମବାସୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ମୃତଦେହକୁ ଗାଁମୁଣ୍ଡ ଶ୍ମଶାନଘାଟକୁ ନିଆଯାଇଥିଲା। ସେଠାରେ ବିଏସ୍‌ଏଫ୍ ପକ୍ଷରୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ୩ଥର ତୋପ ସଲାମି ଦିଆଯାଇଥିଲା। ଏଥିସହିତ ମରଶରୀର ଉପରେ ଢଙ୍କା ଯାଇଥିବା ଜାତୀୟ ପତାକାକୁ ମୃତ ଯବାନଙ୍କ ଏକମାତ୍ର ପୁଅ ସୁଜନଙ୍କୁ ବିଏସ୍‌ଏଫ ପକ୍ଷରୁ ପ୍ରଦାନ କରାଯାଇଥିଲା। ସୁଜନ ଦେହୁରୀ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ପରେ ବିଧବା ପତ୍ନୀଙ୍କ ସମେତ ଦୁଇ ଝିଅ ଓ ପୁଅ ହତାଶ ହୋଇପଡିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସୃଷ୍ଟି ଓ ସ୍ରଷ୍ଟା ରାଜ୍ୟସ୍ତରୀୟ ପ୍ରଥମ ବାର୍ଷିକ ସାରସ୍ୱତ ସମାରୋହ-୨୦୨୫, ସ୍ଥାନ: ବୁଦ୍ଧ ମନ୍ଦିର ସଭାକକ୍ଷ, ସମୟ: ସକାଳ ୮ଟା ୪୫।
- ୧୫ତମ ଜାତୀୟ ମତଦାତା ଦିବସ-୨୦୨୫ ରାଜ୍ୟସ୍ତରୀୟ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- 'ଚେଞ୍ଜ ମେକର୍ସ' ପୁସ୍ତକ ଉନ୍ମୋଚନ ସମାରୋହ, ସ୍ଥାନ: ଲାଇଫ୍ ହୋଟେଲ, ସମୟ: ଅପରାହ୍ନ ୪ଟା ୪୫।

## ପୁରୀ
- ମା' କଲେରେଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବିଶ୍ୱ ହିନ୍ଦୁ ପରିଷଦ ଭବନ, କାକଟପୁର ତହସିଲ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ଜାତୀୟ ମତଦାତା ଦିବସ ଅବସରରେ ୱାକାଥନ୍ ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ କ୍ୟାମ୍ପସ୍‌ରୁ ଗାନ୍ଧି ସ୍ମୃତିଭବନ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ, ସ୍ଥାନ: ଓକିଲ ସଂଘ, ହଲ୍ ନଂ.-୨ (ଉପରମହଲା), ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅର୍ଥଶାସ୍ତ୍ର ବିଷୟରେ ରାଜ୍ୟସ୍ତରୀୟ ଅଧ୍ୟାପକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଦିବସ, ସ୍ଥାନ: ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଖଇରା ମହାବିଦ୍ୟାଳୟର ୪୫ତମ ସାମ୍ବତ୍ସରିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାସ୍ଥ୍ୟ ସଚେତନତା ଶିବିର, ସ୍ଥାନ: ମ୍ୟୁନିସିପାଲ ସରକାରୀ ଉଚ୍ଚବିଦ୍ୟାଳୟ, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଊନବିଂଶ ବାର୍ଷିକ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୩ଟା।
- ମାସାନ୍ତ ଗଳ୍ପ ପାଠୋତ୍ସବ, ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଏକ୍ସପୋ ଓଡ଼ିଶା-୨୦୨୫ ପଞ୍ଚମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ରାତି ୭ଟା।

## ଭଦ୍ରକ
- ଭ୍ରାମ୍ୟମାଣ ନବରାତ୍ର ନାମ ମହାଯଜ୍ଞ, ସ୍ଥାନ: ଦେଉଳୀସ୍ଥିତ ମା' ପରମ ବୈଷ୍ଣବୀଙ୍କ ପୀଠ, ବାସୁଦେବପୁର, ସମୟ: ସକାଳ ୯ଟା।
- ଷୋଳମପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଷୋଳମପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ସେମିଫାଇନାଲ, ସ୍ଥାନ: ରଘୁନାଥପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ପଳାସଗଡିଆ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ୧୩ତମ ଭୈରବୀ ନୋବୁଲ ଆୱାର୍ଡ ପୁରସ୍କାର ବିତରଣ ସଭା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ୪୬ତମ ବ୍ରହ୍ମ ଗୋଛନ୍ଦ ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଅବଧୂତ ଧାମ ଅନନ୍ତ ବଟ, ଧାମନଗର, ସମୟ: ଅପରାହ୍ନ ୫ଟା।
- ଟାଇମ୍‌ପାସ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଭଦ୍ରକ ବାଇପାସ୍, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- କିଟ୍‌ର ମିନି ମାରାଥନ ଦୌଡ଼, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ : ସକାଳ ୭ଟା।
- ଜାତୀୟ ମତଦାତା ଦିବସ ଅବସରରେ ଭୋଟର ସଚେତନତା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଜାତୀୟ ମତଦାତା ଦିବସ ଅବସରରେ ସାଧାରଣ ସଭା, ସ୍ଥାନ: ଦରବାର ହଲ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ
- ପ୍ରେମକାଲ ଯୋଗ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ:ବାରିପଦା କ୍ଲବ,ବାରିପଦା,ସମୟ: ସକାଳ ୯ଟା।
- ଜାତୀୟ ଭୋଟର ଦିବସ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା୩୦।
- କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ:ଷ୍ଟାଡିୟମ ପଡ଼ିଆ ବାରିପଦା,ସମୟ: ମଧ୍ୟାହ୍ନ ୧୨ଟା।
- ଜାଭିୟର ଫେଷ୍ଟ ବାର୍ଷିକ ଉତ୍ସବ,ସ୍ଥାନ: ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ, କଦଳିଆ, ବୈଶିଙ୍ଗା,ବେତନଟୀ,ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ସିପିଆଇ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ପ୍ରକାଶମ ହଲ,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଜାତୀୟ ଭୋଟର ଦିବସ ପାଳନ, ସ୍ଥାନ: ଭଞ୍ଜନଗର ଆର୍‌ଏମସି ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ
- ଜାତୀୟ ମତଦାତା ଦିବସ ଅବସରରେ ମିନି ମାରାଥନ, ସ୍ଥାନ: ବାଲିଗୁଡା ଆଦିବାସୀ ମହାବିଦ୍ୟାଳୟଠାରୁ ଆରମ୍ଭ, ସମୟ: ସକାଳ ୭ଟା।
- ବିର୍ସା ମୁଣ୍ଡାଙ୍କ ୧୫୦ତମ ସାର୍ଦ୍ଧଶତୀ ସମାରୋହ ଓ ଭାରତମାତା ପୂଜନ ଉତ୍ସବ ଶୁଭାରମ୍ଭ, ସ୍ଥାନ: ଦାରିଙ୍ଗବାଡି ବ୍ଲକ ସିମନବାଡି ଶିବ ମନ୍ଦିର ପ୍ରାଙ୍ଗଣ,ସମୟ: ପୂର୍ବାହ୍ନ୧୦ଟା।
- କଳିଙ୍ଗ ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଜି.ଉଦୟଗିରିସ୍ଥିତ ମହାବିଦ୍ୟାଳୟ ପରିସର,ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ
- ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟରେ ମିନି ମାରାଥନ, ସ୍ଥାନ: ବାଜିଚୌକ, ଢେଙ୍କାନାଳ, ସମୟ: ସକାଳ ୬ଟା୩୦।
- ଜାତୀୟ ଭୋଟର ଦିବସ, ସ୍ଥାନ: ଜିଲା କାର୍ଯ୍ୟାଳୟ ସଦଭାବନା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା୩୦।

## ଅନୁଗୋଳ
- ଗଣଦୌଡ଼ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ଜଗନ୍ନାଥ ମନ୍ଦିର ଠାରୁ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଜାତୀୟ ମତଦାନ ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ: ଅନୁଗୋଳ ସହର, ସମୟ: ସକାଳ ୯ଟା।
- ଅନୁଗୋଳ ଏଫ୍‌ଏମ୍ ରେଡିଓ ସର୍ବୋଦୟର ଲୋକାର୍ପଣ ଉତ୍ସବ ଦ୍ୱିତୀୟ ଦିବସ, ସ୍ଥାନ: ଅନୁଗୋଳ ବାଜି ରାଉତ ଛାତ୍ରାବାସ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ଓଳାଶୁଣୀ ଗୁମ୍ଫା ମେଳା ଓ ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ: ହରିବୋଲିଆ ମଠ, ନୂଆବଜାର, ପାରାଦୀପ, ସମୟ: ସକାଳ ୬ ଟା।
- ରକ୍ତଦାନ ଶିବିର, ସ୍ଥାନ: ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଏବଂ ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ତୈଳ କମ୍ପାନୀଗୁଡ଼ିକୁ ନେଇ ସମୀକ୍ଷା ବୈଠକ, ସ୍ଥାନ: ତୈଳବିଶୋଧନାଗାର ଅତିଥି ଭବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ଆମ ସମ୍ବିଧାନ, ଆମ ସୁରକ୍ଷା ଶୀର୍ଷକ ଆଲେଚନାଚକ୍ର, ସ୍ଥାନ: ପ୍ରେସ କ୍ଲବ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୩ଟା।

## ଯାଜପୁର
- ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା ଆରମ୍ଭ, ସ୍ଥାନ: ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଓଳାଶୁଣୀ ପାହାଡ଼, ସମୟ: ପ୍ରାତଃ ୫ଟା।

## ରାୟଗଡ଼ା
- ମହିଳା ମହାବିଦ୍ୟାଳୟ ପକ୍ଷରୁ ଭୋଟର ସଚେତନତା ରାଲି, ସ୍ଥାନ: ରାୟଗଡ଼ା ବ୍ଲକ ଅଫିସରୁ ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ସକାଳ ୮ ଟା।
- ସତ୍ୟସାଇ ସେବା ସମିତିର କାର୍ଯ୍ୟ କାରିଣୀ ବୈଠକ, ସ୍ଥାନ: ତେଜସ୍ୱୀ ପଡ଼ିଆ, ରାୟଗଡା, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ୧୫ତମ ଜାତୀୟ ଭୋଟର୍ସ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଉମରକୋଟ ସହର ଏସ୍‌ଏଲ୍‌ଏନ୍ ପବ୍ଲିକ ସ୍କୁଲ, ସମୟ: ସକାଳ ୯ଟା।
- ଜାତୀୟ ମତଦାତା ଦିବସ, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତ ଭଣ୍ଡାର ଉଦ୍‌ଘାଟନ, ସ୍ଥାନ: ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମଣ୍ଡିଆ ମଣ୍ଡି ଉଦ୍‌ଘାଟନନ, ସ୍ଥାନ: ଝରିଗାଁସ୍ଥିତ ଆର୍‌ଏମ୍‌ସି ଗୋଦାମ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଫାଇନାଲ ମ୍ୟାଚ, ସ୍ଥାନ: ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍ ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ
- ଜାତୀୟ ମତଦାତା ଦିବସ ସଚେତନତା ରାଲି, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ:ସକାଳ ୯ ଟା।
- ଜାତୀୟ ମତଦାତା ଦିବସ ସଚେତନତା ବୈଠକ, ସ୍ଥାନ: ସଂସ୍କୃତି ଭବନ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଦିନିକିଆ ଜାତୀୟ କର୍ମଶାଳା, ସ୍ଥାନ: ଆଦିବାସୀ ସଂଗ୍ରହାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ସାଧାରଣତନ୍ତ୍ର ଦିବସ ନେଇ କବିତା ଆସର, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି
- ଜାତୀୟ ଭୋଟର ଦିବସ, ସ୍ଥାନ:ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ରାଲି,ସମୟ: ସକାଳ ୭ଟା।
- କିଟ୍, କିସ୍ ତରଫରୁ ସମସ୍ତଙ୍କ ପାଇଁ ଶିକ୍ଷା ବାର୍ତ୍ତା କାର୍ଯ୍ୟକ୍ରମ, ସ୍ଥାନ: ମାଲକାନଗିରି ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡା ଭବନ, ସମୟ:ସକାଳ ୯ଟା।

## ସମ୍ବଲପୁର
- ସମ୍ବଲପୁର ପୁସ୍ତକ ମେଳା-୨୦୨୫, ସ୍ଥାନ: ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆ, ସମୟ: ଅପରାହ୍ନ ୨ଟା।
- ଏନବିଟି ଓ ସେତୁ ଅନୁଷ୍ଠାନ ପକ୍ଷରୁ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ଦଳଙ୍କ ସାଂସ୍କୃତିକ ଏବଂ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚଡି ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର
- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ନବାହ୍ନ ପାରାୟଣର ପ୍ରଥମ ଦିବସ, ସ୍ଥାନ: ମେଟାକାନି ଛକ, ଘିଚାପାଲି, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ ଟା।
- ବେଟି ବଚାଓ ବେଟି ପଢାଓ ଅଭିଯାନର ୧୦ବର୍ଷ ପୂର୍ତ୍ତି ଓ ଜାତୀୟ କନ୍ୟା ରତ୍ନ ଦିବସ ଅବସରରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ,ସ୍ଥାନ: ଗୁଦୁଗୁଦା ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରୀ,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ ଟା।

## ବରଗଡ଼
- କିଟ୍, କିସ୍ ପକ୍ଷରୁ ମିନି ମାରାଥନ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ, ବରଗଡ଼, ସମୟ: ସକାଳ ୬ଟା ୩୦।
- ଭୋଟର ସଚେତନତା ରାଲି, ସ୍ଥାନ: ନିଶାମଣି ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୭ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବାବା ଧବଳେଶ୍ୱର ମନ୍ଦିର, ଚିଚିଣ୍ଡା, ଭେଡ଼େନ, ସମୟ: ସକାଳ ୯ଟା।
- ରାମାୟଣ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: କଲଙ୍ଗାପାଲି ପଡ଼ିଆ, ଗାଇସିଲେଟ୍, ସମୟ: ସକାଳ ୯ଟା।
- ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: କଟାପାଲି କଲେଜ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଉଦ୍ୟାନ କୃଷି ଭବନ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ପ୍ରଧାନଟିକ୍ରା(କୁବେଡ଼େଗା), ଭେଡ଼େନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱତନ୍ତ୍ର କାର୍ଯ୍ୟକ୍ରମ-ବ୍ୟକ୍ତି ବିଶେଷ, ସ୍ଥାନ: ଇମ୍ପେରିୟଲ କଲେଜ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

## ଝାରସୁଗୁଡ଼ା
- ଷଟ୍‌ତିଳା ଏକାଦଶୀ ମହୋତ୍ସବ ପାଳନ, ସ୍ଥାନ: କୁକୁରଜଙ୍ଘା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ସିରିଡି ସାଇ ବାବାଙ୍କ ନବନିର୍ମିତ ମନ୍ଦିରରେ ବାଦ୍ୟଘୋଷ ସହ ବନଯୋଗ, ସ୍ଥାନ: ଖେରୁଆଲ, ସମୟ: ସକାଳ ୯ଟା।
- କୁଷ୍ଠ ସଚେତନତା ଶିବିର, ସ୍ଥାନ: କପିଳାସପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ରାମଚରିତ ମାନସ ନବାହ୍ନ ପାରାୟଣ ଓ ପୂଜା, ସ୍ଥାନ: ବାନ୍ଧବହାଲ ଦୀନବାନ୍ଧବ କ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଅଲେଖ ନିରଞ୍ଜନଙ୍କ ପୁଣ୍ୟ ପୁରାଣ ପଠନ, ସ୍ଥାନ: ପଣ୍ଡ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୦ଟା।
- ଏକାଦଶୀ ପାଳନ ଉପଲକ୍ଷେ ପ୍ରବଚନ, ସ୍ଥାନ: କଲ୍ୟାଣ ମଣ୍ଡପ, ପଞ୍ଚଗାଁ, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼
- ବଡ଼ଗାଁ ଥାନା ତରଫରୁ ସଡ଼କ ସୁରକ୍ଷା ମାସ ପାଳନ ଓ ଶୋଭାଯାତ୍ରା,ସମୟ:ପୂର୍ବାହ୍ନ ୧୧ଟା, ସ୍ଥାନ: ଦୁର୍ଗା ମଣ୍ଡପ।

## ରାଉରକେଲା
- ଗାୟତ୍ରୀ ଶକ୍ତିପୀଠ ପକ୍ଷରୁ ୨୪ କୁଣ୍ଡୀୟ ଯଜ୍ଞ ପାଇଁ କଳସ ଯାତ୍ରାର ୩ୟ ଦିବସ, ସ୍ଥାନ: ସେକ୍ଟର-୨, ସମୟ: ସକାଳ ୬ଟା।
- ବେଦବ୍ୟାସ ସଂସ୍କୃତ କଲେଜର ବାର୍ଷିକୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୯ଟା।
- ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିବେ ଖବରଦାତା, ସ୍ଥାନ: ସେକ୍ଟର-୨୦ ରାଉରକେଲା ହାଉସ, ସମୟ: ଅପରାହ୍ନ ୪ଟା।
- ଛେଣ୍ଡ ୟୁଥ କ୍ଲବର ୨୫ତମ ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ ବିଏସ୍‌ଏନ୍‌ଏଲ୍ ଛକ, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼
- ଜିଲାସ୍ତରୀୟ ଜାତୀୟ ଭୋଟର ଦିବସ ସମାରୋହ ଉପଲକ୍ଷେ ରାଲି, ସ୍ଥାନ: ସବ୍‌କଲେକ୍ଟର କାର୍ଯ୍ୟାଳୟରୁ ଦେବଗଡ଼ କଲେଜ ଅଡିଟୋରିୟମ୍, ସମୟ: ସକାଳ ୯ଟା।
- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଡିବେଟ୍, କୁଇଜ୍, ଡ୍ରଇଂ ପ୍ରତିଯୋଗୀତା, ସ୍ଥାନ: ଚିନ୍ମୟ ବିଦ୍ୟାଳୟ, ଦେବଗଡ଼, ସମୟ: ସକାଳ ୯ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ଜାତୀୟ ଭୋଟର ଦିବସ ପାଳନ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ମାଗଣା ନିଃସନ୍ତାନତା ପରାମର୍ଶ ଶିବିର, ସ୍ଥାନ: ଭବାନୀପାଟଣା ଏମ୍‌ଏସ୍ ମେଡାକ୍ସ ହସ୍ପିଟାଲ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଆଳତି, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ କଲୋନି ବଙ୍ଗଳାପଡ଼ା, ସମୟ: ପ୍ରାତଃ ୫ଟା ୩୦।
- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପରେଡ ପ୍ରସ୍ତୁତି, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସକାଳ ୭ଟା ୩୦।
- ୧୧ତମ ମର୍ନିଂ କପ କ୍ରିକେଟ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: ଶିବଶକ୍ତି ନଗର ଖେଳ ପଡିଆ ନୂଆପଡ଼ା, ସମୟ: ସକାଳ ୯ଟା।
- ୧୮ତମ ନ୍ୟୁଇୟର କପ କ୍ରିକେଟ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।

## ବୌଦ୍ଧ
- ମା' ବୁଢୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପନ, ସ୍ଥାନ: କାଳେଶ୍ୱର ଗ୍ରାମ, ବୌଦ୍ଧ, ସମୟ: ସକାଳ ୬ଟା।
- ଶ୍ରୀଜଗନ୍ନାଥ ମନ୍ଦିର ଓ ଶ୍ରୀରାମଚନ୍ଦ୍ରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ସପ୍ତସତୀ,ଚଣ୍ଡିପାଠ, କଂସ ଦରବାର, ସ୍ଥାନ: ନାରାୟଣନଗର, ବୌଦ୍ଧ , ସମୟ: ସକାଳ ୯ଟା।
- ଜାତୀୟ ଭୋଟର ଦିବସ , ସ୍ଥାନ: ଟାଉନ ହଲ ବୌଦ୍ଧ, ସମୟ: ସକାଳ ୯ଟା।
- ଅସୁରଗଡ ଲୋକ ମହୋତ୍ସବ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ମନମୁଣ୍ଡା, କନ୍ଧମାଳ, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କାର୍ଯ୍ୟସିଦ୍ଧି ଓ ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ କର୍ମକ୍ଷେତ୍ର ଉନ୍ନତ ରହିବ। କୃତ୍ତିକା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା କାର୍ଯ୍ୟସାଧନରେ ଅନ୍ତରାୟ ସୃଷ୍ଟି କରିବ। ବୋଝଭଳି ରହିଥିବା ସମସ୍ୟାଗୁଡ଼ିକର ସମାଧାନ ହୋଇପାରିବା କାରଣରୁ ନିଜକୁ ହାଲୁକା ମନେକରିବେ। ତଥାପି ବନ୍ଧୁମେଳରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ବୃଷ** ବିଭିନ୍ନ ସମସ୍ୟା ମଧ୍ୟରେ ନିଜକୁ ଅସହାୟ ମନେ କରିପାରନ୍ତି। ପରିସ୍ଥିତିବିଶତଃ ପରିବାରରେ ଆପଣଙ୍କ ଅପବ୍ୟୟର ସୀମା ଟପିଯାଇପାରେ। ଆଜିର ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରହିବା ଭଲ ହେବ। ଅନ୍ୟମନସ୍କ କିମ୍ବା ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**ମିଥୁନ** ଆଜି ଅନ୍ୟକୁ ଯାହା କହିବେ ତାହାହିଁ ଆପଣଙ୍କ ପାଖକୁ ବୁମେରାଂ ଭଳି ଫେରି ଆସିପାରେ। ପୂର୍ବର ମାଲିମକଦ୍ଦମା, ପାରିବାରିକ ଦ୍ୱନ୍ଦ୍ୱଜନିତ ଅଯଥା ଟେନ୍ସନ ମନକୁ ଭାରାକ୍ରାନ୍ତ କରିପାରେ। କିନ୍ତୁ ବନ୍ଧୁମାନଙ୍କ ନିକଟରୁ ଅର୍ଥ ଓ ସହଯୋଗ, ସୁଖ ସମ୍ମାନ ଊଣା ହେବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ କରିପାରେ।

**କର୍କଟ** ପୂର୍ବ ରାଗକୁ ଦୋହରାଇ ଆତ୍ମୀୟମାନେ ଶତ୍ରୁତା କରିବେ, କିନ୍ତୁ କିଛି ଅସୁବିଧା ହେବନି। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ପରିବାରରୁ ସହଯୋଗ ପାଇ କାମ ତ୍ୱରାନ୍ୱିତ କରିବେ। ପୂର୍ବ ସ୍ଥିରୀକୃତ ଯାତ୍ରା, ବନ୍ଧୁ ମିଳନ, ଆନୁଷ୍ଠାନିକ କାମରେ ଅଗ୍ରଣୀ ଭୂମିକା ନେବେ। ସାହିତ୍ୟ, ସଙ୍ଗୀତ ଓ ମନୋରଞ୍ଜନ କାର୍ଯ୍ୟକ୍ରମରୁ ପ୍ରଶଂସିତ ହେବେ।

**ସିଂହ** ପ୍ରତ୍ୟେକ କ୍ଷେତ୍ରରେ କିଛି ଦେଲେହିଁ କିଛି ପାଇବେ, ଯାହାକି ଆଜି ଅନୁଭବରେ ଆସିପାରେ। କେତେକ ପାରିବାରିକ ଅସୁବିଧା କର୍ମକ୍ଷେତ୍ରକୁ ବିଳମ୍ବିତ କରିବ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ସଭାସମିତି, କଳା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତାଦି ମନୋରଞ୍ଜନରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ବ୍ୟସ୍ତତା ବଢ଼ିବା କାରଣରୁ ସହଜରେ କାମ ହାସଲ କଷ୍ଟକର ହେବ। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଅର୍ଥ ସମ୍ପର୍କୀୟ ଲାଭର ଆଶା ନେଇ କଳ୍ପନାପ୍ରବଣ ହୋଇପାରନ୍ତି। ଆଜି ଦିନଟିରେ ବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ତୁଳା** ଉପରିସ୍ଥଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟତୀତ ଅନ୍ୟାନ୍ୟ କାମ ସୁବିଧାରେ ହାସଲ କରିବା କଷ୍ଟକର ହୋଇପଡ଼ିବ। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନଜକୁ ନିୟୋଜିତ କରିବେ। ବନ୍ଧୁଙ୍କ ଜରିଆରେ ସୌଖୀନ ଦ୍ରବ୍ୟ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି।

**ବିଛା** ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟାର ସମାଧାନ ହେବାର ଆଶା ରହିଛି। କ୍ରୀଡ଼ା, ଚଳଚ୍ଚିତ୍ରରେ ଥିବା ସମସ୍ୟାକୁ ସମାଧାନ କରିବା ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବେ। ଗବେଷଣା, ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଶତ୍ରୁତା କାରଣରୁ ଶିଳ୍ପ ଓ ବାଣିଜ୍ୟରେ ଉନ୍ନତିର ପଥରୋଧ ଘଟିପାରେ।

**ଧନୁ** ଆଜି ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି। ଅବଶ୍ୟ ବିଶେଷ କିଛି ଗୁରୁତର ଅବସ୍ଥା ଆସିବ ନାହିଁ। ଶତ୍ରୁ ଆପଣଙ୍କ ପଛରେ ଛାଇଭଳି ଲାଗି ରହିବେ, କିନ୍ତୁ କିଛି କରିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟରେ ଲାଭାଂଶ ବଢ଼ିପାରେ ତଥାପି ଟେନ୍ସନ ଲାଗି ରହିବ। କର୍ମକ୍ଷେତ୍ରରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମକର** ପାରିବାରିକ ସମସ୍ୟାକୁ ନେଇ ମନ ଅଧିକାଂଶ ସମୟ ଭାରାକ୍ରାନ୍ତ ରହିବ। ଫଳତଃ କାର୍ଯ୍ୟହାନି, ସ୍ୱାସ୍ଥ୍ୟସମସ୍ୟା, ବ୍ୟବସାୟ, ଯାତ୍ରା ସମ୍ବନ୍ଧୀୟ କେତେକ ଚିନ୍ତାରେ ଚିନ୍ତିତ ରହିବେ। ପରିବହନରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ପୂଜା ସାମଗ୍ରୀ, ଷ୍ଟେସନାରୀ ବ୍ୟବସାୟ, ହୋଟେଲ ଶିଳ୍ପରେ ସଫଳତା ହାସଲ କରିବେ।

**କୁମ୍ଭ** ଦୀର୍ଘଦିନ ହେଲା ହାତକୁ ନେଇଥିବା କାମଟି ଆଜିହିଁ ପୂର୍ଣ୍ଣାଙ୍ଗ ହୋଇପାରିବ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସାହାଯ୍ୟ କରିବାକୁ କେହି ହେଲେ ମଧ୍ୟ ଆଗେଇ ଆସିବେ ନାହିଁ। ଆଜି କଠିନ ପରିଶ୍ରମ ଜନିତ ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲକ୍ଷ୍ୟ ହାସଲ କରିପାରନ୍ତି।

**ମୀନ** ଆଜି ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ ମିଳିବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସାବଧାନ ନ ରହିଲେ ଠକାମିରେ ପଡ଼ିପାରନ୍ତି। ଆଲୋଚନା ପରିସରରେ ତର୍କ ବିତର୍କ କାରଣରୁ କର୍ମକ୍ଷେତ୍ରରେ ଟେନସନ୍ ବଢ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

ଆଜି ଜାନୁଆରୀ ୨୫ ତାରିଖ, ଜାତୀୟ ପର୍ଯ୍ୟଟନ ଦିବସ, ରାଷ୍ଟ୍ରୀୟ ମତଦାତା ଦିବସ, ଓଳାଶୁଣୀ ଯାତ୍ରା, ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୦୩ ତମ ସାକ୍ଷୀଗୋପାଳ ଶୁଭାଗମନ ସ୍ମୃତି ମହୋତ୍ସବ, ମାଘ କୃଷ୍ଣପକ୍ଷର ସର୍ବସମ୍ମତ ଷଟ୍‌ତିଳା ଏକାଦଶୀ, ଶନିବାର, ଏକାଦଶୀର ଉପବାସ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୬ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୯।୧୩ ଗତେ ଘ.୧୦।୩୬ ମଧ୍ୟେ ରାହୁ କାଳ ।

## ପ୍ରଥମ ପୃଷ୍ଠାରୁ...

### ଆଉ ୪୦ ହଜାର...

ପରାମର୍ଶ ଆଲୋଚନା କରିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପଞ୍ଚାନନ କାନୁନ୍‌ଗୋ, ଶଶୀଭୂଷଣ ବେହେରା, ନିରଞ୍ଜନ ପୂଜାରୀ, ପୂର୍ବତନ ଅର୍ଥ ସଚିବ ରବି ନାରାୟଣ ସେନାପତି, ଉପେନ୍ଦ୍ର ନାଥ ବେହେରା, ବରିଷ୍ଠ ରାଜନେତା ସମୀର ମହାନ୍ତି, ସଜ୍ଜନ ଶର୍ମା ପ୍ରମୁଖ ବିଭିନ୍ନ କ୍ଷେତ୍ରର ପ୍ରାୟ ୨୪ ଜଣ ବିଶିଷ୍ଟ ବ୍ୟକ୍ତି ବଜେଟ ସଂକ୍ରାନ୍ତୀୟ ସେମାନଙ୍କ ସୁଚିନ୍ତିତ ମତାମତ ଦେଇଛନ୍ତି।

### ଆବାସ ଯୋଜନା...

କ୍ଷେତ୍ରରେ ଅବହେଳା ବା ସର୍ଭେରେ ତ୍ରୁଟି ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି କେହି ହିତାଧିକାରୀ ରହିଯିବେ ସେମାନଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଇ ଆବାସ ଯୋଗାଇଦିଆଯିବ। ସେହିପରି ଗଙ୍ଗୁଆ ନଈରେ ଫିଲ୍‌ଟର ପ୍ଲାଣ୍ଟ କରାଯାଇ ପୁରୀ ଜିଲା କଣାସ ଓ ପିପିଲି ବ୍ଲକର ବିଭିନ୍ନ ଗ୍ରାମକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ। ପିପିଲି ବ୍ଲକର ୧୦ଜଣ ହିତାଧିକାରୀଙ୍କ ପିଏମ୍ ଆବାସ ନିର୍ମାଣ ସରିଥିବାବେଳେ ସେମାନଙ୍କୁ ନୂତନ ଗୃହରେ ପ୍ରବେଶ ପାଇଁ ମନ୍ତ୍ରୀ ଚାବିକାଠି ପ୍ରଦାନ କରିଥିଲେ। ଏଥର ଯୋଜନାରେ କେତେକ ପରିବର୍ତ୍ତନ କରାଯାଇଛି। ହିତାଧିକାରୀଙ୍କ ପରିବାରର ମାସିକ ଆୟ ସୀମା ୧୫ ହଜାର ଟଙ୍କା କରାଯାଇଥିବାବେଳେ ଦୁଇଚକିଆ ଯାନ, ଫ୍ରିଜ, ଲ୍ୟାଣ୍ଡଫୋନ ଥିଲେ ବି ଆବାସ ଆବେଦନ ପାଇଁ ଯୋଗ୍ୟ ବିବେଚିତ ହେବେ। ସ୍ୱାମୀଠାରୁ ସ୍ତ୍ରୀ ଅଲଗା ରହୁଥିଲେ, କିମ୍ବା ବାପାଠାରୁ ପୁଅ ଭିନ୍ନେ ହୋଇ ଅଲଗା ରହୁଥିଲେ ମଧ୍ୟ ଏମାନେ ଆବାସ ଯୋଜନାରେ ସାମିଲ ହୋଇପାରିବେ।

ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଦେଇଥିବା ପ୍ରତିଶ୍ରୁତିପାଳନ କରିଓଡ଼ିଶାକୁ ୧୭ ଲକ୍ଷ ଆବାସ ଗୃହ ପ୍ରଦାନ କରିଛନ୍ତି। ଏହି ସର୍ଭେ ମାଧ୍ୟମରେ ପ୍ରତ୍ୟେକ ଉପଯୁକ୍ତ ହିତାଧିକାରୀଙ୍କୁ ଆବାସ ପ୍ରଦାନ କରାଯିବ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ କହିଲେ, ଅନ୍ୟାୟରେ ବଞ୍ଚିତ ପରିବାରକୁ ନିଶ୍ଚିତ ଆବାସ ଯୋଜନାରେ ଗୃହ ଦିଆଯିବ। ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର କହିଥିଲେ, ଏହି ସରକାର ଲୋକଙ୍କ ସରକାର। ତେଣୁ ଲୋକଙ୍କ ପାଇଁ କାମ କରିବ। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ କମିଶନର ତଥା ଶାସନ ସଚିବ ଏସ୍.ଏନ୍. ଗିରିଶ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ହିତାଧିକାରୀଙ୍କ ଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ। ବିଭାଗୀୟ ଉପନିର୍ଦ୍ଦେଶକ କୁଳମଣି ମିଶ୍ର, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପିପିଲି ବିଡିଓ ସରୋଜ ରାଉତ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

### ଫେବୃଆରୀ ୨ରେ...

ଶୁକ୍ରବାର ଅନୁଷ୍ଠିତ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଫଳତାର ସହ ମ୍ୟାଚ ପରିଚାଳନା ପାଇଁ ପ୍ରସ୍ତୁତି ପର୍ବକୁ ତ୍ୱରାନ୍ୱିତ କରାଯାଇଛି। ଟିକେଟ ବିକ୍ରି, ଖେଳାଳିଙ୍କ ଆଗମନ ସହ ମ୍ୟାଚର ସୁପରିଚାଳନା ସଂକ୍ରାନ୍ତରେ ଓସିଏର ଏହି ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଛି।

ସୂଚନାନୁସାରେ, ଅନ୍‌ଲାଇନ ଜରିଆରେ ମୋଟ୍ ୪୦୦୦ ଟିକେଟ ବିକ୍ରି କରାଯିବ। ଅନ୍‌ଲାଇନରେ ଟିକେଟ ବୁକ୍ କରିଥିବା ବ୍ୟକ୍ତିମାନେ ବୁକିଂର ଅସଲି ରସିଦ ଦେଖାଇ ଫେବୃଆରୀ ୭, ୮ ଓ ୯ ତାରିଖରେ ବାରବାଟୀ ଷ୍ଟାଡିୟମ ନିକଟ କେମ୍ବ୍ରିଜ ସ୍କୁଲ ଓ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟର ୩ଟି କାଉଣ୍ଟରରୁ ଟିକେଟ ସଂଗ୍ରହ କରିପାରିବେ। ଉକ୍ତ କାଉଣ୍ଟରଗୁଡ଼ିକରେ ଅନ୍‌ଲାଇନ ଟିକେଟ ୭ ଓ ୮ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଓ ୯ ତାରିଖ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ଉପଲବ୍ଧ ହେବ। ଅପରପକ୍ଷରେ ଓସିଏ ସହ ଅନୁବନ୍ଧିତ ଆସୋସିଏଶନ, କ୍ଲବ, ପ୍ରତିଷ୍ଠାନ ଓ କାଉନସିଲ ସଦସ୍ୟଙ୍କ ପାଇଁ ଟିକେଟ ଫେବୃଆରୀ ୩ ଓ ୪ ତାରିଖରେ ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଓସିଏ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବିକ୍ରି କରାଯିବ। ସାଧାରଣ ଦର୍ଶକଙ୍କ ଲାଗି କାଉଣ୍ଟର ଟିକେଟ ଫେବୃଆରୀ ୫ ଓ ୬ ତାରିଖରେ ବାରବାଟୀ ଷ୍ଟାଡିୟମସ୍ଥ କାଉଣ୍ଟରରେ ବିକ୍ରି କରାଯିବ। ଟିକେଟ ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବିକ୍ରି କରାଯିବ। ଜଣେ ବ୍ୟକ୍ତିକୁ ଅତି ବେଶିରେ ଦୁଇଟି ଟିକେଟ କିଣିବାର ସୁଯୋଗ ମିଳିବ। ଟିକେଟ ସଂଗ୍ରହକାରୀମାନେ ଏକ ପ୍ରମାଣପତ୍ର ଦେଖାଇବା ବାଧ୍ୟତାମୂଳକ କରାଯାଇଛି। ଟିକେଟ ବିକ୍ରି କେନ୍ଦ୍ରଗୁଡିକ ସିସିଟିଭି ନଜରରେ ରହିବ। ଟିକେଟ ବିକ୍ରି ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ପରିଚାଳିତ ହେବ। ଜୋମାଟୋ ଏବଂ ଟିଆର୍‌ଏସ୍ ଇଭେଣ୍ଟ ମ୍ୟାନେଜମେଣ୍ଟ କରିବାର ଦାୟିତ୍ୱ ନେଇଛି। ଟିକେଟ ବିକ୍ରିକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ପାଇଁ ବ୍ୟାପକ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ବାରବାଟୀ ଷ୍ଟାଡିୟମର ମୋଟ୍ ଦର୍ଶକ କ୍ଷମତା ୪୪,୫୭୪। ତନ୍ମଧ୍ୟରୁ ୨୪,୬୯୨ଟି ଟିକେଟ ଅନ୍‌ଲାଇନ, ବକ୍ସ ଅଫିସ ଓ ଅନୁବନ୍ଧିତ ୟୁନିଟ୍‌କୁ ବିକ୍ରି କରାଯିବ। ଅବଶିଷ୍ଟ ଟିକେଟ କାଉଣ୍ଟରରେ ବିକ୍ରି ପାଇଁ ଉପଲବ୍ଧ ହେବ। ମ୍ୟାଚ ଦିନ ଷ୍ଟାଡିୟମ ସମ୍ପୂର୍ଣ୍ଣ ସିସିଟିଭି ନଜରରେ ରହିବ। ମ୍ୟାଚ ଲାଗି ମୋଟ୍ ୫୦ କୋଟି ଟଙ୍କାର ବୀମା କରାଯାଇଛି ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି।

ଭାରତ ଓ ଇଂଲଣ୍ଡ ଦଳ ଫେବୃଆରୀ ୭ରେ ଭୁବନେଶ୍ୱରରେ ପହଞ୍ଚିବେ। ଖେଳାଳିମାନେ ମେ'ଫେୟାର ହୋଟେଲରେ ଅବସ୍ଥାନ କରିବେ। ୮ ତାରିଖ ଅପରାହ୍ନ ୧ଟାରୁ ୪ଟା ପର୍ଯ୍ୟନ୍ତ ଇଂଲଣ୍ଡ ଓ ଅପରାହ୍ନ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ଭାରତୀୟ ଦଳ ବାରବାଟୀ ଷ୍ଟାଡିୟମରେ ଅଭ୍ୟାସ କରିବେ। ମ୍ୟାଚ ୯ ତାରିଖ ଅପରାହ୍ନ ୧ଟାରୁ ଖେଳାଯିବ। ଭୁବନେଶ୍ୱରରୁ କଟକ ଅଭ୍ୟାସ ଓ ମ୍ୟାଚ ପାଇଁ ଯାତାୟାତ ଲାଗି ୫ଟି ସ୍ୱତନ୍ତ୍ର ଭଲଭୋ ବସ୍‌ର ବ୍ୟବସ୍ଥା କରାଯିବ। ଗ୍ୟାଲେରିରେ ଓସିଏ ପକ୍ଷରୁ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଇ ଦିଆଯିବ। ଷ୍ଟାଣ୍ଡଗୁଡ଼ିକରେ ଖାଦ୍ୟ ଷ୍ଟଲ୍ ସହ ପାଣି ରହିବ। ଭେଣ୍ଡରଗୁଡ଼ିକ ପକ୍ଷରୁ ଷ୍ଟାଣ୍ଡଗୁଡ଼ିକରେ ଉଚ୍ଚା ଦରରେ ଖାଦ୍ୟ ବିକ୍ରି କରା ନ ଯିବା ନେଇ ଦୃଷ୍ଟି ଦିଆଯିବ। ପ୍ରତି ଗ୍ୟାଲେରିରେ ପରିସ୍ରାଗାର ବ୍ୟବସ୍ଥା ମଧ୍ୟ କରାଯିବ। ୩ ବର୍ଷରୁ ଊର୍ଦ୍ଧ୍ୱ ପିଲାମାନଙ୍କ କ୍ଷେତ୍ରରେ ଟିକଟ ଲାଗୁ କରାଯିବ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ଓସିଏ ସମ୍ପାଦକ ସଞ୍ଜୟ ବେହେରା, କାର୍ଯ୍ୟକାରୀ ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ।




ପ୍ରସ୍ତୁତି ବୈଠକରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଓ ଅନ୍ୟମାନେ।

**ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫**

# ପ୍ରସ୍ତୁତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୧ (ସୁନିତ୍ ମିଶ୍ର)



ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫ ଆସନ୍ତା ୨୮ ଓ ୨୯ ଦୁଇଦିନ ଧରି ଜନତା ମଇଦାନଠାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ସ୍ଥାନୀୟ ଜନତା ମଇଦାନ ଠାରେ ଏହାର ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମର ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଏହି କାର୍ଯ୍ୟକ୍ରମ ସବୁ ଦୃଷ୍ଟିକୋଣରୁ ଐତିହାସିକ ହେବ। ରାଜ୍ୟ ପାଇଁ ଏକ ସୁଦୃଢ଼ ଅର୍ଥନୈତିକ ଓ ଶିଳ୍ପ ଭିତ୍ତିଭୂମି ପ୍ରସ୍ତୁତ କରିବାରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ରାଜ୍ୟଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ୫ଟି ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବାର ଆମର ଯେଉଁ ଲକ୍ଷ୍ୟ ଅଛି, ତାହା ନିଶ୍ଚୟ ପୂରଣ ହେବ। ଏହାସହିତ ଶ୍ରମିକ, କୃଷକମାନଙ୍କ ପରିସାଧାରଣ ଲୋକଙ୍କ ପାଇଁ ମଧ୍ୟ ବିପୁଳ ସୁଯୋଗ ସୃଷ୍ଟି ହେବ। ଏହି ଇନଭେଷ୍ଟର୍ସ ମିଟ୍‌ରେ ୫ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବ ଆସିବାର ସମ୍ଭାବନା ରହିଛି। ଏହାଦ୍ୱାରା ୩.୫ ଲକ୍ଷରୁ ଅଧିକ ନିଯୁକ୍ତି ସମ୍ଭାବନା ମଧ୍ୟ ସୃଷ୍ଟି ହେବ। ୧୦୦ଟି ଅଧିକ ନିବେଶକ ଏମ୍‌ଓୟୁ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ୨୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉଦ୍‌ଘାଟନ କରିବେ। ଗତ ୭ ମାସ ମଧ୍ୟରେ ଓଡ଼ିଶାକୁ ଏହା ତାଙ୍କର ପଞ୍ଚମ ଗସ୍ତ ହେବ। ଓଡ଼ିଶାରେ ପୁଞ୍ଜିନିବେଶ ପ୍ରତି ତାଙ୍କର ସ୍ୱତନ୍ତ୍ର ଧ୍ୟାନ ରହିଛି ଏବଂ ଓଡ଼ିଶା ଏକ ବିପୁଳ ସମ୍ଭାବନାର ରାଜ୍ୟ ଭାବେ ଅଗ୍ରସର ହେଉଛି ବୋଲି ସେ କହିଛନ୍ତି। ଏହା ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ୍ ଏବଂ ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ମେକ ଇନ ଓଡ଼ିଶା ୱେବ୍‌ସାଇଟ୍‌ରେ ୭୫୦୦ରୁ ଅଧିକ ଡେଲିଗେଟ ପଞ୍ଜୀକରଣ କରିଛନ୍ତି। ଏଥିରେ ୨୦ଟିରୁ ଅଧିକ ଦେଶର ୧୦୦ରୁ ଅଧିକ ଆନ୍ତର୍ଜାତିକ ଡେଲିଗେଟ୍ ଅଛନ୍ତି। ସିଙ୍ଗାପୁର, ଅଷ୍ଟ୍ରେଲିଆ ଓ ମାଲେସିଆ ପରି ଆମର ପାର୍ଟନର ଦେଶଗୁଡ଼ିକରୁ ଅଧିକ ପ୍ରତିନିଧି ଆସିବାର ସମ୍ଭାବନା ରହିଛି। ଏଥିରେ କେତେକ କଣ୍ଟ୍ରି ଅଫ ଫୋକସ ସେଶନ ଅନୁଷ୍ଠିତ ହେବ, ଯେଉଁଥିରେ ପ୍ରାୟ ୨୦ଟି ଦେଶର ପ୍ରତିନିଧିମାନେ ଆଲୋଚନା କରିବେ। ଏହାଦ୍ୱାରା ଆନ୍ତର୍ଜାତିକ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ପ୍ରତିଷ୍ଠା ବୃଦ୍ଧି ପାଇବ। ଏହି କନ୍‌କ୍ଲେଭରେ ଏକ 'ମେକ୍ ଇନ୍ ଓଡ଼ିଶା ଏକ୍ସପୋ' ମଧ୍ୟ ଅନୁଷ୍ଠିତ ହେବ। ପ୍ରାୟ ୧୫୦ଜଣ ଏକ୍‌ଜିବିଟର ସେମାନଙ୍କ ପ୍ରଡକ୍ଟ, ସର୍ଭିସ୍ ଓ ଇନୋଭେସନ ଆଦି ପ୍ରଦର୍ଶନ କରିବେ। ଦୁଇଦିନ ଧରି ଏହା କେବଳ ଡେଲିଗେଟ୍‌ମାନଙ୍କ ପାଇଁ ଖୋଲା ରହିବ। ୩୦ରେ ଏହାକୁ ସର୍ବସାଧାରଣଙ୍କ ପାଇଁ ଖୋଲା ରଖାଯିବ। ଏହାସହିତ ଷ୍ଟାର୍ଟ ଅପ୍ ଓଡ଼ିଶା, ସ୍କିଲଡ୍ ଇନ୍ ଓଡ଼ିଶା ଓ ସୁଭଦ୍ରା ଜରିଆରେ ମହିଳା ଉଦ୍ୟୋଗୀକରଣ ପରି ୩ଟି ଥିମାଟିକ୍ ସେଶନ ମଧ୍ୟ ଅନୁଷ୍ଠିତ ହେବ। ବିଭିନ୍ନ ରାଉଣ୍ଡ ଟେବୁଲ ବୈଠକ ମଧ୍ୟ ଅନୁଷ୍ଠିତ ହେବ। ଏଥିରେ 'ମହିଳାଙ୍କ ନେତୃତ୍ୱ ରାଉଣ୍ଡଟେବୁଲ', 'ସି.ଇ.ଓ ରାଉଣ୍ଡଟେବୁଲ' ଓ 'ଏଡିଟର୍ସ ରାଉଣ୍ଡଟେବୁଲ' ଆଦି ଆଲୋଚନା ଜରିଆରେ ଶିଳ୍ପୋଦ୍ୟୋଗୀ ଓ ବିଶେଷଜ୍ଞମାନଙ୍କ ମଧ୍ୟରେ ଜ୍ଞାନର ଆଦାନ ପ୍ରଦାନ ହେବ ବୋଲି ସେ କହିଛନ୍ତି। ଏହାସହିତ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ନୃତ୍ୟ ପ୍ରଦର୍ଶନ, ଡ୍ରୋନ ଶୋ ଆଦି ଅନ୍ୟାନ୍ୟ କାର୍ଯ୍ୟକ୍ରମର ମଧ୍ୟ ବ୍ୟବସ୍ଥା କରାଯାଇଛି।

ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମେରାଇନ ଥାନାରେ ନିଯୁକ୍ତ ହେବେ ଅବସରପ୍ରାପ୍ତ ନୌସେନା ଯବାନ

**ପୋଲିସ ଡିଜିଙ୍କୁ ଭେଟିଲେ ପୂର୍ବ ସମୁଦ୍ର ତଟ କୋଷ୍ଟ ଗାର୍ଡ କମାଣ୍ଡର**

ଭୁବନେଶ୍ୱର, ୨୪।୧ (ସତ୍ୟଜିତ୍ ରାଉତ)

ରାଜ୍ୟର ମେରାଇନ ଥାନାଗୁଡ଼ିକରେ ଅବସରପ୍ରାପ୍ତ ନୌସେନା ଓ ତଟ ସୁରକ୍ଷା ବାହିନୀର ଯବାନମାନେ ନିଯୁକ୍ତ ହେବେ। ଏନେଇ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶୁକ୍ରବାର ପୂର୍ବ ସମୁଦ୍ର ତଟ କୋଷ୍ଟ ଗାର୍ଡ କମାଣ୍ଡର ଏଡିଜି ଡନି ମିଚେଲ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ କାର୍ଯ୍ୟାଳୟଠାରେ ହୋଇଥିବା ବୈଠକରେ ଉପକୂଳ ସୁରକ୍ଷା ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାସହ ଆଗାମୀ ଦିନରେ ଉପକୂଳ ସୁରକ୍ଷା ପାଇଁ ଉଭୟ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ତେବେ ଉପକୂଳ ଅଞ୍ଚଳରେ ଜୋରଦାର ପାଟ୍ରୋଲିଂ, ଆକାଶ ମାର୍ଗରୁ ଗତିବିଧି ନିରୀକ୍ଷଣ ଏବଂ ଆଦେଶ ଅନୁଯାୟୀ ସମ୍ପୂର୍ଣ୍ଣ ଉପକୂଳ ନିୟନ୍ତ୍ରଣ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରାଯିବା ଭଳି ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାସହ ତଟ ସୁରକ୍ଷା ବାହିନୀ ପକ୍ଷରୁ ଓଡିଶା ପୋଲିସକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି କୋଷ୍ଟଗାର୍ଡ କମାଣ୍ଡର ଡନି ମିଚେଲ କହିଥିଲେ। ଆଗାମୀ ଦିନରେ ତଟ ସୁରକ୍ଷା ଏବଂ ଓଡିଶା ପୋଲିସର ଅଫିସରଙ୍କୁ ନେଇ ଏକ ସ୍ୱତନ୍ତ୍ର ବୋର୍ଡ ଗଠନ କରାଯିବ। ଏହି ଦୁଇ ବିଭାଗର ଅଧିକାରୀମାନେ ସମ୍ପୂର୍ଣ୍ଣ ଉପକୂଳ ଅଞ୍ଚଳକୁ ତନ୍ନ ତନ୍ନ କରି ଯାଞ୍ଚ କରିବେ। ଅଧିକାରୀଙ୍କ ରିପୋର୍ଟ ଅନୁଯାୟୀ ମେରାଇନ ଥାନାଗୁଡିକୁ ବୋଟ ଯୋଗାଇ ଦିଆଯିବ ବୋଲି ଡିଜିପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଓଡ଼ିଶା ପୋଲିସ ଓ ତଟ ସୁରକ୍ଷା ବାହିନୀ ମଧ୍ୟରେ ଯେଉଁ ସମ୍ପର୍କ ସ୍ଥାପନ ହୋଇଛି, ତାହା ଦୀର୍ଘସ୍ଥାୟୀ ରଖିବାକୁ ସବୁବେଳେ ଉଦ୍ୟମ ଜାରି ରହିବ ବୋଲି ଡିଜିପି କହିଛନ୍ତି।



ପୂର୍ବ ସମୁଦ୍ର ତଟ କୋଷ୍ଟ ଗାର୍ଡ କମାଣ୍ଡର ଏଡିଜି ଡନି ମିଚେଲ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ଭାରତୀୟ ବନ ସେବା ଅଧିକାରୀ ବିଜୟ ସ୍ୱାଇଁଙ୍କ ପରଲୋକ

ଭୁବନେଶ୍ୱର, ୨୪।୧ (ବନ୍ଦନା ସେଠୀ)

ପରିବେଶବିତ୍, ଗବେଷକ ତଥା ଭାରତୀୟ ବନ ସେବା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କର ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ବର୍ଷ ବୟସ ହୋଇଥିଲା। ୨୦୦୮ରେ ଆର୍‌ସିସିଏଫ୍ ଭାବେ ଚାକିରିରୁ ଅବସର ନେବା ପରେ ସେ କଳିଙ୍ଗର ଗୌରବମୟ ସାମୁଦ୍ରିକ ଇତିହାସ ଉପରେ ଗବେଷଣା ଜାରି ରଖିଥିଲେ। କଳିଙ୍ଗ ପରମ୍ପରାକୁ ଅନୁସନ୍ଧାନ କରିବା ପାଇଁ ସେ ପୂର୍ବପୁରୁଷ ସମ୍ବନ୍ଧୀୟ ସ୍ଥାନକୁ ପରିଦର୍ଶନ କରିବା ସହ ସଂସ୍କୃତ ଗ୍ରନ୍ଥ ଏବଂ ଶିଳାଲେଖ ଆଦି ପଢ଼ିଥିଲେ। କଳିଙ୍ଗ ପରମ୍ପରା ଏବଂ କଳିଙ୍ଗ- ଦକ୍ଷିଣ-ପୂର୍ବ ଏସିଆର ଭାରତୀୟକରଣ (The Kalinga Heritage and Kalinga – Pioneer of Indianisation of Southeast Asia) ନାମରେ ୨ଟି ପୁସ୍ତକ ରଚନା କରିଛନ୍ତି। ତାଙ୍କର ଦୁଇ ଝିଅ ଡା. ରୋମା ରତନ ଯୁଗ୍ମ ଡିଏମ୍‌ଇଟି ଥିବାବେଳେ ରୂପା ରୋଶନ ସାହୁ ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ସମେତ ଏକାଧିକ ବିଭାଗରେ ସଚିବ ଅଛନ୍ତି। ବଡ ଜ୍ୱାଇଁ ଡା. ଦେବାଶିଷ ନାୟକ କାର୍ଡିଓଥୋରାସିକ ଓ ଭାସ୍କୁଲାର ସର୍ଜନ ଥିବାବେଳେ ସାନ ଜ୍ୱାଇଁ ଅନୁପ କୁମାର ସାହୁ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀର ଆଇଜି ଅଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଜୟନ୍ତୀ ସ୍ୱାଇଁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।



ବିଜୟ କୁମାର ସ୍ୱାଇଁ

# ଅଭିଯୁକ୍ତ ଅଧ୍ୟାପକ ଚାକିରିରୁ ବହିଷ୍କୃତ

**କଲେଜ ଛାତ୍ରୀଙ୍କ ବଳାତ୍କାର ଉଦ୍ୟମ ଅଭିଯୋଗ**

ଯାଜପୁର, ୨୪।୧ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବରୀ ଥାନା ଅନ୍ତର୍ଗତ ଏକ କଲେଜର ଜଣେ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ ଘଟଣାରେ ଅଭିଯୁକ୍ତ ଅଧ୍ୟାପକ ବିଦ୍ୟାଧର ଧଳଙ୍କୁ ବହିଷ୍କାର କରାଯାଇଛି। ଯାଜପୁର ଉପଜିଲାପାଳ ଅଂଶୁମାନ ଶତପଥୀ ଶୁକ୍ରବାର ନିର୍ଦ୍ଦେଶ ଜାରି କରିଛନ୍ତି। ତାଙ୍କ ନିର୍ଦ୍ଦେଶ ପତ୍ର ୧୦୯୯/୨୪।୧।୨୦୨୫ରେ ଦର୍ଶାଇଛନ୍ତି ଯେ, ୨୧।୧।୨୦୨୫ରେ ଅଧ୍ୟାପକ ଧଳଙ୍କୁ ଦିଆଯାଇଥିବା କାରଣ ଦର୍ଶାଅ ନୋଟିସ ଉପରେ ଉତ୍ତର ମିଳିନାହିଁ। ତେଣୁ କଲେଜର ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟିର ତଦନ୍ତ ଆଧାରରେ ଉପରୋକ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଘଟଣାକୁ ନେଇ ପୀଡ଼ିତା ଓ ତାଙ୍କ ପରିବାରବର୍ଗଙ୍କ ସମେତ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଯଦ୍ଦ୍ୱାରା ଆଇନ ଶୃଙ୍ଖଳା ସ୍ଥିତି ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ, ଗତ ୬ ତାରିଖରେ ଅଧ୍ୟାପକ ଧଳ ଯୌନ ନିର୍ଯାତନା ଦେବା ଏବଂ କ୍ଲାସ୍‌ରୁମ୍‌ରେ ବଳାତ୍କାର ଉଦ୍ୟମ ଅଭିଯୋଗ ଉପରେ ପ୍ରଶାସନର ପଦକ୍ଷେପକୁ ନେଇ ପୀଡ଼ିତା ଓ ତାଙ୍କ ପରିବାରବର୍ଗ ଅସନ୍ତୋଷ ପ୍ରକାଶ କରିଥିଲେ। ନବନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ ଆନ୍ଦୋଳନ ହେବା ସହ ପୀଡ଼ିତା ଓ ତାଙ୍କ ମା' ଆମରଣ ଅନଶନ କରିଥିଲେ।

# ସାମାନ୍ୟ କମିବ ଦିନ ତାପମାତ୍ରା

ଭୁବନେଶ୍ୱର, ୨୪।୧ (ଅନୁରାଧା ମହାରଣା)

ପୂର୍ବ-ଉତ୍ତରପୂର୍ବ ଦିଗରେ ପଶ୍ଚିମା ଝଡ଼ ଅଗ୍ରସର ହୋଇଥିବା ହେତୁ ରାଜ୍ୟରେ ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ଥଣ୍ଡା ବାୟୁର ପ୍ରଭାବ ସାମାନ୍ୟ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଧୀରେ ଧୀରେ ଗୁରୁଚାପ ବଳୟ ଦକ୍ଷିଣ ମୁହାଁ ହେବାର ସମ୍ଭାବନା ଥିବାରୁ ଆଗାମୀ ଦିନରେ ଦିନ ତାପମାତ୍ରାରେ ସାମାନ୍ୟ ହ୍ରାସ ପାଇପାରେ। ସେହିପରି ଉତ୍ତର ତଥା ଉତ୍ତର ପଶ୍ଚିମ ଓଡ଼ିଶାର କିଛି ଅଞ୍ଚଳରେ ରାତ୍ରି ତାପମାତ୍ରା ତଳ ମୁହାଁ ହେବା ସହ ଘନକୁହୁଡିର ପ୍ରଭାବ ହ୍ରାସ ଘଟିପାରେ ବୋଲି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ଶୁକ୍ରବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, କଟକ, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ , ଯାଜପୁର ଏବଂ କେନ୍ଦୁଝର ଜିଲାର ଅନେକ ସ୍ଥାନରେ ଘନକୁହୁଡିର ଆଚ୍ଛାଦନ ଦେଖିବାକୁ ମିଳିଥିଲା। ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡି ଓ ଝାରସୁଗୁଡ଼ାରେ ୩୩.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୧୦.୫ ଡିଗ୍ରୀ ରହିଥିଲା।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତାରାକୁ ସୁନ୍ଦର ପୂନେଇଁ ଚାନ୍ଦଲୋ**
**ନାସାକୁ ସୁନ୍ଦର ନୋଥ**
**ଅହ୍ୟକୁ ସୁନ୍ଦର ଶଙ୍ଖା ସିନ୍ଦୂର ଲୋ**
**ନାରୀକି ସୁନ୍ଦର ପୁତ।**

ଯେମିତି ତାରା ମେଳରେ ଚାନ୍ଦ ଶୋଭା ପାଇଥାଏ ସେମିତି ନାରୀ ନାକରେ ପିନ୍ଧିଥିବା ନୋଥ ତା'ର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରାଇଥାଏ। ଠିକ୍ ସେହିପରି ସଧବା ନାରୀକୁ ଶଙ୍ଖା ସିନ୍ଦୂର ବେଶ ସାଜୁଥିବା ଭଳି ମାତୃତ୍ୱରେ ହିଁ ନାରୀର ପୂର୍ଣ୍ଣତା ମିଳିପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତେଲିଆ ମୁଣ୍ଡକୁ ତେଲ,**
**ନୁଖୁରା ମୁଣ୍ଡକୁ ପେଲ।**

ଯାହାର ଯେତେ ଅଧିକ ଧନ ସମ୍ପଦ ଥାଏ ତାକୁ ଆହୁରି ସେତେ ଅଧିକ ଧନ ଯୋଗାଯାଇଥାଏ। ଅଥଚ ଅଭାବୀକୁ କିଛି ବି ମିଳି ନ ଥାଏ। ବଡ ଓ ଧନୀ ଲୋକଙ୍କ ପଛରେ ସମସ୍ତେ ଗୋଡ଼ାଉ ଥିବା ବେଳେ ଗରିବ ଲୋକଙ୍କୁ କେହି ଆଡ ଆଖିରେ ମଧ୍ୟ ଚାହିଁ ନଥାଏ। ଏହାହିଁ ଆମ ସମାଜ ବ୍ୟବସ୍ଥା ଏବଂ ଆମ ଲୋକ ଚରିତ୍ର ବୋଲି ଏଠାରେ ସୂଚିତ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ:

# ଜବାହର ନବୋଦୟ ବିଦ୍ୟାଳୟର ଶତାଧିକ ଅନ୍ତେବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ

- ସ୍କୁଲରେ ପହଞ୍ଚି ସ୍ୱାସ୍ଥ୍ୟ ଯାଞ୍ଚ କରୁଛି ମେଡିକାଲ ଟିମ୍
- ପାଣି, ଖାଦ୍ୟ ନମୁନା ସଂଗ୍ରହ

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି, ୨୪।୧ (ସଦାଶିବ ପ୍ରହରାଜ/ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ଖାତିଗୁଡ଼ାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ୫୦୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୨ ଜଣ ଗୁରୁବାର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଶୁକ୍ରବାର ପୁଣି ୫ ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଡାକ୍ତର ସମଲାଇ ପ୍ରସାଦ ପଣ୍ଡା, ଶୁଭେନ୍ଦୁ ବାଗ ଓ ଅମରେଶ ମହାନ୍ତିଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଶୁକ୍ରବାର ବିଦ୍ୟାଳୟରେ ପହଞ୍ଚି ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ୨ ଜଣଙ୍କୁ ଅସ୍ୱାଭାବିକ ଲାଗିବାରୁ ସେମାନଙ୍କୁ ସାଲାଇନ ଦିଆଯାଇଛି।

ସୂଚନାନୁଯାୟୀ, ଗୁରୁବାର ସନ୍ଧ୍ୟାରେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରୀ ଟିମ ବିଦ୍ୟାଳୟକୁ ଯାଇ ୧୨୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୯ ଜଣ ଛାତ୍ରୀଛାତ୍ରଙ୍କୁ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ମଧ୍ୟ ଡାକ୍ତରୀ ଟିମ ବିଦ୍ୟାଳୟ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଖବର ପାଇ ନବରଙ୍ଗପୁରରୁ ଏକ ଡାକ୍ତରୀ ଓ ନମୁନା ପରୀକ୍ଷା ଟିମ୍ ବିଦ୍ୟାଳୟକୁ ଯାଇ ପାଣି ଓ ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି। ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଯିବ ବୋଲି ଡାକ୍ତରୀ ଟିମ୍ ସଦସ୍ୟ ସୂଚନା ଦେଇଛନ୍ତି। ପ୍ରାଥମିକ ତଦନ୍ତରୁ ଛାତ୍ରୀଛାତ୍ର ବ୍ୟବହାର କରୁଥିବା ପାନୀୟ ଜଳରେ ଜିରୋ ବ୍ଲିଚିଂ ଥିବା ଜଣାପଡ଼ିଛି। ଡାକ୍ତରୀ ଟିମ୍ ଝାଡ଼ାବାନ୍ତି ବ୍ୟାପିବାର କାରଣ ଖୋଜୁଛି। ବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ସାହୁ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା କହିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ସ୍କୁଲରେ ହିଁ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା କରାଇବା ସପକ୍ଷରେ ରହିଛନ୍ତି।

# ଅନ୍ତର୍ଭୁକ୍ତି ଅଭିବୃଦ୍ଧି ପାଇଁ ପର୍ଯ୍ୟଟନ

**ଆଜି ଜାତୀୟ ପର୍ଯ୍ୟଟନ ଦିବସ**

ଭୁବନେଶ୍ୱର(ବନ୍ଦନା ସେଠୀ)

ଭାରତରେ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ସହିତ ଏହାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜାନୁଆରୀ ୨୫ରେ ଜାତୀୟ ପର୍ଯ୍ୟଟନ ଦିବସ ପାଳିତ ହୋଇଆସୁଛି। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି 'ଅନ୍ତର୍ଭୁକ୍ତି ଅଭିବୃଦ୍ଧି ପାଇଁ ପର୍ଯ୍ୟଟନ'। ପର୍ଯ୍ୟଟନର ଅର୍ଥ କେବଳ ବୁଲାବୁଲି କରିବା ବା ନୂତନ ସ୍ଥାନ ଦେଖିବା ନୁହେଁ, ବରଂ ଏହା ଦେଶର ଆର୍ଥିକ ଅଭିବୃଦ୍ଧିର ଏକ ବୃହତ୍ ମାଧ୍ୟମ। ସେହିପରି ପର୍ଯ୍ୟଟନ ପାଇଁ ଭାରତର ବିବିଧତା ଏବଂ ସମୃଦ୍ଧ ସଂସ୍କୃତି, ହସ୍ତଶିଳ୍ପ, ପାରମ୍ପରିକ ବସ୍ତ୍ର, ଭୋଜନ ଆଦି ବିଶ୍ୱ ଦରବାରରେ ପରିଚିତ ହୋଇପାରୁଛି। ତେଣୁ ଦେଶର ଅର୍ଥବ୍ୟବସ୍ଥାର ଉନ୍ନତି ଏବଂ ପର୍ଯ୍ୟଟନର ମହତ୍ତ୍ୱ ସମ୍ପର୍କରେ ସଚେତନତା ବଢାଇବା ପାଇଁ ଜାନୁଆରୀ ୨୫କୁ ଜାତୀୟ ପର୍ଯ୍ୟଟନ ଦିବସ ଭାବେ ପାଳନ କରାଯାଉଛି। ଦେଶ ସ୍ୱାଧୀନ ହେବା ପରେ ୧୯୪୮ ମସିହାଠାରୁ ଜାତୀୟ ପର୍ଯ୍ୟଟନ ଦିବସ ପାଳିତ ହୋଇଆସୁଛି। ତେବେ ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ଅଧିକ ସଚେତନ କରିବା ପାଇଁ ପର୍ଯ୍ୟଟନ ଯାତାୟତ ସମିତି ଗଠନ ହୋଇଥିଲା। ଏହାର ୩ବର୍ଷ ପରେ ୧୯୫୧ରେ କୋଲକାତା ଏବଂ ଚେନ୍ନାଇରେ ପର୍ଯ୍ୟଟନ ଦିବସ ପାଇଁ କ୍ଷେତ୍ରୀୟ କାର୍ଯ୍ୟାଳୟ ସ୍ଥାପନ ହୋଇଥିଲା। ସେହିପରି ମୁମ୍ବାଇ, ଦିଲ୍ଲୀ ଏବଂ କୋଲକାତାରେ ପର୍ଯ୍ୟଟନ କାର୍ଯ୍ୟାଳୟ ସ୍ଥାପନ ହୋଇଥିଲା। ପରେ ୧୯୯୮ରେ ପର୍ଯ୍ୟଟନ ଏବଂ ସଞ୍ଚାର ମନ୍ତ୍ରୀଙ୍କ ନେତୃତ୍ୱରେ ପର୍ଯ୍ୟଟନ ବିଭାଗର ସ୍ଥାପନା ହୋଇଥିଲା। ଭାରତର ଜିଡିପିରେ ପର୍ଯ୍ୟଟନ କ୍ଷେତ୍ରର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଏହାଦ୍ୱାରା ଲକ୍ଷଲକ୍ଷ ଲୋକ ରୋଜଗାର ପାଇବା ସହିତ ଦେଶର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବାରେ ସହାୟକ ହେଉଛି।





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସଂଘର୍ଷ କାହାଣୀ ବଖାଣିଲେ ସଫଳ କନ୍ୟା

**'ରାଇଜିଂ ବିୟଣ୍ଡ ଶାଡୋ' ପୁସ୍ତକ ଉନ୍ମୋଚିତ**

ଭୁବନେଶ୍ୱର, ୨୪।୧ (ବନ୍ଦନା ସେଠୀ)

ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ, ବାଲ୍ ରକ୍ଷା ଭାରତ ଏବଂ ଆଶାଏଁ ଟ୍ରଷ୍ଟର ମିଳିତ ସହଯୋଗରେ ଜାତୀୟ କନ୍ୟା ସନ୍ତାନ ଦିବସ ତଥା ଅନ୍ତର୍ଜାତୀୟ ଶିକ୍ଷା ଦିବସ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ କୁମାର ପୂଜାରୀ ଯୋଗଦେଇ ପିଲାଙ୍କ ମଧ୍ୟରେ ଜନନେତା ହେବାର ସମ୍ଭାବନାକୁ ଦେଖୁଥିବା ପ୍ରକାଶ କରିଥିଲେ। ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀ କରଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିକୂଳ ପରିବେଶରେ ପଛକୁ ନ ହଟି ନିଜ ତଥା ନିଜ ଅଞ୍ଚଳର ପିଲାଙ୍କ ପାଇଁ ପ୍ରେରଣାର ସ୍ରୋତ ପାଲଟିଥିବା ଝିଅମାନଙ୍କ ଭାବପୂର୍ଣ୍ଣ କାହାଣୀ ସମସ୍ତଙ୍କୁ ଅଭିଭୂତ କରିଥିଲା। ଆଶାଏଁ ଅନୁଷ୍ଠାନର ବିକ୍ରମ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବାଲ୍ ରକ୍ଷା ଭାରତର ଡ. ଅଭିଜିତ ଭଦ୍ରା କନ୍ଧମାଳ, ବୌଦ୍ଧ ଏବଂ ଖୋର୍ଦ୍ଧା ଆଦି ବିଭିନ୍ନ ଜିଲାର ଚାମ୍ପିଆନ୍‌ମାନଙ୍କ ପ୍ରେରଣାଦାୟକ ଘଟଣା ଉପସ୍ଥାପନା କରିଥିଲେ। ଏହି ଅବସରରେ 'ରାଇଜିଂ ବିଅଣ୍ଡ ଶାଡୋ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିରେ ଯୁବ ପରିବର୍ତ୍ତନ କର୍ମୀଙ୍କ ଅସାଧାରଣ ଯାତ୍ରାକୁ ଉପସ୍ଥାପନା କରାଯାଇଛି। ବୌଦ୍ଧ ଜିଲାର ପିଲାଙ୍କ ଦ୍ୱାରା ସଚେତନତା ନାଟକ ପରିବେଷଣ ହୋଇଥିଲା। ଅନୁଷ୍ଠାନ ଏବଂ ବାଲ୍ ରକ୍ଷା ଭାରତ ପକ୍ଷରୁ ପଥପ୍ରାନ୍ତ ଶିଶୁମାନଙ୍କ ଶିକ୍ଷା ଓ ସୁରକ୍ଷା ସମ୍ପର୍କିତ ଦାବିପତ୍ର ଅତିଥିଙ୍କୁ ପ୍ରଦାନ କରାଯାଇଥିଲା। ଆଶାଏଁର ପି. ଲକ୍ଷ୍ମୀ ରେଡ୍ଡୀ ଓ ପାୟଲ ବେହେରା ନିଜ ସଂଘର୍ଷ କାହାଣୀ ମାଧ୍ୟମରେ ପଥପ୍ରାନ୍ତ ପିଲାଙ୍କ ସମସ୍ୟା ବର୍ଣ୍ଣନା କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟକ୍ରମ ନିମନ୍ତେ ୩୦ଜଣ ଶିଶୁ ଚାମ୍ପିଆନ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଆରକ୍ଷୀ ଅଧିକ୍ଷକ ଅସ୍ମିତା ପାରମିତା, ବାଲ୍‌ରକ୍ଷା ଭାରତର କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମୁଖ୍ୟ ପ୍ରଦୀପ ମିଶ୍ର ଯୋଗଦେଇଥିଲେ। ଉଦ୍‌ଘାଟନୀ ସଭା ପରେ ପିଲାଙ୍କ ଶିକ୍ଷା ଅଧିକାର ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ଓସେପା ଯୁଗ୍ମ ନିର୍ଦ୍ଦେଶକ ମହେଶ୍ୱର ସାହୁ, ଓଡିଶା ଶିକ୍ଷା ଅଧିକାର ଫୋରମର ପ୍ରତିଷ୍ଠାତା ଅନିଲ କୁମାର ପ୍ରଧାନ, ଆଶାଏଁ ଅଧ୍ୟକ୍ଷ ରତ୍ନାକର ସାହୁ, ଡମଣା ହାଇସ୍କୁଲ ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ ପ୍ରମୁଖ ଯୋଗଦେଇ ପିଲାଙ୍କ ଶିକ୍ଷା ଅଧିକାରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।



ରାଜସ୍ୱ ମନ୍ତ୍ରୀ ସୁରେଶ କୁମାର ପୂଜାରୀ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।



ନୈତିକତା ଏକ କୃତ୍ରିମ ମାନଦଣ୍ଡରେ ସମସ୍ତଙ୍କୁ ଠିଆ କରିବାକୁ ଚାହୁଁଥିଲା ବେଳେ, ଆଧ୍ୟାତ୍ମିକତା ଜୀବନର ବହୁ ବୈଚିତ୍ର୍ୟ ଭିତରେ ଲୀଳାୟିତ ହୁଏ। ଏହା ମଧ୍ୟ ଆତ୍ମାର ସ୍ୱାଧୀନତାକୁ ସାବ୍ୟସ୍ତ କରେ।–ଶ୍ରୀମା

-ଷଟ୍‌ତିଳା ଏକାଦଶୀ ଉପବାସ, ଓଲାଶୁଣୀ ମେଳା, ହଳ ନିଷେଧ



# ହ୍ୱିସିଲବ୍ଲୋୟରଙ୍କ ବଦଳି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଜମ୍ମୁ-କଶ୍ମୀରର ଦୁର୍ନୀତି ନିବାରଣ ବ୍ୟୁରୋ(ଏସିବି)ର ତିନିଜଣ ଅଧିକାରୀଙ୍କୁ ସ୍ୱରାଷ୍ଟ୍ର ବିଭାଗରେ ପୁନଃନିଯୁକ୍ତ କରାଯାଇଛି। ସେମାନେ ଶ୍ରୀନଗର ସ୍ମାର୍ଟ ସିଟି ମିଶନରେ ହୋଇଥିବା ବ୍ୟାପକ ଦୁର୍ନୀତି ଅଭିଯୋଗର ତଦନ୍ତ କରୁଥିଲେ। ପ୍ରୋଜେକ୍ଟ କାର୍ଯ୍ୟକାରିତାରେ ବଡ଼ ଦୁର୍ନୀତି ହୋଇଥିଲା ବୋଲି ଏସ୍‌ପି ଅବଦୁଲ ୱାହିଦ ଶାହା ନାମକ ଜଣେ ଅଧିକାରୀ ସର୍ବସାଧାରଣରେ ପ୍ରକାଶ କରିବାର ଦିନକ ପରେ ଏହିସବୁ ବଦଳି କରାଯାଇଛି। ଶାହାଙ୍କ ଅନୁଯାୟୀ, ମିଶନକୁ କାର୍ଯ୍ୟକାରୀ କରିବା ପାଇଁ ସ୍ଥାପିତ ଶ୍ରୀନଗର ସ୍ମାର୍ଟ ସିଟି ଲିମିଟେଡ(ଏସ୍‌ଏସ୍‌ସିଏଲ୍)ର ବରିଷ୍ଠ ଅଧିକାରୀଙ୍କ ସମ୍ପତ୍ତି ସହିତ ସେମାନଙ୍କ ଘୋଷିତ ଆୟ ମେଳ ଖାଉ ନ ଥିଲା । ଏପରି କି ଏସିବି ଦୁର୍ନୀତି ନିବାରଣ ଅଧିନିୟମ ଅନୁଯାୟୀ ଏକ ମାମଲା ରୁଜୁ କରି ଏକାଧିକ ସ୍ଥାନରେ ଚଢାଉ କରିଥିଲା। ସେମାନଙ୍କ କାର୍ଯ୍ୟ ପାଇଁ ଅଧିକାରୀମାନଙ୍କୁ ପ୍ରଶଂସା କରିବା ପରିବର୍ତ୍ତେ ପ୍ରଶାସନ ସେମାନଙ୍କୁ ତଡ଼ିଦେଲା। ଏହା ହ୍ୱିସିଲବ୍ଲୋୟରଙ୍କୁ ଦଣ୍ଡିତ କରିବା ଭଳି ଘଟଣା ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ମେହେବୁବା ମୁଫତି ସିଧାସଳଖ କହିଥିଲେ। ଶ୍ରୀନଗର ଭଳି ସହରଗୁଡ଼ିକର କଳେବର ପରିବର୍ତ୍ତନ ପାଇଁ ସ୍ମାର୍ଟ ସିଟି ମିଶନ ୨୦୧୫ରେ ଆରମ୍ଭ ହୋଇଥିଲା। କିନ୍ତୁ ପ୍ରୋଜେକ୍ଟରେ ଅନିୟମିତତା ଓ ନିମ୍ନମାନର ଜିନିଷ ବ୍ୟବହାର ହେଉଥିବା ଅଭିଯୋଗ ଯଦି ସତ, ତେବେ ଏହା ସମ୍ପୂର୍ଣ୍ଣ ପ୍ରକଳ୍ପର ଦୁର୍ବଳ କାର୍ଯ୍ୟାନ୍ୱୟନକୁ ଦର୍ଶାଉଛି। ମୁଫତି ମଧ୍ୟ ଦର୍ଶାଇଛନ୍ତି ଯେ ଦୁର୍ନୀତିକୁ ଉଜାଗର କରିବା ବଦଳରେ ଅସନ୍ତୁଷ୍ଟଙ୍କୁ ନୀରବ କରିବା ପାଇଁ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅପବ୍ୟବହାର କରାଯାଉଛି। ଯଦି ଏହି ଧାରା ଜାରି ରହେ, ତେବେ କେବଳ ହ୍ୱିସିଲବ୍ଲୋୟର ନୁହନ୍ତି, ଏହା ଲୋକଙ୍କର କ୍ଷତି କରିବ। ଯଦି ହ୍ୱିସିଲବ୍ଲୋୟରଙ୍କୁ ଦଣ୍ଡ ଦିଆଯାଏ, ତେବେ ପରବର୍ତ୍ତୀ ସମୟରେ କିଏ ଦୁର୍ନୀତି ବିରୋଧରେ ମୁହଁ ଖୋଲିବ।

### ସଂସ୍କାରଭିତ୍ତିକ ନୀତି

ସରକାରୀ କାର୍ଯ୍ୟକୁ ବ୍ୟବସ୍ଥିତ କରିବା ସକାଶେ ଆର୍ଜେଣ୍ଟିନା ୪୦,୦୦୦ ପବ୍ଲିକ ସର୍ଭାଣ୍ଟଙ୍କ ପାଇଁ ଏକ ବାଧ୍ୟତାମୂଳକ 'ଯୋଗ୍ୟତା ବା ଦକ୍ଷତା ପରୀକ୍ଷା' କରିବାକୁ ନିଷ୍ପତ୍ତି ନେଇଛି । ଏଥିରେ ଦର୍ଶାଯାଇଛି ଯେ ସାମୟିକ ଚୁକ୍ତିଭିତ୍ତିକ କର୍ମଚାରୀମାନେ ସେମାନଙ୍କର ପଦବୀରେ ରହିବା ପାଇଁ ଏକ ଅନ୍‌ଲାଇନ ପରୀକ୍ଷା ପାସ୍ କରିବା ବାଧ୍ୟତାମୂଳକ। ଏହି ପଦକ୍ଷେପ ବିତ୍ତୀୟ ନିଅଣ୍ଟ ହ୍ରାସ କରିବା ଏବଂ ସରକାରୀ ଦକ୍ଷତା ବୃଦ୍ଧି ପାଇଁ ରାଷ୍ଟ୍ରପତି ଜାଭିୟର ମିଲେଇଙ୍କ ବ୍ୟାପକ ପ୍ରୟାସର ଏକ ଅଂଶ । ଏହି ନୀତିକୁ ଏଲନ ମସ୍କ ପ୍ରଶଂସା କରିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟ ମିଲେଇଙ୍କୁ ଜଣେ ଦୃଢ଼ ନେତା ବୋଲି ମତ ଦେଇଛନ୍ତି। ତେବେ ଭାରତ ସମେତ ଅନ୍ୟ ଦେଶଗୁଡ଼ିକରେ ଏଭଳି ନୀତି କାର୍ଯ୍ୟକାରୀ କରିବା ଉପରେ ପ୍ରଶ୍ନ ଉଠିଛି। ଭାରତରେ ବାବୁ ବା ସରକାରୀ କର୍ମଚାରୀଙ୍କୁ ପ୍ରାୟତଃ ଅହଙ୍କାରୀ, ଦୁର୍ନୀତିଗ୍ରସ୍ତ ଏବଂ ନାଗରିକଙ୍କ ପ୍ରତି ଉଦାସୀନ ବୋଲି ସମାଲୋଚନା କରାଯାଏ । ତେବେ ଏଭଳି ଦକ୍ଷତା ପରୀକ୍ଷା ସରକାରୀ ଚାକିରିଆଙ୍କ ଯୋଗ୍ୟତା ନିଶ୍ଚିତ କରି ସେମାନଙ୍କ ପ୍ରତି ଥିବା ନକାରାତ୍ମକ ଚିନ୍ତାଧାରା ଦୂର କରିପାରିବ। କିନ୍ତୁ ଭାରତର ବିରାଟ ଅମଲାତନ୍ତ୍ରରେ ଏକ ମାନକୀକୃତ ପରୀକ୍ଷା ପଦ୍ଧତି ଲାଗୁ କରିବା କଠିନ । ଚାକିରି ସୁରକ୍ଷାରୁ ଆରମ୍ଭ କରି ପର୍ଯ୍ୟାୟକ୍ରମିକ ମୂଲ୍ୟାଙ୍କନ କର୍ମଚାରୀଙ୍କ ମଧ୍ୟରେ ଚାପ ଏବଂ ଅସନ୍ତୋଷ ସୃଷ୍ଟି କରିପାରେ। ସିଭିଲ ସର୍ଭିସ ୟୁନିୟନ ଏବଂ ରାଜନୈତିକ ସଂଗ୍ରାମ ଏଭଳି ସଂସ୍କାରକୁ ବିରୋଧ ନ କରିବାର ସମ୍ଭାବନା ରହିଛି। ଶକ୍ତିଶାଳୀ ବାବୁଙ୍କ ଉପରେ ଲଗାମ ଲଗାଇବାରେ ଏହା ଏକ ଅତ୍ୟାବଶ୍ୟକ ପଦକ୍ଷେପ ଭାବେ ଜନସାଧାରଣ ସ୍ୱାଗତ କରିବେ। ଯଦି ଏଭଳି ସଂସ୍କାରଭିତ୍ତିକ ନୀତିକୁ ସୁଚିନ୍ତିତ ଭାବେ ଲାଗୁ କରାଯାଏ, ତେବେ ଏହା ସରକାରୀ ଓ ନାଗରିକଙ୍କ ମଧ୍ୟରେ ଥିବା ବିଶ୍ୱାସର ଅଭାବକୁ ଦୂର କରି ସରକାରୀ ଚାକିରିଆଙ୍କ ପ୍ରତି ଥିବା ଧାରଣାକୁ ବଦଳାଇପାରିବ।

### ବିକଶିତ ଆକାଂକ୍ଷା

ନିକଟରେ ୨୦୦୬ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଶିବଦୀପ୍ ୱାମାନ ରାଓ ଲାଣ୍ଡେଙ୍କ ଇସ୍ତଫାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଉଛି। ବ୍ୟକ୍ତିଗତ କାରଣ ଦର୍ଶାଇ ପାଟନା ପୋଲିସ ଟ୍ରେନିଂ ସେଣ୍ଟରର ଡିଜି ପଦବୀରୁ ଇସ୍ତଫା ଦେବା ଘଟଣା ରାଜନୀତି ପ୍ରବେଶ ମନୋଭାବକୁ ସୂଚିତ କରୁଛି। ଆଗକୁ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନରେ ପ୍ରଶାନ୍ତ କିଶୋରଙ୍କ ଦ୍ୱାରା ଗଠିତ ଜନ ସୁରଜ ପାର୍ଟି ଆଡ଼କୁ ଲାଣ୍ଡେ ଯୋଗ ଦେବେ ବୋଲି ଗୁଜବ ସୃଷ୍ଟି ହେଉଛି। ବିହାରରେ ଏହା ପ୍ରଥମ ଘଟଣା ନୁହେଁ। ଅମଲାତନ୍ତ୍ରୀମାନେ ସଂଘର୍ଷପୂର୍ଣ୍ଣ ନିର୍ବାଚନ ରାଜନୀତି ପାଇଁ ପ୍ରଶାସନିକ ବ୍ୟବସ୍ଥାର ସୁବିଧାକୁ ଛାଡ଼ିଦେବାର ଅନେକ ଉଦାହରଣ ରହିଛି। ବହୁ ସମୟରେ ଅନେକ ସଫଳ ସିଭିଲ ସର୍ଭାଣ୍ଟ ଭାଜପା କିମ୍ବା କଂଗ୍ରେସ ଭଳି ପ୍ରତିଷ୍ଠିତ ରାଜନୈତିକ ଦଳ ଆଡ଼କୁ ଆକର୍ଷିତ ହୋଇଛନ୍ତି। କିନ୍ତୁ ଏକ ନୂତନ ଦଳରେ ଲାଣ୍ଡେ ଯୋଗଦେବା ଉପରେ ଯେଉଁ ଆଲୋଚନା ହେଉଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଉଲ୍ଲେଖନୀୟ ଯେ ପ୍ରଶାନ୍ତ କିଶୋର ଭାରତର ଜଣେ ପଲିଟିକାଲ ଷ୍ଟ୍ରାଟେଜିଷ୍ଟ ଭାବେ ପ୍ରତିଷ୍ଠିତ ହେବା ପୂର୍ବରୁ ଜାତିସଂଘରେ କାର୍ଯ୍ୟ କରିଥିଲେ। ଅନ୍ତର୍ଜାତୀୟ ଅମଲାତନ୍ତ୍ରରୁ ଶୀଘ୍ର ରାଜନୈତିକ କ୍ଷେତ୍ରକୁ ପରିବର୍ତ୍ତନ କରିବା ପଥକୁ ଏବେ ଲାଣ୍ଡେ ଗ୍ରହଣ କରିବାକୁ ଯାଉଥିବା ମନେହେଉଛି। ଲାଣ୍ଡେ ସଫଳ ହେବେ କି ରାଜନୀତି କ୍ୟାରିଅରରେ ବିଫଳ ହୋଇଥିବା ବାବୁଙ୍କ ତାଲିକାରେ ସ୍ଥାନିତ ହେବେ ତାହା ସମୟ କହିବ। ତେବେ ବର୍ତ୍ତମାନ ପାଇଁ ଏହା ଏକ ଦୃଢ଼ ପଦକ୍ଷେପ, ଯାହା ଭାରତର ବାବୁଙ୍କ ବିକଶିତ ଆକାଂକ୍ଷାକୁ ପ୍ରତିଫଳନ କରେ ।

Email: dilipcherian@gmail.com

# ସଂସ୍କୃତିର କଥା କୁହେ ସମ୍ବିଧାନ



ଗୋଲଖ ଚନ୍ଦ୍ର ଦାସ

୧୯୪୯, ନଭେମ୍ବର ୨୬ରେ ଭାରତ ସମ୍ବିଧାନକୁ ଗ୍ରହଣ କରିଥିଲା ଏବଂ ୧୯୫୦, ଜାନୁଆରୀ ୨୬ରେ ଏହାକୁ ଲାଗୁ କରାଯାଇଥିଲା। ଏହା ଭାରତୀୟ ଇତିହାସରେ ଏକ ନୂତନ ଯୁଗର ଆରମ୍ଭକୁ ଚିହ୍ନିଟ କରିଥିଲା। ଆଜିକାଲି କିଛି ଲୋକ ଭାରତୀୟ ସମ୍ବିଧାନ ବିଷୟରେ ବହୁତ କଥା କହୁଛନ୍ତି। ଏହିପରି ଲୋକମାନେ କୁହନ୍ତି, ଭାରତୀୟ ସମ୍ବିଧାନ ଆମକୁ ଧର୍ମ ଏବଂ ସଂସ୍କୃତି ବିଷୟରେ କହିବାକୁ ଅନୁମତି ଦିଏ ନାହିଁ। ଏହିପରି ଲୋକମାନେ ଜାଣିବା ଉଚିତ ଯେ, ଭାରତୀୟ ସମ୍ବିଧାନର ମୂଳ କପିରେ ଏପରି ଅନେକ ଚିତ୍ର ରହିଛି, ଯାହା ଭାରତୀୟତା ଏବଂ ସଂସ୍କୃତି ସହିତ ଜଡ଼ିତ। କିଛି ଚିତ୍ର ଆମ ସଂସ୍କୃତିକୁ ପ୍ରତିଫଳିତ କରେ, କିଛି ଆମ ଧର୍ମର ସ୍ୱରୂପ ବିଷୟରେ ସୂଚୀତ କରେ। କେହି କେହି ଆମର ଗୌରବମୟ ଇତିହାସ ସଂପର୍କରେ ଉଲ୍ଲେଖ କରନ୍ତି। କେତେକ ସ୍ୱାଧୀନତା ଆନ୍ଦୋଳନର ନାୟକଙ୍କ ଉପରେ ଧ୍ୟାନ ଦିଅନ୍ତି। କେତେକ ଭାରତୀୟ କଳା ସହିତ ଜଡ଼ିତ ଥିବାବେଳେ ଅନ୍ୟ କେତେକ ଆମର ପ୍ରାକୃତିକ ସୌନ୍ଦର୍ଯ୍ୟ ବିଷୟରେ ସୂଚନା ଦେଉଛନ୍ତି। ସମ୍ବିଧାନର ନିର୍ମାତାମାନେ ଅତି ଉଦାର ଭାବରେ ସମ୍ବିଧାନରେ ଧର୍ମ ଏବଂ ସଂସ୍କୃତିକୁ ସ୍ଥାନ ଦେଇଛନ୍ତି।

ସମ୍ବିଧାନର ପ୍ରସ୍ତାବନାରେ 'ସତ୍ୟ ମେବ ଜୟତେ' ସହିତ ତିନି ମୁଖ ଥିବା ସିଂହର ଚିତ୍ର ଅଛି। ଏହା ଦର୍ଶାଏ ଯେ, ଭାରତ ଏକ ସ୍ୱାଧୀନ ଗଣତନ୍ତ୍ର ଦେଶ, ଭାରତୀୟଙ୍କ ବ୍ୟତୀତ ଆଉ କେହି ଭାରତ ଉପରେ ଶାସନ କରିବେ ନାହିଁ। ହାତୀ, ଘୋଡ଼ା, ଷଣ୍ଢ ଏବଂ ବାଘର ଚିତ୍ରଗୁଡ଼ିକ ଦର୍ଶାଏ ଯେ, ଭାରତର ଦେଶ କ'ଣ ହେବ ଏବଂ ଏହାର ନାଗରିକଙ୍କ ପ୍ରତି କିପରି ବ୍ୟବହାର କରାଯିବ। ସମ୍ବିଧାନର ପ୍ରଥମ ଭାଗରେ ଭାରତର ସଂଜ୍ଞା ଦିଆଯିବା ପୂର୍ବରୁ ପ୍ରଥମ ପୃଷ୍ଠାରେ ନନ୍ଦୀଙ୍କ ଚିତ୍ର ସହିତ କିଛି ପ୍ରାଚୀନ ପ୍ରତୀକ ଅଛି। ଏହା ମାଧ୍ୟମରେ କୁହାଯାଇଛି ଯେ, ଭାରତ ହେଉଛି ଏକ ପ୍ରାଚୀନ ସଂସ୍କୃତି ଏବଂ ସନାତନ ରାଷ୍ଟ୍ରର ଉଦ୍‌ଘୋଷ ସହିତ ଚାଲୁଥିବା ଦେଶ। ସମ୍ବିଧାନର ଦ୍ୱିତୀୟ ଭାଗରେ ଆଶ୍ରମ ଅର୍ଥାତ୍ ବୈଦିକ ସମୟର ଗୁରୁକୁଳ ଦୃଶ୍ୟ ଦର୍ଶାଯାଇଛି। ଏହା ଉଲ୍ଲେଖ କରିଥାଏ ଯେ, ଭାରତ ଶିକ୍ଷା ପ୍ରଦାନ କରୁଥିବା ଗୁରୁ, ହବନ କରୁଥିବା ସାଧୁ, ଭିକ୍ଷୁ ଏବଂ କୁଟୀରରେ ବାସ କରୁଥିବା ଲୋକମାନଙ୍କ ତପସ୍ୟା ଆଧାରରେ ଚାଲୁଥିବା ଦେଶ। ଏହା ବ୍ୟତୀତ ପଶୁ, ପକ୍ଷୀ ଏବଂ ପରିବେଶର ସୁରକ୍ଷାକାରୀ ଉଦ୍ଭିଦରେ ପରିପୂର୍ଣ୍ଣର ଦେଶ ଭାରତ। ତୃତୀୟ ଭାଗରେ ମୂଳ ଅଧିକାର ବର୍ଣ୍ଣନା କରିବା ପୂର୍ବରୁ ରାମାୟଣର ଏକ ଦୃଶ୍ୟ ରହିଛି । ଏଥିରେ





ପ୍ରଭୁ ଶ୍ରୀରାମଙ୍କ ଲଙ୍କା ଉପରେ ବିଜୟ ଏବଂ ମାତା ସୀତାଙ୍କ ଉଦ୍ଧାର ଚିତ୍ରିତ ହୋଇଛି। ଏହାର ଅର୍ଥ ହେଉଛି ଯେ, ଭାରତରେ ନାଗରିକମାନେ ରାମରାଜ୍ୟ ପରି ସମାନ ମୌଳିକ ଅଧିକାର ପାଇବେ ଏବଂ ଶାସନ ରାମରାଜ୍ୟ ପରି ସମାନ ହେବ। ଚତୁର୍ଥ ଭାଗରେ ଯୁଦ୍ଧ ପୂର୍ବରୁ କୁରୁକ୍ଷେତ୍ରରେ ପ୍ରଭୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଧର୍ମ ସ୍ଥାପନା ପାଇଁ ଗୀତା ଶିକ୍ଷା ଦେଉଥିବାର ଚିତ୍ର ରହିଛି । ଏହା ମାଧ୍ୟମରେ କୁହାଯାଇଛି ଯେ, କୌଣସି ନାଗରିକଙ୍କ ଅଧିକାରକୁ ଉଲ୍ଲଂଘନ କରିବାକୁ ଦିଆଯିବ ନାହିଁ। ଭାଗ ପାଞ୍ଚରେ ଭାରତ ସଂଘ ଏବଂ ସରକାରଙ୍କ ଅଧିକାର-କର୍ତ୍ତବ୍ୟ, ନିୟମ କର୍ମ ପୂର୍ବରୁ ବୁଦ୍ଧଙ୍କ ଜୀବନର ଏକ ଝାଙ୍କି ଦେଖାଯାଇଛି। ଷଷ୍ଠ ଭାଗରେ ଭଗବାନ୍ ମହାବୀରଙ୍କ ଜୀବନ ସହ ଜଡ଼ିତ ଏକ ଚିତ୍ର ଦିଆଯାଇଛି। ବୁଦ୍ଧ ଏବଂ ମହାବୀରଙ୍କ ଚିନ୍ତାଧାରା ଜୀବଜନ୍ତୁଙ୍କ ପ୍ରତି ଦୟା ଏବଂ ସମାନତା ଉପରେ ଗୁରୁତ୍ୱ ଦେଇଥାଏ। ଏହାର ଅର୍ଥ ବ୍ୟାଖ୍ୟା କରାଯାଇପାରେ ଯେ, ଭାରତ ସଂଘ ପ୍ରତ୍ୟେକ ଜୀବ ପ୍ରତି ସମ୍ବେଦନଶୀଳ ଏବଂ ପ୍ରତ୍ୟେକ ନାଗରିକଙ୍କୁ ସମାନ ବ୍ୟବହାର କରେ। ଭାରତ ତଥା ବିଦେଶରେ ବୌଦ୍ଧ ଧର୍ମର ପ୍ରସାର କରୁଥିବା ଅଶୋକଙ୍କ ଏକ ଚିତ୍ର ରହିଛି। ଅଷ୍ଟମ ଭାଗରେ କେନ୍ଦ୍ରଶାସିତ ପ୍ରଦେଶର ଉପଯୋଗ ସମଗ୍ର ଦେଶ ପାଇଁ କିପରି ହେବ, ଏହି ବିଷୟ ଉଲ୍ଲେଖ କରିବା ପୂର୍ବରୁ ଗୁପ୍ତ ସମୟ କଳାର ଏକ ଚିତ୍ର ରହିଛି । ଏଥିରେ ହନୁମାନଜୀ ସଞ୍ଜୀବନୀ ଔଷଧ ଆଣିଥିବାର ଦେଖାଯାଇଛି। ଭାଗ ନଅରେ ବିକ୍ରମାଦିତ୍ୟଙ୍କ ରାଜକୀୟ ଚିତ୍ର ଚିତ୍ରିତ ହୋଇଛି। ଭାଗ ଦଶରେ ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟର ଏକ ଚିତ୍ର ଚିତ୍ରିତ ହୋଇଛି। ଏହା ମାଧ୍ୟମରେ କୁହାଯାଇଛି ଯେ, ପ୍ରାଚୀନ କାଳରୁ ଭାରତ ଶିକ୍ଷାର କେନ୍ଦ୍ର ହୋଇଆସୁଛି। ଭାଗ ଏଗାରରେ ଓଡ଼ିଶାର ଏକ ମୂର୍ତ୍ତି ଖୋଦିତ ହୋଇଛି। ଭାଗ ବାରରେ ଅର୍ଥ, ସମ୍ପତ୍ତି ଏବଂ ଅଧିକାର ବିଷୟରେ ଆଲୋଚନା କରିବା ପୂର୍ବରୁ ପ୍ରଭୁ ନଟରାଜାଙ୍କ ଚିତ୍ର ଉଲ୍ଲେଖ କରାଯାଇଛି। ଭାଗ ତେରରେ ମହାବାଲିପୁରମ୍ ମୂର୍ତ୍ତିର ଏକ ଦୃଶ୍ୟ ରହିଛି। ଏଥିରେ ଭାଗୀରଥଙ୍କ ତପ ଏବଂ ଗଙ୍ଗା ଅବତରଣର ଦୃଶ୍ୟ ଚିତ୍ରିତ ହୋଇଛି। ଭାଗ ଚଉଦରେ ଆକବରଙ୍କ ଚିତ୍ର ଏବଂ ମୋଗଲ ସ୍ଥାପତ୍ୟକୁ ଚିତ୍ରଣ କରାଯାଇଛି। ଭାଗ ପନ୍ଦରରେ ଛତ୍ରପତି ଶିବାଜୀ ମହାରାଜ ଏବଂ ଗୁରୁ ଗୋବିନ୍ଦ ସିଂ ଜୀଙ୍କର ଚିତ୍ର ରହିଛି। ଏହାର ବାର୍ତ୍ତା ହେଉଛି ଶିବାଜୀ ମହାରାଜଙ୍କ ପରି ରାଜା ଏବଂ ଗୁରୁ ଗୋବିନ୍ଦ ସିଂଙ୍କ ପରି ଗୁରୁମାନେ ରହିବା ଉଚିତ୍। ବାସ୍ତବରେ ଯଦି ଭାରତ ଏପରି ରାଜା ଓ ଗୁରୁମାନଙ୍କୁ ପାଏ, ତେବେ ଭାରତ ବିଶ୍ୱର ଅଗ୍ରଣୀ ହୋଇପାରିବ। ଭାଗ ଷୋଳରେ ବ୍ରିଟିଶ୍‌ମାନଙ୍କ ବିରୋଧରେ ଲଢ଼ାଇ କରିଥିବା ରାଣୀ ଲକ୍ଷ୍ମୀବାଈଙ୍କ ଚିତ୍ର ସ୍ଥାନ ପାଇଛି। ଏହାର ଅର୍ଥ ହେଉଛି ଭାରତ ବୀରାଙ୍ଗନାଙ୍କ ଧରିତ୍ରୀ ଏବଂ ସେ ଦେଶ ସ୍ୱାଧୀନତା ପାଇଁ ସବୁକିଛି ବଳିଦାନ ଦେଇପାରିବେ। ଭାଗ ସତରରେ ଗାନ୍ଧିଜୀଙ୍କ ଦାଣ୍ଡିଯାତ୍ରା ଏବଂ ଭାଗ ଅଠରରେ ଗାନ୍ଧୀଙ୍କ ନୂଆଖାଲୀ ଗସ୍ତକୁ ଚିତ୍ରଣ କରାଯାଇଛି। ଭାଗ ଉଣେଇଶରେ ସେହି ବୀରମାନଙ୍କୁ ଚିତ୍ରଣ କରାଯାଇଛି, ଯେଉଁମାନେ ଭାରତ ବାହାରେ ଭାରତକୁ ସ୍ୱାଧୀନ କରିବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରେ ମୁଖ୍ୟ ହେଉଛନ୍ତି ନେତାଜୀ ସୁଭାଷ ଚନ୍ଦ୍ର ବୋଷ। ଭାଗ କୋଡ଼ିଏରେ ହିମାଳୟର ଦୃଶ୍ୟ ଦର୍ଶାଯାଇଛି। ଏହା ମାଧ୍ୟମରେ ଆମର ପ୍ରାକୃତିକ ବୈଶିଷ୍ଟ୍ୟଗୁଡ଼ିକ କ'ଣ ତାହା ବ୍ୟାଖ୍ୟା କରାଯାଇଛି । ଭାଗ ଏକୋଇଶ ଏବଂ ବାଇଶରେ ମରୁଭୂମି ଦୃଶ୍ୟ ରହିଛି । ଏହି ଚିତ୍ରଗୁଡ଼ିକ ଦେଖିବା ପରେ, ଏହା କିପରି କୁହାଯାଇପାରେ ଯେ ଭାରତର ସମ୍ବିଧାନ ଧର୍ମ ଏବଂ ସଂସ୍କୃତି ବିଷୟରେ କଥାବାର୍ତ୍ତା କରେ ନାହିଁ? ଡ. ଭୀମରାଓ ଆମ୍ବେଡକରଙ୍କ ସ୍ୱପ୍ନକୁ ପୂରଣ କରି ଏକ ସମତାପୂର୍ଣ୍ଣ ଓ ପ୍ରଜ୍ଞାଦୀପ୍ତ ସମାଜ ବ୍ୟବସ୍ଥା ପ୍ରସ୍ଥାପନ କରିବାକୁ ହେଲେ ସମ୍ବିଧାନକୁ ଶତ ପ୍ରତିଶତ କାର୍ଯ୍ୟକାରୀ କରିବାକୁ ହେବ। ସମ୍ବିଧାନ ପ୍ରଣୟନରେ ୨ ବର୍ଷ ୧୧ ମାସ ୧୮ ଦିନ ସମୟ ଲାଗିଥିଲା। ୬୦ରୁ ଅଧିକ ଦେଶର ସମ୍ବିଧାନଗୁଡ଼ିକର ଅଧ୍ୟୟନ ଏବଂ ସୁଦୀର୍ଘ ଆଲୋଚନା ପରେ ଆମ ସମ୍ବିଧାରର ଡ୍ରାଫ୍ଟ ତିଆରି ହୋଇଥିଲା। ଡ୍ରାଫ୍ଟ ତିଆରି ହେବା ପରେ ଏହାକୁ ଚୂଡ଼ାନ୍ତ ରୂପ ଦିଆଯିବା ପୂର୍ବରୁ ସେଥିରେ ୨ ହଜାରରୁ ଅଧିକ ସଂଶୋଧନ କରାଯାଇଥିଲା। ୧୯୫୦ ମସିହାରେ ସମ୍ବିଧାନ କାର୍ଯ୍ୟକାରୀ ହେବାପରେ ମଧ୍ୟ ଆଜି ପର୍ଯ୍ୟନ୍ତ ମୋଟ ୧୦୬ ଥର ସମ୍ବିଧାନରେ ସଂଶୋଧନ କରାଯାଇଛି। ବିଶ୍ୱର ଅନେକ ରାଷ୍ଟ୍ର ଭାବିଥିଲେ ନୂଆ ସମ୍ବିଧାନ ଅନୁସାରେ ଭାରତର ଶାସନ ତିଷ୍ଠି ପାରିବ ନାହିଁ ; ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣର ଲୋକଙ୍କୁ ଏହି ସମ୍ବିଧାନ ଏକାଠି କରିପାରିବ ନାହିଁ , ତେଣୁ ଭାରତୀୟ ଗଣତନ୍ତ୍ର ବେଶୀଦିନ ତିଷ୍ଠି ପାରିବ ନାହିଁ । କିନ୍ତୁ ସମସ୍ତଙ୍କ ଆଶା, ଆକାଂକ୍ଷା ମିଥ୍ୟା ପ୍ରମାଣିତ ହୋଇଛି। ଅନେକ ଘାତ-ପ୍ରତିଘାତ ଓ ଆହ୍ୱାନ ମଧ୍ୟରେ ଭାରତର ସମ୍ବିଧାନକୁ ନେଇ ଭାରତ ତାହାର ବିକାଶ ପଥରେ ଆଗେଇ ଚାଲିଛି।

**ଘିଗିଡ଼ିଆ, ବାରୁଅ, କେନ୍ଦ୍ରାପଡ଼ା**
**ମୋ: ୯୮୬୧୦୬୯୫୫୩**

# ମିୟାୱାକି-ବନୀକରଣର ନୂତନ ମାର୍ଗ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ପ୍ରୟାଗରାଜ ପୁଣ୍ୟସ୍ଥଳୀରେ ସମ୍ପ୍ରତି ଆରମ୍ଭ ହୋଇଥିବା ୨୦୨୫ ମହାକୁମ୍ଭ ମେଳାର ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିୟୁତ ସଂଖ୍ୟାରେ ଭକ୍ତଙ୍କର ସମାଗମକୁ ଦୃଷ୍ଟିରେ ରଖି ସ୍ଥାନୀୟ ମହାନଗର ନିଗମ ସମର୍ପିତ ଭାବରେ ଅନେକ ଦିଗରୁ ପୂର୍ବପ୍ରସ୍ତୁତି ଜାରିରଖିଛି। ଏଥିରେ ଅନ୍ତର୍ଭୁକ୍ତ ରହିଛି ସହରରେ ଏକ ସ୍ୱଚ୍ଛ, ସବୁଜ, ପ୍ରଦୂଷଣମୁକ୍ତ ପରିବେଶ ସ୍ଥାପନ, ଯେଉଁ ଉଦ୍ଦେଶ୍ୟରେ ବିଗତ ଦୁଇବର୍ଷ ଧରି ଜାପାନୀ ମିୟାୱାକି ପଦ୍ଧତି ଅବଲମ୍ବନରେ ଏକାଧିକ ପ୍ରାକୃତିକ ଅମ୍ଳଜାନ ବ୍ୟାଙ୍କ ପ୍ରତିଷ୍ଠା କରିବାର ପ୍ରୟାସ ସମ୍ପନ୍ନ ହୋଇଛି। ନଗରବନ ସୃଷ୍ଟି ପ୍ରଚେଷ୍ଟାରେ ବର୍ତ୍ତମାନ ୫୬,୦୦୦ ବର୍ଗମିଟର ପରିମିତ ଅଞ୍ଚଳ ଘନଜଙ୍ଗଲରେ ରୂପାନ୍ତରିତ ହୋଇଛି, ଯାହା କେବଳ ସବୁଜିମା ବୃଦ୍ଧିରେ ସହାୟକ ହୋଇନାହିଁ, ବରଂ ବାୟୁ ବିଶୁଦ୍ଧୀକରଣ, ଜଳ ସଂରକ୍ଷଣ, ମୃତ୍ତିକା ଅବକ୍ଷୟକୁ ରୋକିବା, ଜୈବବିବିଧତା ବୃଦ୍ଧି ଏବଂ ସର୍ବୋପରି ପରିବେଶର ଗୁଣାତ୍ମକ ମାନର ଉନ୍ନତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ତେବେ ଏହି ଜାପାନୀ ମିୟାୱାକି ପ୍ରକ୍ରିୟାରେ ସ୍ୱଳ୍ପ ସମୟରେ ଜଙ୍ଗଲ ସୃଷ୍ଟି ସମ୍ପ୍ରତି କ୍ରମଶଃ ଏକ ନୂତନ ଅଭିଯାନର ରୂପ ନେଉଛି, ଯାହାର ବିଶେଷତ୍ୱ ଏବଂ ହିତସାଧନ କିନ୍ତୁ ସାଧାରଣ ଲୋକଙ୍କର ଅଜ୍ଞତାରେ ରହିଛି। ଏହି ବନୀକରଣ ପ୍ରଣାଳୀ ଏହାର ଦକ୍ଷତା ଏବଂ ଏହା ପ୍ରଦାନ କରୁଥିବା ପର୍ଯ୍ୟାପ୍ତ ପରିବେଶଗତ ହିତସାଧନ ହେତୁ ବିଶ୍ୱବ୍ୟାପୀ ବ୍ୟାପକ ସ୍ୱୀକୃତି ଏବଂ ଗ୍ରହଣୀୟତା ହାସଲ କରିପାରିଛି। ଏହି ପଦ୍ଧତିର ଅନୁସରଣରେ ଏ ପର୍ଯ୍ୟନ୍ତ ସାରାବିଶ୍ୱରେ ପ୍ରାୟ ୩,୦୦୦ ଏବଂ ଭାରତରେ ୧୦୦ରୁ ଅଧିକ ଜଙ୍ଗଲ ସଫଳତାର ସହିତ ସୃଷ୍ଟି ହୋଇସାରିଛି। ଗୁଜରାଟର ଭୁଜ ଅଞ୍ଚଳରେ ସ୍ଥାପିତ ସ୍ମୃତିବନ ବିଶ୍ୱର ସବୁଠାରୁ ବଡ଼ ମିୟାୱାକି ଜଙ୍ଗଲର ମାନ୍ୟତା ହାସଲ କରିଥିଲାବେଳେ ହାଇଦ୍ରାବାଦ ସହରାଞ୍ଚଳ ପ୍ରଶାସନ ମିୟାୱାକି ପଦ୍ଧତି ଅବଲମ୍ବନରେ କେତୋଟି ଘନଜଙ୍ଗଲ ବା ନଗରବନ ସୃଷ୍ଟିକରି ସମ୍ପ୍ରତି ପରିବେଶ ପୁନରୁଦ୍ଧାରର ଏକ ଉତ୍ତମ ଦୃଷ୍ଟାନ୍ତ ସୃଷ୍ଟିକରିଛି।

ଜାପାନୀ ଉଦ୍ଭିଦ ବିଜ୍ଞାନୀ ଡ. ଅକିରା ମିୟାୱାକିଙ୍କ ନାମରେ ପରିଚିତ୍ ଏହି ଅଭିନବ କୌଶଳ ସମଗ୍ର ବିଶ୍ୱରେ ସହରାଞ୍ଚଳ ସବୁଜିମା ବୃଦ୍ଧିରେ ଏକ ବ୍ୟାପକ ପରିବର୍ତ୍ତନ ଆଣୁଛି। ଏହି ନିଆରା ବନୀକରଣ ପଦ୍ଧତିର ମୂଳ ନୀତି ହେଉଛି ସର୍ବନିମ୍ନ ୨୦-୫୦ ବିଭିନ୍ନ ସ୍ୱଦେଶୀ ଜାତିର ଉଦ୍ଭିଦକୁ ଖୁବ୍ ବ୍ୟବଧାନରେ ଏକତ୍ର ପରସ୍ପର ସନ୍ନିକଟରେ ରୋପଣ କରି ଏକ ପ୍ରାକୃତିକ ଜଙ୍ଗଲ ପରିସଂସ୍ଥାର ସୃଷ୍ଟିକୁ ଅନୁକରଣ କରିବା। ଏହି ପଦ୍ଧତି ଦ୍ରୁତ ଅଭିବୃଦ୍ଧି ଏବଂ ଘନ ସବୁଜିମାକୁ ସୁନିଶ୍ଚିତ କରେ, ଯାହା ସାଧାରଣତଃ ୩୦ଗୁଣ ଅଧିକ ଘନତ୍ୱ ଥିବା ଏବଂ ପାରମ୍ପରିକ ବୃକ୍ଷରୋପଣ ତୁଳନାରେ ୧୦ଗୁଣ ଅଧିକ ବେଗରେ ବଢୁଥିବା ଜଙ୍ଗଲର ସୃଷ୍ଟି ଘଟାଏ। ଏପରି ପଦକ୍ଷେପ ଗ୍ରହଣ ସ୍ୱଳ୍ପ ସମୟରେ ସହରାଞ୍ଚଳ ପରିବେଶର ଗୁଣାତ୍ମକ ମାନରେ ଉନ୍ନତି, ନିରନ୍ତରତା ହାସଲ ଦିଗରେ ପ୍ରୋତ୍ସାହନ ତଥା ଏହାର ଅଧିବାସୀଙ୍କ ସାମଗ୍ରିକ ସୁସ୍ଥତା ନିମନ୍ତେ ଅନେକ ଅବଦାନ ରଖେ।



ଏହି ପ୍ରକ୍ରିୟାର ପ୍ରମୁଖ ପଦକ୍ଷେପଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ପ୍ରଥମ କାର୍ଯ୍ୟ ହେଉଛି ଦେଶୀୟ ଜାତ ଉଦ୍ଭିଦ ସବୁର ଚୟନ, ଯାହା ସ୍ଥାନୀୟ ଜଳବାୟୁ, ମୃତ୍ତିକା ଏବଂ ଜୈବବିବିଧତା ସହିତ ଖାପଖୁଆଇ ଅତ୍ୟଧିକ ରକ୍ଷଣାବେକ୍ଷଣ କିମ୍ବା ରାସାୟନିକ ପୋଷାକର ପ୍ରୟୋଗ ବିନା ସୁରୁଖୁରୁରେ ନିଜକୁ ଅବସ୍ଥାପିତ କରିପାରନ୍ତି। ଏହି ପ୍ରଜାତିଗୁଡିକ ସ୍ଥାନୀୟ ଜଙ୍ଗଲ/ଅଞ୍ଚଳରୁ ମନୋନୀତ ଏବଂ ସାଧାରଣତଃ ବହୁସ୍ତରୀୟ ହୋଇଥା'ନ୍ତି, ଯେପରି କି ଉଚ୍ଚବୃକ୍ଷ, ବୁଦାଳିଆ ଗଛ ଏବଂ ଭୂମି ଆବରଣକାରୀ ଉଦ୍ଭିଦ। ମିୟାୱାକି ପଦ୍ଧତି ଚାରାରୋପଣ ନିମନ୍ତେ ଭୂପୃଷ୍ଠକୁ ସଫା ନ କରି ସମ୍ପୃକ୍ତ ମୃତ୍ତିକାର ଗୁଣାତ୍ମକ ମାନ ବୃଦ୍ଧି ଉପରେ ଗୁରୁତ୍ୱ ଆରୋପ କରେ, ଯାହା କମ୍ପୋଷ୍ଟ ଏବଂ ଅନ୍ୟାନ୍ୟ ଜୈବିକ ସାମଗ୍ରୀର ଉପଯୋଗ ଦ୍ୱାରା ସାଧିତ ହୁଏ। ଏହା ସ୍ଥାନୀୟ ପରିସଂସ୍ଥାରେ କୌଣସି ବାଧା ନ ଉପୁଜାଇ ରୋପିତ ଉଦ୍ଭିଦଗୁଡିକର ଦ୍ରୁତ ଅଭିବୃଦ୍ଧିକୁ ପର୍ଯ୍ୟାପ୍ତ ଭାବରେ ସମର୍ଥନ କରେ। ପରବର୍ତ୍ତୀ ପଦକ୍ଷେପ ହେଉଛି ପାରମ୍ପରିକ ପ୍ରକ୍ରିୟାରେ ଚାରାଗୁଡିକ୍ ମଧ୍ୟରେ ରହୁଥିବା ଅଧିକ ବ୍ୟବଧାନ ପରିବର୍ତ୍ତେ ଏଥିରେ ପରସ୍ପର ଲାଗି ଲାଗି ବିବିଧ ଜାତିର ଉଦ୍ଭିଦକୁ ଉଚ୍ଚ ଘନତ୍ୱରେ ରୋପଣ କରାଯାଏ, ଯେପରିକି ପ୍ରାକୃତିକ ଜଙ୍ଗଲରେ ହୋଇଥାଏ। ଏହା ସୂର୍ଯ୍ୟକିରଣ, ଜଳ ଏବଂ ପୋଷକତତ୍ତ୍ୱ ପ୍ରାପ୍ତି ନିମନ୍ତେ ପ୍ରତିଯୋଗିତାକୁ ଉତ୍ସାହିତ କରିଥାଏ, ଯାହା ପରବର୍ତ୍ତୀ ସମୟରେ ଉଦ୍ଭିଦଗୁଡିକର ଅଭିବୃଦ୍ଧି ହାରକୁ ତ୍ୱରାନ୍ୱିତ କରେ।

ପ୍ରତି ବର୍ଗମିଟରରେ ୩ରୁ ୫ଟି ଚାରାରୋପଣ କଲେ, ଏହା ପାରମ୍ପରିକ ବୃକ୍ଷରୋପଣ ତୁଳନାରେ ୧୦ ଗୁଣ ଅଧିକ ଦ୍ରୁତଗତିରେ ବଢ଼ିପାରେ। ଏହି କୌଶଳର ଉପଯୋଗ ଉଚ୍ଚବୃକ୍ଷଠାରୁ ଆରମ୍ଭ କରି ମଧ୍ୟ ଭାଗର ଗଛ ଏବଂ ଛୋଟବୁଦା ପର୍ଯ୍ୟନ୍ତ ଏକାଧିକ ସ୍ତରର ଜଙ୍ଗଲ ସୃଷ୍ଟିରେ ସହାୟକ ହୁଏ। ବିଭିନ୍ନ ଉଚ୍ଚତାରେ ସ୍ତର ସବୁର ସୃଷ୍ଟି ପ୍ରାକୃତିକ ଜଙ୍ଗଲ ପରିସଂସ୍ଥାକୁ ପ୍ରତିବିମ୍ବିତ କରେ ଏବଂ ବିଭିନ୍ନ ପ୍ରଜାତିର ଜୀବଙ୍କୁ ବାସସ୍ଥାନ ଯୋଗାଇ ଜୈବବିବିଧତାକୁ ସମୃଦ୍ଧ କରେ। ବନୀକରଣ ପ୍ରାରମ୍ଭର କିଛି ବର୍ଷ ପରେ ଏହି ଜଙ୍ଗଲ ମୁଖ୍ୟତଃ ଆତ୍ମନିର୍ଭରଶୀଳ ହୋଇ ଅଭିବୃଦ୍ଧି ହାସଲ କରେ। ମିୟାୱାକି ପଦ୍ଧତି କେବଳ ବୃକ୍ଷରୋପଣ ନୁହେଁ, ବରଂ ପରିବେଶ ସନ୍ତୁଳନ ପୁନରୁଦ୍ଧାର ପ୍ରସଙ୍ଗରେ ଏକ ସଫଳ ମାର୍ଗ। ସ୍ୱଦେଶୀ ପ୍ରଜାତି ଉଦ୍ଭିଦ ରୋପଣ ଦ୍ୱାରା ଏହି ଜଙ୍ଗଲ ସ୍ଥାନୀୟ ବନ୍ୟଜନ୍ତୁଙ୍କର ପ୍ରାକୃତିକ ବାସସ୍ଥାନକୁ ପୁନଃସ୍ଥାପିତ କରିବାରେ, ମୃତ୍ତିକାରେ ଜଳ ପୁନଃ ଭରଣା ହେବାରେ ଏବଂ ସହରୀ ଉତ୍ତାପ ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରେ। ସମୟକ୍ରମେ ଏହି ଜଙ୍ଗଲ ଏକ ଆତ୍ମନିର୍ଭରଶୀଳ, ସମୃଦ୍ଧ ପରିସଂସ୍ଥା ଭାବରେ ଅବସ୍ଥାପିତ ହୁଏ।

ଅତଏବ ମିୟାୱାକି ପଦ୍ଧତି ମାନବୀୟ କାର୍ଯ୍ୟକଳାପରେ ଅବକ୍ଷୟିତ ହୋଇଥିବା ଜଙ୍ଗଲ କିମ୍ବା ସହରୀକରଣ ପ୍ରକ୍ରିୟାରେ ହଜିଯାଇଥିବା ସ୍ଥାନୀୟ ଉଦ୍ଭିଦରାଜିକୁ ବୃକ୍ଷରୋପଣ ମାଧ୍ୟମରେ ଜୈବବିବିଧତାର ପୁନଃପ୍ରତିଷ୍ଠାକୁ ପ୍ରୋତ୍ସାହିତ କରେ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ: ୯୪୩୭୦୭୬୧୦୦**

## ଏଇ ଭାରତରେ

୫୦୦ ବର୍ଗଫୁଟ ଅଗଣାରେ ପରିବାଚାଷ କରି ମାସକୁ ୫,୦୦୦ ଟଙ୍କା ସଞ୍ଚୟ କରିପାରୁଛନ୍ତି କେରଳର ପଦ୍ମା ସୁରେଶ। ସେ ଏହି ଚାଷରେ ପରିବାରର ଆବଶ୍ୟକତା ପୂରଣ କରିବା ସହ ବଳକା ପରିବା ବଜାରରେ ବିକ୍ରି କରୁଛନ୍ତି। ପଦ୍ମାଙ୍କ ବୟସ ଏବେ ୪୮ । ସେ ସ୍କୁଲରେ ପଢିବା ସମୟରେ ତାଙ୍କ ପିତାଙ୍କ ସହ ବହୁ ସମୟ କୃଷି କାର୍ଯ୍ୟରେ କଟାଉଥିଲେ। କୃଷି ପ୍ରତି ପଦ୍ମାଙ୍କ ଆଗ୍ରହ ସେହି ସମୟରୁ ସୃଷ୍ଟି ହୋଇଥିଲା ଓ ବିବାହ ପରେ ସେ ଅଗଣାରେ ଗ୍ରୋ-ବ୍ୟାଗ୍‌ରେ ଚାଷ କରୁଛନ୍ତି। ୨୦୦ ଗ୍ରୋ-ବ୍ୟାଗ୍‌ରେ ସେ ଲଙ୍କା, ଚେରି, ଟମାଟୋ, ବିନ୍ସ, କାକୁଡ଼ି, ବାଇଗଣ, ଭେଣ୍ଡି ଓ ଶୀତଦିନେ କୋବି ଆଦି ୨୦ ପ୍ରକାର ପରିବା ଚାଷ କରୁଛନ୍ତି। ଏହି ଚାଷ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ହେଉଛି। ପଦ୍ମା ପରିବାର ପାଇଁ କେବଳ ଆଳୁ, ରସୁଣ, ପିଆଜ, ହଳଦୀ କିଣୁଛନ୍ତି। ସେ ପ୍ରତି ରବିବାର ପରିବା ବିକ୍ରି କରି ପାଖାପାଖି ୧୦୦୦ ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି। ଏହି ଚାଷ ପାଇଁ ଜୈବିକ ଖତ ଓ କୀଟନାଶକ ପ୍ରୟୋଗ କରୁଛନ୍ତି ଓ ଏସବୁକୁ ପଦ୍ମା ନିଜେ ପ୍ରସ୍ତୁତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ଜାନୁଆରୀ ୧୯୭୬

- ରାଜ୍ୟରେ ପ୍ରଥମକରି ଗୋଟିଏ ଦୁଗ୍ଧ ୟୁନିୟନ ଢେଙ୍କାନାଳଠାରେ ଗଢ଼ାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।
- ବଙ୍ଗୋପସାଗରରେ ଜୁଆର ଆସିବା ଫଳରେ ବାଂଲାଦେଶର ୮୦୦ ମତ୍ସ୍ୟଜୀବୀ ନିଖୋଜ।
- ଆଙ୍ଗୋଲା ପରିସ୍ଥିତିରେ ଦକ୍ଷିଣ ଆଫ୍ରିକା ସାମରିକ ହସ୍ତକ୍ଷେପ କରିଥିବାରୁ ଜାତିସଂଘର ସ୍ୱତନ୍ତ୍ର କମିଟିରେ ଏହାର ତୀବ୍ର ନିନ୍ଦା କରାଯାଇଛି।

## ଚିରନ୍ତନୀ

କେତେ ମଧୁ ମିଳନର ଦେଖିଲଇଁ ସ୍ୱପନ
କେତେ ଚୂତ ମଞ୍ଜରୀ ତୋଳିଲି
ବିଚ୍ଛେଦ-ଧାରେ ଯେତେ ବହିଯାଏ ରୁଧିର
ଅନ୍ତର ତଳେ ତାହା ବୋଳିଲି
ବିରହର ଦୋଳି ଚଢ଼ି ମିଳନର ମଳୟେ
କେବଳ ଜୀବନଯାକ ଦୋଳିଲି।
-(ଜୀବନ-ଦୋଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 6 | | | | 2 | 3 | | |
| 3 | | | 4 | | | | | |
| | | 9 | | | | | | |
| | | | | 5 | 4 | | | |
| | | | | | | 7 | 4 | |
| | 2 | | 1 | | 3 | | 8 | |
| | | | 9 | | | | 5 | |
| 7 | | | | | 8 | | 6 | |
| | 1 | 6 | | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 6 | 1 | 5 | 2 | 9 | 8 | 7 |
| 2 | 9 | 8 | 3 | 7 | 4 | 1 | 5 | 6 |
| 7 | 1 | 5 | 6 | 9 | 8 | 2 | 3 | 4 |
| 1 | 5 | 7 | 9 | 4 | 3 | 6 | 2 | 8 |
| 9 | 6 | 2 | 5 | 8 | 1 | 4 | 7 | 3 |
| 4 | 8 | 3 | 7 | 2 | 6 | 5 | 9 | 1 |
| 6 | 2 | 9 | 8 | 1 | 7 | 3 | 4 | 5 |
| 5 | 7 | 1 | 4 | 3 | 9 | 8 | 6 | 2 |
| 8 | 3 | 4 | 2 | 6 | 5 | 7 | 1 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପିଲାଏ ଜୀବନ ହାରୁଛନ୍ତି କାହିଁକି

ମହାଶୟ,

ଆତ୍ମହତ୍ୟା ଏକ ଚରମ ନିଷ୍ପତ୍ତି, କିନ୍ତୁ ଆହୁରି ଦୁଃଖଦାୟକ ହେଉଛି ମୃତବତ୍ ଜୀବନଯନ୍ତ୍ରଣାରେ ବଞ୍ଚିଥିବା ପିତାମାତାଙ୍କ ଦୁରବସ୍ଥା। ଯିଏ ଦୁନିଆକୁ ଭଲ ଭାବେ ଦେଖିବା ଶିଖିନି, ଦୁନିଆର କାରବାର ବିଷୟରେ ଜାଣିନି ସେଇ ବୟସର ପିଲାଏ ଜୀବନ ହାରିବାକୁ ବ୍ୟଗ୍ର କାହିଁକି ? ଗତ କିଛି ବର୍ଷ ଭିତରେ ଏଭଳି ଘଟଣା ବୃଦ୍ଧି ପାଇଛି। ବଡ଼ମାନଙ୍କ ହାବଭାବକୁ ଆପଣଙ୍କ ପରିବାର ଭିତରେ ଥିବା କୁନି ପିଲାଟି ନିରନ୍ତର ନିରୀକ୍ଷଣ କରିଚାଲିଛି। ପିଲାଟି ବିରକ୍ତ ହୋଇଯାଇଛି ନିଜ ଉପରେ। ପିଲାଟି ପାଠରେ ଟିକେ ପଛୁଆ। ନିଜର ସାଧ୍ୟମତେ ଚେଷ୍ଟା କରିଛି। କିନ୍ତୁ ଆଶାନୁରୂପ ଫଳ ପାଇପାରୁନାହିଁ। ଏଣେ ଘରକୁ ଗଲେ ବାପାମାଆଙ୍କ ଗାଳିମାଡ଼। ତା' ପ୍ରତି ହେଉଥିବା ଅବହେଳା ଓ ଅନ୍ୟାୟକୁ ସେ ଚୁପ୍‌ଚାପ ଗ୍ରହଣକରି ଚାଲିଛି। ସବୁବେଳେ ଅନ୍ୟ ପିଲାକୁ ନେଇ ତୁଳନାତ୍ମକ ଧାରା ବିବରଣୀ। ଶୈଶବ ହେଉଛି ଜୀବନର ସବୁଠାରୁ ସୁନ୍ଦର ମୁହୂର୍ତ୍ତ। ଗତ କିଛି ମାସ ଭିତରେ ରାଜ୍ୟର ଭିନ୍ନ ଭିନ୍ନ ଜିଲାରେ ପ୍ରାଥମିକ ଶ୍ରେଣୀରେ ପଢୁଥିବା ୩ଜଣ ଜନଜାତି ପିଲାଙ୍କ ଆତ୍ମହତ୍ୟା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଛୋଟପିଲାଙ୍କ ଜୀବନ ପ୍ରତି ଏଭଳି ବୀତସ୍ପୃହ ଭାବ ବାସ୍ତବିକ ଉଦ୍‌ବେଗର ବିଷୟ। ପିଲାଙ୍କ ଭିତରେ ଅଭିନବ ବ୍ୟାବହାରିକ ପରିବର୍ତ୍ତନ ଅଭିଭାବକ, ଶିକ୍ଷକ ସର୍ବୋପରି ସମାଜ ପାଇଁ ଚିନ୍ତା ବଢ଼ାଉଛି। ଏ ବିଷୟରେ ସମାଜରେ ବଳିଷ୍ଠ ଜନ ସଚେତନତା ଓ ପ୍ରତିକାରଧର୍ମୀ କାର୍ଯ୍ୟକ୍ରମ ଆବଶ୍ୟକ। ଏ ସାମାଜିକ ବ୍ୟାଧି କୌଣସି ନିର୍ଦ୍ଦିଷ୍ଟ ଅର୍ଥନୈତିକ ବା ସାମାଜିକ ଗୋଷ୍ଠୀ ଭିତରେ ସୀମିତ ରହି ନାହିଁ ବରଂ ସବୁ ବର୍ଗର ପରିବାରରେ ଘଟୁଛି। ଏହି ବ୍ୟାଧିର ସାମାଜିକ ଓ ମନସ୍ତାତ୍ତ୍ୱିକ ଦିଗ ପ୍ରତି ଦୃଷ୍ଟିଦେବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କିଛିଟା ପରିବର୍ତ୍ତନ ଆଣିବାରେ ସହାୟକ ହେବ।

**-ଦେବତିକ୍ତ ମିଶ୍ର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଲୋକେ ସହରପାଲି ଛକରେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।



ଆନ୍ଦୋଳନକାରୀଙ୍କ ସହିତ ପୋଲିସର ଆଲୋଚନା।

# ଦୋକାନ ଭଙ୍ଗାରୁଜାରୁ ରାସ୍ତାରୋକୋ

**ବରଗଡ଼,୨୪।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସଦର ଥାନା ଅନ୍ତର୍ଗତ ସହରାପାଲି ଛକରେ ଦୋକାନ ଭଙ୍ଗାରୁଜାକୁ ନେଇ ଶୁକ୍ରବାର ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ସ୍ଥାନୀୟ ଆମ୍ବେଦ୍କର ନଗରବାସୀ କ୍ଷତିପୂରଣ ଏବଂ ଦୋକାନ ଭଙ୍ଗାରୁଜା କରିଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ସହରପାଲ ଛକରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ବରଗଡ଼-ଭେଡ଼େନ ରାସ୍ତାରେ ଯାନବାହନ ଚଳାଚଳ ଠପ୍ ପଡ଼ିଯାଇଥିଲା। ପରେ ଆନ୍ଦୋଳନସ୍ଥଳକୁ ପୋଲିସ ପହଞ୍ଚିଥିଲା ଏବଂ ରାସ୍ତାରୋକୋ କରିଥିବା ଲୋକମାନଙ୍କୁ ବୁଝାଶୁଝା କରିଥିଲା। ଏହାପରେ ଆନ୍ଦୋଳନକାରୀମାନେ ରାସ୍ତାରୋକୋରୁ ଓହରିଥିଲେ ଏବଂ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ, ସହରାପାଲି ଛକରେ ଆମ୍ବେଦ୍କର ନଗର ନିବାସୀ ସୁମନ୍ତ ନାଗଙ୍କ ମୋଟର ସାଇକେଲ ଗ୍ୟାରେଜ ଓ ମୋବାଇଲ ଦୋକାନ ରହିଛି। ସବୁଦିନ ଭଳି ସେ ଗୁରୁବାର ରାତି ପ୍ରାୟ ୮ଟାରେ ଗ୍ୟାରେଜ, ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ମାତ୍ର ବିଳମ୍ବିତ ରାତିରେ କିଛି ଲୋକ ସେଠାକୁ ଆସି ସଂଘବଦ୍ଧ ଭାବେ ସେହି ଦୋକାନକୁ ଭାଙ୍ଗି ଦେଇଥିଲେ। ଏହାସହିତ ସେଠାରେ ଥିବା ବାଇକ୍, ମୋବାଇଲ, ବିଭିନ୍ନ ମେଶିନ ଆଦିକୁ ଭଙ୍ଗାରୁଜା କରିଥିଲେ। ସେହିପରି ଗ୍ୟାରେଜର ବିଭିନ୍ନ ସାମଗ୍ରୀକୁ ନିକଟସ୍ଥ କେନାଲକୁ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ସକାଳେ ସୁମନ୍ତ ଦୋକାନକୁ ଆସିବା ପରେ ଦୋକାନ ଭଙ୍ଗାରୁଜା ଏବଂ ବିଭିନ୍ନ ଯନ୍ତ୍ରାଂଶ ଫିଙ୍ଗା ଫୋପଡ଼ା ହେବା ସହିତ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଆମ୍ବେଦ୍କର ନଗରବାସୀ ଏହା ଜାଣିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ପଡ଼ାବାସୀ କ୍ଷତିପୂରଣ ଏବଂ ଦୋକାନ ଭଙ୍ଗାରୁଜା କରିଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସହରପାଲି ଛକରେ ରାସ୍ତା ଅବରୋଧ କରିଥିଲେ। ବରଗଡ଼ ଏସ୍‌ଡ଼ିପିଓ ପଦାରବିନ୍ଦ ତ୍ରିପାଠୀ ଏବଂ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ସେମାନଙ୍କ ଦାବି ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୂର୍ବରୁ ସୁମନ୍ତଙ୍କ ଜଣେ ସମ୍ପର୍କୀୟଙ୍କ ସହିତ କିଛି ଲୋକଙ୍କ ବିବାଦରୁ ଏଭଳି ଘଟିଥିବା ସାଧାରଣରେ ଆଲୋଚନା ହେଉଛି। ପୋଲିସ ଏ ନେଇ ଅଧିକ ତଦନ୍ତ କରୁଛି।

# ୨୯ ପରିବର୍ତ୍ତେ ଫେବୃଆରୀ ୧ରୁ ହେବ ଉତ୍ସବ ପ୍ରଧାନପାଟ

**ଦେବଗଡ଼,୨୪।୧(ଶଶାଙ୍କ ଶେଖର ଝାଙ୍କର)**

**ଧାର୍ଯ୍ୟ ତାରିଖକୁ ନେଇ ଉତ୍ସବ ପ୍ରଧାନପାଟ ପ୍ରସଙ୍ଗ**

ଉତ୍ସବ ପ୍ରଧାନପାଟ ଧାର୍ଯ୍ୟ ତାରିଖକୁ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ହେବା ପରେ ଶୁକ୍ରବାର ତତ୍କାଳରେ ସଙ୍ଗେ ସଙ୍ଗେ ଜିଲା ସଂସ୍କୃତି ପରିଷଦ ସଭ୍ୟଙ୍କୁ ନେଇ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଉତ୍ସବ ପ୍ରଧାନପାଟ-୨୦୨୫ ଆୟୋଜନ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନପାଟ ବଡ଼ବଗିଚା ମୁକ୍ତ ରଙ୍ଗମଞ୍ଚରେ ଫେବୃଆରୀ ୧ରୁ ଆରମ୍ଭ ହୋଇ ୫ରେ ଉଦ୍‌ଯାପିତ ହେବ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉତ୍ସବ ପ୍ରଧାନପାଟ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉତ୍ସବ ୫ ଦିନ ଧରି କରିବା ପାଇଁ ସ୍ଥିର କରାଯାଇଛି। ଉତ୍ସବ ଆୟୋଜନ ନିମନ୍ତେ ଜିଲାର ଲୋକ ନୃତ୍ୟ ଦଳ ଏବଂ ଅନ୍ୟ ପ୍ରଦେଶର ଭିନ୍ନ ଭିନ୍ନ ଲୋକ ନୃତ୍ୟ, ଜିଲାର ତିନି ବ୍ଲକର ସାଂସ୍କୃତିକ ଦଳକୁ ଯୋଗାଯୋଗ କରାଯିବା। ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ ଉତ୍ସବ ଅବସରରେ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା, ଖାଦ୍ୟ ମେଳା ଏବଂ ଜିଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀ ଆୟୋଜନ କରାଯିବ। ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପ ଜିଲାପାଳ ପରକ୍ଷିତ ସାହୁ, ସହକାରୀ ଜିଲାପାଳ ହେମନ୍ତ ସିଂ, ତାପସ ମହନ୍ତ, ଈଶ୍ୱର ଗୁରୁ, ଜିଲା ସଂସ୍କୃତି ପରିଷଦ ସଦସ୍ୟମାନେ ଉପସ୍ଥିତ ରହି ନିଜର ମତାମତ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ଉତ୍ସବ ପ୍ରଧାନପାଟ ନେଇ ଆଲୋଚନା କରାଯାଉଛି।

## ସଂକ୍ଷେପରେ

### ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

**ବଲାଙ୍ଗୀର,୨୪।୧(ବୀରେନ୍ଦ୍ର କୁମାର ଝାଙ୍କର)**

ଆନ୍ଧ୍ରପ୍ରଦେଶର ବିଜୟୱାଡା ରେଳଷ୍ଟେଶନରେ ସନ୍ଦେହଜନକ ଭାବେ ମୃତ୍ୟୁବରଣ କରିଥିବା ପୁଇଁତଲା ବ୍ଲକ ଅନ୍ତର୍ଗତ ଆଟଗାଁର ରଜନୀକାନ୍ତ କୁଅଁରଙ୍କ ମୃତଦେହ ଗାଁକୁ ଗୁରୁବାର ଫେରିଛି। ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ସତ୍ୟ ନାରାୟଣ ଭୋଇ ମୃତଦେହ ଗାଁକୁ ଆଣିବା ପାଇଁ ପୋଲିସ ବିଭାଗ, ଶ୍ରମ ବିଭାଗ ସହିତ ଆଲୋଚନା କରିଥିଲେ। ମୃତଦେହ ଗାଁରେ ପହଞ୍ଚିବା ପରେ ଅନ୍ତିମ ସଂସ୍କାର କରାଯାଇଥିବା ଜଣାପଡ଼ିଛି। ମୃତଦେହ ପହଞ୍ଚିବା ବେଳେ ପୁଇଁତଲା ଥାନା ଅଧିକାରୀ ଶୁଭରାଜ ଧରୁଆ, ଅତିରିକ୍ତ ଶ୍ରମ ଅଧିକାରୀ ଓ ନାରୀନେତ୍ରୀ ବବିତା ପୁଟେଲ ଉପସ୍ଥିତ ଥିଲେ।

### ୫୦ବସ୍ତା ଆଲୁମିନା ପାଉଡର ଜବତ



**ଲାଞ୍ଜିଗଡ଼,୨୪।୧(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ବେଦାନ୍ତ କମ୍ପାନୀର ଆଲୁମିନା ପାଉଡର ଚୋରି ବଢ଼ିବାରେ ଲାଗିଛି। ସୂଚନା ଅନୁସାରେ ଲାଞ୍ଜିଗଡ଼ ବ୍ଲକ ନର୍ଲା ଥାନା ସିକେରକୁପା ଫାଣ୍ଡି ଅନ୍ତର୍ଗତ ଲାଞ୍ଜିଗଡ଼ ରୋଡ ପଞ୍ଚାୟତ କାଉଗୁଡା ଗ୍ରାମର ଏକ ଘରୁ ଶୁକ୍ରବାର ୫୦ରୁ ଊର୍ଦ୍ଧ୍ୱ ଆଲୁମିନା ପାଉଡର ବସ୍ତା ଅମ୍ବାଦୋଳା ରେଳବାଇ ପୋଲିସ ଜବତ କରିଛି। ଜବତ ପାଉଡର ପିକଅପ ଯୋଗେ ରେଳବାଇ ପୋଲିସ ଆମ୍ବଦୋଳା ନେଇଥିବାବେଳେ ଅଭିଯୁକ୍ତ ଫେରାର ଥିବା ସିକେରକୁପା ଫାଣ୍ଡି ଅଧିକାରୀ ମୀନକେତନ ଶବର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଲାଞ୍ଜିଗଡ଼ ପୋଲିସ ଗତ ୧୦ ତାରିଖରେ ୫ଟନ ୮କୁଇଣ୍ଟାଲ ଆଲୁମିନା ପାଉଡର ଲୋଡ ହେଇଥିବା ୨ଟି ଟ୍ରାକ୍ଟର, ୨ଟି ବୋଲେରୋ ପିକ୍‌ଅପ୍ ଏବଂ ଗୋଟିଏ କାର୍ ସହିତ ନଗଦ ୫୦ ହଜାର ଟଙ୍କା ଜବତ ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ବାଲି ଚୋରାଚାଲାଣ: ୫୦ ହଜାରରୁ ଊର୍ଦ୍ଧ୍ୱ ଫାଇନ ଆଦାୟ

**କୁତ୍ରା,୨୪।୧(ଦେବାଶିଷ ସାହୁ)**

ତହସିଲଦାର ପ୍ରମୋଦ କୁମାର ବାସକେଙ୍କ ନିର୍ଦ୍ଦେଶ କ୍ରମେ ତହସିଲ କର୍ମଚାରୀ ସକାଳୁ ବିଭିନ୍ନ ସ୍ଥାନରେ ଚଢାଉ କରି ୫ଟି ବାଲି ଚୋରାଚାଲାଣ କରୁଥିବା ଗାଡି ଗୁଡିକୁ ଧରି ତହସିଲ କାର୍ଯ୍ୟାଳୟକୁ ଆଣିଥିଲେ। ପରେ ଗାଡି ମାଲିକମାନଙ୍କୁ ଡକାଇ ତାଙ୍କ ପାଖରୁ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଫାଇନ ଆଦାୟ କରିଥିବା ତହସିଲଦାର ପ୍ରମୋଦ କୁମାର ବାସକେ ସୂଚନା ଦେଇଛନ୍ତି।

# ନ୍ୟାୟ ନ ମିଳିଲେ ଆତ୍ମାହୁତି ଚେତାବନୀ



ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଭବାନୀପାଟଣା,୨୪।୧(ଉତ୍ତମ କୁମାର ଦାଶ)**

**ହଷ୍ଟେଲରୁ ଛାତ୍ରୀଙ୍କ ମୃତଦେହ ଜବତ ଘଟଣା**

**ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ହଷ୍ଟେଲ ଭିତରୁ ଗତ ଡିସେମ୍ବର ୧୯ରେ ତୋଫାଳୀ ନାଏକ ନାମ୍ନୀ ଛାତ୍ରୀଙ୍କ ମୃତଦେହ ଜବତ ଘଟଣାକୁ ନେଇ ଜିଲାରେ ହଟଚମଟ ସୃଷ୍ଟି ହୋଇଛି। ଘଟଣାକୁ ମାସେରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନ ଥିବାରୁ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛି ଅଲ ଓଡିଶା ସିଡ୍ୟୁଲ କାଷ୍ଟ ଫେଡେରେଶନ। ଫେଡେରେଶନ ପକ୍ଷରୁ ଶୁକ୍ରବାର ବିଶ୍ୱବିଦ୍ୟାଳୟ ଛକଠାରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରା କରାଯାଇଥିଲା। ପରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ହଷ୍ଟେଲ ଦାୟିତ୍ୱରେ ଥିବା ମେଟ୍ରନ, ୱାର୍ଡେନ୍, ସୁପରିଣ୍ଟେଣ୍ଡେଣ୍ଟ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ମୃତ ଛାତ୍ରୀଙ୍କ ପରିବାରକୁ ୨୦ଲକ୍ଷ କ୍ଷତିପୂରଣ, ସିବିଆଇ ତଦନ୍ତ ଆଦି ଦାବି କରାଯାଇଛି। ଏହି ସମୟରେ ଫେଡେରେଶନର ଜିଲା ସଭାପତି ଧନଞ୍ଜୟ ଦୀପ, ଉପଦେଷ୍ଟା ଶତ୍ରୁଘ୍ନ ନାଏକ, ଜିଲା ସଭାନେତ୍ରୀ ଏଲ୍‌ଡ଼ିଏ ମୁଖ୍ୟ ଲବ ସୁନା, ଓଡିଶା ମୂଳନିବାସୀ ଯୁବଛାତ୍ର ସଭାପତି ଅନୀଲ ମଲ୍ଲିକ, ୟୁନାଇଟେଡ୍ ଫୋରମ ରାଜ୍ୟ ଉପସଭାପତି ମନୋରଞ୍ଜନ ଜେନା, ଜୁନାଗଡ ବ୍ଲକ ସଭାପତି ମହାଦେବ ବାଗ, ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ନିଆଲ, ସାମାଜିକ କର୍ମୀ ସୁକାନ୍ତ ନାଏକ ପ୍ରମୁଖ ସାମିଲ ଥିଲେ। ଅନ୍ୟପଟେ ଝିଅକୁ ନ୍ୟାୟ ନ ମିଳିଲେ ଏସ୍‌ପି ଓ ଜିଲାପାଳଙ୍କ ଅଫିସ ଆଗରେ ପରିବାର ସହ ଆତ୍ମାହୁତି ଦେବୁ ବୋଲି ମୃତ ଛାତ୍ରୀଙ୍କ ବାପା ରାମ ନାଏକ ପ୍ରକାଶ କରିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ବାପା ଗିରଫ

**ସରଣ୍ଡା,୨୪।୧(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ର ଜଣେ ବ୍ୟକ୍ତି ତାଙ୍କ ନାବାଳିକା ଝିଅଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ପୀଡିତାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତଙ୍କ ବିରୋଧରେ ଅତାବିରା ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ବାପାଙ୍କୁ ପୋଲିସ ଗିରଫ କରିଛି।

ଅଭିଯୋଗ ଅନୁସାୟୀ, ଦମ୍ପତିଙ୍କ ମଧ୍ୟରେ ବିବାଦ ଯୋଗୁ ଅଭିଯୁକ୍ତଙ୍କ ସ୍ତ୍ରୀ ସମ୍ବଲପୁର ଜିଲାରେ ତାଙ୍କ ମା' ବାପାଙ୍କ ଘରେ ଅଲଗା ରହୁଛନ୍ତି। ସେ ତାଙ୍କ ୧୨ ବର୍ଷୀୟ ଝିଅ ଏବଂ ୧୦ ବର୍ଷୀୟ ପୁଅକୁ ଭେଟିବା ପାଇଁ ବେଳେ ବେଳେ ଅତାବିରାସ୍ଥିତ ସ୍ୱାମୀଙ୍କ ଘରକୁ ଆସୁଥିଲେ। ବୁଧବାର ରାତିରେ ଅଭିଯୁକ୍ତ ତାଙ୍କ ନାବାଳିକା ଝିଅଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ପରଦିନ ସକାଳେ ପୀଡିତା ଫୋନ୍ ଯୋଗେ ତାଙ୍କ ମା'ଙ୍କୁ ଏହା ଜଣାଇବା ପରେ ଘଟଣାଟି ସାମ୍ନାକୁ ଆସିଥିଲା। ପୀଡିତାଙ୍କ ମା' ଗୁରୁବାର ଏ ନେଇ ଅତାବିରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପୀଡିତାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ହସ୍ପିଟାଲ ପଠାଇଛି।

# କଲେଜରେ ତାଲା ପକାଇ ଆନ୍ଦୋଳନ

**ବେଲପଡା,୨୪।୧(ମନୋଜକୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଧୂମାଭଟା ଗାଁରେ ଥିବା ବୀଣାପାଣି ଡିଗ୍ରୀ କଲେଜ ରେ ଛାତ୍ର ଅଶାନ୍ତି ଲାଗି ରହିଛି । କଲେଜର ଅଧ୍ୟକ୍ଷାଙ୍କ ବହିଷ୍କାର ଦାବିରେ ଛାତ୍ରୀଛାତ୍ର ଓ ଅଭିଭାବକ ଶୁକ୍ରବାର କଲେଜ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। କୌଣସି ପ୍ରଶାସନିକ ଅଧିକାରୀ ନ ଆସିବାରୁ ଛାତ୍ରୀଛାତ୍ରଙ୍କ ସହ ଅଭିଭାବକମାନେ ପାଟଣାଗଡ଼ ଉପ ଜିଲାପାଳଙ୍କ ନିକଟକୁ ଚାଲି ଚାଲି ଯିବା ବେଳେ ଖବର ପାଇ ଘଟଣାସ୍ଥଳରେ ପାଟଣାଗଡ଼ ଉପଜିଲାପାଳ ସୁନୀଲ ମେହେର, ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ, ବେଲପଡା ଥାନା ଅଧିକାରୀ ଅନନ୍ତ ପଧାନ ପ୍ରମୁଖ ପହଞ୍ଚି ବୁଝାଶୁଝା କରିଥିଲେ। ଫଳରେ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଆନ୍ଦୋଳନରୁ ଓହରି ଯାଇଥିଲେ। ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁଯାୟୀ, ଧୂମାଭଟା ଗାଁରେ ଥିବା ଉକ୍ତ କଲେଜରେ ନା ନା ଅବ୍ୟବସ୍ଥା ଲାଗି ରହିଛି। ବିଭିନ୍ନ କ୍ଷେତ୍ରରେ ଚଞ୍ଚକତା କରାଯାଇଛି। କଲେଜର କେତେଜଣ ଅଧ୍ୟାପିକା ଅଧ୍ୟାପକଙ୍କୁ ବାହାର କରି ଦିଆଯାଇଛି। ଅଧ୍ୟକ୍ଷା ମନୋମୁଖୀ ଭାବେ କାର୍ଯ୍ୟ କରୁଛନ୍ତି। ଏହାର ପ୍ରତିକାର କରା ନ ଗଲେ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି।



କଲେଜ ଗେଟ ସମ୍ମୁଖରେ ଆନ୍ଦୋଳନରତ ଛାତ୍ରୀଛାତ୍ର ଓ ଅଭିଭାବକ।

# ଗାଁରେ ପହଞ୍ଚିଲା ମହିଳା ଶ୍ରମିକଙ୍କ ମୃତଦେହ

**ବେଲପଡ଼ା,୨୪।୧(ମନୋଜ କୁମାର ମିଶ୍ର)**

**ଦାଦନ ଶ୍ରମିକ ଭାବେ ଇଟା ଗଢ଼ିବାକୁ ଯାଇ ଜୀବନ ଗଲା**

ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ଥୁଡିବାହାଲ ଗ୍ରାମର ଜଣେ ମହିଳାଙ୍କ ହାଇଦ୍ରାବାଦରେ ମୃତ୍ୟୁ ଘଟିଛି। ମୃତକ ହେଲେ ଗାଁର ପୂର୍ଣ୍ଣ ନାଗଙ୍କ ସ୍ତ୍ରୀ ନୂଆଦେଇ ନାଗ (୪୫)। ଶୁକ୍ରବାର ମଧ୍ୟାହ୍ନରେ ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କ ମୃତଦେହ ଆସି ଗାଁରେ ପହଞ୍ଚିଛି । ପ୍ରକାଶ ଯେ, ଚଳିତ ମାସ ପ୍ରଥମ ସପ୍ତାହରେ ସ୍ୱାମୀ-ସ୍ତ୍ରୀ ପୁଅ ଝିଅଙ୍କ ସହ ହାଇଦ୍ରାବାଦ ଅଞ୍ଚଳର ଉଦେମାରୀର ଜଲାଲପୁରକୁ ଇଟା ଗଢ଼ିବା ପାଇଁ ଯାଇଥିଲେ। ଉକ୍ତ ପରିବାର ଲୋକଙ୍କୁ ତୁରେକେଲା ଥାନା ଅନ୍ତର୍ଗତ ଦୁଶାମୁଣ୍ଡା ଗାଁର ଜଣେ ଦଲାଲ ମୁଣ୍ଡ ପିଛା ୪୫ ହଜାର ଟଙ୍କା ଦେଇ ଇଟା ଗଢ଼ିବା ପାଇଁ ନେଇଥିଲେ। ସେଠାରେ ପହଞ୍ଚି ପରିବାର ଲୋକେ କାମ କରୁଥିବା ବେଳେ ନୂଆଦେଇ ସୋମବାର ହଠାତ୍ ଅସୁସ୍ଥ ହୋଇ ତଳେ ପଡି ଯାଇଥିଲେ। ତାଙ୍କୁ ଏକ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ଜାଣିବା ପରେ ଇଟାଭାଟି ମାଲିକ ସେଠାରେ ମୃତଦେହକୁ ପୋତି ଦେବା ପାଇଁ ଧମକ ଚମକ ଦେଇଥିଲେ। ହେଲେ ପରିବାର ଲୋକେ ମୃତଦେହ ନିଜ ଗାଁକୁ ଆଣିବାକୁ ଜିଦ ଧରିଥିଲେ। ଶେଷରେ ଭାଟି ମାଲିକ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହ ଘରକୁ ପଠାଇବା ବ୍ୟବସ୍ଥା କରିଥିଲେ। ମୃତା ମହିଳାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି ।



ମୃତା ମହିଳାଙ୍କ ପରିବାରରେ ଶୋକାକୁଳ ପରିବେଶ।

# ପଶ୍ଚିମ ଓଡ଼ିଶାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଜନ ସମାବେଶ

**ସମ୍ବଲପୁର,୨୪।୧(ଭବାନୀ ଶଙ୍କର ଭୋଇ)**




ଜନଆନ୍ଦୋଳନ ଓ ଜନସଙ୍ଗଠନ ସମୂହ ପକ୍ଷରୁ ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

- ■ଜୀବନ ଜୀବିକା ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ଦାବି
- ■ଜନଆନ୍ଦୋଳନ ଓ ଜନସଙ୍ଗଠନ ସମୂହ ପକ୍ଷରୁ ସମାବେଶ
- ■ଆର୍‌ଡିସିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ପରିବେଶ, ପ୍ରାକୃତିକ ସମ୍ପଦ ତଥା ଜୀବନ ଜୀବିକାର ସୁରକ୍ଷା ପାଇଁ ଶୁକ୍ରବାର ପୂର୍ବାହ୍ନରେ ସମ୍ବଲପୁରରେ ଜନଆନ୍ଦୋଳନ ଓ ଜନସଙ୍ଗଠନ ସମୂହ (ଏନ୍‌ଏପିଏମ୍) ନେତୃତ୍ୱରେ ଏକ ଜନସମାବେଶ ଆୟୋଜିତ ହୋଇଯାଇଛି। ଏହା ସହ ଉତ୍ତରାଞ୍ଚଳ ଆରଡିସିଙ୍କ ଜରିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗନ୍ଧମାର୍ଦ୍ଦନରେ ଖଣି ଖନନକୁ ନିଷିଦ୍ଧ କରିବା, ଗ୍ରାମସଭାର ଅନୁମୋଦନ ବିନା ଦିଆଯାଇଥିବା ବିଭିନ୍ନ ଖଣି ଲିଜ୍ ବାତିଲ୍ କରିବା, ବିକାଶ ନାମରେ ବିନାଶ ଓ ବିସ୍ଥାପନ ବନ୍ଦ କରିବା, ଜଙ୍ଗଲ ଅଧିକାର ଆଇନ- ୨୦୦୬କୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏହି ସମାବେଶରେ ଦାବି କରାଯାଇଛି। ସେହିପରି ସମସ୍ତ ଭୂମିହୀନଙ୍କୁ ଚାଷ ଓ ଘରଡିହ ବଣ୍ଟନ, ଲୋୟର ସୁକତେଲ୍ ସମେତ ବିଭିନ୍ନ ପ୍ରକଳ୍ପ ଯୋଗୁ ବିସ୍ଥାପିତ ପରିବାରଗୁଡ଼ିକୁ ନ୍ୟାୟ ପ୍ରଦାନ ପାଇଁ କମିଶନ୍ ଗଠନ, ଦାଦନ ସମସ୍ୟାର ନ୍ୟାୟପୂର୍ଣ୍ଣ ସମାଧାନ ଓ କୃଷକଙ୍କ ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ପ୍ରକ୍ରିୟାକୁ ଆଇନଗତ ମାନ୍ୟତା ପାଇଁ ସ୍ମାରକପତ୍ରରେ ଦାବି କରାଯାଇଥିଲା। ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଆୟୋଜିତ ସଭାରେ ବକ୍ତାମାନେ କହିଥିଲେ, ହୀରାକୁଦ ନଦୀବନ୍ଧ ଯୋଗୁ ଭିଟାମାଟି ହରାଇ ସର୍ବସ୍ୱାନ୍ତ ହୋଇଥିବା ଲକ୍ଷାଧିକ କୃଷକ ଆଜି ମଧ୍ୟ ନ୍ୟାୟରୁ ବଞ୍ଚିତ ରହିଛନ୍ତି। ସେହିପରି ବିଭିନ୍ନ କାରଖାନା ଏବଂ ପ୍ରକଳ୍ପ ଯୋଗୁ ସ୍ଥାନୀୟ ଅଧିବାସୀ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ସମାବେଶରେ ଅଭିଯୋଗ କରାଯାଇଥିଲା। ସମାବେଶରେ ବକ୍ତାମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ସାମନ୍ତରା, ଅଶୋକ ପ୍ରଧାନ, ଲିଙ୍ଗରାଜ, ସରୋଜ ମହାନ୍ତି, ଲିଙ୍ଗରାଜ ଆଜାଦ୍, ବିବୁଲ୍ ଟପ୍ପୋ, ହୀରାମଣୀ ମିଞ୍ଜ୍, ନରେନ୍ଦ୍ର ମହାନ୍ତି, ଅନନ୍ତ, ତ୍ରିଲୋଚନ ପୁଞ୍ଜି, ବ୍ୟୋମକେଶ ଠାକୁର, ସତ୍ୟ ବନଛୋର୍, ବାଳକୃଷ୍ଣ ଷଣ୍ଢ, ଉଦୟ ସିଂ ଠାକୁର, ଗଙ୍ଗାଧର ମାଝୀ, ଅରୁଣ ଜେନା, ଦାସୀନନ୍ଦୀ ବାଲି, ତିଲୋ ଗୁଞ୍ଜିଆ, ଦିବାକର ସାହୁ, ସୁଶୀଲ ସାହୁ, ନେତ୍ରାନନ୍ଦ ସାହୁ, ଗୋପୀନାଥ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଏକଜୁଟ ହେବାକୁ ଓ ଜନ ଆନ୍ଦୋଳନକୁ ଆହୁରି ସଙ୍ଗଠିତ କରିବାକୁ ଆହ୍ୱାନ ଦେଇଥିଲେ। ସମାବେଶରେ ଗ୍ରାମସଭା ସମିତି, ରାଜଗାଙ୍ଗପୁର, ଝାରସୁଗୁଡ଼ା ଲୋକମୁକ୍ତି ସଙ୍ଗଠନ, ବଲାଙ୍ଗୀର ଜିନ୍ଦାବାଦ ସଙ୍ଗଠନ, ବରଗଡ଼ ଜୟକିଷାନ୍ ଆନ୍ଦୋଳନ, ହରିଶଙ୍କର ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ, ପଶ୍ଚିମ ଓଡ଼ିଶା ବିସ୍ଥାପିତ ସହାୟତା ସମିତି, ସାହାରା ପାୱାର ପ୍ଲାଣ୍ଟ ବିରୋଧୀ ମଞ୍ଚ ଟିଟିଲାଗଡ଼ ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ ନୂଆପଡ଼ା, ବଲାଙ୍ଗୀର ଲୋୟର ସୁକତେଲ୍ ସଂଗ୍ରାମ ପରିଷଦ, ଖରିଆର ଲୋୟର ଇନ୍ଦ୍ର ସହାୟତା ସମିତି, ନୂଆପଡ଼ା, କଙ୍କଡାଯୋର୍ ବୁଡ଼ିଅଞ୍ଚଳ ସହାୟତା ସମିତି, ବାଙ୍କେଲ, ଟିଟିଲାଗଡ଼, ଖଣ୍ଡାଧାର ସୁରକ୍ଷା ସମିତି ସୁନ୍ଦରଗଡ଼, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି, ସମ୍ବଲପୁର ଇତ୍ୟାଦି ଜନସଙ୍ଗଠନ ନେତୃତ୍ୱରେ ସହସ୍ରାଧିକ ଆଦିବାସୀ, ଦଳିତ ତଥା ମହିଳାମାନେ ଏହି ସମାବେଶରେ ସାମିଲ୍ ହୋଇଥିଲେ।

## ସଂକ୍ଷେପରେ

### ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

**ସିନାପାଲି,୨୪।୧(ମନଫୁଲ ମେହେର):** ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସିନାପାଲି ପଞ୍ଚାୟତ ସମିତି ତରଫରୁ ଶୁକ୍ରବାର ସ୍ଥାନୀୟ ନୋଡ଼ାଲ ଉଚ୍ଚ ବିଦ୍ୟାଳୟଠାରେ ଗୀତ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ସିନାପାଲି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଗୀତ ପ୍ରତିଯୋଗିତାର ପ୍ରାଥମିକ ସ୍ତରରେ ଲିପ୍‌ସା ହରପାଲ, ଅଙ୍କିତା ମେହେର, ଶ୍ରଦ୍ଧା ସୁମନ ହେର୍ଣ୍ଣା, ଉଚ୍ଚ ପ୍ରାଥମିକ ସ୍ତରରେ ଦିବ୍ୟା ମେହେର, ଚିନ୍ମୟୀ ମେହେର, ଦେବେଶ୍ୱର ମେହେର, ଉଚ୍ଚ ବିଦ୍ୟାଳୟ ସ୍ତରରେ ତନୁଶ୍ରୀ ଜଗତ, ପୂଜା ସା, ଲକ୍ଷ୍ମୀ ମାଝୀ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ପୂଜାରାଣୀ ବୈଠାରୁ, ରୋଷଣୀ ବୈଠାରୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବକ୍ତୃତା ପ୍ରତିଯୋଗିତାର ପ୍ରାଥମିକ ସ୍ତରରେ ଅଭିପ୍ରିୟା ମାଦଲା, ସୂର୍ଯ୍ୟାଂଶୁ ମୁଣ୍ଡ, ଆରବ ମେହେର, ଉଚ୍ଚ ପ୍ରାଥମିକରେ ଭେନୁପ୍ରାତ ସା, ରେଶ୍ମା ମେହେର, ସ୍ୱାଗତିକା ଗୋପାଲ, ଉଚ୍ଚ ବିଦ୍ୟାଳୟ ସ୍ତରରେ ବିନାୟକ ପାଣିଗ୍ରାହୀ, ବବିତା ମାଝୀ, ଶିବାନୀ ନାଏକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ।

### ବାଇକ୍‌ରୁ ପଡି ଯୁବକ ଗୁରୁତର

**କୋକସରା,୨୪।୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)** କଳାହାଣ୍ଡିଜିଲା କୋକସରା ବ୍ଲକ ବୋବରିଆ ରାଇସ ମିଲ ପାଖରେ ଶୁକ୍ରବାର ବାଇକ୍‌ରୁ ପଡି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ସ୍ଥାନୀୟ ଟେମରା ଗ୍ରାମର ପ୍ରେମଲାଲ ବାଣୁଆ(୨୨)। ସ୍ଥାନୀୟ ଲୋକେ ଗୁରୁତର ପ୍ରେମଲାଲଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାରେ ତାଙ୍କ ମୁଣ୍ଡ ପଛ ପଟେ ଗଭୀର ଆଘାତ ଲାଗି ରକ୍ତସ୍ରାବ କାରଣରୁ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ନୟାଗଡ଼ ଏଡିଇଓ ସଂଘ ଦ୍ୱାରା ପ୍ରଭାତ ସମ୍ବର୍ଦ୍ଧିତ



**ବେହେରା,୨୪।୧(ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଦଣ୍ଡପାଟ ଅଞ୍ଚଳର ଯୁବକ ପ୍ରଭାତ ତିୱାରୀଙ୍କୁ ନୟାଗଡ ଜିଲା ଏଡିଇଓ ସଂଘ ଦ୍ୱାରା ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ନୟାଗଡ ଜିଲା ଓଡ଼ଗାଁ ଦ୍ୱିତିକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଜିଲା ଏଡିଇଓ ସଂଘର ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସଭାପତି ଜିତେନ୍ଦ୍ର କୁମାର ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ସଂଘ ପାଇଁ ରହିଥିବା ଅବଦାନ ପାଇଁ ପ୍ରଭାତଙ୍କୁ ସମ୍ମାନିତ କରାଯାଇଥିଲା। ସେ ଗ୍ରାମ ରୋଜଗାର ସେବକ ସଂଘର ରାଜ୍ୟ ସଭାପତି ଥିବାବେଳେ ଗ୍ରାମ ରୋଜଗାର ସେବକଙ୍କ ଚାକିରି ନିୟମିତ କରିବା ପାଇଁ ଆନ୍ଦୋଳନ ଜାରି ରଖି ସଫଳ ହୋଇଥିଲେ। ତାଙ୍କ ସହ ରାଜ୍ୟ ସଂଘ ସମ୍ପାଦକ ସଂଗ୍ରାମ ସିଂହ, ରାଜ୍ୟ ସାଂଗଠନିକ ସମ୍ପାଦକ ଅଜୟ କୁମାର ଜେନା, ରାଜ୍ୟ ଉପସଭାପତି ସୁରେଶ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ଦେବାଶିଷ ରାଉତ, ପୁରୀ ଜିଲା ସଭାପତି ଜଗବନ୍ଧୁ ଦଳେଇଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ନୟାଗଡ଼ ଜିଲା ସଂଘ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ନିରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଝିଅମାନେ।

# ଝିଅମାନେ ଭଲ ପାଠପଢ଼ି ସ୍ୱାଧୀନ ହେବାକୁ ଆହ୍ୱାନ

- ଜିଲାସ୍ତରୀୟ ବେଟି ବଚାଓ ବେଟି ପଢ଼ାଓ ଉତ୍ସବ
- ଉଲ୍ଲେଖନୀୟ ଅବଦାନ ପାଇଁ ୫ ଝିଅ ପୁରସ୍କୃତ

**ଭବାନୀପାଟଣା,୨୪।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବ୍ରଜ ମୋହନ ଉଚ୍ଚ ବିଦ୍ୟାଳୟର ସେଣ୍ଟିନାରୀ କକ୍ଷରେ ଶୁକ୍ରବାର ଜାତୀୟ ବାଳିକା ଦିବସ ଓ ବେଟି ବଚାଓ ବେଟି ପଢାଓ ଯୋଜନାର ୧୦ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲାସ୍ତରୀୟ ଉତ୍ସବ ପାଳିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ଯୋଗ ଦେଇ କନ୍ୟା ସନ୍ତାନମାନଙ୍କ ଶିକ୍ଷା, ଲିଙ୍ଗଗତ ବୈଷମ୍ୟତା ଦୂରୀକରଣ, ମହିଳାମାନଙ୍କ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ସମ୍ପର୍କରେ କହିଥିଲେ। ସେହିପରି ଝିଅମାନେ ଭଲ ପାଠ ପଢି ସ୍ୱାଧୀନ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଭାରପ୍ରାପ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନିହାରେନ୍ଦ୍ର ପଣ୍ଡା, ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ରୁପେଶ ହୋତା, ଜିଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା, ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ମହିଳା ଓ ଶିଶୁ ବିକାଶ ବିଭାଗର ସୁରକ୍ଷା ଅଧିକାରୀ ସୁଚରିତା ମହାପାତ୍ର ପ୍ରମୁଖ ଯୋଗଦେଇ କନ୍ୟା ସନ୍ତାନଙ୍କ ଶିକ୍ଷା, କନ୍ୟାଭ୍ରୁଣ ହତ୍ୟା, ବାଲ୍ୟ ବିବାହ ନିରାକରଣ, ସମାଜ ଗଠନରେ ମହିଳାମାନଙ୍କ ଭୂମିକା ସମ୍ପର୍କରେ ନିଜ ଆଭିମୁଖ୍ୟ ପ୍ରକାଶ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ର ସୂଚନା ଦେଇ କହିଥିଲେ, ଭାରତ ସରକାରଙ୍କ ବେଟି ବଚାଓ ବେଟି ପଢ଼ାଓ ଅଭିଯାନ ୧୦ବର୍ଷ ପୂର୍ଣ୍ଣ କରିଛି। ଏହି ଉପଲକ୍ଷେ ଶୁକ୍ରବାରଠାରୁ ଏକମାସ ବ୍ୟାପୀ ସଚେତନତା ଅଭିଯାନ ଜିଲାର ବିଭିନ୍ନ ସ୍ତରରେ ଆୟୋଜନ କରାଯିବା ସହ ଆସନ୍ତା ମାର୍ଚ୍ଚ ୮ରେ ଆନ୍ତର୍ଜାତିକ ମହିଳା ଦିବସରେ ଏହାର ସମାପନ ହେବ। ଏହି ଅବସରରେ ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ଗୌରବ ଆଣିଥିବା ଜିଲାର ୫ ଜଣ ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଲିପ୍ସାରାଣୀ ବାଗ, ରଚନା ମାଝୀ, ପୁନମ ନାଏକ, ନୟୀ ଶବର ଓ ପ୍ରତ୍ୟୁଷା ମହନା। କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଅଂଶୁମାନ ବାବୁ ପରିଚାଳନା କରିଥିଲେ। ସମାଜ କଲ୍ୟାଣ ବିଭାଗର ସୁରକ୍ଷା ଅଧିକାରୀ ସୁଚରିତା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ପୋଷଣ ଅଭିଯାନର ଜିଲା ସଂଯୋଜକ ଅଜୟ ବିହାର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୂର୍ବାହ୍ନ ୧୦ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବ୍ରଜମୋହନ ହାଇସ୍କୁଲପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ଏହାକୁ ଅତିରିକ୍ତ ଜିଲାପାଳ ବୈତାରୁ ଦୀପ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ଜଳ ବଣ୍ଟନରେ ପାତରଅନ୍ତର ନେଇ ଧାରଣା

**ନୂଆପଡ଼ା,୨୪।୧ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ପତୋରା ଅପରଜୋଙ୍କ ଜଳସେଚନ ପ୍ରକଳ୍ପ ଅଧୀନରେ ୨୦ ପାଣି ପଞ୍ଚାୟତ ରହିଛି। ଏହି ପ୍ରକଳ୍ପ ପାଣିରେ ସମସ୍ତ ପାଣି ପଞ୍ଚାୟତର ଚାଷୀ ଦୋଫସଲି ଧାନ ସହ ଅଣଧାନ ଚାଷ କରନ୍ତି। ହେଲେ ୧ରୁ ୫ ନମ୍ବର ପାଣି ପଞ୍ଚାୟତ ଖୁଟମନ ଭେରା ଓ ସାରାବଙ୍ଗ ପଞ୍ଚାୟତକୁ ପାଣି ବଣ୍ଟନରେ ପାତରଅନ୍ତର କରାଯାଉଥିବା ଅଭିଯୋଗ କରି ଶୁକ୍ରବାର ଉଭୟ ପଞ୍ଚାୟତର ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଦୀର୍ଘ ୩ ଘଣ୍ଟା ବସିଲା ପରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ ଆସି ଆଲୋଚନା କରିଥିଲେ। କିନ୍ତୁ ଚାଷୀ ଜିଲାପାଳଙ୍କ ସହ ଆଲୋଚନା କରିବାକୁ ଅଡି ବସିଥିଲେ। ପରେ ସେମାନେ ଜିଲାପାଳଙ୍କ ଚାମ୍ବରକୁ ଯାଇ ଆଲୋଚନା କରିଥିଲେ। ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ଡାକି ଆଲୋଚନା କରି ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଲା ପରେ ଚାଷୀ ଧାରଣାରୁ ଉଠିଥିଲେ।



ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଛନ୍ତି ଚାଷୀ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କର୍ଲାମୁଣ୍ଡା,୨୪।୧(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ରୂପାଧର କୁମାରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ କଲେଜ ସଭାପତି ତଥା ପୂର୍ବତନ ବିଧାୟକ ଭୁପିନ୍ଦର ସିଂ, ସ୍ୱତନ୍ତ୍ର ଅତିଥି ଭାବେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟ ବକ୍ତା ଭାବେ କଣ୍ଡୁପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଡ. ଅଜିତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା କୁନି ସାହୁ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଗୁପ୍ତେଶର ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷାର ବିକାଶ ହେଲେ ଅଞ୍ଚଳର ବିକାଶ ସମ୍ଭବ ବୋଲି ମତ ପ୍ରକାଶ କରିଥିଲେ। ଛାତ୍ରୀ ତୃପ୍ତି ମୟୀ ସାହୁ ଓ ରିଙ୍କି ସାହୁ ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଗୁର ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ କଲେଜ ଅଧ୍ୟାପିକା/ଅଧ୍ୟାପକ, କର୍ମଚାରୀ ଓ ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ।

# ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଅତିଥିମାନେ।

**ଖଡ଼ିଆଲ,୨୪।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଲସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ 'ଲୋକ ପ୍ରାୟୋଗିକ ଉଦ୍ଭିଦ ବିଜ୍ଞାନ ଓ ଜୈବ ବିବିଧତା ସଂରକ୍ଷଣ: ଏକ ବିଶ୍ୱ ଅବବୋଧ' ଶୀର୍ଷକରେ ଦ୍ୱିଦିବସୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଭାରତୀୟ ବନସ୍ପତି ସର୍ବେକ୍ଷଣ, ଡେକାନ ଆଞ୍ଚଳିକ କେନ୍ଦ୍ର, ହାଇଦ୍ରାବାଦର ଉଦ୍ଭିଦ ବିଜ୍ଞାନୀ ଡ. ସୀତାରାମ ପ୍ରସାଦ ପଣ୍ଡା, ପଶ୍ଚିମବଙ୍ଗ ଶାଳଡିହା କଲେଜର ସହଯୋଗୀ ପ୍ରଫେସର ଚନ୍ଦନ କୁମାର ପତି, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ. ଘନଶ୍ୟାମ ବେହେରା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭାଗମୁଖ୍ୟ ଡ. ପ୍ରମୋଦ କର ଆଲୋଚନାଚକ୍ରର ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଇଥିଲେ। ପରେ ବୈଷୟିକ ଅଧିବେଶନ ଆରମ୍ଭ ହୋଇଥିଲା। ଏଥିରେ ପ୍ରଫେସର ଘନଶ୍ୟାମ ବେହେରା, ଡ. ସନ୍ଧ୍ୟାରାଣୀ କୁଅଁର, ପ୍ରଫେସର ଭୁବନ ମୋହନ ପଣ୍ଡାଙ୍କ ସମେତ ଓଡିଶା ତଥା ଓଡ଼ିଶା ବାହାରର ଅନେକ ଶିକ୍ଷାବିତ୍, ଗବେଷକ ଯୋଗଦେଇ ଔଷଧୀୟ ବୃକ୍ଷଲତା, ଉଦ୍ଭିଦ ବିଜ୍ଞାନ ଓ ଜୈବ ବିବିଧତା ସଂରକ୍ଷଣର ବିଭିନ୍ନ ଦିଗ ସମ୍ପର୍କରେ ବିଶ୍ଳେଷଣ କରିଥିଲେ।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଖଡ଼ିଆଲ,୨୪।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ତୁକୁଲାସ୍ଥିତ ଉପେନ୍ଦ୍ର ପ୍ରଭାକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଡ. ଶରତ ଚନ୍ଦ୍ର ଚଳାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ବିଘ୍ନରାଜ ଦାଶ, ମୁଖ୍ୟ ବକ୍ତା ଇଂରାଜୀ ବିଭାଗ ପ୍ରାଧ୍ୟାପକ ଅରୁଣ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରଶ୍ମିରଞ୍ଜନ ସାହୁ, ଅଧ୍ୟାପକ ଲୀଳାନନ୍ଦ ମିଶ୍ର ଯୋଗଦାନ କରି ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଜାଣିବା ନିତାନ୍ତ ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ତାଲିମଦାତ୍ରୀ ଭାବେ ନିଲିମା ବାରିକ ଯୋଗଦେଇଥିଲେ। ପରେ ଅନିତା ପ୍ରଧାନୀ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## କୃଷି କାର୍ଯ୍ୟାଳୟରେ ଦିନିକିଆ ତାଲିମ ଶିବିର

**କୋମନା,୨୪।୧(ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନା ବ୍ଲକ କୃଷି ଅଫିସଠାରେ କୃଷି କର୍ମଚାରୀ ଓ ଅଧିକାରୀଙ୍କୁ ନେଇ ଏକ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ୟାର ସଂସ୍ଥା ଖଡ଼ିଆଳ ଆନୁକୂଲ୍ୟରେ ଓ ଇକ୍ରିସେଟ ସହାୟତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ ଯୋଗଦାନ କରି ସୂର୍ଯ୍ୟମୁଖି ଚାଷର ଲାଭ ଓ ଚାଷରେ ହେଉଥିବା ରୋଗପୋକର ନିରାକରଣ ଉପରେ ସମସ୍ତଙ୍କୁ ତାଲିମ ଦେଇଥିଲେ। ଅତିରିକ୍ତ ଜିଲା କୃଷି ଅଧିକାରୀ ଖରିଆର ପ୍ରଦୀପ କୁମାର ବେଉରା ସୂର୍ଯ୍ୟମୁଖୀ ଚାଷୀର ଆର୍ଥିକ ବିକାଶ ଉପରେ ଅବଗତ କରିଥିଲେ। ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଲଖନଲାଲ ମୀନା ଏହି ଚାଷ ବିଷୟରେ ବୁଝାଇଥିଲେ। ଶିବିରରେ କୋମନା ବ୍ଲକ କୃଷି ଅଧିକାରୀ ହିମାଂଶୁ ମେହେରଙ୍କ ସମେତ ସମସ୍ତ କୃଷି ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ୟାର ସଭାପତି ମହେନ୍ଦ୍ର ଯୋଶୀ ପରିଚାଳନା କରିଥିବା ବେଳେ ସମ୍ପାଦକ ହରି ପଟେଲ ଓ ରାଜକିଶୋର ପଣ୍ଡା ସହଯୋଗ କରିଥିଲେ।

## ମୁକ୍ତ ବିଚାର ମଞ୍ଚର ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦେଇଥିବା ଆଲୋଚକ।

**ସିନାପାଲି,୨୪।୧ (ମନଫୁଲ ମେହେର)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗଣ୍ଡାବାହାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଖଡ଼ିଆଳ ମୁକ୍ତ ବିଚାରମଞ୍ଚର ଆଲୋଚନାଚକ୍ର ସ୍ଥାନୀୟ ଜାଗୃତି ମଣ୍ଡଳୀ ସହଯୋଗରେ ଅନୁଷ୍ଠିତ ହୋଇଛି। 'ଶକ୍ତି ଉପାସନା ଓ ଦେବଦେବୀ ପୂଜନ ବିଧିରେ ବଳିପ୍ରଥା ଯଥାର୍ଥ କି' ଶୀର୍ଷକ ଆଲୋଚନା ସଭାରେ ପ୍ରାକ୍ତନ ଆୟକର କମିଶନର ଶ୍ରୀକାନ୍ତ ଚାଟ୍ଟର୍ଜୀ ଅଧ୍ୟକ୍ଷତା କରିଥିଲେ। ସପକ୍ଷ ଆଲୋଚକ ଭାବେ ଫଣିନ୍ଦ୍ରମ ସିଂଦେଓ, ଆଦିତ୍ୟ ନାଥ ପଣ୍ଡା ଓ ବିପକ୍ଷ ଆଲୋଚକ ଭାବେ ତାରା ପ୍ରସାଦ ଆଚାର୍ଯ୍ୟ ଧ୍ରୁବ ଚରଣ ପ୍ରଧାନ ଯୋଗ ଦେଇ ନିଜ ମତ ରଖିଥିଲେ। ପ୍ରାରମ୍ଭରେ ସ୍ୟବ୍ରତ ଗହୀର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ନାଟ୍ୟକାର ଭୀଷ୍ମରାଜ ମେହେରଙ୍କ ଲିଖିତ ନାଟକ ପୁସ୍ତକ 'ଭାରତ ଆମର ଜଗତ ଗୁରୁ' ଉନ୍ମୋଚନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଣ୍ଟାବାଞ୍ଜି କଲେଜ ଅଧ୍ୟକ୍ଷ ଡ. ପଦ୍ମ ଲୋଚନ ବର୍ମା, ପ୍ରାକ୍ତନ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ, ସଙ୍ଗୀତଜ୍ଞ ନନ୍ଦଲାଲ ବାରିକ, ସାହିତ୍ୟିକ ଗୌରାଙ୍ଗ କୁମାର ସାହୁ, ଗଙ୍ଗାଧର ସାହିତ୍ୟ ସମିତି ସଭାପତି ବୈଷ୍ଣବ ମେହେର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଚତୁର୍ଭୁଜ ସେଠୀ ଧନ୍ୟବାଦ ଦେଇଥିଲେ।

# ଉତ୍କର୍ଷ ଡ୍ରୋନ୍ କେନ୍ଦ୍ର ଉଦ୍‌ଘାଟିତ

**ଆଦିବାସୀ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ କେନ୍ଦ୍ର ରୂପେ କାର୍ଯ୍ୟ କରିବ**

**ଭବାନୀପାଟଣା, ୨୪।୧(ଉତ୍ତମ କୁମାର ଦାଶ)**



ଉତ୍କର୍ଷ ଡ୍ରୋନ୍‌ର ଉଦ୍‌ଘାଟନ କରୁଛନ୍ତି ସାଂସଦ।

ରାଜ୍ୟ ସଭା ସାଂସଦ ସୁଜିତ କୁମାର ନିଜ ପୋଷ୍ୟ ଗ୍ରାମ ପଞ୍ଚାୟତ ଭବାନୀପାଟଣା ବ୍ଲକ ଶଗଡ଼ା ଓ ଭଟାଙ୍ଗପଦର ଉଚ୍ଚ ବିଦ୍ୟାଳୟରେ ଦୁଇଟି ଉତ୍କର୍ଷ ଡ୍ରୋନ କେନ୍ଦ୍ରର ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ସାଂସଦ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଦୁଇ କେନ୍ଦ୍ର ସ୍ଥାନୀୟ ଛାତ୍ରୀଛାତ୍ର ଓ ଯୁବତୀଯୁବକଙ୍କ ପାଇଁ ଦକ୍ଷତା ବିକାଶ କେନ୍ଦ୍ର ରୂପେ କାର୍ଯ୍ୟ କରିବ। କୌଣସି ସରକାରୀ ବିଦ୍ୟାଳୟରେ ଏପରି କେନ୍ଦ୍ରର ଗଠନ ସାରା ଦେଶରେ ପ୍ରଥମ ଏବଂ ଆଗାମୀ ଦିନରେ ରାଜ୍ୟ ତଥା ଦେଶର ଅଗ୍ରଣୀ ଡ୍ରୋନ କମ୍ପାନୀ ଆଇଜି ଡ୍ରୋନ୍ସ ଏବଂ ଜାତୀୟ ଦକ୍ଷତା ବିକାଶ ନିଗମ ସହାୟତାରେ ଅଞ୍ଚଳର ବେକାର ଯୁବକ ଯୁବତୀ ଏବଂ ମହିଳାମାନଙ୍କୁ ଡ୍ରୋନ ପାଇଲଟ ଓ ଟେକ୍‌ନିସିଆନ ପାଇଁ ତାଲିମ ପ୍ରଦାନ କରାଯିବା ସହିତ ତାଙ୍କର ରୋଜଗାର ପନ୍ଥାର ବ୍ୟବସ୍ଥା କରାଯିବ ବୋଲି ସାଂସଦ ସୁଜିତ ସୂଚନା ଦେଇଛନ୍ତି।

## ଶିବିରରେ ୫୧ୟୁନିଟ୍ ରକ୍ତ ସଂଗ୍ରହ

**ଧର୍ମଗଡ଼, ୨୪।୧ (ଆକାଶ କୁମାର ଜଗତ):** ଔଷଧ ବ୍ୟବସାୟୀଙ୍କ ସର୍ବଭାରତୀୟ ସଂଗଠନର ସୁବର୍ଣ୍ଣ ଜୟନ୍ତୀ ବର୍ଷ ଓ ଜାତୀୟ ସଭାପତି ଜଗନ୍ନାଥ ସିନ୍ଧେ ଜିଙ୍କ ୭୫ତମ ଜନ୍ମ ଦିବସ ଅବସରରେ ଶୁକ୍ରବାର ଧର୍ମଗଡ଼ ଡାକ୍ତରଖାନାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୫୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କଳାହାଣ୍ଡି କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ସଭାପତି ଅଶୋକ କୁମାର ରାଉତ, କୋଷାଧ୍ୟକ୍ଷ କିଶୋର ଅଗ୍ରୱାଲ, ଗୋରୀ ଶଙ୍କର ରାୟଗୁରୁ, ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଆଶିଷ ପଟ୍ଟଯୋଷୀ ସମେତ ସଂଘର ବହୁ ସଦସ୍ୟ ସହଯୋଗ କରିଥିଲେ।

# ବୋବରିଆରେ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**କୋକସରା,୨୪।୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମା' ଲଙ୍କେଶ୍ୱରୀ ଯୁବ ପରିଷଦ ବୋବରିଆ ଓ ଡେଙ୍ଗାଗୁଡା ଗ୍ରାମର ମିଳିତ ଉଦ୍ୟମରେ ଶୁକ୍ରବାର ସପ୍ତଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ମୁଖ୍ୟବକ୍ତା ଭାବେ ୱାର୍ଡସଭ୍ୟା ସବିତା ବେଶ୍ରା, ସମ୍ମାନିତ ଅତିଥି ଭାଜପା ନେତା ସୁଧୀର ପାତ୍ର, ରୁଦ୍ର ପ୍ରସାଦ ମାଝୀ, ଭବସିନ୍ଧୁ ଲଦୁଆ, ଭବାନୀ ଶଙ୍କର ମାଝୀ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ ବଙ୍କାପଲା ଓ ଟେମରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟେମରାକୁ ୧-୦ ଗୋଲରେ ହରାଇ ବଙ୍କାପଲା ଦଳ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ମ୍ୟାଚକୁ ରେଫରି ଭୁପେନ୍ଦ୍ର ଗୋପାଳ ଓ ଲାଇନ୍‌ମେନ ଦୀପକ କୁମାର ଦାସ, ସଞ୍ଜୀବ କୁମାର ଦୁର୍ଗା ପରିଚାଳନା କରିଥିଲେ। ମା' ଲଙ୍କେଶ୍ୱରୀ ଯୁବ ପରିଷଦ ପକ୍ଷରୁ ସଭାପତି ଗୋପାଳ କୃଷ୍ଣ ମାଝୀ, ଉପ ସଭାପତି ହୃଷୀକେଶ ଖମାରି, ସମ୍ପାଦକ ରଷିମଣି ଲଦୁଆ, ସହସମ୍ପାଦକ କାର୍ତ୍ତିକ ପାତ୍ର, କୋଷାଧ୍ୟକ୍ଷ ଜଗମୋହନ ମାଝୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ଖେଳାଳିଙ୍କ ସହ ଅତିଥିମାନେ।

# ପିସି କାରବାର: କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର

**ନୂଆପଡ଼ା,୨୪।୧ (ମକାରୁ ବେମାଲ)**



ଦାବିପତ୍ର ଦେଇ ଫେରୁଛନ୍ତି ଯୁବ କଂଗ୍ରେସ କର୍ମକର୍ତ୍ତା।

ନୂଆପଡ଼ା ଜିଲା କୋମନା ବ୍ଲକରେ ପିସି କାରବାରରେ ସମ୍ପୃକ୍ତ ବ୍ୟକ୍ତିବିଶେଷ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଯୁବ କଂଗ୍ରେସ ପକ୍ଷରୁ ସଭାପତି ଅମିତ କୁମାର ଅହିରଙ୍କ ନେତୃତ୍ୱରେ ଶୁକ୍ରବାର ଜିଲାପାଳ ମଧୁସୂଦନ ଦାସଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ ଏକସପ୍ତାହ ପୂର୍ବେ କୋମନା ବ୍ଲକ ଅଧ୍ୟକ୍ଷା ଓ ତାଙ୍କ ସ୍ୱାମୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଅର୍ଥ ଟ୍ରାନ୍ସଫର ନେଇ କୋମନା ଅଞ୍ଚଳର ଜଣେ ସାମାଜିକ କର୍ମୀ ରାଜ୍ୟ ସରକାରଙ୍କଠାରେ ଅଭିଯୋଗ କରିଥିଲେ। ପରେ ସରକାରଙ୍କ ପକ୍ଷରୁ ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ହୋଇଥିଲା। ତଦନ୍ତ ରିପୋର୍ଟ ଆଧାରରେ କୋମନା ବ୍ଲକର ୨ ଜଣ କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ନାଥ ଗୁଡୁ ଓ ଶାନ୍ତନୁ ରଣା ଏବଂ ବର୍ତ୍ତମାନ ନୂଆପଡ଼ା ବ୍ଲକରେ କାର୍ଯ୍ୟରତ ଥିବା ତତ୍କାଳୀନ କୋମନା ବ୍ଲକର କନିଷ୍ଠ ଯନ୍ତ୍ରୀ ମନୋଜ କୁମୁରାଙ୍କୁ ନିଲମ୍ବନ କରାଯାଇଛି। ତେବେ ପିସି ପ୍ରଦାନ କରିଥିବା ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାବେଳେ ନେଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଯୁବ କଂଗ୍ରେସ ଦାବି କରିଛି। ଏହାସହ କୋମନା ବ୍ଲକରେ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ବ୍ୟାଙ୍କ ଖାତାକୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଦାବି କରାଯାଇଛି। ଆଗାମୀ ଏକ ସପ୍ତାହ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଜିଲା ବନ୍ଦ କରି ରାଜରାସ୍ତାକୁ ଓହ୍ଲାଇବାକୁ ଜିଲା ଯୁବ କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ଦେବା ସମୟରେ ଯୁବ କଂଗ୍ରେସ ଜିଲା ସଭାପତି ଅମିତଙ୍କ ସମେତ ଭରତଲାଲ ରାଉତ, ଶାହରୁଖ ଖାନ, ପାସା ମହାନନ୍ଦ, ପ୍ରେମ କୁମାର ଜଗତ, ନେପାଳ ଜଗତ, ପ୍ରଫୁଲ୍ଲ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜିଲାପାଳ ଦାସଙ୍କୁ ପଚାରିବାରୁ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରାଯିବ। ସତ୍ୟାସତ୍ୟ ଜଣାପଡିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଶିବିରରେ ୧୦୪ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼,୨୪।୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଟଳ ଚାରିଟେବୁଲ ଟ୍ରଷ୍ଟର ସଭାପତି ଶିବାଜୀ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରକୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଫକୀର ମୋହନ ପଟେଲ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୦୪ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ଫକୀର ମୋହନ ପଟେଲ, ହେମନ୍ତ ପ୍ରଧାନ, ମୁକୁନ୍ଦ ପ୍ରଧାନ, ସନ୍ତୋଷ ମେହେର, ଅଶ୍ୱିନୀ ଦର୍ଜୀ, ସଂଘମିତ୍ରା ପଟେଲ, ବଳରାମ ବିସର୍, ପୁଷ୍ପାଞ୍ଜଳି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରଗଡ଼ ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ପ୍ରଫୁଲ୍ଲ ପ୍ରଧାନ, ବଳରାମ ସା, ଓମ୍‌ପ୍ରକାଶ ଭୋଇ, ଅଜିତ ଦାଶ, ନିତ୍ୟାନନ୍ଦ ବେହେରା, ଖଗେଶ୍ୱର ପ୍ରଧାନ, ଶଙ୍କରଭାନୁ ପଟେଲ, ପ୍ରକାଶ ରଥ, ରାଧେଶ୍ୟାମ ସା, ଜିତେନ ମାଣିକ ପୁରୀ, ଶ୍ରୀମନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ବିଜାଢୋଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



**ଝାରବନ୍ଧ,୨୪।୧(ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ ବିଜାଢୋଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ପ୍ରଧାନ ସଭାପତିତ୍ୱ କରିଥିଲେ। ଏବିଇଓ ଦୟାନିଧି କୈବର୍ତ୍ତ ମୁଖ୍ୟ ଅତିଥି, ଝାରବନ୍ଧ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ମୁଖ୍ୟ ବକ୍ତା ଏବଂ ଝାରବନ୍ଧ ଜୁନିୟର କଲେଜ ଅଧ୍ୟକ୍ଷ ସାନନ୍ଦ କୁମାର ସାହୁ, କନ୍ଦାଡ଼ଙ୍ଗର ସରପଞ୍ଚ ସୁନୀଲ କୁମାର ରାୟ, ସିଆରସିସି ଗୋପାଳ ଚନ୍ଦ୍ର ହରିଜନ, ଚରଦାପାଲି ପ୍ରଧାନଶିକ୍ଷକ ଦୈତାରୀ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଓ ଶାରୀରିକ ଶିକ୍ଷା ଉପରେ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରକାଶିନୀ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରେ ବାର୍ଷିକ କ୍ରୀଡାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ମେଡାଲ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ଖେଳ ଶିକ୍ଷୟିତ୍ରୀ ଅର୍ଣ୍ଣପୂର୍ଣ୍ଣା ପାଉଲ, ରାମକୃଷ୍ଣ ପ୍ରଧାନ, ଇନ୍ଦ୍ରଜିତ ପ୍ରଧାନ, ଅନ୍ତର୍ଯାମୀ ଭୋଇ, ରାଜୀବ ଲୋଚନ ପ୍ରଧାନ, ପ୍ରତାପ ସାହୁ, ରିଙ୍କି ସାହୁ, ବିଳାସିନୀ ବରିହା, ସସ୍ମିତା ଭୁଏ, ସୁବାସିନୀ ତାଣ୍ଡି, ରଶ୍ମିତା ବିଭାର ପ୍ରମୁଖ ସହଯୋଗ କରିଥିଲେ।

### ପଦ୍ମପୁରରେ ୧ ଟଙ୍କିଆ ଇସିଜି ସେବା



**ପଦ୍ମପୁର ୨୪.୧ (ପ୍ରଦୀପ୍ତ ଦାଶ):** ପଦ୍ମପୁରଠାରେ ଡାକ୍ତର ରାମଚନ୍ଦାନୀ ଗୋଟିଏ ଛାତ ତଳେ ଏକ ଟଙ୍କିଆ କ୍ଲିନିକ, ଏକ ଟଙ୍କିଆ ଔଷଧ ସାଙ୍ଗକୁ ଇସିଜି ସେବା ଆରମ୍ଭ କରିଛନ୍ତି। ଶୁକ୍ରବାର ତାଙ୍କ କାକିମାୟା ରାମଚନ୍ଦାନୀ ଓ ବଡ଼ ଭାଇ ବିଜୟ ରାମଚନ୍ଦାନୀ ଏକ ଟଙ୍କିଆ ଇସିଜି ସେବାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜମଲା ଗ୍ରାମର ଜୀବନ ମେହେର ପ୍ରଥମ ଇସିଜି ସେବା ପାଇଛନ୍ତି। ଡା. ରାମଚନ୍ଦାନୀ ସ୍ୱର୍ଗୀୟ ମାତା ଲାଜବନ୍ତୀ ରାମଚନ୍ଦାନୀଙ୍କ ସ୍ମୃତିରେ ଏକ ଟଙ୍କିଆ କ୍ଲିନିକ ସହ ଔଷଧ, ଇସିଜି ସେବା ଓ ସିଲେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିଛନ୍ତି। ଅଦ୍ୟାବଧି ସ୍ୱାସ୍ଥ୍ୟସେବାରେ ୭୮,୩୪୫ଜଣ ରୋଗୀ ଉପକୃତ ହୋଇଛନ୍ତି। ପଦ୍ମପୁରରେ ଇସିଜି ସେବା ଉଦ୍‌ଘାଟନ ସମୟରେ ଦେବ ନାରାୟଣ ମହାନ୍ତି, ରାଜକିଶୋର ଭୋଇ, ପୁତନ ବାଜପେୟୀ, ବାବୁ ସରାଫ, ବଲ୍ଲଭ ମେହେର, ଅଙ୍କିତ ରାମଚନ୍ଦାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁକନ୍ୟା ହିଁ ଦେଶର ଭବିଷ୍ୟତ

### ଜିଲାସ୍ତରୀୟ ଜାତୀୟ ଶିଶୁକନ୍ୟା ଦିବସ ପାଳନ

**ବରଗଡ଼,୨୪।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଜିଲାସ୍ତରୀୟ ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବାଳିକାମାନେ ଦେଶର ଭବିଷ୍ୟତ ଏବଂ ସେମାନଙ୍କ ସର୍ବାଙ୍ଗୀନ ଉନ୍ନତିରେ ହିଁ ଦେଶର ଉନ୍ନତି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହାସହିତ ରାଜ୍ୟ ସରକାର ବାଳିକା ଶିକ୍ଷାକୁ ପ୍ରାଧାନ୍ୟ ଦେଇ କରିଥିବା ବିଭିନ୍ନ ଯୋଜନା ଉପରେ ବିଧାୟକ ଷଡ଼ଙ୍ଗୀ ଆଲୋକପାତ କରିଥିଲେ।

ବରଗଡ଼ ବିଡ଼ିଓ ବ୍ରେସିୟସ୍ ଡୁଙ୍ଗଡୁଙ୍ଗ, ଜର୍ଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା, ସମଗ୍ର ଶିକ୍ଷା ଜେଣ୍ଡର ସଂଯୋଜିକା ସ୍ୱର୍ଣ୍ଣପ୍ରଭା ପଣ୍ଡା ପ୍ରମୁଖ




କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ବକ୍ତବ୍ୟ ରଖୁଛନ୍ତି।

ସମ୍ମାନିତ ଅତିଥିଭାବେ ଯୋଗଦେଇ ସମାଜ ଗଠନରେ ଶିଶୁକନ୍ୟାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ଏକକ ନୃତ୍ୟ, ବିତର୍କ ଏବଂ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଏକକ ନୃତ୍ୟ କନିଷ୍ଠ ବିଭାଗରେ ଅଙ୍କିତା ଷଣ୍ଢ, ଲିପି ସାହୁ, ସ୍ମୃତି କୁମ୍ଭାର, ବରିଷ୍ଠ ବିଭାଗରେ ରିଶ୍ମାରାଣୀ ବେହେରା, ଅଲିଭା ଦୀପ, ଅଙ୍କିତା ସାହୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ। ସଙ୍ଗୀତ କନିଷ୍ଠ ବିଭାଗରେ ଆଦ୍ୟାଶା ପୋଢ଼, ବୈଷ୍ଣବୀ ସୁନା, ଭାନୁପ୍ରିୟା ନାଗ, ବରିଷ୍ଠ ବିଭାଗରେ ଇଶିକା ଦେବତା, ରଶ୍ମି ମହାନନ୍ଦ, ମାନସୀ ମହାନନ୍ଦ, ବିତର୍କ ପ୍ରତିଯୋଗିତା କନିଷ୍ଠ ବିଭାଗରେ ଦିଶା ପ୍ରିୟଦର୍ଶିନୀ, ଶ୍ରୁତି ପଟେଲ, ବବଲି ମାଝୀ, ବରିଷ୍ଠ ବିଭାଗରେ ସୁଦେଷ୍ଣା ପ୍ରଧାନ, ସୁପ୍ରତୀକ୍ଷାରାନୀ ତାଣ୍ଡି, ଧନିଷ୍ଠା ସାହୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ, କରଣ ଦାଶ, ଗୋପାଳ ପ୍ରସାଦ ମିଶ୍ର, ସନ୍ତୋଷ ପଣ୍ଡା, ଗୋବିନ୍ଦ ସେଟ୍, ରୋଜାଲିନ ମିଶ୍ର, ପଙ୍କଜିନୀ ଗୁରୁ, ସୁରେଶ ଦାଶ, ପ୍ରଦୀପ ମିଶ୍ର ପ୍ରମୁଖ ବିଚାରକ ଭାବେ ଯୋଗଦାନ କରିଥିଲେ। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସମଗ୍ର ଶିକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ସମେତ ଅରବିନ୍ଦ ଗୁପ୍ତା, ପରିତୋଷ ବେହେରା, କୁମୁଦ ସାହୁ, ସଦାନନ୍ଦ ଜାଲ, ଦିପ୍ତୀମାନ ପାଣିଗ୍ରାହୀ, ଅଭୟ ବେହେରା, ସୁଶାନ୍ତ ମଙ୍ଗୁଆଳ, ଚୂଡ଼ାମଣି ଭୋଇ, ଦେବରଞ୍ଜନ କର୍ମୀ ପ୍ରମୁଖ ସହଯୋଗ କରିଥିଲେ।

ବରଗଡ଼ ରାଣାପ୍ରତାପ ସ୍କୁଲରେ ମଧ୍ୟ ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଶତାଧିକ ଶିଶୁକନ୍ୟାଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ମହିଳା କର୍ମଚାରୀ ଏକତ୍ରିତ ହୋଇଥିଲେ। ସମସ୍ତେ ସମାଜ ମଙ୍ଗଳ ପାଇଁ କାର୍ଯ୍ୟ କରିବାକୁ ଦୃଢ଼ ସଂକଳ୍ପ ନେଇଥିଲେ।

# ପାଇକମାଳ ହାଇସ୍କୁଲର ବାର୍ଷିକୋତ୍ସବ



ଅତିଥିମାନଙ୍କ ଗହଣରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

**ପାଇକମାଳ,୨୪।୧(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ମିଟିଂ ହଲରେ ଶୁକ୍ରବାର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଡ. ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ପାଇକମାଳ ବିଡିଓ ପ୍ରଫୁଲ୍ଲ କୁମାର ଓଡ୍ଡୁ ମୁଖ୍ୟଅତିଥି, ବିଇଓ ଚୂଡ଼ାମଣି ବାରିକ, ଏବିଇଓ ଧଳେନ୍ଦ୍ର ବାରିକ, ଅନିଲ କୁମାର କାଳିଆ, ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, କୁସୁମ କୁମାର ରାଓ, ଡ. ରତନ କୁମାର ଅଗ୍ରୱାଲ, ସୁବାସ ଚନ୍ଦ୍ର ସାହୁ, ପୂର୍ଣ୍ଣରାମ ସା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ର ସବୁକ୍ଷେତ୍ରରେ ବିଦ୍ୟାଳୟ ପାଇଁ ସୁନାମ ଅର୍ଜନ କରିବାକୁ ମୁଖ୍ୟଅତିଥି ଓଡ୍ଡୁ ଉଦ୍‌ବୋଧନ ଦେଇଥିଲେ। ବବିତା ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ। ଜିଲା ଓ ରାଜ୍ୟସ୍ତରରେ କୃତିତ୍ୱ ପାଇଁ ୨୭ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଲଳିତ କୁମାର ବିଶ୍ୱାଳ, ମନୋଜ ସାହୁ, ଜଗବନ୍ଧୁ ସ୍ୱାଧୀନ, ଅମିତ ସାହୁ, ନିରୂପମା ସାହୁ, ଆନନ୍ଦିନୀ ସେଠ, ଅଞ୍ଜଳି ପରିଡ଼ା, ମୀନା କୁମାରୀ ଦାସ ସହଯୋଗ କରିଥିଲେ। ତ୍ରିଲୋଚନ ନାୟକ ଅତିଥି ପରିଚୟ ଓ ରଜତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ରେଳପଥ ନିର୍ମାଣ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା

**ବରଗଡ଼,୨୪।୧(ପ୍ରେମାନନ୍ଦ ଖମାରୀ)**

ରାୟପୁରରୁ ସମ୍ବଲପୁର ନୂତନ ରେଳପଥ ନିର୍ମାଣ ପରିପ୍ରେକ୍ଷୀରେ ରାୟପୁର-ବରଗଡ଼ ରେଳ ଲାଇନ ନିର୍ମାଣ ସଂଘର୍ଷ ସମିତିର ଏକ ପ୍ରତିନିଧି ଦଳ ଗତ ୨୨ତାରିଖରେ ଭୁବନେଶ୍ୱର ରେଳ ଭବନରେ ମୁଖ୍ୟମନ୍ତ୍ରୀ ଶଶୀମୋହନ ସିଂଙ୍କୁ ଭେଟିଥିଲେ। ଉକ୍ତ ପ୍ରତିନିଧି ଦଳ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ରାୟପୁରରୁ ସମ୍ବଲପୁର ନୂତନ ରେଳପଥ ନିର୍ମାଣ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ପ୍ରତିନିଧି ଦଳରେ ସମିତିର ଦିଲୀପ ଗୁପ୍ତା, ସଙ୍ଗଠନ ମନ୍ତ୍ରୀ ଅଭିଜିତ ପ୍ରତିହାର, ସହ ସଚିବ ସତ୍ୟଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରେଳପଥ ନିର୍ମାଣ ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିର୍ଦ୍ଦେଶ



ରେଳ ଭବନରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯାଉଛି।

ଅନୁଯାୟୀ, ଜମି ଏବଂ ପୋଲ ନିର୍ମାଣ ପାଇଁ ସର୍ଭେ କାର୍ଯ୍ୟ ସରିଥିବା ନେଇ ମୁଖ୍ୟମନ୍ତ୍ରୀ କହିଥିଲେ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୨୭୦କି.ମି ରେଳପଥ ନିର୍ମାଣ ପାଇଁ ରାୟପୁର ବ୍ୟତୀତ ଅନ୍ୟ ସବୁ ଜିଲାର ଜମି ସମ୍ପର୍କୀତ ସୂଚନା ମିଳିସାରିଛି ଏବଂ ରାୟପୁର ଜିଲାପାଳଙ୍କଠାରୁ ସୂଚନା ମିଳିବା ମାତ୍ରେ ଖୁବଶୀଘ୍ର ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ ଜେନେରାଲ ମ୍ୟାନେଜରଙ୍କ ପାଖକୁ କାର୍ଯ୍ୟକାରୀ କରିବା ପାଇଁ ପଠାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିବା ସମିତିର ପ୍ରତିନିଧିମାନେ କହିଛନ୍ତି।

### ଦେବୋତ୍ତର କମିଶନରଙ୍କ ମନ୍ଦିର ପରିଦର୍ଶନ

**ବରଗଡ଼,୨୪।୧(ପ୍ରେମାନନ୍ଦ ଖମାରୀ)**

ରାଜ୍ୟ ସରକାରଙ୍କ ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା ଗୁରୁବାର ବରଗଡ଼ସ୍ଥିତ ଶ୍ରୀ ମାଁ ଶ୍ୟାମାକାଳୀ ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିରର ସୌନ୍ଦର୍ଯ୍ୟକରଣ, ସୁନ୍ଦର ପରିଚାଳନା ପାଇଁ ମନ୍ଦିର କମିଟିଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ପରିଦର୍ଶନ ସମୟରେ ଦେବୋତ୍ତର କମିଶନର ଜେନା ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହା ପୂର୍ବରୁ ସେ ଗତ ୨୦୧୫ରେ ଉକ୍ତ ମନ୍ଦିର ପରିଦର୍ଶନ କରିଥିବା କହିଥିଲେ। ମନ୍ଦିର ପରିଚାଳନା କମିଟି ତରଫରୁ ଗୌରାଙ୍ଗ ନାୟକ, ବିଜୟ କୁମାର ମିଶ୍ର, ଦେବେଶ ଦେଶାଇ, ପ୍ରମୋଦ ବିଶି, ସୁବାସ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ସ୍ଥାପନା ଇତିହାସ ଏବଂ ସରକାରୀ ପଞ୍ଜୀକରଣ ନେଇ ପରିଚାଳନା କମିଟିର ସଦସ୍ୟବୃନ୍ଦ ଦେବୋତ୍ତର କମିଶନରଙ୍କୁ ସୂଚନା ପ୍ରଦାନ କରିଥିଲେ।

# ସମବାୟ ସମିତି ପରିଚାଳନା ପ୍ରଶିକ୍ଷଣ



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରଗଡ଼,୨୪।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ କୃତାର୍ଥ ଆଚାର୍ଯ୍ୟ ସମବାୟ ପରିଚାଳନା କେନ୍ଦ୍ର ପରିସରରେ ଶୁକ୍ରବାର ବରଗଡ଼, ବରପାଲି, ଅତାବିରା ଆଞ୍ଚଳିକ ସମବାୟ ବାଣିଜ୍ୟ ସମିତି ପରିଚାଳନା ପରିଷଦ ସଭ୍ୟାସଭ୍ୟଙ୍କ ସମିତି ପରିଚାଳନା ଉନ୍ନୟନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ଉପସଭାପତି ବିରୋସେନ ସାହୁ ମୁଖ୍ୟଅତିଥି, ଡଃ ରମାକାନ୍ତ ଶତପଥୀ, ଠାକୁରରାମ ପଟେଲ, ପରିଚାଳନା କେନ୍ଦ୍ର ଅଧ୍ୟକ୍ଷ ଧର୍ମେନ୍ଦ୍ର କୁମାର ସାବତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମବାୟ ସମିତି ପରିଚାଳନା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ସୁଜିତ କୁମାର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମବାୟ ସମିତିର ଅନେକ କର୍ମଚାରୀ ଯୋଗଦାନ କରିଥିଲେ।

# ସେମିରେ ତେଜାଗୋଲା, ଶରତ ଇଲେଭେନ



ଅତିଥିମାନଙ୍କ ଗହଣରେ ଖେଳାଳିବୃନ୍ଦ।

**ବରଗଡ଼,୨୪।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବଡ଼ମାଳ ଖେଳ ପଡ଼ିଆରେ ଚାଲିଥିବା ମାଁ ଶ୍ୟାମାକାଳୀ କପ୍ ଫୁଟବଲ ପ୍ରତିଯୋଗିତାର ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଶରତ ଇଲେଭେନ ଦଳ ପ୍ରତିପକ୍ଷ ଡ୍ରିମ ଇଲେଭେନ ଦଳକୁ ୧-୦ ଗୋଲରେ ପରାସ୍ତ କରି ସେମି ଫାଇନାଲକୁ ଉନ୍ନୀତ ହୋଇଛି। ଏହା ପୂର୍ବରୁ ବୁଧବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ତେଜାଗୋଲା ଦଳ ପ୍ରତିପକ୍ଷ ଉର୍ଦ୍ଧୁନାକୁ ୧-୦ ଗୋଲରେ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ଗୋପାଳ ନାଏକ, ପଙ୍କଜ ମିର୍ଦ୍ଧା, ରୁନୁ ମହାପାତ୍ର, ଅନିରୋଧ ପ୍ରଧାନ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଅଶୋକ ବଘେଲ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। କେଶାଇପାଲି ସରପଞ୍ଚ ସୁପାଲ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିବସରେ ପଦ୍ମଚରଣ ସାହୁ ମୁଖ୍ୟଅତିଥି ଏବଂ ସ୍ୱାଧୀନ ପ୍ରଧାନ, ସୁବ୍ରତ ସାହୁ, ଶଶିଭୂଷଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

### ପ୍ରତିଷ୍ଠା ଉତ୍ସବ ପାଇଁ ସଭା

**ବରଗଡ଼,୨୪।୧(ପ୍ରେମାନନ୍ଦ ଖମାରୀ):** ସଂଯୁକ୍ତ ଯୁବ ସଙ୍ଗଠନ ପରିଚାଳିତ ବରଗଡ଼ ସହର ଉପକଣ୍ଠ ଚକରକେନ୍ଦ୍ର ନିକଟରେ ରହିଥିବା ଶାନ୍ତି ତପୋବନ ଆଶ୍ରମ, ମାତୃଛାୟା, ବାନପ୍ରସ୍ଥ ଏବଂ ନର ନାରାୟଣ ସେବା ମନ୍ଦିର ଦିବ୍ୟ ପ୍ରତିଷ୍ଠା ଉତ୍ସବ ପାଳନ ପାଇଁ ଗୁରୁବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଗିରିଜା ଶଙ୍କର ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିଲେ। ରମାକାନ୍ତ ତ୍ରିପାଠୀ ସଭା ସଂଯୋଜନା କରିଥିଲେ। ଶାନ୍ତି ତପୋବନ ଆଶ୍ରମର ମୁଖ୍ୟ ଦେବଦତ୍ତ ତ୍ରିପାଠୀ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭ୍ୟବୃନ୍ଦ ନିର୍ମାଣାଧୀନ ଆଶ୍ରମ ବୁଲି ଦେଖିଥିଲେ। ସେହପରି ମନ୍ଦିର ଦିବ୍ୟ ପ୍ରତିଷ୍ଠା ଉତ୍ସବ ପାଳନ ପାଇଁ ସଭାରେ ଆଲୋଚନା ହୋଇଥିଲା।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ ଉଦ୍‌ଯାପିତ




ବାର୍ଷିକୋତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଝାରବନ୍ଧ,୨୪।୧(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବଲିଢିପାଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ 'ଝଙ୍କାର' ଶୁକ୍ରବାର ଅପରାହ୍ନ ୨ଟାରେ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି, ନାଟ୍ୟକାର ପ୍ରଫେସର କେଶରଞ୍ଜନ ପ୍ରଧାନ ମୁଖ୍ୟ ବକ୍ତା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପର୍ଶୁରାମ ପଣ୍ଡା, ବ୍ଲକ ଶିକ୍ଷାଧିକାରୀ ଶୁଭମ ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୟ ଦାନୀ ମଞ୍ଚ ପରିଚାଳନା କରିଥିବା ବେଳେ କ୍ଷୀରସାଗର ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅସିତ ମିର୍ଦ୍ଧାଙ୍କ ସଂଯୋଜନାରେ ପୁରସ୍କାର ବିତରଣ କରାଯାଇଥିଲା। ବାଳିକା ବିଭାଗରେ ତନୀଷା ଗର୍ଗ ଓ ବାଳକ ବିଭାଗରେ ସ୍ମିତା ପରିମିତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ 'ମୋତେ ବୃଦ୍ଧାଶ୍ରମ ମନା' ଏକାଙ୍କିକା ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

# ରାମାୟଣ ପାରାୟଣ ପାଇଁ କଳସ ଶୋଭାଯାତ୍ରା

**ଗାଇସିଲେଟ,୨୪।୧(ଦୁର୍ଗା ପ୍ରସାଦ ତ୍ରିବେଦୀ)**

ଗତବର୍ଷ ଅଯୋଧ୍ୟାରେ ନିର୍ମାଣ କରାଯାଇଥିବା ଶ୍ରୀରାମ ମନ୍ଦିରର ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଗାଇସିଲେଟ ଶହୀଦ ଛକ ନିକଟ ପଡିଆରେ ରାମଭକ୍ତ ପଣ୍ଡିତ ନବିନ ତ୍ରିପାଠୀଙ୍କ ଉଦ୍ୟମରେ ୯ଦିନ ବ୍ୟାପୀ ରାମଚରିତ ମାନସ ପାରାୟଣ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ସ୍ଥାନୀୟ ଜୁହ୍ମାବନ୍ଧରୁ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଲଳିତ କୁମାର ପଣ୍ଡା ପୂଜାର୍ଚ୍ଚନା କରିବା ପରେ ମହିଳାମାନେ ଜଳପୂର୍ଣ୍ଣ କଳସ ଆଣି ପାରାୟଣସ୍ଥଳରେ ସ୍ଥାପନ କରିଥିଲେ। ଗ୍ରାମର ଗୌନ୍ତିଆ ମହେନ୍ଦ୍ର କୁମାର ସାହୁ ସସ୍ତ୍ରୀକ କର୍ତ୍ତା ଏବଂ ପାରାୟଣ ଗାୟକ ପଣ୍ଡିତ ନାରାୟଣ ଓଝା ବ୍ୟାସକାର୍ଯ୍ୟ ସମ୍ପାଦନ କରୁଛନ୍ତି।



ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

### ଶ୍ରୀଅରବିନ୍ଦ ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବ

**ଝାରବନ୍ଧ,୨୪।୧(ଦେବେନ୍ଦ୍ର ସାହୁ)**

ଝାରବନ୍ଧର ଶ୍ରୀମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ବାର୍ଷିକୋତ୍ସବ ପରିଚାଳନା କମିଟି ସଭାପତି ଅଇଁଠା ପ୍ରଧାନଙ୍କ ସଭାପତିତ୍ୱରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ପାଦକ ଶିବ ପ୍ରସାଦ ପଟେଲ ବାର୍ଷିକ ବିବରଣୀ ପଠନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭମ ପତି, ଜିଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା, ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ କୈଳାଶ ରଣା ମଞ୍ଚାସୀନ ଥିଲେ। ଅତିଥିମାନେ ପ୍ରଥମେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ତୈଳଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଦୁର୍ଗାସ୍ତୋତ୍ର ପରେ ସଭାକାର୍ଯ୍ୟ କରାଯାଇଥିଲା। ବିସିକେଶନ ଧରୁଆ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷାନୁଷ୍ଠାନ ମଣିଷ ଗଢା କାରଖାନା। ତେଣୁ ପ୍ରତ୍ୟେକ ବିଦ୍ୟାଳୟ ପ୍ରତି ଅକୁଣ୍ଠ ସହଯୋଗ ରହିବ ବୋଲି ଏମ୍‌ପି ପୁରୋହିତ କହିଥିଲେ। ଗୋବିନ୍ଦ ପଟେଲ, ସୌମ୍ୟରଞ୍ଜନ ସାହୁ ଓ ଅନ୍ୟ ଅଭିଭାବକମାନେ ସହଯୋଗ କରିଥିଲେ।

# ସ୍ଥାୟୀ ନିଯୁକ୍ତି ଦାବି, ଜିଲାପାଳଙ୍କୁ ଫେରାଦ



ସ୍ଥାୟୀ ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଶ୍ରମିକ, ନେତୃବୃନ୍ଦ।

**ବରଗଡ଼,୨୪।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବାଉଲସିଂହାସ୍ଥିତ ଇଥାନଲ ପ୍ଲାଣ୍ଟରେ ଗୋଟିଏ ପଟେ ସ୍ଥାନୀୟ ନିଯୁକ୍ତି ଦାବି ଜୋର୍ ଧରିଥିବାବେଳେ ଅନ୍ୟପଟେ କାର୍ଯ୍ୟରତ ଶ୍ରମିକମାନେ ସ୍ଥାୟୀ ନିଯୁକ୍ତି ଦାବି କରିଛନ୍ତି। ଏହି ଦାବି ନେଇ ଶୁକ୍ରବାର ଶ୍ରମିକମାନେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଛନ୍ତି। ସେମାନଙ୍କୁ ପ୍ଲାଣ୍ଟରେ ସ୍ଥାୟୀ ନିଯୁକ୍ତି ଦେବା ଦିଗରେ ବିହିତ ପଦକ୍ଷେପ ନେବାକୁ ଶ୍ରମିକମାନେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ଶ୍ରମିକମାନେ ଗତ ୪ବର୍ଷ ହେଲା ଉକ୍ତ ଇଥାନଲ ପ୍ଲାଣ୍ଟରେ କାର୍ଯ୍ୟ କରିଆସୁଛନ୍ତି। ବିଭିନ୍ନ ସମୟରେ ଉକ୍ତ ପ୍ଲାଣ୍ଟରେ ଶ୍ରମିକଙ୍କୁ ଛଟେଇ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଫଳରେ ପ୍ଲାଣ୍ଟରେ କାର୍ଯ୍ୟରତ ସମସ୍ତ ଶ୍ରମିକଙ୍କୁ ତୁରନ୍ତ ସ୍ଥାୟୀ ନିଯୁକ୍ତି ଦେବାକୁ ଦାବି ହୋଇଛି। ଏହି ଦାବି ନେଇ ଆଇଏନ୍‌ଟିୟୁସି ନେତା କିଶୋର ସାହୁଙ୍କ ନେତୃତ୍ୱରେ ଜୟରାମ ବିଶ୍ୱାଳ, ଭରତ ଭୋଇ, ଡୋଲାମଣି ରାଜହଂସ, ଅକ୍ଷୟ ବାଗ, ସତ୍ୟ ଶୁଭମ ବାଗ, ଅନନ୍ତ ହରପାଲ ପ୍ରମୁଖ ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଆମ୍ ଆଦ୍‌ମୀ ପାର୍ଟିର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ସରୋଜ ନାଏକ ପ୍ରମୁଖ ଶ୍ରମିକଙ୍କ ଦାବିକୁ ସମର୍ଥନ ଜଣାଇ ଉପସ୍ଥିତ ଥିଲେ।

## ଗାୟତ୍ରୀ ପରିବାରର ୨୪କୁଣ୍ଡୀୟ ଯଜ୍ଞ ଆରମ୍ଭ

ରାଉରକେଲା,୨୪।୧(ସଙ୍ଗୀତା ଜେନା): ଅଖିଳ ବିଶ୍ୱ ଭାରତୀ ଗାୟତ୍ରୀ ପରିବାର ପକ୍ଷରୁ ସେକ୍ଟର-୨ ଗାୟତ୍ରୀ ଶକ୍ତିପୀଠ ପ୍ରାଙ୍ଗଣରେ ଶୁକ୍ରବାର ସକାଳ ୬ଟାରେ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଛି। ସକାଳେ ପ୍ରଜ୍ଞାଯୋଗ ଧ୍ୟାନ ସାଧନା, ୮ଟାରେ ଯଜ୍ଞ, ଦେବପୂଜନ ସହ ସମସ୍ତ ସଂସ୍କାର ବିଧି, ଅପରାହ୍ନ ୨ଟାରେ କାର୍ଯ୍ୟକର୍ତ୍ତା ଗୋଷ୍ଠୀ, ସଙ୍ଗଠନାତ୍ମକ ଗୋଷ୍ଠୀ, ଅପରାହ୍ନ ୪ଟାରୁ ୬ଟା ଯୁଗ ସଙ୍ଗୀତ ଏବଂ ପ୍ରବଚନ ଆଦି କରାଯାଇଥିଲା। ସନ୍ଧ୍ୟା ସାଢ଼େ ୬ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ବିଶେଷ ଋଷି ପୁତ୍ର ଶେଷଦେବ ବରାଇ, ରବିକାନ୍ତ ଶାସ୍ତ୍ରୀ, ସରୋଜ ପ୍ରଧାନ, ନିତ୍ୟାନନ୍ଦ, ସୁବାସ ଚୌହାନ ପ୍ରମୁଖ ୨୪ କୁଣ୍ଡୀୟ ଯଜ୍ଞ ସଂସ୍କାର କରିଥିଲେ। ଏଥିରେ ରାଉରକେଲା, ବିରମିତ୍ରପୁର, ରାଜଗାଙ୍ଗପୁର ସମେତ ଝାଡଖଣ୍ଡ, ଛତିଶଗଡ଼ର ବହୁ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ଉକ୍ତ ଯଜ୍ଞରେ ନାମକରଣ, ଅନ୍ନପ୍ରାସନ ସମେତ ଅନ୍ୟ ସଂସ୍କାର ନିଃଶୁଳ୍କରେ କରାଯାଉଛି। ଟ୍ରଷ୍ଟି ନିତ୍ୟାନନ୍ଦ ଦାସ, ଜିଲା ସଂଯୋଜକ କାଶୀନାଥ ପଣ୍ଡା ପ୍ରମୁଖ ଏହାକୁ ପରିଚାଳନା କରୁଛନ୍ତି।

# ନିଶା କାରବାରର ପେଣ୍ଠସ୍ଥଳ ପରିତ୍ୟକ୍ତ କ୍ୱାର୍ଟର୍ସ

ରାଉରକେଲା,୨୪।୧(ସଙ୍ଗୀତା ଜେନା)


ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ରେଳବାଇ କ୍ୱାର୍ଟର୍ସ।

ସ୍ମାର୍ଟସିଟି ରାଉରକେଲାରେ ଜନସଂଖ୍ୟା ବଢୁଥିବାରୁ ଏବେ ବାସଗୃହ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ସହରରେ ଜମିଦର ଆକାଶଛୁଆଁ ହୋଇଥିବା ବେଳେ ଏପରି ଅଞ୍ଚଳ ରହିଛି ଯେଉଁଠାରେ ସରକାରୀ ବାସଗୃହଗୁଡ଼ିକ ଅବ୍ୟବହୃତ ହୋଇ ପଡିରହିଛି। ଫଳରେ ଏହି ବାସଗୃହଗୁଡିକ ନିଶା କାରବାରର ପେଣ୍ଠସ୍ଥଳୀ ସାଜିଛି। ଏହାଦ୍ୱାରା ସ୍ଥାନୀୟ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏପରି ଏକ ଅଞ୍ଚଳ ହେଉଛି ପୁରୁଣାଷ୍ଟେଶନ ରୋଡ୍ ରାଷ୍ଟ୍ରୀୟ ବିଦ୍ୟାଳୟ ମାର୍ଗରେ ଥିବା ୧୦ କ୍ୱାର୍ଟର୍ସ। ଏଠାରେ କେହି ରହୁ ନ ଥିବାରୁ ସେଗୁଡିକ ଦୀର୍ଘଦିନରୁ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହା ନିଶାଖୋର୍ ଲୋକମାନଙ୍କ ଚରାଭୂଇଁ ପାଲଟିଛି। ଦିନରାତି ଏହି ଅଞ୍ଚଳରେ ନିଶା କାରବାର ହେଉଛି। ଶୂନଶାନ୍ ଇଲାକା ଏବଂ ଏଠାକୁ କେହି ଆସୁ ନ ଥିବା ଯୋଗୁ ବିଭିନ୍ନ ଅଞ୍ଚଳରୁ ଅସାମାଜିକମାନେ ଏଠାରେ ଏକାଠି ହୋଇ ନିଶା କାରବାର ଚଳାଇଛନ୍ତି। ଏପରି ବେଆଇନ କାରବାରକୁ ଭୟରେ କେହି ଖୋଲାଖୋଲି ବିରୋଧ କରୁନାହାନ୍ତି।

କିଛି ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଦୀର୍ଘବର୍ଷ ତଳେ ଏହି ବାସଗୃହଗୁଡ଼ିକ ରେଳବାଇ କର୍ମଚାରୀଙ୍କ ପାଇଁ ନିର୍ମାଣ କରାଯାଇଥିଲା। ଏଠାରେ କର୍ମଚାରୀମାନେ ରହୁଥିଲେ। ସମୟକ୍ରମେ ଏହି କ୍ୱାର୍ଟର୍ସ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ହୋଇପଡିଲା। ଫଳରେ ସେମାନେ ଏଠାରେ ରହିବାକୁ ଅମଙ୍ଗ ହେଲେ। ରେଳବାଇ କର୍ମଚାରୀମାନେ ଘର ଛାଡିବା ପରେ ସେଗୁଡିକ ଭାଙ୍ଗିରୁଜି ଗଲାଣି। ସ୍ଥାନୀୟ ବସ୍ତିବାସୀ ଏଠାରେ ଆବର୍ଜନା ଜମା କରୁଛନ୍ତି। ଫଳରେ ପରିବେଶ ଦୂଷିତ ହେଉଛି। ଏହି ବାଟ ଦେଇ ଦୈନିକ ଶହ ଶହ ଛାତ୍ରୀଛାତ୍ର ସ୍କୁଲ ଏବଂ କଲେଜ ଯାଆସ କରୁଛନ୍ତି। ବିଶେଷ କରି ରାଷ୍ଟ୍ରୀୟ ବିଦ୍ୟାଳୟକୁ ଯାଆସ କରୁଥିବା ଛାତ୍ରୀଛାତ୍ର ନିଜକୁ ଅସୁରକ୍ଷିତ ମଣୁଛନ୍ତି। ନିଶା କାରବାରକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପାଟ୍ରୋଲିଂ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଜୋନ୍-୨ ଡିଏସ୍‌ପି ନିର୍ମଳ ଚନ୍ଦ୍ର ମହାପାତ୍ରଙ୍କୁ ପଚରାଯିବାରୁ ସେ କହିଲେ, ଏଠାରେ ନୂତନ ବିଦ୍ୟୁତ୍ ସଂଯୋଗ କରାଯିବାରୁ ରାସ୍ତା ସଂକୀର୍ଣ୍ଣ ହୋଇଯାଇଛି। ତେଣୁ ଏଠାରେ ପୋଲିସ ପାଟ୍ରୋଲିଂ ପ୍ରଭାବିତ ହୋଇଛି। ଏହାସତ୍ତ୍ୱେ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କରାଯାଉଛି ବୋଲି ମହାପାତ୍ର କହିଥିଲେ। ସେହିପରି ରାଉରକେଲା ଆଇଓଡବ୍ଲ୍ୟୁ ତୁହୀନ ଶୁଭ୍ର ଶତପଥୀଙ୍କୁ ପଚରାଯିବାରୁ ସେ କହିଲେ, ଏ ସମ୍ପର୍କରେ ବିଭାଗ ଅବଗତ ରହିଛି। ଉଚ୍ଚ ଅଧିକାରୀମାନଙ୍କୁ ଏ ବିଷୟରେ କୁହାଯାଇଛି। ଏଠାରେ ନୂତନ ନିର୍ମାଣ ହେବା ପାଇଁ ପ୍ରସ୍ତାବ ଦିଆଯାଇଛି। ପ୍ରସ୍ତାବ ମଞ୍ଜୁର ହେବା ପରେ କାର୍ଯ୍ୟକାରୀ କରାଯିବ ବୋଲି ଶତପଥୀ କହିଥିଲେ।

## ନେତାଜୀ ଥିଲେ ଯୋଗଜନ୍ମା କ୍ରାନ୍ତିକାରୀ ବୀର ପୁରୁଷ

ରାଉରକେଲ,୨୪।୧(ବିପ୍ଳବ ରଞ୍ଜନ ଦାଶ)

**ସୁନ୍ଦରଗଡ ଜିଲା ପତଞ୍ଜଳି ଯୋଗ ସମିତି ପକ୍ଷରୁ ନେତାଜୀ ଜୟନ୍ତୀ**

ସୁନ୍ଦରଗଡ଼ ଜିଲା ପତଞ୍ଜଳି ଯୋଗ ସମିତି ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀକୁ ପରାକ୍ରମ ଦିବସ ଭାବେ ରାଉରକେଲାର ସେକ୍ଟର-୧୯ସ୍ଥିତ କମ୍ୟୁନିଟି ସେଣ୍ଟର ଯୋଗ କେନ୍ଦ୍ରରେ ଗୁରୁବାର ଅପରାହ୍ନରେ ପାଳନ କରାଯାଇଛି। ଜିଲା ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର କୁମାର ବେହେରା, ଜିଲା ମହିଳା ପତଞ୍ଜଳି ଯୋଗ ସମିତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିତମ୍ବିନୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନେତାଜୀ ଜଣେ ଯୋଗଜନ୍ମା ବୀର କ୍ରାନ୍ତିକାରୀ ପୁରୁଷ ଥିଲେ। ସେହି ମହାନ୍ ନେତାଙ୍କ ପଦାଙ୍କ ଅନୁସରଣ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଜିଲା ମହିଳା ସୋସିଆଲ ମିଡ଼ିଆ ପ୍ରଭାରୀ ଆରତୀ କର, ଜିଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ ମଧ୍ୟ ବକ୍ତବ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ମହାମନ୍ତ୍ରୀ ରଞ୍ଜିତା ପାଣିଗ୍ରାହୀ, ମହିଳା କୋଷାଧ୍ୟକ୍ଷ ବିଷ୍ଣୁପ୍ରିୟା ଦାଶ, ଜିଲା ସମ୍ବାଦ ପ୍ରଭାରୀ କୌଶଲ୍ୟା ପୃଷ୍ଟି, ବରିଷ୍ଠ ଯୋଗ ଶିକ୍ଷକ ଅମୂଲ୍ୟ କୁମାର ପାତ୍ର ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଯୋଗ ଶିକ୍ଷକ ତପସ୍ୱିନୀ ସାହୁ, କଳ୍ପନା ପଣ୍ଡା, କଳ୍ପନା କୁମ୍ଭାର, ରେବତୀ ବେହେରା, ସବିତା ପ୍ରଧାନ, ମମତା ରାଉତ, ଗୀତାଞ୍ଜଳି ବେହେରା, ସସ୍ମିତା ସାହୁ, ଜ୍ୟୋତିର୍ମୟୀ ପାଣିଗ୍ରାହୀ, ରେଣୁ ତନ୍ତୀ, ଗାୟତ୍ରୀ ମହାନ୍ତି, ବିଜୟଲକ୍ଷ୍ମୀ ମାହାତୋ, ରୀନା ପାଢ଼ୀ, ଆରତୀ ମହାପାତ୍ର, ବିଜୟିନୀ ମହାନ୍ତି, ଆଶାଲତା ସାହୁ, ମଧୁସ୍ମିତା ମହାପାତ୍ର, ରାମକୃଷ୍ଣ ପଣ୍ଡା, ତିକେଶ୍ୱର କାଲୋ ପ୍ରମୁଖ ବହୁ ଉପସ୍ଥିତ ଥିଲେ। ସାନ୍ଧ୍ୟ ଯୋଗ କେନ୍ଦ୍ର ପରିଚାଳିକା ରଶ୍ମିରେଖା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଲବ ନିର୍ମାଣ କରି ସମୂହ କାମ ପାଇଁ ଉତ୍ସର୍ଗ କଲେ ଶ୍ରମିକ ଝିଅ

ରାଉରକେଲା,୨୪।୧(ଦିନେଶ ମିଶ୍ର)

**୧୭ବର୍ଷ ହେଲା ଅର୍ଜିତ ଧନରୁ ସଞ୍ଚୟ କରିଥିଲେ**

ଆଧୁନିକ ବ୍ୟସ୍ତ ବହୁଳ ଜୀବନରେ ବହୁ ଲୋକ ନିଜର ମାତାପିତାଙ୍କୁ ନ ପଚାରି କିଏ ଘରୁ ବାହାର କରିଦେଉଛନ୍ତି ତ ଆଉ କିଏ ବୃଦ୍ଧାଶ୍ରମରେ ଛାଡି ଦେଉଛନ୍ତି। କିନ୍ତୁ ସ୍ମାର୍ଟସିଟି ରାଉରକେଲା ସହରରେ ଏଭଳି ଝିଅ ଅଛନ୍ତି ଯିଏ ଠିକା ଶ୍ରମିକ ଭାବେ କାମ କରି ଅର୍ଜିତ ଧନରେ ନିଜ ମା'ଙ୍କ ସ୍ମୃତିରେ ଲୋକଙ୍କ ପାଇଁ ଏକ କ୍ଲବ ତିଆରି କରି ସାମୂହିକ କାମ ପାଇଁ ଉତ୍ସର୍ଗ କରିବା ସହ ମା'ଙ୍କୁ ଅବହେଳା କରୁଥିବା ବ୍ୟକ୍ତିଙ୍କ ପାଇଁ ଉଦାହରଣ ସାଜିଛନ୍ତି। ରାଉରକେଲା ସେକ୍ଟର-୧୬ ସ୍ଥିତ ଡୁମକେଲା ବସ୍ତିରେ ଏଭଳି ଦେଖିବାକୁ ମିଳିଛି।

ଡୁମକେଲା ବସ୍ତିରେ ଶିବାନୀ ଖଡିଆ ପରିବାର ସହ ବାସ କରନ୍ତି। ଶିବାନୀ ଠିକା ଶ୍ରମିକ ଭାବେ ରାଉରକେଲାର ବିଭିନ୍ନ ସ୍ଥାନରେ କାମ କରନ୍ତି। ଗତ କିଛି ବର୍ଷ ତଳେ ତାଙ୍କ ମା' ଶ୍ରୀମତି ଖାଡିଆଙ୍କ ମୃତ୍ୟୁ ହୋଇଥିଲା। ମା'ଙ୍କ ମୃତ୍ୟୁ ପରେ ଶିବାନୀଙ୍କ ଉପରେ ଘରର ସମ୍ପୂର୍ଣ୍ଣ ବୋଝ ପଡିଥିଲା। ଫଳରେ ଶିବାନୀ ହାରି ନ ଯାଇ ସଂଘର୍ଷ କରିଥିଲେ। ଯାହା ଅର୍ଥ ଉପାର୍ଜନ କରୁଥିଲେ ସେଥିରୁ ଏକ ତୃତୀୟାଂଶ ଅର୍ଥ ବ୍ୟାଙ୍କରେ ଜମା ରଖୁଥିଲେ। ଏହି ଜମା ଅର୍ଥରେ ସେ ନିଜ ମା'ଙ୍କ ସ୍ମୃତିରେ ଏକ କ୍ଲବ ତିଆରି କରିବା ଲାଗି ଉଦ୍ୟମ ଜାରି ରଖିଥିଲେ। ଦୀର୍ଘ ୧୭ ବର୍ଷ ପରେ ଶିବାନୀ ତାଙ୍କ ମା'ଙ୍କ ଉଦ୍ଦେଶ୍ୟରେ ଦେଖିଥିବା ସ୍ୱପ୍ନ ପୂରଣ ହୋଇଛି। ଗତ ୨୨ ତାରିଖରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ଅତିଥି ଭାବେ ଯୋଗଦେଇ ଉକ୍ତ କ୍ଲବକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସାମାଜିକ କର୍ମୀ ହରିହର ରାଉତରାୟ, ରଞ୍ଜିତ ନାୟକ, ଶୁଭ ପଟ୍ଟନାୟକ, ବାସୁ ବରାଳ, ଛୋଟୁ ଖାଡିଆ, ଅନୀଲ ଖାଡିଆ, ଜନ କୁଲୁ, ଥୋମାସ୍ ମୁଣ୍ଡା, ଫଗୁନି ତାଣ୍ଡିଆ, ସୁରେଶ ଖାଡିଆଙ୍କ ସମେତ ବସ୍ତିର ଶତାଧିକ ଲୋକ ଉପସ୍ଥିତ ଥିଲେ।


ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ କ୍ଲବ୍‌କୁ ଉଦ୍‌ଘାଟନ କରୁଛନ୍ତି।

## ଆହାର କେନ୍ଦ୍ରରେ ମିଳୁନି ପିଇବା ପାଣି

ରାଉରକେଲା,୨୪।୧(ବିପ୍ଳବ ରଞ୍ଜନ ଦାଶ)


ବେଦବ୍ୟାସସ୍ଥିତ ଆହାର କେନ୍ଦ୍ରରେ ରହିଥିବା ଅଚଳ ଆକ୍ୱାଗାର୍ଡ।

**୯ବର୍ଷ ଧରି ଆକ୍ୱାଗାର୍ଡ, ଫ୍ରିଜର ଅଚଳ**

ରାଉରକେଲା ମହାନଗର ନିଗମ ଅଧୀନରେ ଥିବା ୬ଟି ଆହାର କେନ୍ଦ୍ରରେ ଗରିବ ଲୋକମାନଙ୍କୁ ୫ଟଙ୍କାରେ ଖାଦ୍ୟ ମିଳୁଥିବାବେଳେ ପାଣି ମିଳୁନାହିଁ। ଆହାର କେନ୍ଦ୍ରରେ ଥିବା ଆକ୍ୱାଗାର୍ଡ ସିଷ୍ଟମ ସହ ଫ୍ରିଜର ଅଚଳ ହୋଇପଡିଥିବାରୁ ଏହି ସମସ୍ୟା ଉପୁଜିଛି। ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

ସୂଚନା ଅନୁସାରେ, ରାଉରକେଲା ମହାନଗର ନିଗମର ଦ୍ୱାରା ବେଦବ୍ୟାସ, ଆର୍‌ଜିଏଚ୍, ପାୱାର ହାଉସ, ସେକ୍ଟର-୨ ବସ୍‌ଷ୍ଟାଣ୍ଡ ଏବଂ ନୂଆ ବସ୍‌ଷ୍ଟାଣ୍ଡ ଟର୍ମିନାଲ ସ୍ଥିତ ଆହାର କେନ୍ଦ୍ର ପରିଚାଳିତ ହେଉଛି। ଏହିସବୁ ଆହାର କେନ୍ଦ୍ରରେ ଦୈନିକ ୫ହଜାର ଗରିବ ଲୋକଙ୍କୁ ୫ଟଙ୍କିଆ ଖାଦ୍ୟ ପରିବେଷଣ କରାଯାଉଛି। ଫଳରେ ରାଉରକେଲା ସହରାଞ୍ଚଳ ଓ ଶିଳ୍ପାଞ୍ଚଳର ଗରିବ ଛାତ୍ରୀଛାତ୍ର, ଶ୍ରମିକ, ମହିଳା, ବୃଦ୍ଧାବୃଦ୍ଧ ଏବଂ ରିକ୍ସା ଚାଳକ ଏହାଦ୍ୱାରା ବିଶେଷ ଉପକୃତ ହେଉଛନ୍ତି। ମାତ୍ର ଆଜିକୁ ଦୀର୍ଘ ୯ବର୍ଷ ହେଲା ଏହି ୬ ଆହାର କେନ୍ଦ୍ରରେ ଲାଗିଥିବା ଆକ୍ୱାଗାର୍ଡ ସିଷ୍ଟମ ସହିତ ଫ୍ରିଜର ଅଚଳ ହୋଇ ପଡିରହିଥିଲେ ସୁଦ୍ଧା ନୂତନ ବ୍ୟବସ୍ଥା ଉପଲବ୍ଧ କରାଯାଉନାହିଁ। ଫଳରେ ଲୋକମାନେ ୫ଟଙ୍କାରେ ଦୁଇଓଳି ଖାଇବାକୁ ପାଉଥିଲେ ମଧ୍ୟ ଶୋଷ ମେଣ୍ଟାଇବା ପାଇଁ ପାଣି ମୁନ୍ଦାଏ ପାଉନାହାନ୍ତି। ଏଥିସହ ପାଖାପାଖି ୨ ସପ୍ତାହ ହେଲାଣି ଆହାର କେନ୍ଦ୍ରଗୁଡିକରେ ଭାତ ଅଧିକ ଟାଣ ହେଉଥିବା ଅଭିଯୋଗ ହେଉଛି।

ଏ ନେଇ ଆର୍‌ଏମ୍‌ସିର ବିଭାଗୀୟ ଅଧିକାରୀ ପ୍ରିୟବ୍ରତ ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଆର୍‌ଏମ୍‌ସିର ୬ଟି ଆହାର କେନ୍ଦ୍ର ମାଧ୍ୟମରେ ଦୈନିକ ୫ହଜାର ଲୋକଙ୍କୁ ୫ ଟଙ୍କିଆ ଖାଦ୍ୟ ପ୍ରଦାନ କରାଯାଉଛି। ଆହାର କେନ୍ଦ୍ରଗୁଡିକରେ ଦୀର୍ଘ ୯ ବର୍ଷ ହେଲା ଅଚଳ ଥିବା ଆକ୍ୱାଗାର୍ଡ ଓ ଫ୍ରିଜର ପରିବର୍ତ୍ତେ ନୂତନ ବ୍ୟବସ୍ଥା ଉପଲବ୍ଧ କରାଇବା ନେଇ ଟେଣ୍ଡର ହୋଇଛି। ଖୁବ୍‌ଶୀଘ୍ର ସମସ୍ତ କେନ୍ଦ୍ରରେ ସମସ୍ତ ବ୍ୟବସ୍ଥା ଉପଲବ୍ଧ ହେବ। ଆମେ ଉତ୍କୃଷ୍ଟମାନର ଚାଉଳ ରାୟପୁରରୁ ଅର୍ଡର କରୁଛୁ। ଏଥର ମଧ୍ୟ ରାୟପୁରରୁ ଚାଉଳ ଆସିଥିଲା, ଯାହା ସରିବାକୁ ବସିଲାଣି। ମାତ୍ର ଚାଉଳ ଅଧିକ ପରିପକ୍ୱ ହେଉଥିବାରୁ ଭାତ ସାମାନ୍ୟା ଟାଣ ହେଉଛି। ଆଗକୁ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମହାପାତ୍ର କହିଥିଲେ।

## ଖବରକାଗଜ ବିକ୍ରେତାଙ୍କ ସାମାଜିକ ସୁରକ୍ଷା ପାଇଁ ବିଚାର କରାଯାଉ

ରାଉରକେଲା,୨୪।୧(ସଙ୍ଗୀତା ଜେନା)

**ରାଉରକେଲା ହକର୍ସ ଆସୋସିଏଶନର ବନ୍ଧୁମିଳନ**

ରାଉରକେଲା ହକର୍ସ ଆସୋସିଏଶନ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ସେକ୍ଟର-୧୬ ଶ୍ରମିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମ୍ବାଦପତ୍ରର ସ୍ଥିତି ଓ ସମ୍ବାଦପତ୍ର ବିକ୍ରେତାମାନଙ୍କ ସାମାଜିକ ସୁରକ୍ଷା ଶୀର୍ଷକ ଏକ ଆଲୋଚନା ସଭା ଆସୋସିଏସନ୍ ସଭପତି ବିଷ୍ଣୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ବିମାନ ମାଇତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ ଆଲୋଚନା ସଭାରେ ଶ୍ରୀମନ୍ତ ବେହେରା, ଉପଦେଷ୍ଟା ବସନ୍ତ ନାୟକ, ଆଇନଜୀବୀ ରାଜକିଶୋର ପ୍ରଧାନ, ଶ୍ରମିକ ନେତା ସୁରେନ୍ଦ୍ର ଦାଶ, ଆନନ୍ଦ ମହାନ୍ତି, ପ୍ରଶାନ୍ତ ସେଠୀ, ପଶୁପତିନାଥ ଚାଟାର୍ଜୀ, ସୁମନ ଦତ୍ତ, ହୃଦୟାନନ୍ଦ ଯାଦବ, ଶକୁନ୍ତଳା ମହାକୁଡ଼, ବି. ପି. ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଖବରକାଗଜ ଗୁଡ଼ିକର ବିକାଶ ପାଇଁ ବିକ୍ରେତା ବହୁ ପରିଶ୍ରମ କରୁଛନ୍ତି। ସେହିପରି ଖବରକାଗଜ ବିକ୍ରେତାମାନଙ୍କ ସାମାଜିକ ସୁରକ୍ଷା ଓ ଅନ୍ୟାନ୍ୟ ସୁବିଧା ପ୍ରସଙ୍ଗରେ ଗୁରୁତ୍ୱର ସହିତ ଚିନ୍ତା କରିବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ସମ୍ପାଦକ ଆର୍ତ୍ତତ୍ରାଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ମିହିର ପାତ୍ର, ଅଶୋକ ବିଶ୍ୱାଳ, କିଶୋର ରାଉତ, ଶୁକେନ୍ଦୁ ପାତ୍ର, ମନୋଜ ପଟ୍ଟନାୟକ, ଶରତ ପଣ୍ଡା, ଅଶୋକ ସାହୁ, ଅନିରୁଦ୍ଧ ଜେନା, ସୁରେନ୍ଦ୍ର ନାଥ ବିଶ୍ୱାଳ, ନିରଞ୍ଜନ ଦାଶଙ୍କ ସମେତ ଶତାଧିକ ଖବରକାଗଜ ବିକ୍ରେତା ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଏଥିରେ ସାମିଲ ହୋଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ମେଧାବୃତ୍ତି ପରୀକ୍ଷାରେ ଡୁଙ୍ଗାଯୋର ସ୍କୁଲ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ସୁନ୍ଦରଗଡ,୨୪।୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ ଅନ୍ତର୍ଗତ ଡୁଙ୍ଗାଯୋର ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପଞ୍ଚମ ଓ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ପଞ୍ଚମ ଶ୍ରେଣୀର ଛାତ୍ର ଦୀପସନ କଙ୍ଗାଡି ଓ ଛାତ୍ରୀ ସୁଷମା କେରକେଟା ଏବଂ ତୃତୀୟ ଶ୍ରେଣୀର ଛାତ୍ରୀ ଆଇଲିନ ଖାଖା ବୃତ୍ତି ପାଇବା ପାଇଁ ମନୋନୀତ ହୋଇଛନ୍ତି। ଫଳାଫଳ ଜଣାପଡିବା ପରେ ଅଭିଭାବକ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ମହଲରେ ଖୁସିର ଲହରୀ ଖେଳିଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅରୁଣା ପଟେଲ କୃତୀ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମହିଳା ଶିକ୍ଷାରେ ସମାଜର ବିକାଶ ନିହିତ

ରାଉରକେଲା,୨୪।୧(ସଙ୍ଗୀତା ଜେନା)

**ବିର୍ସା ମୁଣ୍ଡା ବିଦ୍ୟାପୀଠରେ କନ୍ୟାଦିବସ ପାଳିତ**

ପୁରାଣ ଶାସ୍ତ୍ରରେ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯାଇଛି। ପୁରୁଷକେନ୍ଦ୍ରିକ ସମାଜରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ତିଆରି ହୋଇଛି। ମହିଳା ଶିକ୍ଷା ଯୋଜନା ତ୍ୱରାନ୍ୱିତ ହେବା ଆବଶ୍ୟକ। ଏହାଦ୍ୱାରା ସମାଜର ବିକାଶ ହେବ। ହେଲେ ମହିଳା ଶିକ୍ଷା ପାଇଁ ତାର ଅଭିଭାବକଙ୍କ ସଚେତନତା ଉପରେ ଅଧିକ ଗୁରୁତ୍ୱଦେବା ଜରୁରୀ। ନିରକ୍ଷରତା, ଅଳ୍ପ ବୟସରେ ମହିଳାଙ୍କୁ ବିବାହ କରାଇ ପରିବାର ସମ୍ପ୍ରସାରଣର ଜରିଆ ଭାବେ ବ୍ୟବହାର କରିବା ମହିଳାଙ୍କ ବିକାଶରେ ପ୍ରତିବନ୍ଧକ ସାଜୁଛି ବୋଲି ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଜଗଦାସ୍ଥିତ ବିର୍ସା ମୁଣ୍ଡା ବିଦ୍ୟାପୀଠରେ ଆୟୋଜିତ କନ୍ୟାଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ରାହ୍ମଣ ସମାଜର ସଭାନେତ୍ରୀ ଶ୍ରଦ୍ଧା ଷଡଙ୍ଗୀ, ନବଜୀବନ ମଣ୍ଡଳ ଆବାହିକା ସନନ୍ଦା ବରାଳ, ଶିକ୍ଷାବିତ୍ ଗ୍ରେସୀ ଡେଭିଡ୍, ତୁଳସୀ ଦାସ, ମିନତୀ ରାଉତ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଦ୍ୟାପୀଠର ପ୍ରତିଷ୍ଠାତା ତଥା ପରିଚାଳନା କମିଟି ସମ୍ପାଦକ ବିପଦ ଭଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ବରିଷ୍ଠ ଶିକ୍ଷକ ଜଗବନ୍ଧୁ ଦାସ, ସୁଭଦ୍ରା ଶ୍ରଦ୍ଧା ସେଠୀ, ପ୍ରିୟଙ୍କା ସାହୁ, ମଧୁସୂଦନ ପଣ୍ଡା, ନନ୍ଦିନୀ ବାଘୱାର, ଅନୁଷ୍କା ଯୋଯୋ, ସନ୍ଧ୍ୟା ବାରିକ, ଅଳୀ ସୁଲୀ, ଆରାଧା ଏକ୍କା, ନିକିତା ଏକ୍କା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀ ଓ ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ସେଲ୍ ସ୍ଥାପନା ଦିବସରେ ମାରାଥନ

ରାଉରକେଲା,୨୪।୧(ବିପ୍ଳବ ରଞ୍ଜନ ଦାଶ)



ସେଲ୍ ପ୍ରତିଷ୍ଠା ଦିବସରେ ମାରାଥନକୁ ପତାକା ଦେଖାଇ ଉଦ୍‌ଘାଟନ କରାଯାଉଛି।



ଭାରତୀୟ ଯୁବ ହଷ୍ଟେଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ଆର୍‌ଏସ୍‌ପି ପକ୍ଷରୁ ଶୁକ୍ରବାର ସକାଳ ୭ଟା ୩୦ମିନିଟରେ ରାଉରକେଲା ଇସ୍ପାତ ଷ୍ଟାଡିୟମରେ ସେଲ୍ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ସେଲ୍ ପତାକା ଉତ୍ତୋଳନ କରିଥିଲେ। ପରେ ସେଲ୍ ସଙ୍ଗୀତ ପରିବେଷଣ ସହ ଆଲୋକ ବର୍ମା ଉତ୍ସବ ପାଳନର ଅଂଶସ୍ୱରୂପ ଆକାଶକୁ ରଙ୍ଗୀନ ବେଲୁନ ଛାଡିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଅର୍ଥ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ସିଆଇଏସ୍‌ଏଫ୍‌ର ସିନିୟର କମାଣ୍ଡାଣ୍ଟ ଆଲୋକ ଜଲ୍ଲାନିଆଙ୍କ ସମେତ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ତଥା ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ୫କି.ମି ମାରାଥନ୍‌କୁ ବର୍ମା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ସେଲ୍ ପରିବାରର ୨୩ଶହରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଓ ଯୁବତୀ ଯୁବକ ଭାଗ ନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମାରାଥନ୍‌ର ବିଜେତାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପୁରୁଷ ବର୍ଗରେ ମ୍ୟୁନିସିପାଲ କଲେଜର ଟିଙ୍କୁ ତିର୍କୀ, ମହିଳା ବର୍ଗରେ କିରଣ ମାହାତୋ ପୁରସ୍କୃତ ହୋଇଥିଲେ। ସେହିପରି ୮୦ବର୍ଷୀୟ ସରୋଜିନୀ ସୋରେଙ୍ଗ ଏବଂ ୭୪ ବର୍ଷୀୟ ଉର୍ମିଳା ଦାସଙ୍କୁ ୱାକ୍ ଏଣ୍ଡ ରନ୍ ପାଇଁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସହର ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବି. କେ. ଯୋଜୋ ଧନ୍ୟବାଦ ଅର୍ପଣ କରିଥିଲେ। ସହରସେବା ଏବଂ କ୍ରୀଡା ବିଭାଗର ଜିଏମ୍ ଇନ୍‌ଚାର୍ଜ ଟି. ଜି. କାନେକର, କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଲିକନ ଷ୍ଟିଲ ମିଲ୍ ବିଭାଗର ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁରୂପ ଭାବେ ଟେନସା ଓ ବରସୁଆଁ ହାଇସ୍କୁଲ ଖେଳ ପଡିଆରେ ମଧ୍ୟ ସେଲ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଥିଲା। ବିଆଇଏମ୍, କେଆଇଏମ୍, ତାଳଡିହିର ସିଜିଏମ୍ ହିମାଂଶୁ ମିଶ୍ର ଏବଂ ବରସୁଆଁ ଲୌହ ଖଣିର ଆସିଷ୍ଟାଣ୍ଟ ସିଏମ୍‌ଓ ଡ. ସଞ୍ଜୟ କୁମାର ସେଲ୍ ପତାକା ଉତ୍ତୋଳନ କରିଥିଲେ। ବଲାଣି ଫୁଟବଲ ପଡିଆ ମଧ୍ୟରେ ଆୟୋଜିତ ଅନୁରୂପ ଉତ୍ସବରେ ବଲାଣି ଲୌହଖଣିର ସିଜିଏମ୍ ଜୟଦେବ ଚଟ୍ଟୋପଧ୍ୟାୟ ସେଲ୍ ପତାକା ଉତ୍ତୋଳନ କରିଥିଲେ।

ସେହିପରି ଭାରତୀୟ ଯୁବ ହଷ୍ଟେଲ ରାଉରକେଲା ଶାଖା ତରଫରୁ ସେଲ୍ ପ୍ରତିଷ୍ଠା ଦିବସ ହଷ୍ଟେଲ ପରିସରରେ ଶୁକ୍ରବାର ସକାଳ ୮ଟାରେ ମହାସମାରୋହରେ ପାଳିତ ହୋଇଯାଇଛି। ଯୁବ ହଷ୍ଟେଲର ଅଧ୍ୟକ୍ଷ ବୁଦ୍ଧଦେବ ବାସୁଙ୍କ ଅଧ୍ୟକ୍ଷତା, ସାଧାରଣ ସମ୍ପାଦକ ନିରଞ୍ଜନ ବେହେରାଙ୍କ ଆବାହକତ୍ୱ ଓ ଡ଼ା ଦେବସ୍ମିତା ପ୍ରହରାଜଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ସିଜିଏମ ହୀରାଲାଲ ମହାପାତ୍ର ମୁଖ୍ୟଅତିଥି, ବ୍ୟବସାୟ ବିଭାଗର ମହାପ୍ରବନ୍ଧକ ଅନୋବିନ୍ଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଉରକେଲା ଯୁବ ହଷ୍ଟେଲ ନିଜର ସାମାଜିକ ପ୍ରତିବଦ୍ଧତା ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଆର୍‌ଏସ୍‌ପିର ପ୍ରତ୍ୟେକ କାର୍ଯ୍ୟରେ ସହଯୋଗର ହାତ ବଢାଇ ସେ ନିଜର ଦାୟିତ୍ୱବୋଧର ପରାକାଷ୍ଠା ପ୍ରତିପାଦନ କରିପାରିଛି ବୋଲି ମୁଖ୍ୟଅତିଥି କହିଥିଲେ। ଉପସଭାପତି ଅମିତାଭ ଠାକୁର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ହଷ୍ଟେଲର ଉନ୍ନତୀକରଣ ଦାୟିତ୍ୱରେ ଥିବା ଅଧ୍ୟକ୍ଷ ନୀଳମଣି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଡକାୟତି ଯୋଜନାବେଳେ ୫ ଗିରଫ

## ବ୍ୟାପକ ମାରଣାସ୍ତ୍ର ଜବତ

ସମ୍ବଲପୁର,୨୪।୧(ପ୍ରମୋଦ ବହିଦାର)

ସମ୍ବଲପୁର ଦେଇ ଯାଇଥିବା ଜାତୀୟ ରାଜପଥ (୫୩)ରେ ବୁର୍ଲାଥାନା ଅଞ୍ଚଳରେ ଏକ ବଡ଼ ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି ବୁର୍ଲାଥାନା ପୋଲିସ। ଜାତୀୟ ରାଜପଥ ପାର୍ଶ୍ୱସ୍ଥ କଟାପାଲି ଗ୍ରାମର ମହୁଲପାଲି ହନୁମାନ ମନ୍ଦିର ନିକଟରେ ଏକ ନିରୋଳା ସ୍ଥାନରେ ୨୩ ତାରିଖ ବିଳମ୍ବିତ ରାତିରେ ଡକାୟତି ଯୋଜନାରେ ଲିପ୍ତ ୫ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୁର୍ଲାଥାନା ଅନ୍ତର୍ଗତ ବୁର୍ଲା ସହର ବିଷ୍ଣୁମନ୍ଦିରପଡ଼ାର ସୁରଜ ବାନାର୍ଜୀ(୨୪), ମାନସ ନାଗ(୨୫), ଲଳିତ ଛତ୍ରିଆ(୨୫) ଗାନ୍ଧୀପଡ଼ାର ଗଙ୍ଗା ସେତ୍ରିଆ (୧୯) ଓ କଣ୍ଟ୍ରାକ୍ଟର୍ସ କଲୋନୀର ଶିଖୁ ସୁନା(୨୫) ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ଦୁଇଟି ଖଣ୍ଡା, ଗୋଟିଏ ଭୁଜାଲି, ଗୋଟିଏ ବେସବଲ୍ ବ୍ୟାଟ୍, ଗୋଟିଏ ଲୁହାଛଡ଼, ଦୁଇଟି ଗାମୁଛାକୁ ପୋଲିସ ଜବତ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗୁରୁବାର ବିଳମ୍ବିତ ରାତିରେ



ପୋଲିସ ଦ୍ୱାରା ଗିରଫ ୫ ଅଭିଯୁକ୍ତ।

କଟାପାଲି ଗ୍ରାମର ମହୁଲପାଲି ହନୁମାନ ମନ୍ଦିର ନିକଟରେ ଅଭିଯୁକ୍ତମାନେ ଏକତ୍ରିତ ହୋଇ ଏକ ବଡ଼ଧରଣ ଡକାୟତିକୁ ରୂପ ଦେବା ପାଇଁ ଯୋଜନା କରୁଥିବା ସମ୍ପର୍କରେ ବୁର୍ଲା ପୋଲିସକୁ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଉକ୍ତ ସୂଚନା ଆଧାରରେ ବୁର୍ଲାଥାନା ପୋଲିସ ଏସ୍ଆଇ ଦେବାଶିଷ ଖିଲାର ସଦଳବଳେ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ଥାନାରେ ଅଭିଯୁକ୍ତମାନଙ୍କୁ ଜେରା ବେଳେ ସେମାନେ ଜାତୀୟ ରାଜପଥରେ ଲୁଟ୍ ପାଇଁ ଯୋଜନା କରୁଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି। ସେହିପରି ସେମାନଙ୍କ ସ୍ୱୀକାରୋକ୍ତି ପରେ ଶୁକ୍ରବାର ବୁର୍ଲା ଥାନାରେ ଏକ ମାମଲା (ନଂ. ୨୮/୨୦୨୫) ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସମ୍ବଲପୁର ଏସ୍‌ଡିଜେଏମ୍ କୋର୍ଟରେ ଅଭିଯୁକ୍ତମାନଙ୍କ ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି।

# ଭିସୁଟ୍‌ରେ ଜାତୀୟ ମତଦାନ ଦିବସ

ସମ୍ବଲପୁର,୨୪।୧(ପ୍ରମୋଦ ବହିଦାର)

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ରେ ଜାତୀୟ ମତଦାନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭିସୁଟ୍‌ର ସୁବର୍ଣ୍ଣ ଜୟନ୍ତୀ ପ୍ରେକ୍ଷାଳୟରେ ଶୁକ୍ରବାର ଅପରାହ୍ନ ସାଢ଼େ ୩ଟାରେ ଅନୁଷ୍ଠିତ 'ଭୋଟଦାନର ବିକଳ୍ପ ନାହିଁ, ମୁଁ ନିଶ୍ଚିତ ଭୋଟଦାନ କରିବି' ଶୀର୍ଷକ ଉତ୍ସବରେ ଭିସୁଟ୍‌ର ୫୦ରୁ ଅଧିକ ଫାକଲିଟି ସଦସ୍ୟ, କର୍ମଚାରୀଙ୍କ ସହ ଛାତ୍ରୀଛାତ୍ର ଭୋଟଦାନ ପାଇଁ ଶପଥ ନେଇଥିଲେ। ସେହିପରି ଭିସୁଟ୍‌ର ଭାରପ୍ରାପ୍ତ କୁଳପତି ପ୍ରଫେସର ଦେବଦତ୍ତ ମିଶ୍ର ଓ ଭାରପ୍ରାପ୍ତ କୁଳସଚିବ ତଥା ବିତ୍ତ ନିୟନ୍ତ୍ରକ ତୁଳାରାମ କଲେତ ଶପଥ ପାଠ କରିଥିଲେ। ଭାରପ୍ରାପ୍ତ କୁଳପତି ପ୍ରଫେସର ମିଶ୍ର ତାଙ୍କ ଅଭିଭାଷଣରେ ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ହେଲେ ଅଧିକରୁ ଅଧିକ ମତଦାନ କରିବା ଆବଶ୍ୟକ ବୋଲି କହିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ସେମିନାର ପ୍ରଫେସର ସସ୍ମିତା ଆଚାର୍ଯ୍ୟ, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗୀୟ ମୁଖ୍ୟ ମନୀଷ ତ୍ରିପାଠୀ, ସହକାରୀ ପ୍ରଫେସର(ଉତ୍ପାଦନ) ସୁଧାଂଶୁ ରଞ୍ଜନ ଦାଶ, ବେସିକ ସାଇନ୍ସ ବିଭାଗୀୟ ମୁଖ୍ୟ ପ୍ରୟରଞ୍ଜନ ମହାପାତ୍ର ପ୍ରମୁଖଙ୍କ ସହିତ ଅନ୍ୟାନ୍ୟ ଅଧ୍ୟାପିକା, ଅଧ୍ୟକ୍ଷାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ହିଣ୍ଡାଲ୍‌କୋ ପକ୍ଷରୁ ଜାତୀୟ କନ୍ୟା ସନ୍ତାନ ଦିବସ



ଜାତୀୟ କନ୍ୟା ସନ୍ତାନ ଦିବସରେ ଅତିଥି ଓ ଛାତ୍ରୀଛାତ୍ର।

ସମ୍ବଲପୁର,୨୪।୧(ବି.ଶଙ୍କର)

ହୀରାକୁଦ ହୀଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଓ ଆଲୋକ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଜାତୀୟ କନ୍ୟା ସନ୍ତାନ ଦିବସ ଅନୁଷ୍ଠିତ ହୋଇଯାଇଛି। ସାଇ ୱାଲର୍ଡ ସ୍କୁଲ ହୀରାକୁଦ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ହିଣ୍ଡାଲକୋର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ପରିଚାଳକ ଆନନ୍ଦ ଚକ୍ରବର୍ତ୍ତି, ଆଲୋକ ସଂସ୍ଥାର ମନୋଜ କୁମାର ସାହୁ ଏବଂ ସାଇ ସ୍କୁଲର ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ପ୍ରଧାନ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଜାତୀୟ କନ୍ୟା ସନ୍ତାନ ଦିବସ-୨୦୨୫ରେ ଲିଙ୍ଗଗତ ଅସମାନତା ଏବଂ ବାଲ୍ୟବିବାହ ଭଳି ଝିଅମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଉପରେ ଅତିଥିମାନଙ୍କ ଦ୍ୱାରା ଆଲୋକପାତ କରାଯାଇଛି। ପ୍ରତ୍ୟେକ ଝିଅଙ୍କ ଉନ୍ନତ ଭବିଷ୍ୟତ ସୁରକ୍ଷିତ କରିବା ଲକ୍ଷ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ନିରାପତ୍ତାର ସମାନ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଏହା ସଚେତନତାକୁ ପ୍ରୋତ୍ସାହିତ କରୁଛି। ତେଣୁ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ହୀରାକୁଦ ଏହାର ବିଭିନ୍ନ ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ଝିଅମାନଙ୍କ ଉନ୍ନତି ପାଇଁ ଉନ୍ନତ କାର୍ଯ୍ୟ କରିବାକୁ ସର୍ବଦା ପ୍ରତିଶ୍ରୁତିବଦ୍ଧ ରହିଛି। ଏହି ଅବସରରେ ଆଲୋକ ତ୍ରୟମାସିକ ଶିଶୁ ସାହିତ୍ୟ ପତ୍ରିକାର ଶୁଭ ଉଦ୍‌ଘାଟନ ମଧ୍ୟ ହୋଇଥିଲା। କାର୍ଯ୍ୟକ୍ରମକୁ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଜୟଶ୍ରୀ ରାଓ, ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ କୁମାର ତ୍ରିପାଠୀ, ମିଲନ କୁମାର ସାହୁଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ।

# ଏସ୍‌ୟୁ କୁଳପତିଙ୍କ ଅବସରପ୍ରାପ୍ତ ସଚିବଙ୍କ ପରଲୋକ

## ଏସ୍‌ୟୁ ଅବସରପ୍ରାପ୍ତ କର୍ମଚାରୀ ସଂଘର ଶୋକ

ସମ୍ବଲପୁର,୨୪।୧(ବି.ଶଙ୍କର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସୟୁ)ର କୁଳପତିଙ୍କ ଅବସରପ୍ରାପ୍ତ ସଚିବ ରାଧାମୋହନ ଜେନାଙ୍କର ୭୭ବର୍ଷ ବୟସରେ ଗୁରୁବାର ବୁର୍ଲାସ୍ଥିତ ଭୀମସାର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ଶୁକ୍ରବାର ସକାଳେ ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ କପାସିରାଠାରେ ତାଙ୍କର ଅନ୍ତିମ ସତ୍କାର ହୋଇଯାଇଛି। ତାଙ୍କର ଜ୍ୟେଷ୍ଠ ପୁତ୍ର ସୁରେଶ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଜେନାଙ୍କର ପରଲୋକରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ସଭାପତିତ୍ୱରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ନୀଳକଣ୍ଠ ମହାପାତ୍ର, ପ୍ରଫେସର



ରାଧାମୋହନ ଜେନା।

ନକୁଳ ଚୌଧୁରୀ, ପ୍ରଫେସର ଆଶୁତୋଷ ନାୟକ, ପ୍ରଫେସର ଚୋପଦାର, ରତ୍ନ ଭୂଷଣ ପୁରୁସେଠ, ମହେନ୍ଦ୍ର କୁମାର ମିଶ୍ର, ପ୍ରତାପ ପଣ୍ଡା, ରାଜେନ୍ଦ୍ର ପାଢ଼ୀ, ଗୋପୀନାଥ ନାୟକ, ସୁଶୀଲ ପଣ୍ଡା, ମୁନୁ ଷଡଙ୍ଗୀ, ଅଶ୍ୱିନୀ ସାହୁ, ଅଶ୍ୱିନୀ ମିଶ୍ର, କୈଳାଶ ମିସ୍ତ୍ରୀ ପ୍ରମୁଖ ତାଙ୍କର ଅମାୟିକ ବ୍ୟବହାର, ଧର୍ମ ପରାୟଣାତା ବିଷୟରେ ଆଲୋଚନାକରି ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ସମ୍ବଲପୁର ପୁସ୍ତକ ମେଳାରେ ଆଲୋଚନାଚକ୍ର



ସମ୍ବଲପୁର ପୁସ୍ତକ ମେଳା ମଞ୍ଚରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ସମ୍ବଲପୁରୀ ସାହିତ୍ୟର ପ୍ରକାଶନ ସମସ୍ୟା ଶୀର୍ଷକ ଆଲୋଚନା

ସମ୍ବଲପୁର,୨୪।୧(ବି.ଶଙ୍କର)

ସମ୍ବଲପୁରୀ ସାହିତ୍ୟର ପ୍ରକାଶନ ସମସ୍ୟା ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର ସନ୍ଧ୍ୟା ୬ଟାରେ ଅଇଁଠାପାଲି ପିଏଚଡି ପଡିଆସ୍ଥିତ ସମ୍ବଲପୁର ପୁସ୍ତକ ମେଳା ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏନବିଟି ଓ ସେତୁ ମିଳିତ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଶଙ୍କର ପ୍ରସାଦ ପତି ସଭାପତିତ୍ୱ କରିଥିଲେ। ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ବିଶିଷ୍ଟ ସମ୍ବଲପୁରୀ ଲେଖକ ଓ ଅନୁବାଦକ ମୁକ୍ତକଣ୍ଠ ପ୍ରଧାନ ଆଲୋଚକ ଥିଲେ। ସେ କହିଲେ, ଲୋକଙ୍କ ଅଜ୍ଞାତରେ ଅନେକ ଭାଷା ବିଲୋପ ହୋଇଯାଉଛି। ହିନ୍ଦୀ ଓ ଇଂରାଜୀ ଭାଷାର ବହୁଳ ପ୍ରୟୋଗ ସମ୍ବଲପୁରୀ ଭାଷାର ଅବକ୍ଷୟର କାରଣ ହୋଇପାରେ। ସେଥିପାଇଁ ନିଜର ଭାଷାକୁ ବଞ୍ଚାଇବାକୁ ହେଲେ କାର୍ପଣ୍ୟ ଭାବକୁ ତ୍ୟାଗ କରିବା ଉଚିତ। ସେଥିପାଇଁ ସମ୍ବଲପୁରୀ ଭାଷାର ପ୍ରୟୋଗର ଯଥେଷ୍ଟ ଦରକାର ଅଛି। ଏଥି ସଙ୍ଗେ ସମ୍ବଲପୁରୀ ଭାଷାରେ ଲେଖା, ସମ୍ବଲପୁରୀ ଭାଷାରେ ପତ୍ର ପତ୍ରିକା ପ୍ରକାଶନ ଆହୁରି ପ୍ରବଳ ହେବା ଉଚିତ। ଅନ୍ୟତମ ବକ୍ତା ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ କହିଥିଲେ, ଆମେ ନିଜର ଭାଷାକୁ ପ୍ରଚାର ଓ ପ୍ରସାର କରିବା ଦିଗରେ କୁଣ୍ଠାବୋଧ ନ କରିବା କଥା। ଗୁରୁ ସତ୍ୟ ନାରାୟଣ ବହିଦାର ସମ୍ବଲପୁରୀ ଭାଷାର ମୂଳିହାର କହିଲେ ଅତ୍ୟୁକ୍ତି ହେବ ନାହିଁ। ତାଙ୍କ ସାଙ୍ଗରେ ଆଉ ଯେଉଁ ସମ୍ବଲପୁରୀ ସାହିତ୍ୟର ସ୍ରଷ୍ଟା ରହିଛନ୍ତି, ଆଜିର ଯୁବପିଢ଼ୀ ସେହି ସାହିତ୍ୟକୁ ପଠନ କରି ଆଗକୁ ବଢ଼ାଇବା ଆବଶ୍ୟକତା ରହିଛି। କେବଳ ପାଣ୍ଡୁଲିପି ନ ରଖି ପ୍ରକାଶନର ବ୍ୟବସ୍ଥା ହେଲେ ଯାଇ ସମ୍ବଲପୁରୀ ସାହିତ୍ୟ ଲୋକଲୋଚନକୁ ଆସିବ, ଭାଷା ମଜଭୁତ ହେବ। ଏହି ଅବସରରେ ଲେଖକ ମୁକ୍ତକଣ୍ଠ ପ୍ରଧାନଙ୍କ ଆତ୍ମଜ୍ଞାନ ଉପନିଷଦ ଓ ଲେଖିକା ସୁରମା ମିଶ୍ରଙ୍କ ଝୁମଝୁମ ଝୁମୁରା ପୁସ୍ତକ ଉନ୍ମୋଚିତ ହୋଇଥିଲା। ସେତୁର ସଭାପତି ଡ. ମୀନକେତନ ପାଠୀ, ଡ. ସ୍ୱୟଂ ପ୍ରକାଶ ପଣ୍ଡା ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ସଂଯୋଜନା କରାଇଥିଲେ। ଶେଷରେ ସେତୁ ସଭ୍ୟା ଅନନ୍ୟା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲ ଦ୍ୱାରା ୨ ଅନଧିକୃତ ଶବ ସତ୍କାର

ସମ୍ବଲପୁର,୨୪।୧(ଭବାନୀ ଶଙ୍କର ଭୋଇ)

ସାମାଜିକ ସଙ୍ଗଠନ ସମ୍ବଲ ପରିବାର ଦ୍ୱାରା ଶୁକ୍ରବାର ଦୁଇଟି ଅନଧୀକୃତ ଶବ ସତ୍କାର କରାଯାଇଛି। ବୁର୍ଲା ମେଡିକାଲର ମହିଳା ମେଡ଼ିସିନ ୱାର୍ଡରେ ଝାରସୁଗୁଡା ପିପୁଲ ଫରମ ସାମାଜିକ ସଂସ୍ଥା ତରଫରୁ ଖେଦି ପ୍ରଧାନ (୩୦) ନାମକ ମାନସିକ ଭିନ୍ନକ୍ଷମ ମହିଳାଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଏହି ମହିଳା ଜଣକ ୨୦୨୦ରୁ ଝାରସୁଗୁଡା ମିଶନ ଆଶ୍ରାରେ ରହିଆସୁଥିଲେ। ଶୁକ୍ରବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ରେଳବାଇ ପୋଲିସ ଦ୍ୱାରା ଦେବାହାଲ ନିକଟରେ ଏକ ଅଜଣା ମୃତଦେହ ଉଦ୍ଧାର କରାଯାଇଥିଲା। ୯୬ ଘଣ୍ଟା ଫ୍ରିଜରରେ ରଖିଲାପରେ ମଧ୍ୟ ତାଙ୍କର କେହି ଆତ୍ମୀୟ ସ୍ୱଜନ ନ ଆସିବାରୁ ପିପୁଲ ଫରମ ଏବଂ ରେଳବାଇ ପୋଲିସ ଦ୍ୱାରା ଲିଖିତ ଅନୁରୋଧ କ୍ରମେ ମନ୍ଦଳିଆ ସ୍ଥିତ ରାଜଘାଟରେ ସମ୍ବଲ ପରିବାର ଦ୍ୱାରା ଅପରାହ୍ନ ୨ ଟାରେ ଶବ ସତ୍କାର କରାଯାଇଥିଲା। ଏଥିରେ ସମ୍ବଲର ସଂଯୋଜକ ରାମଦାସ ପଣ୍ଡା, ଆନନ୍ଦ ଆଜାଦିୱାଲ ଏବଂ ସୌରୀ ପାଣିଗ୍ରାହୀ ସହଯୋଗ କରିଥିଲେ।

# ସଚେତନତା ରଥର ଶୁଭାରମ୍ଭ

ସମ୍ବଲପୁର,୨୪।୧(ପ୍ରମୋଦ ବହିଦାର)

ସମ୍ବଲପୁର ମା' ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାତୀୟ କନ୍ୟା ଦିବସ ପାଳିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଶୁକ୍ରବାର ମଧ୍ୟାହ୍ନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର କନ୍ୟା ସନ୍ତାନଙ୍କ ସୁରକ୍ଷା ଓ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଭରତ ଚନ୍ଦ୍ର ଦାଶ ଲିଙ୍ଗ ନିରୂପଣ ନିଷେଧ ଆଇନ ୧୯୯୪ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ନ୍ୟାୟିକ ବ୍ୟାପାର ସହକାରୀ ପ୍ରବନ୍ଧକ ବୁଧରଞ୍ଜନ ଭୋଇ ଭିଡିଓ ମାଧ୍ୟମରେ ଜିଲ୍ଲାର କନ୍ୟାଲିଙ୍ଗ ଅନୁପାତରେ ବୃଦ୍ଧି ପାଇଁ ଚାଲିଥିବା ଅଭିଯାନରେ ମିଳିଥିବା ଉଲ୍ଲେଖନୀୟ ସଫଳତାକୁ ଦର୍ଶାଇଥିଲେ। ଏହି ଅବସରରେ କନ୍ୟାଲିଙ୍ଗ ଅନୁପାତ ବୃଦ୍ଧି କ୍ଷେତ୍ରରେ ହାସଲ କରିଥିବା ସଫଳତା ପାଇଁ କୁଚିଣ୍ଡା, ବାମରା ଓ ରେଢ଼ାଖୋଲ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସେହିପରି ଏଠାରେ ଜାତୀୟ କନ୍ୟାଦିବସ ଉପଲକ୍ଷେ ଏଏନ୍ଏମ୍ ଛାତ୍ରୀଙ୍କ ମଧ୍ୟରେ ଆୟୋଜିତ କନ୍ୟାଲିଙ୍ଗ ଅନୁପାତ ଓ ଲିଙ୍ଗନିରୂପଣ ନିଷେଧ ଆଇନ୍ ପ୍ରସଙ୍ଗରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ୧୦ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ବ୍ୟତୀତ ଆଜିର ଦିବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜନ୍ମଗ୍ରହଣ କରିଥିବା ୧୦ ଶିଶୁକନ୍ୟାଙ୍କ ମାତାପିତାଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବେବି କଟ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆଜିଠାରୁ ଜିଲ୍ଲାର ସମସ୍ତ ବ୍ଲକ ଓ ପଞ୍ଚାୟତରେ ସପ୍ତାହ ବ୍ୟାପି କନ୍ୟା ସନ୍ତାନଙ୍କ ସୁରକ୍ଷା ନେଇ ଜନ ସଚେତନତା ଅଭିଯାନ ପୂର୍ବକ ଏକ ସଚେତନତା ରଥକୁ ପତାକା ଦେଖାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମିଶ୍ର ଶୁଭାରମ୍ଭ କରିଥିଲେ। ଯାହା ଗ୍ରାମାଞ୍ଚଳରେ ପରିକ୍ରମା କରି କନ୍ୟାଭ୍ରୂଣ ହତ୍ୟା, ଲିଙ୍ଗନିରୂପଣ ନିଷେଧ ଆଇନ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିବ। କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଏଏନ୍ଏମ୍ ଛାତ୍ରୀମାନେ ଉପସ୍ଥିତ ଥିଲେ।

# କୁଚିଣ୍ଡାରେ ଜାତୀୟ ବାଳିକା ଦିବସ

କୁଚିଣ୍ଡା,୨୪।୧(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର କୁଚିଣ୍ଡା ବ୍ଲକସ୍ତରୀୟ ଜାତୀୟ ବାଳିକା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ଚୌଧୁରୀ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ଗୋଷ୍ଠୀ ଶିକ୍ଷାଅଧିକାରୀ ଗୀତା ପଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ବାଳିକା ଶିକ୍ଷାର ଗୁରୁତ୍ୱ ଏବଂ ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ଲକ୍ଷ୍ମଣ ଦେହୁରୀ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବାହ୍ନରେ ଛାତ୍ରୀମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସିଆରସିସି ଶରତ ପଶାୟତ ସଭା ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷକ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନିୟମିତ କର୍ମଚାରୀଙ୍କୁ ନିୟମିତ କର

ସମ୍ବଲପୁର,୨୪।୧(ବି.ଶଙ୍କର)

ଓଡ଼ିଶା ରାଜ୍ୟ ସରାକାରୀ କର୍ମଚାରୀ ସମନ୍ୱୟ ସମିତି ଓ କର୍ମଚାରୀ ସଂଗ୍ରାମ ସମିତି ମିଳିତ ଆନୁକୂଲ୍ୟରେ ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହା ସଂଘର ବୈଠକ ଶୁକ୍ରବାର ଅପରାହ୍ନ ୪ଟାରେ ସମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ସଦାଶିବ ବିଶୋୟୀଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ମହାସଂଘର ଉପ ସଭାନେତ୍ରୀ ସୁଶ୍ରୀ ସୁତାପା ହାଜାରା ବୈଠକରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀ ବିରୋଧ କାର୍ଯ୍ୟକ୍ରମ ନେଇ ପୁଙ୍ଖାନୁପୁଙ୍ଖ ଭାବେ ଅଲୋଚନା କରିଥିଲେ। ମୁଖ୍ୟତଃ ଅଷ୍ଟମ ବେତନ କମିଶନ ନେଇ ବହୁଳ ଚର୍ଚ୍ଚା ସୃଷ୍ଟି କରିଥିବା କେନ୍ଦ୍ର ସରକାର ଏ ଯାଏଁ କମିଟିର ଅଧ୍ୟକ୍ଷ ଓ କମିଟି ସଦସ୍ୟଙ୍କ ନାମ ଘୋଷଣା ନ କରିବା କ୍ଷୋଭର ବିଷୟ ବୋଲି ସେ ସୂଚାଇ ଥିଲେ। ବୈଠକରେ ରାଜ୍ୟ କର୍ମଚାରୀ ନେତା ହୃଷିକେଶ ମହାପାତ୍ର, ଶୁଭେନ୍ଦୁ କୁମାର





ସମ୍ବଲପୁର ସାମ୍ବାଦିକ ଭବନଠାରେ ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର ବୈଠକରେ ଅତିଥି ଏବଂ ବକ୍ତା।

## ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘ ବୈଠକ

ରାଉତରାୟ, ସୁଜିତ କୁମାର ନାୟକ, କାଳୁଚରଣ ଗୌଡ, ପ୍ରଦୀପ କୁମାର ସିଂହ ପ୍ରମୁଖ ଯୋଗଦେଇଥିଲେ। ଅଣନିୟମିତ କର୍ମଚାରୀଙ୍କୁ ନିୟମିତ କରିବା, ଠିକ ସମୟରେ ବିଭାଗୀୟ ପଦୋନ୍ନତି କରିବା, ଖାଲିଥିବା ପଦବୀ ପୁରଣ କରିବା ପ୍ରଭୃତି ଦାବି ତୁରନ୍ତ କାର୍ଯକାରୀ କରିବା ଉଚିତ ବୋଲି ନେତୃବୃନ୍ଦ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗିର ଜିଲ୍ଲା ଡିଭିଜନ ସମ୍ପାଦକ ମହାଦେବ ପ୍ରଧାନ, ସୁବର୍ଣ୍ଣପୁର ଜିଲାର ଯୁଗ୍ମ ସମ୍ପାଦକ ପ୍ରଦୀପ ଷଡଙ୍ଗୀ, ବରଗଡ ଜିଲାର ଯୁଗ୍ମ ସମ୍ପାଦକ ମୋହନ ସାହୁ ଓ ଡିଭିଜନ ସମ୍ପାଦକ ପଦ୍ମଲୋଚନ ସାହୁ, ରେଢ଼ାଖୋଲ ଯଗ୍ମ ସମ୍ପାଦକ ବସନ୍ତ ନାଏକ ଯୋଗଦେଇ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଅଲୋକପାତ କରାଇଥିଲେ।

# ସିଏମ୍ କପ ଫୁଟବଲ ଟୁର୍ନାମେଣ୍ଟ: ଅଫତାବ କ୍ଲବ ଚାମ୍ପିୟନ

ସମ୍ବଲପୁର,୨୪।୧(ବି.ଶଙ୍କର)

ଜିଲ୍ଲା କ୍ରୀଡା ସଂଘ ଓ ସମ୍ବଲପୁର ପ୍ରଶାସନ ଆୟୋଜିତ ୧୫ ବର୍ଷରୁ କମ ବର୍ଗର ସିଏମ୍ କପ ଫୁଟବଲ ଟୁର୍ନାମେଣ୍ଟ-୨୦୨୫ ଶୁକ୍ରବାର ସନ୍ଧ୍ୟା ୫ଟା ୩୦ରେ ରେଳବାଇ ମିନି ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଫାଟକ ମେହେର ଆସୋସିଏଶନ ବନାମ ଭୁତାପଡା ଅଫତାବ କ୍ଲବ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଓ ଚିତାକର୍ଷକ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ ୨-୨ ଗୋଲରେ ଅମିମାଂସିତ ହୋଇଥିଲା। ଯଦ୍ୱାରା ରେଫରୀ ଟ୍ରାଇବ୍ରେକର ପଦ୍ଧତିର ଆଶ୍ରୟ ନେଇଥିଲେ। ଟ୍ରାଇ ବ୍ରେକରରେ ଅଫତାବ କ୍ଲବ ୪-୨ ଗୋଲରେ ବିଜୟୀ ହୋଇ ସିଏମ୍ କପ ଟ୍ରଫି ହାସଲ କରିଛି। ମ୍ୟାଚକୁ ରେଫରୀ ବିଜୟ ଓରାମ, ପରେଶ ଭୋଇ, ପରେଶ ପ୍ରଧାନ ଏବଂ ଭାରତୀ ଓରାମ ପରିଚାଳନା କରିଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ



ସିଏମ୍ କପ ଫୁଟବଲ ଟୁର୍ନାମେଣ୍ଟମର ଚାମ୍ପିୟନ ଦଳ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଡ. ସତ୍ୟନାରାୟଣ ତାଣ୍ଡି, ଜିଲ୍ଲା ଓକିଲ ସଂଘ ସାଧାରଣ ସମ୍ପାଦକ ପ୍ରବୀଣ କୁମାର ସିଂଦେଓ, ଜିଲ୍ଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ବରିଷ୍ଠ ଭାଜପା ନେତା ସୋଜ ଦଳପତ ଓ ସୁଶାନ୍ତ କୁମାର ପୁରୋହିତ, କ୍ରୀଡା ସଙ୍ଗଠକ ବିରଜା ଶଙ୍କର ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ବଲପୁର ଜିଲ୍ଲା କ୍ରୀଡା ସଂଘର ଫୁଟବଲ ସମ୍ପାଦକ ଅବଦୁଲ ଗଫାର, ଜଗବନ୍ଧୁ ବେହେରା, ସାହେବ ଖମାରୀ, ସୁବାଷ ଚନ୍ଦ୍ର ରାଉତ, ମନୋଜ ଭୋଇ ଓ ରାଜା ଚାନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଲୋଇସିଂହା,୨୪।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ପରମେଶ୍ୱର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ରାଜେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଆଲୋକ ମଙ୍ଗରାଜ, ନୋଡାଲ ଅଫିସର ଧନଞ୍ଜୟ ସେଠ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆତ୍ମରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

### ନେତାଜୀ କ୍ଲବ ପକ୍ଷରୁ ସୁରେନ୍ଦ୍ର ସାଏ, ନେତାଜୀ ଜୟନ୍ତୀ ପାଳିତ

ସଇଁତଲା,୨୪।୧(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଲାସ୍ଥିତ ନେତାଜୀ କ୍ଲବ ପକ୍ଷରୁ ସ୍ଥାନୀୟ ଏମଇ ସ୍କୁଲ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ନେତାଜୀ ଏବଂ ସୁରେନ୍ଦ୍ର ସାଏଙ୍କ ତୈଳଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ନେତାଜୀ କ୍ଲବର ସଭାପତି ସୁବୋଧ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱାଧୀନତା ଆନ୍ଦୋଳନରେ ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ବିଷୟରେ ସଦସ୍ୟମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ । ନେତାଜୀ କ୍ଲବର ସଦସ୍ୟ ରଜତ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପୃଷ୍ଟେଠ, କିରଣ ମିଶ୍ର, ସୌରଭ ଅଗ୍ରୱାଲ, ଲଲାଟେନ୍ଦୁ ପୃଷ୍ଟେଠ, ରଜତ ପଟ୍ଟନାୟକ, ଦୁର୍ଗେଶ ସାହୁ, ଛନ୍ଦାଚରଣ ବେହେରା, ପ୍ରେମରାଜ ପଣ୍ଡା, ମୋତିଲାଲ ସାହୁ,ସରୋଜ ପଣ୍ଡା, କିଶାନ ପଟ୍ଟନାୟକ, ଦୁର୍ବାଦଳ ପଷାୟତ, କାର୍ତ୍ତିକ ଦଣ୍ଡସେନା, ପରମେଶ୍ୱର କର୍ମୀ, ବେଣୁଧର ସାହୁଙ୍କ ସମେତ ତରୁଣ ବେହେରା, ଅବିନାଶ ନନ୍ଦ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

### ବୀର ସୁରେନ୍ଦ୍ର ସାଏ, ସୁଭାଷ ବୋଷଙ୍କ ଜୟନ୍ତୀ ପାଳିତ

ଟିଟିଲାଗଡ,୨୪।୧(ଶରତ ମିଶ୍ର)

ଗୁରୁବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୀର ସୁରେନ୍ଦ୍ର ସାଏ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଟିଟିଲାଗଡ଼ର ଶିକ୍ଷାବିତ୍ ସତ୍ୟବ୍ରତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ମହାପୁରୁଷଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିବା ସହିତ ସେମାନଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତ ମାତାଙ୍କ ସେବା କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉଭୟ ମହାପୁରୁଷଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ଯୁଧିଷ୍ଠିର ପାଢ଼ୀ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କୈଳାଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ଖୁସୁବୁ କୁମ୍ଭାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# 'ବଲାଙ୍ଗୀର କଳା, ସଂସ୍କୃତିର ମାଟି'

ବଲାଙ୍ଗୀର,୨୪।୧(ବୀରେନ୍ଦ୍ର କୁମାର ଝାଙ୍କର)


ବଲାଙ୍ଗୀର ଲୋକଉତ୍ସବ ଉଦ୍‌ଯାପନୀ ସଭାରେ ଅତିଥିମାନେ ଚିତ୍ରଶିଳ୍ପୀ ଦିଲୀପ କୁମାର ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ବଲାଙ୍ଗୀର ଲୋକ ଉତ୍ସବ ଉଦ୍‌ଯାପିତ**

ଜିଲା ସଂସ୍କୃତି ପରିଷଦ ଏବଂ ଲୋକଉତ୍ସବ ସମିତି ପକ୍ଷରୁ ଦୀର୍ଘ ୪ ଦିନ ଧରି ଚାଲିଥିବା ବଲାଙ୍ଗୀର ଲୋକ ଉତ୍ସବ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ବଲାଙ୍ଗୀର ମାଟିର କଳା, ସଂସ୍କୃତି ଏବଂ ପରମ୍ପରାକୁ ଭୂୟସୀ ପ୍ରଶଂସା କରିଥିଲେ। ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ ବିଧାୟକ ନବୀନ କୁମାର ଜୈନ, ଆରକ୍ଷୀ ଅଧୀକ୍ଷକ ରଷିକେଶ ଖିଲାରୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ରାଜ୍ୟସଭା ସାଂସଦଙ୍କ ପ୍ରତିନିଧି ବିଷ୍ଣୁପ୍ରସାଦ କେଡିଆ, ଜିଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ସାଂସ୍କୃତିକ କମିଟି ସହଅଧ୍ୟକ୍ଷ ବିନୋଦ କାଲସାଏ, କଳାକାର ଶରତ କୁମାର ପୁଟେଲ ମଞ୍ଚାସୀନ ଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ ମଧ୍ୟ ଲୋକଉତ୍ସବ ଜରିଆରେ କିଭଳି କଳା ଓ ସଂସ୍କୃତିର ବିକାଶ ହେଉଛି କହିଥିଲେ। ସଭାରେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ସଭାପତିତ୍ୱ କରିଥିଲେ। ଏହି ଅବସରରେ ଚିତ୍ରଶିଳ୍ପୀ ଦିଲୀପ କୁମାର ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ବିଭିନ୍ନ କଳାକାର, ଅଧିକାରୀ ଏବଂ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାର ପ୍ରମୁଖ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ବିଭିନ୍ନ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଏହାବ୍ୟତୀତ ଆସାମର ଭୋର୍ତ୍ତାଲ ନୃତ୍ୟ, ସୁନ୍ଦରଗଡର ସାନ୍ତାଳୀ ନୃତ୍ୟ, ସମ୍ବଲପୁରର ଝୁମର, ରାଜସ୍ଥାନର ଭବାଇ, ପୁରୀର ଗୋଟିପୁଅ ନୃତ୍ୟ ଓ ମଣିପୁରର ଢ଼ୋଲବଲନ ନୃତ୍ୟ ପରିବେଷଣ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ କଳାପ୍ରେମୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

ଚଳିତ ଲୋକଉତ୍ସବରେ ଚରମ ଅବ୍ୟବସ୍ଥା ଓ ପାତରଅନ୍ତର ନୀତି ଅବଲମ୍ବନ ଅଭିଯୋଗ କରି ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ଖବରଦାତାମାନେ ବର୍ଜନ କରିଥିଲେ। ଗୁରୁବାର ସନ୍ଧ୍ୟାରେ ଜିଲା ସଂସ୍କୃତି ଅଧିକାରୀ, ଜିଲା କ୍ରୀଡା ଅଧିକାରୀ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାମ୍ବାଦିକ ଭବନକୁ ଆଲୋଚନା ପାଇଁ ଆସିଥିଲେ। ତେବେ ସେଠାରେ ଜିଲା ସଂସ୍କୃତି ଅଧିକାରୀ ଯେଉଁ ମନ୍ତବ୍ୟ ଦେଲେ ସେଥିରେ ବିବାଦ ସମାଧାନ ହେବା ପରିବର୍ତ୍ତେ ଅଧିକ ଜଟିଳ ହୋଇପଡିଥିଲା ଓ ଖବରଦାତାମାନେ ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ବର୍ଜନ କରିବା ନିଷ୍ପତ୍ତି ନେଇ ସେଠାକୁ ଯାଇ ନ ଥିଲେ।

# ହତ୍ୟା ଉଦ୍ୟମକାରୀଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ

ବଲାଙ୍ଗୀର,୨୪।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୁକ୍ରବାର ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଅଭିଯୁକ୍ତ ଦାସ ବାଗଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡାଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀର ଟାଉନ ଥାନା ଅନ୍ତର୍ଗତ ଚଟିଆପାଲିରେ ଭଡା ଘରେ ରହି ଜଣେ ମହିଳା ବିଭିନ୍ନ ଲୋକଙ୍କ ଘର କାମ କରି ନିଜ ଗୁଜୁରାଣ ମେଣ୍ଟାଉଥିଲେ । ୨୦୨୩ ମାର୍ଚ୍ଚ ୬ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ସମୟରେ କନ୍ଧପାଲିପଡାରୁ କାମ ସାରି ଫେରୁଥିବା ସମୟରେ କନ୍ଧପାଲିପଡା ବନ୍ଧଆଡି ଠାରେ ଦାସ ବାଗ ତାଙ୍କୁ ଏକ ଧାରୁଆ ଛୁରୀ ସାହାଯ୍ୟରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। । ଫଳରେ ସମ୍ପୃକ୍ତ ମହିଳାଙ୍କ କାନ, ମୁହଁ, ଶରୀରର ବିଭିନ୍ନ ଅଙ୍ଗରେ ଗୁରୁତର ଆଘାତ ଲାଗିଥିଲା। ସେତେବେଳେ ଏହି ଘଟଣା ବଲାଙ୍ଗୀର ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏହି ଘଟଣାକୁ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାକୁ ସରକାରୀ ଅତିରିକ୍ତ ପିପି ଓଁକାର ନାୟକ ପରିଚାଳନା କରିଥିଲେ ।

# ଜାତୀୟ ବାଳିକା ଦିବସ ପାଳିତ

ଲୋଇସିଂହା,୨୪।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଥମ ଏଜୁକେଶନ ଫାଉଣ୍ଡେଶନ ଓ ଟିପିଡବ୍ଲୁଡିଏଲର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଶିକ୍ଷା ଓ ଜାତୀୟ ବାଳିକା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବ୍ଲକ ଶିକ୍ଷା ବିଭାଗ ଏବିଇଓ ଟଙ୍କଧର ଭୋଇ ମୁଖ୍ୟଅତିଥି, ଅଧ୍ୟାପକ ସନ୍ତୋଷ କୁମାର ମେହେର ମୁଖ୍ୟବକ୍ତା,ସିଡ଼ିପିଓ ଗାୟତ୍ରୀ ବାରିକ,ପ୍ରଧାନଶିକ୍ଷକ ସଦାନନ୍ଦ ଭୋଇ, ସହକାରୀ ଶିକ୍ଷକ ମଞ୍ଜୁଲତା ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥିମାନେ କୃତ୍ରିମ ବୁଦ୍ଧିମତା ଓ ମାନବ ସମାଜର ବିକାଶ ଏବଂ ଶିକ୍ଷା ସ୍ୱାସ୍ଥ୍ୟ କ୍ଷେତ୍ରରେ ମହିଳା ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ଏଜୁକେଶନ ଫାଉଣ୍ଡେଶନ ସୂର୍ଯ୍ୟକାନ୍ତୀ ନାଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆନନ୍ଦ ପ୍ରଧାନ ସଭା ପରିଚାଳନା କରିଥିଲେ। ଅନୁସୟା ବିଶାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ରଚନା ଲିଖନ ଓ ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରୀ କିରଣ ହରପାଲ,ପ୍ରେରଣା ଛତ୍ରିଆ, ମୌସୁମୀ ବାଗ, ରୁକସାନା ସାଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ଶିକ୍ଷା ମଣିଷକୁ ସମାଜରେ ପରିଚିତ କରେ

**ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକୋତ୍ସବ**

ଲାଠୋର,୨୪।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଶୁକ୍ରବାର ଅଧ୍ୟକ୍ଷ ବଳଭଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପାଟଣାଗଡ ଉପଜିଲାପାଳ ସୁନିଲ କୁମାର ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ,ତ୍ୟାଗ ଏବଂ ସଂଘର୍ଷରେ ଏକ ବିଦ୍ୟାଳୟ ଗଢ଼ି ଉଠିଥାଏ। ସେଠାରେ ଅଧ୍ୟୟନ ଦ୍ୱାରା ଶିକ୍ଷାର୍ଥୀଙ୍କଠାରେ ଲୁଚି ରହିଥିବା ଅନ୍ତର୍ନିହିତ ଗୁଣାବଳୀର ବିକାଶ ତାଙ୍କୁ ଏକ ଭଲ ମଣିଷ କରି ଗଢି ତୋଳିଥାଏ । ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ଡ. ହଳଧର ନାଗ ଯୋଗଦେଇ ଶିକ୍ଷା ମଣିଷକୁ ସମାଜରେ ପରିଚିତ କରାଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଘାସିରାମ ଅଗ୍ରୱାଲ ଯୋଗଦେଇ ବିଦ୍ୟାଳୟର ସମସ୍ୟା ଉପରେ ଆଲୋକପାତ କରିଥିଲେ। ବଲାଙ୍ଗୀର ଏମ୍‌ପିଙ୍କ ଖପ୍ରାଖୋଲ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ ଯୋଗଦେଇ ବିଦ୍ୟାର୍ଥୀଙ୍କ ପ୍ରତିଭାକୁ ଅଭିଭାବକ ଚିହ୍ନି ତାକୁ ସେ ଦିଗରେ ଉତ୍ସାହିତ କରିବା ସହ ସୁଯୋଗ ଦେବା ଉଚିତ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଏବଂ ଲାଠୋର ଥାନା ଅଧିକାରୀ ରାକେଶ ବେହେରା ମଧ୍ୟ ଯୋଗ ଦେଇଥିଲେ। ପ୍ରଥମେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଅଧ୍ୟକ୍ଷ ଦାଶ ଅତିଥି ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ଦେଇଥିଲେ। ବିଭନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମ୍ବଲପୁରୀ ଏବଂ ରସରକେଲି ନୃତ୍ୟରେ ମଞ୍ଚ ଦୁଲକି ଉଠିଥିଲା । ନିଉ ଲାଇଭ ଡ୍ୟାନ୍ସ ଏକାଡେମି ଟିଟିଲାଗଡ କଳାକାରମାନେ ମଧ୍ୟ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବର୍ତ୍ତମାନର ଶିକ୍ଷିତ ସମାଜରେ ମଣିଷ ପରିଣତ ବୟସରେ ଉପନୀତ ମା' ବାପାଙ୍କୁ କିପରି ବ୍ୟବହାର କରୁଛନ୍ତି ସେ ଉପରେ ଏକ ନାଟକ ପରିବେଷଣ କରାଯାଇଥିଲା। ମଞ୍ଚ ପରିଚାଳନା ଅଧ୍ୟାପକ ରୁନୁ ମେହେର କରିଥିବା ବେଳେ ଅଧ୍ୟାପକ ପ୍ରଦୀପ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ ।


ବାର୍ଷିକ ଉତ୍ସବ ଅବସରରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଛି ।

# କଳାହାଣ୍ଡି ଇଲେଭେନ୍ ଷ୍ଟାର ଚାମ୍ପିୟନ



ଅଲ୍ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟ ଫାଇନାଲରେ କଳାହାଣ୍ଡି ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଉଛି ।

**ତୃତୀୟ ମା' ପାଟଖଣ୍ଡା ଅଲ୍ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟ**

ଦେଓଗାଁ,୨୪।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଲାଲ ଜଗନ୍ନାଥ ପ୍ରସାଦ ମିନିଷ୍ଟାଡିୟମଠାରେ ଚାଲିଥିବା ତୃତୀୟ ମା' ପାଟଖଣ୍ଡା ଅଲଓଡିଶା ଫୁଟବଲ କପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଳାହାଣ୍ଡି ଇଲେଭେନ ଷ୍ଟାର ଓ ବୌଦ୍ଧ ଗେହ୍ଲା ମା' କ୍ଲବ ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ କଳାହାଣ୍ଡି ଇଲେଭେନଷ୍ଟାର ଦଳ ୩-୧ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ । ଦେବାଶିଷ ବାଗ, ସଞ୍ଜନ କୁଦେଇ, ତ୍ରୀନାଥ ଚନ୍ଦନ, ଲୋକନାଥ ଦଣ୍ଡସେନା ତଥା ପ୍ରଶାନ୍ତ କୁମାର ଥନାପତି ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଏହି ଦିନ ଭୋଲା ପଥ୍ରିମାଲି ଓ ପ୍ରଭୁ ଦାସ କୁମାର ଧାରା ବିବରଣୀ ପ୍ରଦାନ କରିଥିଲେ । କମିଟି ସଭାପତି କରୁଣାକର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂଦେଓ ,ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ବିଜେଡି ବ୍ଲକ ସଭାପତି ଶୁଶିଳ କୁମାର ଚାନ୍ଦ , ଜିଲା କ୍ରୀଡା ସଂସଦର ସମ୍ପାଦକ ଶରତ କୁମାର ନନ୍ଦ, ଜମିଦାର ଦୁର୍ଗାପ୍ରସାଦ ସିଂଦେଓ, ଜିଲା କ୍ରୀଡା ଅଧିକାରୀ ପରାସର ବାଗ, ସରପଞ୍ଚ କୁଶମଣି ମେହେର, ସମିତିସଭ୍ୟ ଅମିତ ତ୍ରିପାଠୀ, କମିଟି ସଭ୍ୟ କୈଳାସ କର୍ତ୍ତି, ଭାଗ୍ୟବନ୍ତ ମେହେର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଜରାସିଂହା ଅଣ୍ଡର ୧୫ ଦଳ ବଲାଙ୍ଗୀର ଗାନ୍ଧି ଷ୍ଟାଡିୟମଠାରେ ମୁଖ୍ୟମନ୍ତ୍ରୀ ଖେଳ ପ୍ରତିଯୋଗିତାରେ ରନର ଅପ୍ ହୋଇଥିବାରୁ ତାଙ୍କୁ ସମ୍ମାନିତ କରାଯଇଥିଲା। ଏହାସହ ଶ୍ରେଷ୍ଠ ଖେଳାଳି ଭାବେ କଳାହାଣ୍ଡିର ଏକାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଡିଫେନ୍ସ ସୋମନାଥ ବାଗ, ଶ୍ରେଷ୍ଠ ସ୍କୋରର ପପୁ ମାଝୀ, ଆମାଜିଙ୍ଗ ପ୍ଲେୟାର ବୌଦ୍ଧର ବଣ୍ଟିଙ୍କୁ ସମ୍ମାନିତ କରାଯାଇଥିଲା । ଅଧ୍ୟାପକ ଡ. ରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ରାଜ କିଶୋର ସେଠ, ଉଜ୍ଜଳ ଝାଙ୍କର, ରାଜ ଦଣ୍ଡସେନା, ଭାଗ୍ୟବନ୍ତ ମେହେର, ସତ୍ୟ ବକ୍ସ. ବସନ୍ତ ପଥ୍ରିମାଲି, ଅଂଶୁମାନ କର୍ତ୍ତି ତଥା ବିଏନଏର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ବାଦିବାହାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ

ଲୋଇସିଂହା,୨୪।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରି ଭଲ ପାଠପଢି ବିଦ୍ୟାଳୟ ଓ ଅଞ୍ଚଳର ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ବେଣୁଧର ଭୋଇ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ୍ ନେପାଳ ବାଗ ମୁଖ୍ୟବକ୍ତା, ପୂର୍ବତନ ସରପଞ୍ଚ ତଥା ସମ୍ପାଦକ ରାଜୀବ ଲୋଚନ ଧରୁଆ, ବିଇଓ ରୀନା କୁମାରୀ ବେହେରା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚମରା ଚୌହାନ, ମୋ ସ୍କୁଲ ଅଭିଯାନର ସଭାପତି ସୁନୀଲ ଦାସ, ଜିଲା ପରିଷଦ ସଭ୍ୟା ଲିଲିମା ବେହେରା,ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀ, ସମିତି ସଭ୍ୟ ଏ.ବେହେରା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଜିଲା ପରିଷଦ ସଭ୍ୟା ଓ ସରପଞ୍ଚ ବାଦିବାହାଲ ଗାଁ ଓ ଗ୍ରାମ ପଞ୍ଚାୟତ ଅଞ୍ଚଳରେ କେତେକ ବିକାଶ କାମ ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଧାନଶିକ୍ଷକ ଭୋଇ ସ୍ୱାଗତ ଭାଷଣରେ ସ୍କୁଲର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ଗଣନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଉତ୍ସବରେ ଯୋଗ ଦେଇଥିବା ଅତିଥି ।

# 'ୱାନ ନେଶନ, ୱାନ ହେଲ୍‌ଥ କାର୍ଡ ବ୍ୟବସ୍ଥା ହେବ'

ବଲାଙ୍ଗୀର,୨୪।୧(ବୀରେନ୍ଦ୍ର କୁମାର ଝାଙ୍କର)

**ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟରେ ଆୟୁଷ ଉତ୍ସବ**

ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ଛାତ୍ର ସଂସଦର ଆୟୁଷ ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସେ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାର ଆୟୁଷ ଏବଂ ଆୟୁର୍ବେଦକୁ ପ୍ରାଧାନ୍ୟ ଦେଉଛନ୍ତି। କିଛିଦିନ ତଳେ ଓଡିଶା ସରକାର ଓ ଭାରତ ସରକାର ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏହାଦ୍ୱାରା ଓଡିଶାରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେବ। ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଆରୋଗ୍ୟ ଯୋଜନାରେ ଏକ ସ୍ୱତନ୍ତ୍ର ପାନ୍ ଇଣ୍ଡିଆ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯିବ। ଏହା ୱାନ୍ ନେଶନ ୱାନ୍ ହେଲ୍‌ଥ କାର୍ଡ ଭାବେ ବ୍ୟବହୃତ ହେବ। ଉକ୍ତ ସ୍ୱାସ୍ଥ୍ୟ କାର୍ଡରେ ସାରା ଦେଶର ପ୍ରାୟ ୩୦ ହଜାର ହସ୍ପିଟାଲରେ ଲୋକେ ଚିକିତ୍ସା ସେବା ପାଇପାରିବେ ବୋଲି କହିଥିଲେ। ଓଡିଶାର ୪.୫ କୋଟି ଜନସାଧାରଣଙ୍କ ମଧ୍ୟରୁ ୩.୫ କୋଟି ଲୋକଙ୍କୁ ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଆରୋଗ୍ୟ ଯୋଜନା ମିଳିତ କାର୍ଡ ସୁବିଧା ଦିଆଯିବ ବୋଲି ସେ କହିଥିଲେ। ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ଆୟୁର୍ବେଦ କଲେଜର ଭିତ୍ତିଭୂମି ବିକାଶ, ବାଳିକା ହଷ୍ଟେଲ ପ୍ରତିଷ୍ଠା, ଆଉ ଦୁଇଟି ପିଜି ବିଭାଗ ଖୋଲିବା, ପିଜି ଛାତ୍ରଙ୍କ ଛାତ୍ରବୃତ୍ତି ଏବଂ ଅନ୍ୟାନ୍ୟ ଦାବି ସରକାର ଶୀଘ୍ର ପୂରଣ କରିବା ଦିଗରେ ପଦକ୍ଷେପ ନେବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଡିନ୍ ପ୍ରଫେସର ଡା. ସ୍ୱୟଂପ୍ରଭା ପ୍ରଧାନ ଯୋଗଦାନ କରିଥିଲେ। ଆୟୁର୍ବେଦିକ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ମନୋଜ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର ସଂସଦ ସଭାପତି ଡା. ଆଶୁତୋଷ ତ୍ରିପାଠୀ କଲେଜର ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଛାତ୍ର ସଂସଦ ସମ୍ପାଦକ ଡା. ଦୀପକ ମେହେର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଅଧ୍ୟାପକ ଡା. ଲିପ୍‌ସା ଦାସ ଓ ଅଧ୍ୟାପକ ଡା. ନିଗମାନନ୍ଦ ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟୁର୍ବେଦ କଲେଜ ପୁରାତନ ଛାତ୍ର ସଂଘର ଡା. ବାସୁଦେବ ପତି, ପ୍ରକାଶ ଦାଶ, ଅଧ୍ୟାପକ ଡା. ସୀମାଦ୍ରୀ ନାୟକ, ଡା. ବୁଦ୍ଧଦେବ ମିଶ୍ର, ଅମ୍ବୁଜ କୁମାର ବିଶ୍ୱାଳ, ନବକିଶୋର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛାତ୍ର ସଂସଦ ଉପଦେଷ୍ଟା ଡା. ଶିବବ୍ରତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।


ବଲାଙ୍ଗୀର ଆୟୁର୍ବେଦ କଲେଜ ଆୟୁଷ ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ବକ୍ତବ୍ୟ ରଖୁଛନ୍ତି।


**ODISHA STATE CIVIL SUPPLIES CORPORATION LIMITED, KALAHANDI**

oscscltd@gmail.com

No. 201/Corp. Date: 24.01.2025

**QUOTATION/TENDER CALL NOTICE FOR SELECTION OF REPUTED TRAVEL AGENCIES/TOUR OPERATORS OR PRIVATE INDIVIDUALS FOR HIRING OF PRIVATE VEHICLES**

| Sl. No. | Name of the Work | Tender for Selection of Reputed Travel Agencies/Tour Operators or Private Indivisuals for Hiring of Private Vehicles |
|---|---|---|
| 1 | Bid identification No. of the Tender Documents | 198, 199 & 200 Dated: 24.01.2025 |
| 2 | Date of availability of the Tender documents in the District website i.e. **https://kalahandi.odisha.gov.in** | 27.01.2025 |
| 3 | Due date & time of receipt of the Proposals | 04.02.2025 upto 4.00 P.M. in the Office of the Chief CSO-cum-District Manager, OSCSC Ltd., Kalahandi |
| 4 | Date & time of opening of Technical Proposals | 05.02.2025 at 11.00 A.M. in the Office of the Chief CSO-cum-District Manager, OSCSC Ltd., Kalahandi |
| 5 | Eligible Bidders | Reputed Travel Agencies/Tour Operators or Private Individuals |
| 6 | Further details can be seen from the District website i.e. **https://kalahandi.odisha.gov.in**. | |

**Sd./- Chief CSO-cum-District Manager**
**OSCSC Ltd., Kalahandi**

**ସଂକ୍ଷେପରେ**

## ଜାତୀୟ କନ୍ୟା ସନ୍ତାନ ଦିବସ

**ସୋନପୁର,୨୪।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସଂସ୍କୃତି ଭବନଠାରେ ଜାତୀୟ କନ୍ୟା ସନ୍ତାନ ଦିବସ ଓ ବେଟି ବଚାଓ ବେଟି ପାଓ କାର୍ଯ୍ୟକ୍ରମର ୧୦ ବର୍ଷ ପୂର୍ତ୍ତି ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ଅଧିକାରୀ ବିଜୟ ବିଶ୍ୱାଳ ପରିଚାଳନା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଡ଼ିଏସପି ରେଣୁକା ସୁନା, ଜିଲା ପରିଷଦର ସହକାରୀ ନିର୍ବାହୀ ଯନ୍ତ୍ରୀ ପଲ୍ଲବୀରାଣୀ ରାଜ, ଜିଲା ବିଜ୍ଞାନ ପରିଦର୍ଶକ ପର୍ଶୁରାମ ମେହେର, ଡାକ୍ତର ମନୋଜ କୁମାର ଅଦାବର, ଜିଲା ସମାଜ ମଙ୍ଗଳ ବିଭାଗର ପ୍ରୋଗ୍ରାମ ଅଫିସର ଅନିତା ଗୁରୁ ପ୍ରମୁଖ ଯୋଗଦେଇ କନ୍ୟା ସନ୍ତାନ ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଶଙ୍କର୍ଷଣ ପଣ୍ଡା, ସଦସ୍ୟ ହେମନ୍ତ କୁମାର ସା, ସନ୍ନୁନ୍ କର୍ଣ୍ଣ, ଜେଣ୍ଡର ସଂଯୋଜକ ମାନସ ସେଟ, ଜିଲା ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ଓ ପୋଷଣ ସଂଯୋଜକ ସଞ୍ଜିବ ମିଶ୍ର ଉପସ୍ଥିତ ଥିଲେ। ଜିଲା ବାଲ୍ୟ ବିବାହ ସଂଯୋଜକ ଅକ୍ଷୟ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ରୁଦ୍ର ପ୍ରସନ୍ନ ମିଶ୍ର, ଥବିର କାଲସେ, ପ୍ରଶାନ୍ତ ମହାକୁଡ଼, ସ୍ୱାଗତ ରାଜ ମିଶ୍ର, ସରିତା ସୁନା ଓ ଅନିଲ ମହଲା ସହଯୋଗ କରିଥିଲେ।

## ନେତାଜୀ, ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

**ଡୁଙ୍ଗୁରିପାଲି, ୨୪।୧(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିର ବିଭିନ୍ନ ସ୍ଥାନରେ ଗୁରୁବାର ନେତାଜୀ ସୁବାଷଚନ୍ଦ୍ର ବୋଷ ଓ ବୀରସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜୟନ୍ତୀ ପାଳନ ହେବା ସହ ପୂର୍ବଛାତ୍ରଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଗୁରୁଜୀ ବନବାସ, ଗୁରୁଜୀ ଶାନ୍ତନୁ, ଓ ପ୍ରଧାନ ଆଚାର୍ଯ୍ୟ ବିଭୂତିଭୂଷଣ ପଣ୍ଡା ଯୋଗଦେଇଥିଲେ। ରଞ୍ଜନ ଗୁରୁଜୀ ପରିଚୟ ପ୍ରଦାନ କରିଥିବା ବେଳେ ଅଶ୍ୱିନୀ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଶୁଖା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ କିଶୋର କୁମାର ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବିଦେଶୀ ମିଶ୍ରଙ୍କ ସଭାପତିରେ ଜୟନ୍ତୀ ପାଳନ କରାଯାଇଥିଲା। ଅତିଥିଙ୍କ ପରିଚୟ ପ୍ରଦାନ ସ୍ୱାଗତ ଭାଷଣ ଦମୟନ୍ତୀ ଗଡତିଆ ଓ ଅନିତା ସାହୁ କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁମା ପ୍ରିତିମୟୀ ମିଶ୍ର ସଂଯୋଜନା କରିଥିଲେ। ଡୁଙ୍ଗୁରିପାଲି ଏସ୍‌ସି,ଏସଟି ଷ୍ଟଲ ପରିସରରେ ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସଭାପତି ସୁରେଶ ଭୋଇଙ୍କ ନେତୃତ୍ୱରେ ବୀର ସୁରେନ୍ଦ୍ର ସାଏ ଓ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ କରାଯାଇଛି। ମୁଖ୍ୟ ଉପଦେଷ୍ଟା ଶ୍ୟାମସୁନ୍ଦର ଭୋଇ ଯୋଗଦେଇ ସଭାକାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବୀରେନ୍ଦ୍ର ଦଣ୍ଡସେନା, ଅବଧୂତ ଆଡବାଙ୍କ, ଯୁବରାଜ ସିଂହ ବରିହା, ସୁରେନ୍ଦ୍ର କୁଅର,ବିରଞ୍ଚି ବରିହା, ଟଙ୍କଧର ଭୋଇ, ଧ୍ରୁବା ଭୁଏ, ବିଶ୍ୱସେଠୀ, ଥବିର, ଜଗଦିଶ, ବିଷ୍ଣୁ, ହେମସାଗର ପ୍ରମୁଖ ଉପସ୍ଥିତ ଥିଲେ।

# ଖେଳପଡ଼ିଆ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

**ଅମରପାଲି,୨୪।୧(ପୀତାମ୍ବର ସାହୁ)**


ଭଙ୍ଗାମୁଣ୍ଡା ଗ୍ରାମର ଯୁବକମାନେ ଖେଳ ପଡିଆ ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆସିଛନ୍ତି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭଙ୍ଗାମୁଣ୍ଡା ଗ୍ରାମର ଯୁବକମାନେ ଗ୍ରାମରେ ସରକାରୀ ଜମିରୁ ଜବରଦଖଲ ହଟାଇ ଏକ ଖେଳପଡିଆ ଯୋଗାଇ ଦେବା ପାଇଁ ଦାବି କରିଛନ୍ତି। ଏନେଇ ସେମାନେ ଶୁକ୍ରବାର ଅପରାହ୍ନ ୧ଟାରେ ବୀରମହାରାଜପୁର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ଯୁବକମାନଙ୍କ ଦାବି ଅନୁସାରେ ଭଙ୍ଗାମୁଣ୍ଡା ଗ୍ରାମରେ ଏଯାଏ ଖେଳପଡିଆ ହୋଇପାରି ନାହିଁ। ଏନେଇ ପୂର୍ବରୁ ଗ୍ରାମର ଯୁବକମାନେ ବିଭିନ୍ନ ସମୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ଗ୍ରାମରେ ଏକ ଖେଳ ପଡିଆ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର କେହି ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି। ଫଳରେ ଗ୍ରାମର ପ୍ରାୟ ୨ଶହରୁ ଅଧିକ ଯୁବକ ବିଭିନ୍ନ ଖେଳକୁଦରୁ ବଞ୍ଚିତ ହେବା ସହିତ ସେନାବାହିନୀରେ ସାମିଲ ପାଇଁ ଦୌଡ଼କୁଦ ଓ ବିଭିନ୍ନ ଅଭ୍ୟାସ ପାଇଁ ପଡିଆ ନ ପାଇ

**ଖେଳକୁଦରୁ ବଞ୍ଚିତ ଗ୍ରାମର ୨ଶହ ଯୁବକ**

ଏଥିରୁ ବଞ୍ଚିତ ହେଉଛନ୍ତି। ଫଳରେ ଯୁବକମାନେ ପୁଣିଥରେ ସରପଞ୍ଚ, ପିଇଓ ଏବଂ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବିଡ଼ିଓଙ୍କ ନିର୍ଦ୍ଦେଶ କ୍ରମେ ଖେଳ ପଡ଼ିଆ ପାଇଁ ରାଜସ୍ୱ ବିଭାଗ ଜମି ଦେଲେ ଖେଳ ପଡ଼ିଆ ନିର୍ମାଣ କରାଯିବ ବୋଲି କହିଥିଲେ। ଫଳରେ ଯୁବକମାନେ କଳାପଥର ରାଜସ୍ୱ ଅଧିକାରୀଙ୍କ ନିକଟକୁ ଯାଇ ଗ୍ରାମର ଖାତା ନମ୍ବର ୩୬୦ ରେ ୩.୭୭୦ ଏକର ସରକାରୀ ଜମି ଥିବା ଜାଣିବାକୁ ପାଇଥିଲେ। ମାତ୍ର ଉକ୍ତ ସରକାରୀ ଜମିକୁ କେତେକ ବ୍ୟକ୍ତି ଜବରଦଖଲ କରିଛନ୍ତି। ଆଉ କେତେକ ଲୋକ ଉକ୍ତ ଜମିରୁ ମାଟି ଖୋଳି ନେଉଛନ୍ତି। ତେଣୁ ଉକ୍ତ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରି ଏକ ଖେଳପଡିଆ ପାଇଁ ଜମି ଯୋଗାଇ ଦେବାକୁ ଗ୍ରାମର ଯୁବକମାନେ ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ନରେନ୍ଦ୍ର ମେହେର, ରଞ୍ଜିତ ମଲ୍ଲିକ, ଶିବ ନାଏକ, ସୁଦାମ ନାଏକ, ଅର୍ଜୁନ ମେହେର, ଅଗସ୍ତି ମେହେର, ମନୋରଞ୍ଜନ ମିଶ୍ର ପ୍ରମୁଖଙ୍କ ଦସ୍ତଖତ ଥିବା ଦାବିପତ୍ର ପ୍ରଦାନ କରାଯାଇଛି।

# ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ ଲୋଡ଼ା

**ବୌଦ୍ଧ,୨୪।୧(ଅଜିତ କୁମାର ବାରିକ)**

**ବୌଦ୍ଧରେ ଜାତୀୟ ବାଳିକା ଦିବସ ପାଳିତ**

ବୌଦ୍ଧ ଜିଲା ଶିଶୁ ସୁରକ୍ଷା ବିଭାଗ, ସମଗ୍ର ଶିକ୍ଷା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଳିତ ସହଯୋଗରେ ସହରର ଟାଉନହଲଠାରେ ଶୁକ୍ରବାର ଦିନ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଯୋଗଦେଇ ବାଳିକାମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ମତବ୍ୟକ୍ତ କରିଥିଲେ। ଜିଲାପାଳ ପଣ୍ଡା ବାଲ୍ୟବିବାହ ପ୍ରଥା ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବାକୁ କହିବା ସହ ବେଟି ବଚାଓ ବେଟି ପଢାଓ, ଯଶୋଦା ଯୋଜନା, ସୁକନ୍ୟା ଯୋଜନା ଉପରେ ମତବ୍ୟକ୍ତ କରିଥିଲେ। ଏହାଛଡା ବାଳିକା ଶିକ୍ଷାକୁ ସୁନିଶ୍ଚିତ କରିବାକୁ ଆହ୍ୱାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ ଶିଶୁମାନଙ୍କୁ ଭଲରେ ପାଠ ପଢିବ, କଠିନ ପରିଶ୍ରମ କଲେ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ପ୍ରବୀଣ କୁମାର ବାନୁଆ ଯୋଗଦେଇ ଝିଅମାନଙ୍କୁ ପୁଅଙ୍କ ପରି ସୁବିଧା ଦିଆଗଲେ ସେମାନେ ମଧ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିପାରିବେ ବୋଲି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ଟମେଲାଲ ଦୁବେ ଯୋଗଦେଇ ଶିଶୁମାନଙ୍କୁ ଉତ୍ତମ ଶିକ୍ଷା ଯୋଗାଇ ଦେବା ସହ ସମସ୍ତ କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।


ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଓଡ଼ିଶା ଜୀବିକା ମିଶନ ଇସି ସଂଘର ରାଲି



ସଂଘର କର୍ମକର୍ତ୍ତାମାନେ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

**ସୋନପୁର,୨୪।୧(ମୃତ୍ୟୁଞ୍ଜୟ ଶତପଥୀ)**

**ଡବ୍ଲ୍ୟୁଏସ୍‌ଏଚଜି ମହାସଂଘ, ଆଞ୍ଚଳିକ ମଞ୍ଚ ପୁନର୍ଗଠନକୁ ବିରୋଧ**

ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲ୍ୟୁଏସ୍‌ଏଚଜି) ମହାସଂଘ ଓ ଆଞ୍ଚଳିକ ମଞ୍ଚର ପୁନର୍ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହାକୁ ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଓଡିଶା ଜୀବିକା ମିଶନ ଇସି ସଂଘ ବିରୋଧ କରିଛି। ପ୍ରତିବାଦରେ ସଂଘ ପକ୍ଷରୁ ଶୁକ୍ରବାର ସୁବର୍ଣ୍ଣପୁରରେ ରାଲି ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାରେ କାର୍ଯ୍ୟରତ ଗ୍ରାମପଞ୍ଚାୟତ ଲେଭେଲ ଫେଡେରେସନ (ଜିପିଏଲଏଫ), ବ୍ଲକ ଲେଭେଲ ଫେଡେରେସନ (ବିଏଫଏଲ) ଓ ଡିଷ୍ଟ୍ରିକ୍ଟ ଲେଭେଲ ଫେଡେରେସନ (ଡିଏଲଏଫ)ର ହଜାର ହଜାର କର୍ମୀ ସାମିଲ ହୋଇଥିଲେ। ରୟାଲ ପଡିଆଠାରୁ ଆରମ୍ଭ ହୋଇଥିବା ରାଲି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ପୁନର୍ଗଠନ ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ ସେମାନେ ଦାବି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ସ୍ମାରକପତ୍ର ଗ୍ରହଣ କରିଥିଲେ। ସଂଘର ଅଭିଯୋଗ ଅନୁଯାୟୀ ୫ ବର୍ଷ ପୂର୍ବରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକରୁ ଚୟନ ହୋଇ ସେମାନେ ପଞ୍ଚାୟତସ୍ତରୀୟ, ବ୍ଲକସ୍ତରୀୟ ଓ ଜିଲାସ୍ତରୀୟ ସଂଘରେ ସାମିଲ ହୋଇଥିଲେ। ପୂର୍ବରୁ ସେମାନେ ବିନା ପାରିଶ୍ରମିକରେ କାମ କରୁଥିଲେ। ୨୦୨୨ ଜାନୁଆରୀଠାରୁ ଗସ୍ତ ଖର୍ଚ୍ଚ ବାବଦକୁ ମାସିକ ୧୦୦୦ଟଙ୍କା ଓ ୨୦୨୪ ମାର୍ଚ୍ଚରୁ ୫୦୦ଟଙ୍କା ବଢି ମାସିକ ୧୫୦୦ଟଙ୍କା ପାଉଥିଲେ। ତେବେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ମହାସଂଘ ଓ ଆଞ୍ଚଳିକ ମଞ୍ଚ ପୁନର୍ଗଠନ ଓ ଅଡିଟ୍ ସମ୍ପର୍କିତ ଚିଠିକୁ ନେଇ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହା ସଂଘର କର୍ମୀକୁ ବାହାର କରିବା ପାଇଁ ଉଦ୍ଦିଷ୍ଟ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସଂଘର ରାଜ୍ୟ ସଭାପତି ରୋଜାଲିନ ମହାନ୍ତି, ଉପଦେଷ୍ଟା ଉମେଶ ଚନ୍ଦ୍ର ନାୟକ, ଯୋଗମାୟା ନନ୍ଦ, ଜିଲା ସଭାପତି ଅଞ୍ଜଳି ଭିତିରିଆ, ସମ୍ପାଦିକା ସସ୍ମିତା ସାମନ୍ତରା ଓ ସୂର୍ଯ୍ୟକାନ୍ତ ରାଉଳ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଜିଲାର ୬ଟି ବ୍ଲକରୁ ସଂଘର କର୍ମୀମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଖରଭୂଇଁ ଅପୂର୍ବ ଷାଣ୍ଡ ହତ୍ୟା ମାମଲା**

**ବୌଦ୍ଧ,୨୪।୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଦୌରାଜଜ୍ ପ୍ରତାପ କୁମାର ପାତ୍ର ଶୁକ୍ରବାର ଦିନ ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ହରଭଙ୍ଗା ଥାନା ଖରଭୂଇଁ ଗ୍ରାମର ଅପୂର୍ବ ଷାଣ୍ଡ ଗତ ତା୧୦।୬।୨୦୨୩ ରିଖରେ ଗାଁ ନିକଟସ୍ଥ କନ୍ଦାବାରୀକୁ ଆମ୍ବ ଗୋଟାଇବାକୁ ଯାଇଥିଲେ। କିନ୍ତୁ ସେ ସନ୍ଧ୍ୟା ପର୍ଯ୍ୟନ୍ତ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କର ପତ୍ତା ମିଳି ନ ଥିଲା। ଘଟଣାର ପରଦିନ ସକାଳେ ଗାଁ ଲୋକଙ୍କ ସହ କନ୍ଦବାରୀକୁ ଯାଇ ଖୋଜାଖୋଜି କରିବାରୁ ସେଠାରେ ଉଲଗ୍ନ ଅବସ୍ଥାରେ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଅପୂର୍ବଙ୍କ କପାଳ ଓ ଦୁଇହାତରେ କ୍ଷତ ଚିହ୍ନ ରହିଥିଲା । ଏନେଇ ତାଙ୍କ ପୁତୁରା ପ୍ରଦୀପ ଷାଣ୍ଡ ହରଭଙ୍ଗା ଥାନାରେ ଅପୂର୍ବଙ୍କୁ କେହି ହତ୍ୟା କରିଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ନଂ ୭୫/୨୦୨୩ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ଉକ୍ତ ଗ୍ରାମର ଅଭିଯୁକ୍ତ ଦୁର୍ଯ୍ୟୋଧନ ଭୋକ୍ରା(୬୦)ଙ୍କୁ ଗତ ତା୧୩।୬।୨୦୨୩ ରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରିବର୍ତ୍ତୀ ସମୟରେ ମାମଲାଟି ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏସଟି କେସ ନଂ ୬୧/୨୦୨୩ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଦାଲତ ପ୍ରମାଣ ଅଭାବରୁ ଅଭିଯୁକ୍ତ ଦୁର୍ଯ୍ୟୋଧନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ପ୍ରଦୀପ କୁମାର ମହାରଣା ପରିଚାଳନା କରୁଥିଲେ।

# ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ ନାରାୟଣନଗର ଉତ୍ସବମୁଖର

**ବଘିଆପଡା,୨୪।୧(ଶ୍ରୀକାନ୍ତ ସାହୁ)**

**କଳସ ଶୋଭାଯାତ୍ରାରେ ସାମିଲ ହେଲେ ଗ୍ରାମବାସୀ**

ବୌଦ୍ଧ ଜିଲା ଲକ୍ଷ୍ମୀପ୍ରସାଦ ଗ୍ରାମ ପଞ୍ଚାୟତର ଲୋକକଳା ଗ୍ରାମ ନାରାୟଣନଗରଠାରେ ପୁରୀ ଶ୍ରୀମନ୍ଦିର ଭଳି ନବନିର୍ମିତ ଜଗନ୍ନାଥ ମନ୍ଦିର ଓ ଶ୍ରୀରାମଚନ୍ଦ୍ରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଶୁକ୍ରବାର ଦିନ କଳସ ଶୋଭଯାତ୍ରା ହୋଇଯାଇଛି । ସକାଳ ୯ଟାରେ ଗ୍ରାମର ମହିଳା ଓ ପୁରୁଷମାନେ ଗ୍ରାମ ନିକଟସ୍ଥ ମହାନଦୀର ଜଗତି ଘାଟଠାରୁ ୧୦୦୮ କଳସ ଧରି ନାମ ସଂକୀର୍ତ୍ତନ କରି ଘଣ୍ଟବାଦ୍ୟର ତାଳେ ତାଳେ ଜଗତି, ମାହାରସାହି, ଚାରିଶମ୍ଭୁ, ବାବୁସାହି ଦେଇ ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ପୂଜକ ଭାବେ ଅଜିତ ପାଣିଗ୍ରାହୀ, ବୁଲୁ ପାଢୀ, ସନ୍ତୋଷ ହୋତା, ପ୍ରବୀଣ ପଣ୍ଡା, ଜିକୁନ ହୋତା, କୃଷ୍ଣଚନ୍ଦ୍ର ଶତପଥୀ, ଶ୍ରୀକାନତ ମହାପାତ୍ର, ସୁରେଶ ପାଣିଗ୍ରାହୀ, ସିଦ୍ଧେଶ୍ୱର ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିଲେ । କର୍ତ୍ତା ଭାବେ ପ୍ରମୋଦ ମେହେର, ଟିକ ମେହେର, କୁବେର ମେହେର, ଲକ୍ଷ୍ମଣ ମେହେର, ଝରିଆ ମେହେର, ପୁରେନ୍ଦ୍ର ମେହେର, ସୁକୃ ମେହେର, ହରି ମେହେର, ରବି ମେହେର, ଚତୁର୍ଭୁଜ ମେହେର ସପତ୍ନୀକ ଦାୟିତ୍ୱ ତୁଲାଇଥିଲେ । କାର୍ଯ୍ୟକ୍ରମରେ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଯୋଗ ଦେଇଥିଲେ। ମନ୍ଦିର ପ୍ରତିଷ୍ଠା ପାଇଁ ନାରାୟଣନଗର ଗ୍ରାମ ଉତ୍ସବ ମୁଖର ହୋଇପଡିଛି । ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ଦୀର୍ଘ ୧୧ ଦିନ ଧରି ଗ୍ରାମରେ ଅନୁଷ୍ଠିତ ହେବ ।


କଳସ ଶୋଭାଯାତ୍ରାରେ ସାମିଲ ଗ୍ରାମର ମହିଳା ଓ ପୁରୁଷ ।

# ବୌଦ୍ଧରେ ମାଓବାଦୀ ଗତିବିଧି ନେଇ ପୋଲିସର ସର୍ଚ୍ଚ ଅପରେଶନ

**ବୌଦ୍ଧ,୨୪।୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାରେ ମାଓବାଦୀ ସ୍ଥିତି ନେଇ ଶୁକ୍ରବାର ଦିନ ପୋଲିସର ସର୍ଚ୍ଚ ଅପରେଶନ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଜିଲାର ଘଣ୍ଟାପଡା, କଣ୍ଟାମାଳ ଥାନା ଅଞ୍ଚଳରେ ମାଓବାଦୀ ଅପରେଶନ କରାଯାଇଛି । ଛତିଶଗଡରେ ମାଓବାଦୀଙ୍କ ଉପରେ ଆକ୍ରମଣ ପରେ ସେମାନେ ଓଡିଶା ମୁହାଁ ହୋଇଥିବା ଜଣାପଡିଛି । ବୌଦ୍ଧରେ ମାଓବାଦୀ ଅପରେଶନରେ ବିଏସ୍‌ଏଫ, ଡିଭିଏଫ, ଏସଓଜି, ସିଆରପିଏଫ ଯବାନ ଓ ବୋମା ନିଷ୍କ୍ରିୟ ଟିମ୍ ସାମିଲ ଥିବା ଜଣାପଡିଛି । ଯବାନମାନେ ଜଙ୍ଗଲ ମଧ୍ୟରେ ଡେରା ପକାଇ ଥିବା ବେଳେ ସର୍ଚ୍ଚ ଅପରେସନ ଚାଲିଥିବା ଜଣାପଡିଛି । ପ୍ରକାଶଥାଉ କି, ୨୦୨୦ ମସିହାରେ ବୌଦ୍ଧ ଜିଲାକୁ ମାଓବାଦୀ ମୁକ୍ତ ଜିଲା ଘୋଷଣା କରାଯାଇଥିବା ବେଳେ ଏବେ ପୁଣି ମାଓବାଦୀ ନିଜର ସ୍ଥିତି ଜାହିର କରିଛନ୍ତି ।

# ଭାଇଜାଗ୍‌ର ନବଚିପ୍ ସେମିରେ

**ସୋନପୁର,୨୪।୧(ମୃତ୍ୟୁଞ୍ଜୟ ଶତପଥୀ)**


ଭାଇଜାଗ୍‌ର ଟି.ସାଇଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

**ସର୍ବଭାରତୀୟ ଲାଲମନି କ୍ରିକେଟ୍**

ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ଜିଲା କ୍ରିକେଟ୍ ସଂଘ ଆନୁକୂଲ୍ୟରେ ଚାଲିଥିବା ୩୬ତମ ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ଷଷ୍ଠ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଇଜାଗ୍‌ର ନବଚିପ୍ କ୍ରିକେଟ୍ ଏକାଡେମୀ ଦଳ, ଦିଲ୍ଲୀ ସ୍କୁଲ ଅଫ କ୍ରିକେଟ୍(ଡିଏସସି)କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଟି-୨୦ ମ୍ୟାଚ୍‌ରେ ଦିଲ୍ଲୀ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦିଲ୍ଲୀ ନିର୍ଦ୍ଧାରିତ ଓଭର ଶେଷ ସୁଦ୍ଧା ୬ ଉଇକେଟ୍ ବିନିମୟରେ ୧୫୧ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରେମ୍ କୁମାର ୪୫ରନ, ସଞ୍ଜୟ ତନୁ ୩୬ରନ, ରାଜବୀର ୧୭ରନ ଓ ଗୌରବ ସିଂହ ୧୩ରନ ସଂଗ୍ରହ କରିଥିଲେ। ଭାଇଜାଗ୍‌ର ଏସ.କାର୍ତ୍ତିକେୟ ୨ଟି, ମୋହନ ରିଷି, ନରେଶ କୋଣ୍ଡାନ, ଏସ୍ ଗୋବିନ୍ଦ ଓ ଏମ୍.ଚରଣ ତେଜା ପ୍ରତ୍ୟେକ ଗୋଟିଏ ଲେଖାଏଁ ଉଇକେଟ୍ ଅକ୍ତିୟାର କରିଥିଲେ। ଜବାବରେ ଭାଇଜାଗର ନବଚିପ୍ ଦଳ ୧୫.୨ ଓଭରରେ ୪ ଉଇକେଟ୍ ହରାଇ ୧୫୭ରନ ସଂଗ୍ରହ କରିଥିଲେ। ଟି. ସାଇ ୬୬ରନ, କେ. ଦିବାକର ୩୧ରନ, ଭାସଓ୍ୱାନ୍ତ କ୍ରିଷ୍ଣା ୨୨ରନ, ଏନ୍ ବିନି ୧୬ରନ ଓ କେ.ଏ.ଏସ ପ୍ରସାଦ ୧୧ରନ ସଂଗ୍ରହ କରିଥିଲେ। ଦିଲ୍ଲୀ ଦଳର ଭବେଶ, ସଞ୍ଜୟ କନସଲ, ଶିବମ୍ ବାନାର୍ଜି ଓ ଜୋତିନ କୁମାର ପ୍ରତ୍ୟେକ ଗୋଟିଏ ଲେଖାଏଁ ଉଇକେଟ୍ ଅକ୍ତିୟାର କରିଥିଲେ। ଟୁର୍ନାମେଣ୍ଟ ଫର୍ମାଟର ନିୟମ ଅନୁଯାୟୀ ଭାଇଜାଗ୍ ଦଳ ଟି/୨୦ ମ୍ୟାଚ୍‌ରେ ବିଜୟ ସହ ବୋନସ ୬ରନ ପାଇଥିଲେ। ଟି/୧୦ ମ୍ୟାଚ୍‌ରେ ଦିଲ୍ଲୀ ଦଳ ପ୍ରେମ୍ କୁମାରଙ୍କ ୩୬ରନ ସହାୟତାରେ ୮ଉଇକେଟ୍ ବିନିମୟରେ ୯୧ରନ ସଂଗ୍ରହ କରିଥିଲା। ଭାଇଜାଗ୍‌ର କେ ନବୀନ, ମୋହନ ରିଷି ଓ ନରେଶ କୋଣ୍ଡାନା ପ୍ରତ୍ୟେକ ୨ଟି କରି ଉଇକେଟ୍ ଅକ୍ତିୟାର କରିଥିଲେ। ଭାଇଜାଗ୍ ଦଳ ୯.୪ଓଭରରେ ୭ଉଇକେଟ୍ ବିନିମୟରେ ଆବଶ୍ୟକ ୯୨ରନ ସଂଗ୍ରହ କରିଥିଲା। ଭାସଓ୍ୱନ୍ତ କ୍ରିଷ୍ଣା ୧୮ରନ, ଟି ସାଇ ୨୩ରନ, ଟି ଦିବାକର ୧୨ରନ ଓ ମୋହନ ରିଷି ୧୦ରନ ସଂଗ୍ରହ କରିଥିଲେ। ଦିଲ୍ଲୀର ଶୁଭମ କୁମାର ୩ଟି ଓ ଶିବମ ବାନାର୍ଜୀ ୨ଟି ଉଇକେଟ୍ ଅକ୍ତିୟାର କରିଥିଲେ। ଉଭୟ ଟି/୨୦ ଓ ଟି/୧୦ ମ୍ୟାଚ୍‌ରେ ଭାଇଜାଗ୍ ଦଳ ବିଜୟୀ ହୋଇଥିଲା। ଭାଇଜାଗ୍ ଦଳର ଟି.ସାଇଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ଲାବନ ମହାପାତ୍ର ଓ ରୂପେଶ ଅଗ୍ରୱାଲ ଅତିଥି ଭାବରେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ଶ୍ୟାମସୁନ୍ଦର ପଣ୍ଡା ଓ ସତ୍ୟପ୍ରସାଦ ରଥ। ସ୍କୋରର ଥିଲେ ପ୍ରଦୀପ୍ତ ସେଠୀ। ଅନଲାଇନ ସ୍କୋରର ଥିଲେ ଦିନେଶ ଘିବିଲା ଓ ବିଶ୍ୱନାଥ ନାୟକ। ଧାରା ବିବରଣୀ ପ୍ରଦାନ କରିଥିଲେ ବି.ଏସ.ରାଓ, ଅଚ୍ୟୁତ ମିଶ୍ର, ପାର୍ଥସାରଥୀ ଦାଶ ଓ ପ୍ରକାଶ ପାତ୍ର। ଶନିବାର ପୁଲ ବିର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଭୁବନେଶ୍ୱର ବାପୁଜୀ କ୍ଲବ ଓ ଭାଇଜାଗ୍ ମଧ୍ୟରେ ଅନୁଷ୍ଠିତ ହେବ।

**ODISHA STATE CIVIL SUPPLIES CORPORATION LIMITED, KALAHANDI**

oscscltd@gmail.com

No. 201/Corp. Date: 24.01.2025

**QUOTATION/TENDER CALL NOTICE FOR SELECTION OF REPUTED TRAVEL AGENCIES/TOUR OPERATORS OR PRIVATE INDIVIDUALS FOR HIRING OF PRIVATE VEHICLES**

| Sl. No. | Name of the Work | Tender for Selection of Reputed Travel Agencies/Tour Operators or Private Indivisuals for Hiring of Private Vehicles |
|---|---|---|
| 1 | Bid identification No. of the Tender Documents | 198, 199 & 200 Dated: 24.01.2025 |
| 2 | Date of availability of the Tender documents in the District website i.e. **https://kalahandi.odisha.gov.in** | 27.01.2025 |
| 3 | Due date & time of receipt of the Proposals | 04.02.2025 upto 4.00 P.M. in the Office of the Chief CSO-cum-District Manager, OSCSC Ltd., Kalahandi |
| 4 | Date & time of opening of Technical Proposals | 05.02.2025 at 11.00 A.M. in the Office of the Chief CSO-cum-District Manager, OSCSC Ltd., Kalahandi |
| 5 | Eligible Bidders | Reputed Travel Agencies/Tour Operators or Private Individuals |
| 6 | Further details can be seen from the District website i.e. **https://kalahandi.odisha.gov.in**. | |

**Sd./- Chief CSO-cum-District Manager**
**OSCSC Ltd., Kalahandi**

## ସଂକ୍ଷେପରେ

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ହେମଗିର,୨୪।୧(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ଭେଷଜ ପଟେଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଡୁଡୁକାଠାରେ ଅଧକ୍ଷ ଅଶୋକ କୁମାର ନାଏକଙ୍କ ସଭାପତିତ୍ୱରେ ଶୁକ୍ରବାର ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମାଷ୍ଟର ଟ୍ରେନର ହୀରାମଣି ମୁଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଛାତ୍ରୀମାନେ ଆତ୍ମ ସୁରକ୍ଷା ତାଲିମ ଗ୍ରହଣ କରିଥିଲେ। ଏହି ଅବସରରେ ଅଧ୍ୟାପିକା କରୁଣା ପାଣ୍ଡେ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସ୍ମିତା କାଲୋ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।

# କିଷାନ ମେଳା, କୃଷି ପ୍ରଦର୍ଶନୀ

ବଡ଼ଗାଁ,୨୪।୧(ଅଶୋକ ଷଡ଼ଙ୍ଗୀ)



ଅତିଥିମାନେ କୃଷି ପ୍ରଦର୍ଶନୀ ଦେଖୁଛନ୍ତି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଜରଙ୍ଗଲୋଇ ନିକଟରେ ଥିବା ଗ୍ରାମ ଉଦ୍ୟାନ ସଂସାଧନା କେନ୍ଦ୍ର ପରିସରରେ ଗୁରୁବାର କିଷାନ ମେଳା ଓ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି କିଷାନ ମେଳା ଓ କୃଷି ପ୍ରଦର୍ଶନୀରେ ସୁନ୍ଦରଗଡ ଜିଲାପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ.ଲକ୍ଷ୍ମୀପ୍ରିୟା ପ୍ରଧାନ, ଗ୍ରାମ ଉଦ୍ୟାନ ସଂସାଧଣ କେନ୍ଦ୍ରର ପ୍ରଭାଗ ୨ ଜୋନାଲ ହେଡ ଅମିତ ଅଗ୍ରୱାଲ ଓ ବିକାଶ ଚନ୍ଦ୍ର ରାୟ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ କେନ୍ଦ୍ର ପରିସରରେ ଥିବା ଶିବ ମନ୍ଦିରରେ ପୂଜାର୍ଚ୍ଚନା କଲାପରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କୃଷି ମେଳାରେ କୃଷକଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ପ୍ରକାରର ଫୁଲ, ଫଳ, ପନିପରିବା ଓ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ପ୍ରକ୍ରିୟାକରଣ ପ୍ରଦର୍ଶିତ ହୋଇଥିଲା। ଏହି କିସାନ ମେଳାରେ ବଡ଼ଗାଁ ବ୍ଲକ କୃଷି ଅଧିକାରୀ ରିତୁ ରାଣୀ କାଲୋ, ଝାରସୁଗୁଡ଼ା ଗ୍ରାମ ଉଦ୍ୟାନ ଯୋଜନାର ସଭାପତି ଅନୁପ ମୁଦ୍ରା, ଜରଙ୍ଗଲୋଇ ଜିଆରସିର ସଭାପତି ସୁନିଲ ଅଗ୍ରୱାଲ, କାର୍ଯ୍ୟ ନିର୍ବାହୀ ସଭାପତି ଦିନେଶ ବଜାଜ ଯୋଗଦେଇ ଭାରତ ମାତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କଲାପରେ ସଭା ଆରମ୍ଭ ହୋଇଥିଲା। ଜରଙ୍ଗଲୋଇ ଗ୍ରାମ ଉଦ୍ୟାନ ସଂସାଧନ କେନ୍ଦ୍ରର ସଭାପତି ସୁନିଲ ଅଗ୍ରୱାଲ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଯୋଜନା ପ୍ରମୁଖ ଅର୍ଜ୍ଜୁନ ଶର୍ମା ଏକଲ ଅଭିଯାନର ପଞ୍ଚମୁଖୀ ଶିକ୍ଷା ଏବଂ ଗ୍ରାମୀଣ ବିକାଶ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜରଙ୍ଗଲୋଇ ଜିଆରସିର କୋଷାଧ୍ୟକ୍ଷ ଚିନ୍ମୟ ପାଣିଗ୍ରାହୀ, ଝାରସୁଗୁଡ଼ା ଏସଡିସି ସଚିବ ବିଜୟ ପଟେଲ, ଗ୍ରାମ ଉଦ୍ୟାନ ଯୋଜନାର ସହ ଯୋଜନା ପ୍ରମୁଖ ଅର୍ଜ୍ଜୁନ ଶର୍ମା, କହ୍ନାଇ ପାଣ୍ଡେ, ଲାଲ ମୋହନ ମହାତୋ, ଜୈବିକ କୃଷି ତାଲିମ ମୁଖ୍ୟ ବାସୁଦେବ ତନ୍ତୀ, ଓଡ଼ିଶା ରାଜ୍ୟ ସଂଯୋଜକ ପଙ୍କଜ ଦାସ, କର୍ମକର୍ତ୍ତା କୃତାର୍ଥ ପ୍ରଧାନ, ଲକ୍ଷ୍ମୀ ନାରାୟଣ ଜୟପୁରିଆ, ସରୋଜ କୁମାର ପୃଷେଟ, ବିଶିକେଶନ ମହାନନ୍ଦିଆ, ଲିଲିମା ନନ୍ଦା, ହରିଶ ଜୟପୁରିଆଙ୍କ ସହିତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। କୃଷି ମେଳାରେ ମୋଟ ୫୭୧ ଜଣ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୨୦୨ ଜଣ କୃଷକ ଓ ୧୮ ଜଣ ଛାତ୍ରୀ ଛାତ୍ର ଙ୍କୁ ପୁରସ୍କୃତ କରାଯାଇଥିଲା।

# ଡୁଙ୍ଗୁରିଡିହି ସ୍କୁଲରେ ମାତୃପିତୃ ପୂଜନ



ମାତାପିତାଙ୍କୁ ପୂଜା କରାଯାଉଛି।

ହେମଗିର,୨୪।୧(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ସ୍ଥିତ ଡୁଙ୍ଗୁରିଡିହି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ମାତୃପିତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଥମେ ମାଁ ଗାୟତ୍ରୀଙ୍କ ପୂଜାର୍ଚ୍ଚନା କରିବା ପରେ ଛାତ୍ରୀଛାତ୍ରମାନେ ମାତା ପିତାଙ୍କ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ବିଇଓ କରୁଣା ସାଗର ପଟେଲ,ଏବିଇଓ କିଶୋର କୁମାର ଅକ,ଏବିଇଓ କପିଲ ଚନ୍ଦ୍ର ଦାସ, ବଳରାମ ପ୍ରଧାନ, ଅବସର ପ୍ରାପ୍ତ ଶିକ୍ଷକ ରଞ୍ଜନ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷକ ମନୋଜ କୁମାର ପଧାନ, ଗୋସାମୀ ଖମାରୀ, ମୀରା ଚୈାଧୁରୀ, ଗୋବର୍ଦ୍ଧନ ଭୋଇ, ସୁବୋଧ ନାଏକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଇନଜୋର କିଶାନ, ପବିତ୍ର ପଶାଏତ, ଉସତ ପଧାନ, ସିଆରସିସି ଯୋଗେନ୍ଦ୍ର ପଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ର ମାନଙ୍କ ଅବିଭାବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବଡ଼ଗାଁ,୨୪।୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଡୁଡାଲଗା ପଞ୍ଚାୟତର ଜାଙ୍ଗଲି ଗ୍ରାମରେ ସ୍ଥାନୀୟ ଜୟ ବଜରଙ୍ଗ କ୍ଲବ ପକ୍ଷରୁ ଆୟୋଜିତ ୩ ଦିନିଆ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଶୁକ୍ରବାର ପୂର୍ବାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଯାଇଛି। ୧୬ଟି ଟିମ ଅଂଶଗ୍ରହଣ କରିଥିବା ଏହି ଫୁଟବଲ ଟୁର୍ନାମେଣ୍ଟର ଉଦଘାଟନୀ କାର୍ଯ୍ୟକ୍ରମରେ ଏମପି ପ୍ରତିନିଧି ଶିଶିର ରାଉତରାୟ ମୁଖ୍ୟ ଅତିଥି ଓ ସ୍ଥାନୀୟ ସରପଞ୍ଚ ସୁଦୀପ ବାଡା , ଟଙ୍କଧର ବେହେରା, ମହେନ୍ଦ୍ର ବେହେରା, ଦେବେନ ସା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ପୂଜାର୍ଚ୍ଚନା କରି ଫୁଟବଲ କିକ କଲାପରେ ଉଦଘାଟନୀ ମ୍ୟାଚ ଚାରପାଲି ଓ କଲେଜ ମଧ୍ୟରେ ହୋଇଥିଲା। କଲେଜ ପ୍ରଥମ ମ୍ୟାଚରେ ବିଜୟ ହାସଲ କରିଛି। ବସନ୍ତ ମାଝୀ, ବିକ୍ରମ ନାଏକ, ନରେଶ ବାଗ, ଜଗଦୀଶ ମାଝୀ ଖେଳ ପରିଚାଳନା କରୁଥିଲାବେଳେ ଆୟୋଜକ କମିଟିର ସତ୍ୟ ଡୁଙ୍ଗଡୁଙ୍ଗ, ତେଜରାମ ଡୁଙ୍ଗଡୁଙ୍ଗ, ଜୟଦେବ ଖଡିଆ, ସୁନିଲ ଖଡିଆ, କୁଶ ଖଡିଆ, ଲବ ଖଡିଆଙ୍କ ସହିତ ଯୁବକମାନେ ବିଭିନ୍ନ କାର୍ଯ୍ୟ ତୁଲାଉଛନ୍ତି।



ବାର୍ଷିକ ଉତ୍ସବରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ କୃତୀ ପ୍ରତିଯୋଗୀମାନେ।

# ସର୍ଗୁକିଷାନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୁତ୍ରା,୨୪।୧(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଡୁନମୁରା ସ୍ଥିତ ସର୍ଗୁକିଷାନ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅମରେଶ ସାହୁଙ୍କ ଅଧ୍ୟକ୍ଷତାରେ ୪୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବରେ ବିଡିଓ ଯୁଗଳକିଶୋର ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା, ବିଇଓ ଅଶୋକ କୁମାର ଲାକ୍ରା, ଜେଏସଡବ୍ଲ୍ୟୁ ଅପରେସନ ହେଡ ଅନିଲ ସିଂ, ସିଏସଆର ଅଧିକ୍ଷକ ଅଲେଖ ଧଳେଇ, ବିଦ୍ୟାଳୟର ପ୍ରତିଷ୍ଠାତା ବଏଲୋ କିଷାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀକାନ୍ତ ମାଝି, ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀବତ୍ସ ଚୌଧୁରୀ, ଅନନ୍ତ ପଟେଲ, ସରପଞ୍ଚ ତରୁଣିସେନ ବରିହା, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ମଞ୍ଚାସୀନ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ତାଙ୍କ ବକ୍ତବ୍ୟ ମାଧ୍ୟମରେ ନିଜ ଜୀବନରେ ଏକ ଲକ୍ଷ ସାଧନ କରି ସେହି ଭଳି ଭାବେ ନିଜକୁ ପ୍ରସ୍ତୁତ କରି ପାଠ ପଢିବା ପାଇଁ ଉପଦେଶ ଦେଇଥିଲେ। ଛାତ୍ରୀଛାତ୍ରମାନେ ହେଉଛନ୍ତି ସୁସ୍ଥ ସମାଜ ଗଠନ କରିବା କର୍ଣ୍ଣଧାର ତେଣୁ ବର୍ତ୍ତମାନ ଠାରୁ ସମାଜ ତଥା ଦେଶର ଉନ୍ନତି ଦିଗରେ ନିଜକୁ ସାମିଲ କରିବା ପାଇଁ ଉପଦେଶ ଦେଇଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାରେ ଉତ୍ତିର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ମନଭାଙ୍ଗି ନାଏକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ସହଯାଗ କରିଥିଲେ।

# ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲେଢ଼ିମଙ୍ଗରେ ବାର୍ଷିକ ଉତ୍ସବ

ସୁନ୍ଦରଗଡ,୨୪।୧(ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ଼ ସଦର ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲେଢ଼ିମଙ୍ଗରେ ଶୁକ୍ରବାର ୨୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ନାଏକ, ମୁଖ୍ୟ ବକ୍ତା ବରିଷ୍ଠ ଶିକ୍ଷାବିତ ଅଶୋକ କୁମାର ସାଏ, ସମ୍ମାନୀତ ଅତିଥି ପଞ୍ଚାୟତ ବାଳିକା ବିଦ୍ୟାଳୟ ମଝାପଡାର ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ନାଏକ, ବିଟିବିରା ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଧୁଆଁ, ବ୍ରଜଲାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୀପକ କିଶୋର ଗୋଖର, ଲେଢ଼ିମଙ୍ଗ ୟୁ. ପି. ସ୍କୁଲ ପ୍ରଧାନ ଶିକ୍ଷକ ବିକାଶ ଚନ୍ଦ୍ର ପଟେଲ, କମିଟି ସଭ୍ୟ କିଶୋର ଚନ୍ଦ୍ର ସା, ଶିବ ଶଙ୍କର ସାହୁ, ହରିହର ମେହେର,ବସନ୍ତ କାକ ଓ ଭାଗିରଥି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ପରେ ସମସ୍ତ ଅତିଥି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇ ଥିବା ଷ୍ଟଲ ଗୁଡ଼ିକ ବୁଲି ଦେଖିଥିଲେ। ପରେ ରାମନାଥ ଡିଲା, ପୂର୍ବତନ ଛାତ୍ର ସୁରଜ ପ୍ରଧାନ ଏବଂ ପୂର୍ଣ୍ଣିମା ମେହେରଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ଶିକ୍ଷୟିତ୍ରୀ ରଞ୍ଜିତା ନାଏକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିବରଣୀରେ କହିଥିଲେ, ଏହି ବିଦ୍ୟାଳୟର ମ୍ୟାଟ୍ରିକ ଫଳାଫଳ ଶତପ୍ରତିଶତ ହେବା ସହିତ ଛାତ୍ରୀଛାତ୍ରମାନେ ପ୍ରତ୍ୟେକ ବର୍ଷ କ୍ରୀଡ଼ା କ୍ଷେତ୍ରରେ ଜାତୀୟ ସ୍ତରରେ ଅଂଶ ଗ୍ରହଣ କରୁଛନ୍ତି । ସମସ୍ତ ଅତିଥି ବକ୍ତବ୍ୟ ରଖିଥିବା ବେଳେ ମୁଖ୍ୟ ଅତିଥି ନାଏକ ଛାତ୍ରୀଛାତ୍ରଙ୍କ ଉତ୍ତୋରତ୍ତର କାମନା କରିବା ସହିତ ବିଦ୍ୟାଳୟର ଷ୍ଟେଜ ଏବଂ ଖେଳ ସାମଗ୍ରୀ ଅତିଶୀଘ୍ର ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କୃତିତ୍ୱ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ଓ ଟ୍ରଫି ଦେଇ ପୁରସ୍କୃତ କରଯାଇଥିଲା। ଏକ ଗୁନି କଳାକାରଙ୍କ ନୃତ୍ୟ ସହିତ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଗୀତ ପରିବେଷଣ କରିଥିଲେ।

# ନାଇକେନବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ




କୁଆଁରମୁଣ୍ଡା,୨୪।୧(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ନାଇକେନବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ସରକାରୀ କର୍ମଚାରୀ କୁଶଳ ଓରାମ ଓ ମୁଖ୍ୟବକ୍ତାଭାବେ ଲଚ୍ଛୁ ଖାଲଖୋଙ୍କ ସହ ସମ୍ମାନିତ ଅତିଥିଭାବେ ଚାନ୍ଦା ଓରାମ, ଏସଏମସି ସଭାପତି କୁଷ କୁଜୁର ପ୍ରମୁଖ ମଞ୍ଚାଷୀନ ରହି ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ଦେବା ସହ ସେମାନଙ୍କର ଶାରୀରିକ ବିକାଶ ନିମନ୍ତେ ଖେଳକୁଦ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଗ୍ରିତା ଟେଟେ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ସହ ଶିକ୍ଷୟିତ୍ରୀ ପ୍ରମିଳା ଲାକ୍ରା,ପ୍ରଭାସିନୀ ରଥ ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

# ମଦ ବିରୋଧୀ ଅଭିଯାନ ଆରମ୍ଭ

ସୁନ୍ଦରଗଡ,୨୪/୧(ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଗିରିଙ୍ଗକେଲା ପଞ୍ଚାୟତ ବିନ୍ଧୁଝରିଆ ଓ ତେଲେନଡିହି ଗ୍ରାମରେ ମଦ ବିରୋଧି ଅଭିଯାନ ଆରମ୍ଭ ହୋଇଛି। ଏନେଇ ଗ୍ରାମରେ ଗୁରୁବାର ଆୟୋଜିତ ସଭାରେ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ସରପଞ୍ଚ ନୀଳମଣି ମାଝୀଙ୍କ ନେତୃତ୍ୱରେ ପ୍ରଥମେ ଏକ ସଭାର ଆୟୋଜନ କରି କିପରି ନିଜ ଅଞ୍ଚଳରୁ ମଦ ବିକ୍ରି ବନ୍ଦ କରାଯିବ ସେ ନେଇ ଆଲୋଚନା କରିଥିଲେ। ସୁସ୍ଥ ସମାଜ ଗଠନ କରିବାକୁ ହେଲେ ପ୍ରଥମେ ପ୍ରତ୍ୟେକ ସ୍ତରର ଲୋକଙ୍କୁ ଆଗେଇ ଆସିବାକୁ ପଡ଼ିବ। ନିଶାମୁକ୍ତ ଅଞ୍ଚଳ ଗଢି ତୋଳିବାକୁ ହେଲେ ଜନସାଧାରଣ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହଯୋଗ ନିତାନ୍ତ ଆବଶ୍ୟକ। ଲେଫ୍ରିପଡ଼ାରେ ଥିବା ଦେଶୀ ମଦ ଭାଟି ବନ୍ଦ ହେବାର ୧୫ବର୍ଷ ବିତିଯାଇଥିଲେ ମଧ୍ୟ ସର୍ଗିପାଲିର ଭାଟି କର୍ମଚାରୀମାନେ ଅଞ୍ଚଳରେ ଅନେକ କୁଟିଆ ବେପାରୀ ରଖି ବ୍ୟାପକ କାରବାର ଚଳାଇ ଆସୁଛନ୍ତି। ଏପରିକି କୁଟିଆ ବେପାରୀଙ୍କୁ ମଦ ବିକ୍ରି ପାଇଁ ବାଧ କରୁଥିବା ଅଭିଯୋଗ ରହିଛି। ଗାଁ ତଥା ପଡ଼ାରେ ଚାଲିଥିବା ମଦ ବିକ୍ରିକୁ ବନ୍ଦ କରିବା ପାଇଁ ଦୀର୍ଘ ବର୍ଷ ପୂର୍ବରୁ ପ୍ରୟାସ ଜାରି ରଖିଥିବା ଏହି ମହିଳାମାନେ ବାରମ୍ବାର ଅବକାରୀ ବିଭାଗ, ଜିଲା ପ୍ରଶାସନ ତଥା ଜନପ୍ରତିନିଧିଙ୍କୁ ଅଭିଯୋଗ କରି ଆସୁଥିଲେ ହେଁ କୌଣସି ସୁଫଳ ମିଳିନଥିଲା। ପୂର୍ବଭଳି ବ୍ୟାପକ ଭାବରେ ମଦ ବିକ୍ରି ବଢ଼ି ଚାଲିଥିବା ଦେଖି ଶେଷରେ ବାଧ ହୋଇ ଶତାଧିକ ମହିଳା ଏହି ଅଭିଯାନରେ ସାମିଲ ହୋଇ ନିଜ ଅଞ୍ଚଳକୁ ନିଶାମୁକ୍ତ କରିବା ପାଇଁ ଶୁକ୍ରବାର ଏକ ବିଶାଳ ଶୋଭାଯାତ୍ରା କରି ସଚେତନତାର ବାର୍ତ୍ତା ଦେଇଛନ୍ତି। ପ୍ରଶାସନ ତଥା ବିଭାଗୀୟ ଅଧିକାରୀ ଯଦି ଏହି ଅଭିଯାନରେ ସାହାଯ୍ୟ ନ କରନ୍ତି ତାହେଲେ ଆଇନକୁ ହାତକୁ ନେବା ପାଇଁ ବାଧ ହେବୁ ବୋଲି ମହିଳାମାନେ କହିଛନ୍ତି ।

# ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ




ସୁନ୍ଦରଗଡ,୨୪।୧(ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଜାତୀୟ କନ୍ୟା ସନ୍ତାନ ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜନ ସଚେତନତା ପାଇଁ ଏକ ସଚେତନତା ରାଲିକୁ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଗୁରୁପ୍ରସାଦ ମହନ୍ତ ଏବଂ ଜିଲା କର୍ଯ୍ୟକ୍ରମ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଶଙ୍କର ଆଚାର୍ଯ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାପରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟର ତାଲିମ କେନ୍ଦ୍ରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନର ଉଦ୍ଦେଶ୍ୟ, କନ୍ୟା ସନ୍ତାନ ଓ ତାର ଭବିଷ୍ୟତ ଉପରେ ଚର୍ଚ୍ଚା କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଜଙ୍ଗଲ ନିଆଁ ନିର୍ବାରଣ, ପ୍ରତିକାରକୁ ନେଇ ବୈଠକ

ହେମଗିର,୨୪।୧(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିରସ୍ଥିତ ଗୋପାଳପୁର ବନାଞ୍ଚଳ ଡୁଡୁକା ଅଫିସଠାରେ ବନାଞ୍ଚଳ ଅଧିକାରୀ ହରିହର ପାତ୍ରଙ୍କ ଅଧ୍ୟକ୍ଷତାରେ ଜଙ୍ଗଲ ନିଆଁ ନିର୍ବାରଣ ଓ ପ୍ରତିକାର ସମ୍ବନ୍ଧରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ଗୋପାଳପୁର ବନାଞ୍ଚଳ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚ, ଜିଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ପାତ୍ର ଜଙ୍ଗଲ ନିଆଁ ଯୋଗୁ ହେଉଥିବା କ୍ଷତି, ଏହାର ପ୍ରତିକାର ଓ କିପରି ଭାବେ ନିବାରଣ କରାଯାଇ ପାରିବ ସେ ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା। କିପରି ଭାବେ ଛୋଟ ଠାରୁ ବୃଦ୍ଧ ସଚେତନ ହୋଇପାରିବେ ସେନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ଜନ ପ୍ରତିନିଧିମାନେ ଉପସ୍ଥିତ ରହି ଏହି ସଚେତନତା ଅଭିଯାନରେ ସାମିଲ ହୋଇ ଲୋକଙ୍କୁ ସଚେତନ କରିବା ପ୍ରତଶ୍ରୁତି ପ୍ରଦାନ କରିଥିଲେ। ଏହି ଅବସରରେ ବ୍ଲକ ଉପାଧ୍ୟକ୍ଷ ସୌଦାମିନୀ ଡିଲା, ସରପଞ୍ଚ ସଂଘ ସଭାପତି ଜୟକୃଷ୍ଣ ମାଝୀ ଓ ବନ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ମହାସଂଘ କାର୍ଯ୍ୟ ନିର୍ବାହୀ କମିଟି ପୁନର୍ଗଠନ ନିର୍ଦ୍ଦେଶନାମାକୁ ରଦ୍ଦ ପାଇଁ ଦାବିପତ୍ର



ବିଡ଼ିଓ ଙ୍କୁ ଦାବିପତ୍ର ଦେଉଛନ୍ତି ସଂଘ କର୍ମକର୍ତ୍ତା।

ବଡ଼ଗାଁ,୨୪।୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ଓଡ଼ିଶା ଜୀବିକା ମିଶନ ଇସି ସଂଘ ଓ ପଞ୍ଚାୟତ ସଂଘର କର୍ମକର୍ତ୍ତାମାନେ ଶୁକ୍ରବାର ପୂର୍ବାହ୍ନରେ ବଡ଼ଗାଁ ମିଶନ ଶକ୍ତି ଗୃହରେ ବୈଠକ କରି ଗ୍ରାମ ପଞ୍ଚାୟତ ସ୍ତରୀୟ ମହାସଂଘ କାର୍ଯ୍ୟ ନିର୍ବାହୀ କମିଟିର ପୁନର୍ଗଠନ ପାଇଁ ରାଜ୍ୟ ସରକାର ଦେଇଥିବା ନିର୍ଦ୍ଦେଶନାମାକୁ ରଦ୍ଦ କରିବା ପାଇଁ ଦାବି କରିଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧ ଟାରେ ବଡ଼ଗାଁ ମିଶନ ଶକ୍ତି ଗୃହରେ ବ୍ଲକ ସଂଘ କୋଷାଧ୍ୟକ୍ଷ ରାଜପ୍ୟାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବ୍ଲକ ସଂଘର ସଭାନେତ୍ରୀ ଯାଜ୍ଞସେନୀ ସାରପଟିଆ, ସମ୍ପାଦିକା ପ୍ରମିଳା ବାରିକ, ସଭ୍ୟା ଦୀପ୍ତିରାଣୀ ରାଉତରାୟ, ମିନାକ୍ଷୀ ମିଶ୍ର, ବିଜୟ ଲକ୍ଷ୍ମୀ ବିଶିଙ୍କ ସହିତ ୧୫ଟି ପଞ୍ଚାୟତର ସଂଘ କର୍ମକର୍ତ୍ତାମାନେ ଯୋଗଦେଇ ସରକାରଙ୍କ ଏହି ନିର୍ଦ୍ଦେଶନାମା ଯୋଗୁ କ'ଣ ସମସ୍ୟା ଦେଖାଦେବ ସେନେଇ ଆଲୋଚନା କରିଥିଲେ। ସେମାନେ ୩ଟି ଦାବି ଉପରେ ସରକାର ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ନିଷ୍ପତ୍ତି ନେଇଥିଲେ। ପରେ ସମବେତ ସଂଘ କର୍ମକର୍ତ୍ତା ଓ ସଭ୍ୟାମାନେ ବିଡ଼ିଓଙ୍କ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଦାବିପତ୍ର ଦେବାସହ ବିଡିଓ, ସିଡିପିଓ, ବିପିସିଙ୍କୁ ଦାବିପତ୍ର ଦେଇଛନ୍ତି। କାର୍ଯ୍ୟ ନିର୍ବାହୀ ମହିଳା ମାନଙ୍କୁ କାର୍ଯ୍ୟ କରିବାର ସମୟ ସୀମା ବୃଦ୍ଧି, ସରକାରଙ୍କ ସ୍କୁଟି ଯୋଜନାର କିସ୍ତି ଉପରେ ବିଚାର କରିବା, ସ୍ୱତନ୍ତ୍ର ଟିମ ଗଠନ ଦାବି କରାଯାଇଛି।


**ODISHA STATE CIVIL SUPPLIES CORPORATION LIMITED, KALAHANDI**

oscscltd@gmail.com

No. 201/Corp. Date: 24.01.2025

**QUOTATION/TENDER CALL NOTICE FOR SELECTION OF REPUTED TRAVEL AGENCIES/TOUR OPERATORS OR PRIVATE INDIVIDUALS FOR HIRING OF PRIVATE VEHICLES**

| Sl. No. | Name of the Work | Tender for Selection of Reputed Travel Agencies/Tour Operators or Private Indivisuals for Hiring of Private Vehicles |
|---|---|---|
| 1 | Bid identification No. of the Tender Documents | 198, 199 & 200 Dated: 24.01.2025 |
| 2 | Date of availability of the Tender documents in the District website i.e. **https://kalahandi.odisha.gov.in** | 27.01.2025 |
| 3 | Due date & time of receipt of the Proposals | 04.02.2025 upto 4.00 P.M. in the Office of the Chief CSO-cum-District Manager, OSCSC Ltd., Kalahandi |
| 4 | Date & time of opening of Technical Proposals | 05.02.2025 at 11.00 A.M. in the Office of the Chief CSO-cum-District Manager, OSCSC Ltd., Kalahandi |
| 5 | Eligible Bidders | Reputed Travel Agencies/Tour Operators or Private Individuals |
| 6 | Further details can be seen from the District website i.e. **https://kalahandi.odisha.gov.in**. | |

**Sd./- Chief CSO-cum-District Manager**
**OSCSC Ltd., Kalahandi**

# ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଅନିୟମିତତା

**ଦେବଗଡ଼,୨୪।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ପକ୍ଷରୁ ରିଆମାଳ ବ୍ଲକ ଖିଲେଇ ଗ୍ରାମପଞ୍ଚାୟତ ସାନ ଖଇରପାଲି ଗ୍ରାମରେ ନିର୍ମାଣାଧୀନ ପର୍କୋଲେଶନ ଟ୍ୟାଙ୍କ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଠିକ ଡିଜାଇନ ଅନୁଯାୟୀ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରାଯିବା ପରିବର୍ତ୍ତେ ତ୍ରୁଟିପୂର୍ଣ୍ଣ ଭାବେ କାର୍ଯ୍ୟ କରାଯାଇଥିବାରୁ ନିର୍ମାଣର ପ୍ରକୃତ ଲକ୍ଷ୍ୟ ପୂରଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏପରି କି ଏହା କୌଣସି କାର୍ଯ୍ୟରେ ଆସିବା ପରିବର୍ତ୍ତେ ସରକାରୀ ଅର୍ଥ ଅପଚୟ ହେବା ହିଁ ଥୟ ବୋଲି ଅଞ୍ଚଳବାସୀ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ପ୍ରକଳ୍ପ ଯେଉଁ ଡିଜାଇନ ଅନୁଯାୟୀ ନିର୍ମାଣ କରାଯିବା କଥା ତାହା କରା ନ ଯାଇ ଅଙ୍କାବଙ୍କା ଆକାରର କରାଯାଇଛି। ପ୍ରକଳ୍ପରୁ ଖୋଲାଯାଉଥିବା ମାଟିକୁ ଠିକ ସ୍ଥାନରେ ବିଛା ନ ଯାଇ ଏଣେତେଣେ ଅବ୍ୟବସ୍ଥିତ ଢଙ୍ଗରେ ଫିଙ୍ଗି ଦିଆଯାଇଛି।





ଫଳରେ ଏହାର ହିଡ ଅସଜଡା ହୋଇପଡିଥିବା ଦେଖାଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଡିହକୁ ଉଚ୍ଚ କରାଯାଇଥିବାରୁ ଏଥିରେ ଅଧିକ ଜଳ ସଂରକ୍ଷିତ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶା କରିଥିଲେ। ହେଲେ ପରିବର୍ତ୍ତୀ ସମୟରେ ଦାୟିତ୍ୱହୀନ ଭାବେ ଉକ୍ତ ହିଡର ଏକ ନିର୍ଦ୍ଦିଷ୍ଟ ଅଂଶକୁ ଭାଙ୍ଗି ଦିଆଯାଇଥିବାରୁ ଏହାର ଜଳଧାରଣ କ୍ଷମତା ହ୍ରାସ ପାଇବ ଓ ଆଶାନୁରୂପ ଭାବେ ସଂରକ୍ଷିତ ହୋଇ ରହିପାରିବ ନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏପରି କି ଅନେକ ଇଂଜିନିୟର ଏବଂ ଜଳ ବିଭାଜିକା ବିଭାଗର ଅବସରପ୍ରାପ୍ତ ଅଧିକାରୀ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ଅଞ୍ଚଳବାସୀ ଏ ନେଇ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ରିଆମାଳ ବ୍ଲକ ମୃତ୍ତିକା ସଂରକ୍ଷଣ ସଂପ୍ରସାରଣ କର୍ମୀ ଅରୁପାନନ୍ଦ ବାରିକ ଓ ଓଭରସିୟର ଯୋଗେଶ୍ୱର ମୁଣ୍ଡାଙ୍କ ନିକଟରେ ଆପତି କରିବା ସହ ଠିକ ଢଙ୍ଗରେ ନିର୍ମାଣ କରିବାକୁ ଏକାଧିକ ବାର ଅନୁରୋଧ କରିଥିଲେ। ହେଲେ ସେମାନେ ସବୁଜାଣି ମଧ୍ୟ ଅଜଣା ହେବାର ଅଭିନୟ କରିବା ସହ କାହାରି କଥାକୁ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ବିଭାଗ ପକ୍ଷରୁ କୌଣସି ନିର୍ମାଣ କାର୍ଯ୍ୟ ହେବା ପୂର୍ବରୁ ସମ୍ପୃକ୍ତ ପ୍ରକଳ୍ପ ସମ୍ପର୍କିତ ସୂଚନା ଫଳକ ସ୍ଥାପନ କରାଯିବା ବାଧ୍ୟତା ମୂଳକ ହୋଇଥିଲେ ହେଁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୂଚନା ଉଲ୍ଲେଖ କରଯାଇନାହିଁ। ଫଳରେ ଅଞ୍ଚଳବାସୀ ପ୍ରକଳ୍ପ ସମ୍ପର୍କିତ କୌଣସି ସୂଚନା ନ ପାଇ ଅନ୍ଧକାରରେ ରହିଛନ୍ତି। ଉକ୍ତ ପ୍ରକଳ୍ପର ନାମ ଓ ବ୍ୟୟ

**ଦେବଗଡ଼ ଜଳ ବିଭାଜିକା ବିଭାଗ**

**ପ୍ରକଳ୍ପ ଏକ, ପ୍ରଶ୍ନ ଅନେକ: ଭିଜିଲାନ୍ସ ତଦନ୍ତ ଦାବି**

ଅଟକଳ ସମ୍ପର୍କରେ କୌଣସି କଥା ପଚାରିଲେ ଉପରୋକ୍ତ କର୍ମଚାରୀ ଦ୍ୱୟ ସେମାନଙ୍କୁ ଭିନ୍ନ ଭିନ୍ନ ତଥା ପ୍ରଦାନ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀମାନେ କୌଣସି ଠିକ ତଥ୍ୟ ତଥ୍ୟ ଦେବାକୁ କୁଣ୍ଠାବୋଧ କରୁଥିବାରୁ ଏହା ପଛରେ କୌଣସି ମନ୍ଦ ଉଦ୍ଦେଶ୍ୟ ରହିଥିବା ସ୍ପଷ୍ଟ ଭାବେ ଅନୁମେୟ ହେଉଛି। ଏଣୁ ବିଭାଗୀୟ ପ୍ରକଳ୍ପ ନିର୍ଦ୍ଦେଶକ ଓ ଖୋଦ ଜିଲାପାଳ ଏହି ଘଟଣାର ଭିଜିଲାନ୍ସ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗାନ୍ଧୀ ନୂଆଁଖାଇ ପାଇଁ ପ୍ରସ୍ତୁତି ବୈଠକ



ଗାନ୍ଧୀ ନୂଆଁଖାଇ ପାଳନ ପାଇଁ ବୈଠକରେ ଆଲୋଚନା କରାଯାଉଛି।

**ଝାରସୁଗୁଡ଼ା,୨୪।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ସଂଗ୍ରାମୀ ତୀର୍ଥ ଭାବେ ପରିଚିତ ପଞ୍ଚପଡ଼ାଠାରେ ଗାନ୍ଧୀ ନୂଆଁଖାଇ ପାଳନ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଭବନ ପରିସରରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଥିବା ସଭାରେ ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ଆବାହକ ରୁପାନନ୍ଦ ଚୌଧୁରୀ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଗାନ୍ଧୀ ବିଚାର ମଞ୍ଚ ପ୍ରାଧ୍ୟାପକ ତପନ କୁମାର ବାରିକ, ଅବସରପ୍ରାପ୍ତ ଅଧକ୍ଷ ନରେନ୍ଦ୍ର କୁମାର ପଣ୍ଡା, ନବୀନ କୁମାର ଭୋଇ, ରାଧା ମୋହନ ପାଣ୍ଡେ, ପ୍ରେମ ସାଗର ଦେହେରିଆ, ସନ୍ତୋଷ କୁମାର ସାହୁ, ବିରାଟ ରାଜା ପଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ୩୦ ତାରିଖରେ ପଞ୍ଚପଡ଼ାଠାରେ ଅନୁଷ୍ଠିତ ହେବାକୁ ଥିବା ଗାନ୍ଧୀ ନୂଆଁଖାଇରେ ଗାଁର ସମସ୍ତେ ଅଂଶ ଗ୍ରହଣ କରିବା ସହ ଜିଲା ତଥା ଜିଲା ବାହାରୁ ବହୁ ବୁଦ୍ଧିଜୀବୀ ଯୋଗଦେଇ ଏକତ୍ରିତ ଭାବେ ନବାନ୍ନ ଭକ୍ଷଣ କରିବେ। ସୂଚନା ଯୋଗ୍ୟ ଯେ ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରା ଓ ଅସ୍ପୃଶ୍ୟତା ନିବାରଣକୁ ମନେ ପକାଇ ଏହାକୁ ପାଳନ କରାଯାଉଛ। ଗାନ୍ଧୀ ବିଚାର ମଞ୍ଚ ଏଥିପାଇଁ ସ୍ୱାଧୀନତା ସଂଗ୍ରାମୀ ଚିନ୍ତାମଣି ପୂଜାରୀ, କଷ୍ଟୁ ଗଣ୍ଡ ଓ ଅନ୍ୟମାନଙ୍କ ଅବଦାନକୁ ମନେ ପକାଇବା ସହ ଏହାକୁ ବ୍ୟାପକ କରିବା ପାଇଁ ପ୍ରୟାସ କରୁଛି। ଗତ ୨ ବର୍ଷ ହେଲା ଏହି ଧାରା ଚାଲିଛି।

## ସଂକ୍ଷେପରେ

### ଟ୍ରାକ୍ଟର ଇଞ୍ଜିନ ଓଲଟି ଶ୍ରମିକ ମୃତ

**ଝାରସୁଗୁଡ଼ା,୨୪।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସଦର ବ୍ଲକ ବଡ଼ମାଳ ଥାନା ଅନ୍ତର୍ଗତ ହିର୍ମା ଗ୍ରାମର ଛବିଳ ମୁଣ୍ଡା (୩୪) ନାମକ ଜଣେ ଶ୍ରମିକ ଟ୍ରାକ୍ଟର ଇଞ୍ଜିନ ଓଲଟି ଚାପି ହୋଇ ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁସାରେ ଶୁକ୍ରବାର ସକାଳ ୮ଟା ୩୦ ମିନିଟ୍‌ରେ ହିର୍ମା ଗ୍ରାମର ଛବିଳ ଟ୍ରାକ୍ଟର ଗାଡ଼ି (ନଂ.ଓଡି୨୩ଏମ୦୫୧୦)ରେ ମୋରୁମ ଆଣିବା ପାଇଁ ବେହେରାପାଲିସ୍ଥିତ ଖାଦନ ଯାଇଥିଲେ। ଟ୍ରାକ୍ଟରରେ ମୋରୁମ ଲୋଡ ହୋଇ ସାରିଲା ପରେ ଛବିଳ ଟ୍ରଲି ଉପରେ ବସିଥିଲେ। କୌଣସି କାରଣରୁ ଟ୍ରାକ୍ଟର ଓଲଟି ଯିବାରୁ ଛବିଳ ଚାପି ହୋଇ ମୃତ୍ୟୁ ବରଣ କରିଥିଲେ। ଖବର ପାଇ ବଡ଼ମାଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଗଞ୍ଜେଇ ଚୋରାଚାଲାଣ: ଯୁବକ କୋର୍ଟ ଚାଲାଣ

**ଝାରସୁଗୁଡ଼ା,୨୪।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ବିମାନ ବନ୍ଦର ଥାନାରେ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଗୁଫରାନ ଅଲି (୨୫)ଙ୍କୁ ପୋଲିସ୍ କୋର୍ଟ ଚାଲାଣ କରିଛି। ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଜଣେ ଯୁବକଙ୍କୁ ସନ୍ଦେହ ହେବାରୁ ଅଟକ ରଖି ପଚରାଉଚରା କରିଥିଲା। ଯୁବକ ଧରିଥିବା ବ୍ୟାଗକୁ ଯାଞ୍ଚ କରିବା ପରେ ୪ କେଜି ୯୯୪ ଗ୍ରାମ ଗଞ୍ଜେଇ ବାହାରିଥିଲା। ପୋଲିସ ପଚାରିବାରୁ ସେ ସମ୍ବଲପୁର ଦଲେଇପଡା ଅଞ୍ଚଳର ବୋଲି ପ୍ରକାଶ କରିଥିଲା ଓ ତାର ନାମ ଗୁଫରାନ ଆଲି (୨୫) ବୋଲି କରିଥିଲେ। ଫଳରେ ବିମାନ ବନ୍ଦର ପୋଲିସ ଗୁଫରାନଙ୍କୁ ଏନଡିପିଏସ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରିଛି।

### ରକ୍ତଦାନ ଶିବିରରେ ୨୧ ୟୁନିଟ୍ ରକ୍ତ ସଂଗ୍ରହ

**ଦେବଗଡ଼,୨୪।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରଠାରେ ସର୍ବ ଭାରତୀୟ ଔଷଧ ବ୍ୟବସାୟୀ ସଂଘର ସୁବର୍ଣ୍ଣ ଜୟନ୍ତୀ ତଥା ସର୍ବଭାରତୀୟ ସଂଘ ସଭାପତି ଜଗନ୍ନାଥ ସିନ୍ଦେଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ ଉତ୍କଳ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ତଥା ଜିଲା ଔଷଧ ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ମନୋରଞ୍ଜନ ସାମଲ ଶିବିର ଉଦ୍‌ଘାଟନ କରିଥିଲେ। ଶିବିରରେ ସମୁଦାୟ ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଦେବଗଡ଼ ଜିଲା ଔଷଧ ବ୍ୟବସାୟୀ ସଂଘ ସଭାପତି ମୋତିଲାଲ ଶର୍ମାଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘ ସମ୍ପାଦକ ସରୋଜ କୁମାର ପାଢ଼ୀ, ଅନ୍ୟ ସଦସ୍ୟ ସନ୍ତୋଷ କୁମାର ସାହୁ, ମିତ୍ରଭାନୁ ନାୟକ, ଅଜୟ ନନ୍ଦ, ପ୍ରାଣରଞ୍ଜନ ସାହୁ, ବିଜୟ ପ୍ରଧାନ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ସମାନତାଭିତ୍ତିକ ସମାଜ ଗଠନ କରିବାକୁ ଆହ୍ୱାନ




ଜାତୀୟ ଶିଶୁ କନ୍ୟା ଦିବସ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଉପସ୍ଥିତ ଅତିଥିବୃନ୍ଦ।

**ଦେବଗଡ଼,୨୪।୧(ଶଶାଙ୍କ ଶେଖର ଝାଙ୍କର)**

ପ୍ରତିବର୍ଷ ଜାନୁଆରୀ ୨୪କୁ ଜାତୀୟ ଶିଶୁ କନ୍ୟା ଦିବସ ଭାବେ ପାଳନ କରାଯାଏ। ସମାଜରେ ଝିଅ ମାନେ ସମ୍ମୁଖୀନ ହେଉଥିବା ନାନାଦି ସମସ୍ୟା ଓ ଲିଙ୍ଗଗତ ଅସମାନତା ବିଷୟରେ ଜନସଚେତନତା ସୃଷ୍ଟି କରିବା ପାଇଁ ଏହା ୨୦୦୮ରୁ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିଲା। ବାଳିକାମାନଙ୍କ ସୁରକ୍ଷା ଏବଂ ସେମାନଙ୍କ ପାଇଁ ଏକ ସୁସ୍ଥ ଏବଂ ନିରାପଦ ପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ 'ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଝିଅମାନଙ୍କୁ ସଶକ୍ତ କରିବା'ର ବାର୍ତ୍ତା ନେଇ ଜନସଚେତନତା ପାଇଁ ଜିଲା ଶିଶୁ ସୁରକ୍ଷା ୟୁନିଟ ତଥା ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ଶିଶୁ କନ୍ୟା ଦିବସ–୨୦୨୫ ପାଳିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର ସାହୁଙ୍କ ନିର୍ଦ୍ଦେଶକ୍ରମେ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଜାତୀୟ ଶିଶୁ କନ୍ୟା ଦିବସ ଅବସରରେ ବେଟି ବଚାଓ ବେଟି ପଢାଓ ଯୋଜନାର ୧୦ବର୍ଷ ପୂର୍ତ୍ତି ପାଳନ ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଆୟୋଜିତ ହୋଇଯାଇଛି। ସକାଳେ ପୁରୁଣା ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରୁ ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଡିର ମିଳିତ ଆନୁକୁଲ୍ୟରେ ଉପଜିଲାପାଳ ପରୀକ୍ଷିତ ସାହୁ ପତାକା ଦେଖାଇ ବାଳିକାମାନଙ୍କ ଏକ

**ଜାତୀୟ ଶିଶୁ କନ୍ୟା ଦିବସ**

**ବେଟି ବଚାଓ ବେଟି ପଢାଓ ଯୋଜନାର ୧୦ ବର୍ଷ ପୂର୍ତ୍ତି ପାଳନ**

ସାଇକେଲ ରାଲି ଆରମ୍ଭ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଶତାଧିକ ଛାତ୍ରୀ ସାଇକେଲରେ ବେଲୁନ ଓ ଶିଶୁ କନ୍ୟା ସୁରକ୍ଷା ସମ୍ପର୍କିତ ବିଭିନ୍ନ ବାର୍ତ୍ତା ବହନ କରିଥିବା ପ୍ଲାକାର୍ଡ ସହିତ ସ୍ଲୋଗାନ ଦେଇ ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟରୁ ମାର୍କେଟ ଦେଇ ଦେବଗଡ଼ କଲେଜର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ପହଞ୍ଚିଥିଲେ। ଏହି ପ୍ରେକ୍ଷାଳୟରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ କର୍ମଚାରୀଙ୍କ ଗହଣରେ ଜାତୀୟ ଶିଶୁ କନ୍ୟା ଦିବସ ଓ ବେଟି ବଚାଓ ବେଟି ପଢାଓ ଯୋଜନାର ୧୦ ବର୍ଷ ପୂର୍ତ୍ତି ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ରୋମାଞ୍ଚରଞ୍ଜନ ବିଶ୍ୱାଳ ଯୋଗଦେଇ ଝିଅମାନଙ୍କ ଜନ୍ମ ହାରକୁ ବଢେଇବା ତଥା ଲିଙ୍ଗଗତ ତାରତମ୍ୟକୁ ଦୁରେଇ ଦେଇ ଏକ ସମାନତାଭିତ୍ତିକ ସମାଜ ଗଠନ କରିବା ଆହ୍ୱାନ ଦେଇଥିଲେ। ଜିଲା ପରିଷଦ ଅଧକ୍ଷ୍ୟ କୌଶିକ ପ୍ରଧାନ, ଜିଲା ଆରକ୍ଷୀ ଅଧୀକ୍ଷକ ଅନୀଲ ମିଶ୍ର, ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରି ଦେଇ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ, ସିଡବ୍ଲ୍ୟୁସି ଅଧକ୍ଷା ପିଙ୍କି ନନ୍ଦ, ଜୁଭେନାଇଲ ବୋର୍ଡ ସଦସ୍ୟା ଗାୟତ୍ରୀ ଦିବେଦୀ, ପ୍ରସାର ଭାରତୀ ଦୂରଦର୍ଶନର ଜିଲା ପ୍ରତିନିଧି ସୁଜାତା ବେହେରା, ତିନି ବ୍ଲକର ସିଡିପିଓ ସୁପ୍ରଭା ମିଶ୍ର, ଲିଲୀ ପ୍ରଧାନ ଓ ବନ୍ଦିତା ରାଉତରାୟ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ ଦ୍ୱାରା ପରିବେଷିତ ଶିଶୁକନ୍ୟା ସୁରକ୍ଷା ସମ୍ପର୍କିତ ଦଳଗତ ନୃତ୍ୟ ଓ ନାଟକ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ବାଲ ଭାରତୀ ଇଂଲିଶ ବିଦ୍ୟାଳୟ, ଡ୍ରିମ ଡ୍ୟାନ୍ସ ଏକାଡେମି ଦ୍ୱିତୀୟ, କୁଡୋ ମାର୍ସାଲ ଆର୍ଟ ଏକାଡେମି ତୃତୀୟ, ନୋଟାରୀ ଡେମ ଏକାଡେମି ଓ ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟ ଯୁଗ୍ମ ଭାବେ ଚତୁର୍ଥ ଓ ସିଡି ଅନୁଷ୍ଠାନ ପଞ୍ଚମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବିଚାରକ ଭାବେ ଯୋଗଦେଇଥିଲେ ଅଭିନେତା ସନ୍ତୋଷ ସାହୁ, ଉପେନ୍ଦ୍ର ଭଞ୍ଜ, ଅବନିକାନ୍ତ ମିଶ୍ର, ନାଟ୍ୟକାର କୁମୁଦ ଶତପଥି ଓ ଆଇନଜୀବୀ ସରୋଜିନୀ ମିଶ୍ର। ଗୁଜରାଟରେ ଅନୁଷ୍ଠିତ ହୋଇଥିବା ୧୫ତମ ଜାତୀୟ କୁଡୋ ଚାମ୍ପିୟନଶିପରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିବା ଅମୀରା ବାରଳା, ଅଭ୍ୟା ଅଭିଗ୍ନା ସାହୁ, ସମୀକ୍ଷା ମୁଣ୍ଡା, ପ୍ରୀତି ସୁମନ, ରେଣୁ ଦାସ, ଖୁସି ମୁଣ୍ଡା, ବିଜୟଲକ୍ଷ୍ମୀ ଭଞ୍ଜ ଓ ସାଇ ସନ୍ଦିପ୍ତାଙ୍କୁ ମାନପତ୍ର ଓ ଉପଢ଼ୌକନ ସହ ସମ୍ବର୍ଦ୍ଧିତ କରଯାଇଥିଲା।

# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଦେବଗଡ଼,୨୪।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ କଳାମାଟି ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ଅଧକ୍ଷ ତଥା ଜିଲା ମଙ୍ଗଳ ଅଧିକାରୀ ବିଭୁରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଆଇଟିଡିଏର ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝି, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ଓ ଡୋମନ ଏକ୍କା, ସମ୍ମାନିତ ବକ୍ତା ଭାବେ ଡେପୁଟୀ କଲେକ୍ଟର ମମତାଜ ମହାରଣା ଓ ବରେଣ୍ୟ ଅତିଥି ଭାବେ କଂସର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଯାଦବ ମଞ୍ଚାସୀନ ରହି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅନୁଷ୍ଠାନ ଅଧ୍ୟାପକ ମନୋରଞ୍ଜନ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧକ୍ଷ ତଥା ଜିଲା ମଙ୍ଗଳ ଅଧିକାରୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାଷକ ଉତ୍ସବ ଉପଲକ୍ଷେ ପୂର୍ବରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷକ ସୁଧିର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଅଧ୍ୟାପକ ମନୋରଞ୍ଜନ ବାରିକଙ୍କ ନିର୍ଦ୍ଦେଶିତ ନାଟକ 'ବୁଢା ଶଙ୍ଖାରୀ' ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଅଧ୍ୟାପିକା ରିମଲୀ ବାନାର୍ଜୀ, ନିରୁପମା ଦାସ, ନନ୍ଦିନୀ ସାହୁ, ନିସାତ ତମନ୍ନା, ଅଧ୍ୟାପକ ଅଚିନ୍ତ୍ୟ ମିତ୍ର, ସୁନୀଲ କୁମାର, ବିକାଶ ପ୍ରଜାପତି, ରବି କୁମାର ଓ ଅଜୟ ଶର୍ମା ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ଜାତୀୟ ବାଳିକା ଦିବସ

**ଦେବଗଡ଼,୨୪।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଡଁରା ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଜାତୀୟ ବାଳିକା ଦିବସ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ସାହୁଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ଡଁରାର ପ୍ରଧାନ ଶିକ୍ଷକ କୁମାର ଜେନା ମୁଖ୍ୟଅତିଥି ମଞ୍ଚାସୀନ ଥିଲାବେଳେ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଭବାନୀ ନାୟକ, ସଞ୍ଜିତା ସାହୁ ଓ ବରିଷ୍ଠ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନିରଞ୍ଜନ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୧୭ କ୍ଲଷ୍ଟରର ୧୫୦ଛାତ୍ରୀ, ୧୭ଜଣ ସିଆର୍‌ସିସି ଓ ୧୮ଜଣ ସହଯୋଗୀ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ସଙ୍ଗୀତ, ବକ୍ତୃତା ଓ ପ୍ରବନ୍ଧ ଇତ୍ୟାଦି ପ୍ରତିଯୋଗିତା କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ କତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କୁମୁଦବନ୍ଧୁ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଯଦୁମଣି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଓପିଜିସି ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର




ଚକ୍ଷୁ ଚିକିତ୍ସା ଶିବିର ଉଦ୍‌ଘାଟନ କରାଯାଉଛି।

**ଝାରସୁଗୁଡ଼ା,୨୪।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ କୁମ୍ଭାରବନ୍ଧ ପଞ୍ଚାୟତ କାର୍ଯ୍ୟାଳୟରେ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡ୍ ପକ୍ଷରୁ ସିଏସଆର କାର୍ଯ୍ୟକ୍ରମ ଅଧୀନ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ସହଯୋଗରେ ଓପିଜିସିର ବରିଷ୍ଠ ଉପସଭାପତି ସୁକାନ୍ତ ମହାପାତ୍ର ଶିବିର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓପିଜିସିର ମାନବ ସମ୍ବଳ ଓ ପ୍ରଶାସନ ମୁଖ୍ୟ ଡକ୍ଟର ରତିକାନ୍ତ ଦାସ, କୁମ୍ଭାରବନ୍ଧ ସରପଞ୍ଚ କମଳଲୋଚନ ବିଶ୍ୱାଳ, ଓପିଜିସି କର୍ପୋରେଟ ସାମାଜିକ ଦାୟିତ୍ୱ ଅଧିକାରୀ ହିମାଂଶୁ ଭୂଷଣ ବେହେରା ଏବଂ ତ୍ରିଲୋଚନ ନେତ୍ରାଳୟର ଡାକ୍ତର ସୁଜ୍ଞାନୀ ଶତପଥି ଉପସ୍ଥିତ ଥିଲେ। ଏଥିରେ କୁମ୍ଭାରବନ୍ଧ ପଞ୍ଚାୟତ ସମେତ ଦଳଗାଁ, ତିଲିଆ, ରାମ୍ପେଲା ଆଦି ପଞ୍ଚାୟତର ୧୬୫ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥି ମଧ୍ୟରୁ ୯୮ଜଣଙ୍କୁ ଦୃଷ୍ଟିଶକ୍ତି ସଂଶୋଧନ ପାଇଁ ବିନା ମୂଲ୍ୟରେ ଚଷମା ଯୋଗାଇ ଦିଆଯାଇଥିଲା। ୧୫ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ବ୍ୟବସ୍ଥା କରାଯାଇଥିଲା। ଓପିଜିସି ସିଏସଆର ଦଳର ହିମାଂଶୁ ଭୂଷଣ ବେହେରା, ତାପସ ପଣ୍ଡା, ରାଜେନ୍ଦ୍ର ସା, ରୋମୀୟନ ଛତ୍ରିଆ ଓ ଦେବାଶିଷ ପଟ୍ଟନାୟକ ଶିବିର ସହାୟତା କରିଥିଲେ।

# ଆରଡିସିସ୍ତରରେ ସ୍ୱତନ୍ତ୍ର ଭାବେ ତଦନ୍ତ ହେବ: ଜିଲାପାଳ

**ଝାରସୁଗୁଡ଼ା,୨୪।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲାରେ ଏସ୍‌ଟି ଏସ୍‌ସି ଜମି ପରମିସନ ଦୁର୍ନୀତି ମାମଲାରେ ଜିଲାପାଳ ସୁନୀଲ ଆବୋଲି ନାରାୱାଣେ ୩ ଜଣିଆ ଏକ କମିଟି ଗଠନ କରିଛନ୍ତି। ଓଡ଼ିଶା ଭୂ ସଂସ୍କାର ଆଇନର ଧାରା–୨୨ ଅନୁଯାୟୀ ଜିଲାରେ ୨୦୨୩ ଜାନୁଆରୀରୁ ୨୦୨୪ ଫେବୃଆରୀ ମଧ୍ୟରେ ହୋଇଥିବା ଅନିୟମିତତାର ତଦନ୍ତ ଲାଗି ଜିଲାପାଳ ବୁଧବାର ପୂର୍ବାହ୍ନ ୧୦ଟାରେ ଏକ କମିଟି ଗଠନ କରିଛନ୍ତି। ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଜିଲା ମଙ୍ଗଳ ଅଧିକାରୀ ଡୋମିନିକ ଟପ୍ପୋ ଏବଂ ପିଡିଆର୍ ଆଣ୍ଡ ଆର ସୂର୍ଯ୍ୟାଂଶୁ ରୁଟ୍ କମିଟିରେ ରହିଛନ୍ତି। କମିଟି ଖୁବଶୀଘ୍ର ଏହାର ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି। ଅନ୍ୟପକ୍ଷରେ ଏହି ପରମିଶନ ଦୁର୍ନୀତି ଆର୍‌ଡିସିସ୍ତରରେ ସ୍ୱତନ୍ତ୍ର ଭାବେ ତଦନ୍ତ କରାଯିବ ବୋଲି ଜିଲାପାଳ ନରୱଣେ କହିଛନ୍ତି। ଗଣମାଧ୍ୟମକୁ ଜିଲାପାଳ କହିଥିଲେ ଯେ, ଏସ୍‌ଟି ଏସ୍‌ସି ଜମି ପରମିଶନ ଦିଆଯିବା କ୍ଷେତ୍ରରେ ଅନିୟମିତତାର ଅଭିଯୋଗ ନେଇ ସମ୍ମିଳିତ ଆଦିବାସୀ ସମାଜ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ତଦନ୍ତ ଦିଗରେ ପଦକ୍ଷେପ ନିଆଯାଇଥିବା ଜିଲାପାଳ କହିଛନ୍ତି।

**ଏସ୍‌ଟି ଏସ୍‌ସି ଜମି ପରମିଶନ ଦୁର୍ନୀତି ମାମଲା**

**୩ ଜଣିଆ କମିଟି ଗଠନ କଲେ ଜିଲାପାଳ**

ପ୍ରକାଶ ଯେ, ଗତ ୨୦୨୩ ଜାନୁଆରୀରୁ ଫେବୃଆରୀ ୨୦୨୪ ମଧ୍ୟରେ ଝାରସୁଗୁଡ଼ାର ତତ୍କାଳୀନ ଉପ ଜିଲାପାଳ ସମୁଦାୟ ୧୪୨ଟି ପରମିଶନ ମାମଲାରେ ୬୫.୬୯୫ ଏକର ଜମି ହସ୍ତାନ୍ତର ଲାଗି ଅନୁମତି ପ୍ରଦାନ କରିଥିଲେ। ହସ୍ତାନ୍ତର ଲାଗି ଅନୁମତି ଦିଆଯାଇଥିବା ଜମିର ମୂଲ୍ୟ ପ୍ରାୟ ଶହେ କୋଟିରୁ ଅଧିକ ଟଙ୍କାର ହେବ ବୋଲି ଆକଳନ କରାଯାଇଛି। ଆଦିବାସୀ ହରିଜନ ଲୋକଙ୍କୁ ଝିଅ ବାହାଘର, ଚିକିତ୍ସା ଖର୍ଚ୍ଚ ତୁଲାଇବା ଭଳି ଜରୁରି ବ୍ୟୟ ଭାର ତୁଲାଇବା ଲାଗି ଜମି ବିକ୍ରି ସକାଶେ ଅନୁମତି ଦିଆଯାଇ ଥାଏ। ମାତ୍ର ଏଠାରେ ଏକର ଏକର ମୂଲ୍ୟବାନ ଜମିକୁ କେଉଁ ଆଳରେ ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ଅନୁମତି ଦିଆଗଲା ବୋଲି ପ୍ରଶ୍ନ ଉଠିଛି। ଗ୍ରାମାଞ୍ଚଳରେ ୫୦ ଡେସିମିଲରୁ ଅଧିକ ଜମି କୌଣସି ଏସ୍‌ଟିଏସି ବ୍ୟକ୍ତିଙ୍କୁ ବିକ୍ରି ଲାଗି ଅନୁମତି ନ ଦେବାକୁ ଆଦିବାସୀ ସମାଜ ଦାବି କରି ଆସୁଥିବା ବେଳେ ସହରାଞ୍ଚଳରେ ଏକର ଏକର ଜମି କିଭଳି ପରମିଶନ ଦିଆଗଲା ବୋଲି ଆଦିବାସୀ ସମାଜ ପ୍ରଶ୍ନ କରିଛି। ଆଇଟିଡିଏ ଏରିଆରେ ଆଦିବାସୀ ଜମି ହସ୍ତାନ୍ତରଣ ଲାଗି ଅନୁମତିରେ କଟକଣା ରହିଛି। ଆର୍‌ଡିସି ସ୍ତରରେ ହେବ ସ୍ୱତନ୍ତ୍ର ତଦନ୍ତ ମାତ୍ର କିର୍ମିରା ତହସିଲର ପାରମିଶନ ସଂଖ୍ୟା ୬୧/୧୩।୬।୨୦୨୩ରେ ୧ ଏକର ୯୦ ଡେସିମିଲ ଜମିକୁ ଦୀପକ କିଷାନ ନାମକ ଜଣେ ଜମି ମାଲିକଙ୍କୁ ବିକ୍ରି ଲାଗି ଅନୁମତି ପ୍ରଦାନକୁ ନେଇ ପ୍ରଶ୍ନ ଉଠିଛି। ଜିଲାର କିର୍ମିରା ଏବଂ ଲଇକେରା ବ୍ଲକକୁ ଆଇଟିଡିଏ ବ୍ଲକ ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୩ ମେ ୨୯ ତାରିଖ ଘୋଷଣା କରାଯାଇ ବିଜ୍ଞପ୍ତି ପ୍ରକାଶ କରାଯିବା ପରେ ସେଠାରେ ଆଦିବାସୀ ଜମି ଅଣ ଆଦିବାସୀ ଲୋକଙ୍କୁ ହସ୍ତାନ୍ତର ନ ହେବା କଥା। ହେଲେ କାହା ସ୍ୱାର୍ଥରେ ଏଠାରେ ବ୍ୟତିକ୍ରମ ହେଲା ବୋଲି ପ୍ରଶ୍ନ ହେଉଛି। ଅନ୍ୟପକ୍ଷରେ ସମସ୍ତ ପରମିଶନ ମାମଲା ଗୁଡ଼ିକର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ପ୍ରଦାନ କରାଯିବ ବୋଲି ଜିଲାପାଳ କହିଛନ୍ତି।

**ODISHA STATE CIVIL SUPPLIES CORPORATION LIMITED, KALAHANDI**

oscscltd@gmail.com

No. 201/Corp. Date: 24.01.2025

**QUOTATION/TENDER CALL NOTICE FOR SELECTION OF REPUTED TRAVEL AGENCIES/TOUR OPERATORS OR PRIVATE INDIVIDUALS FOR HIRING OF PRIVATE VEHICLES**

| Sl. No. | Name of the Work | Tender for Selection of Reputed Travel Agencies/Tour Operators or Private Indivisuals for Hiring of Private Vehicles |
|---|---|---|
| 1 | Bid identification No. of the Tender Documents | 198, 199 & 200 Dated: 24.01.2025 |
| 2 | Date of availability of the Tender documents in the District website i.e. **https://kalahandi.odisha.gov.in** | 27.01.2025 |
| 3 | Due date & time of receipt of the Proposals | 04.02.2025 upto 4.00 P.M. in the Office of the Chief CSO-cum-District Manager, OSCSC Ltd., Kalahandi |
| 4 | Date & time of opening of Technical Proposals | 05.02.2025 at 11.00 A.M. in the Office of the Chief CSO-cum-District Manager, OSCSC Ltd., Kalahandi |
| 5 | Eligible Bidders | Reputed Travel Agencies/Tour Operators or Private Individuals |
| 6 | Further details can be seen from the District website i.e. **https://kalahandi.odisha.gov.in**. | |

**Sd./- Chief CSO-cum-District Manager**
**OSCSC Ltd., Kalahandi**

## ଓଡ଼ିଶା ସରକାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

## ଘୋଷଣା

**File No. COL/JAJ/VIIL-24/2022/13029/LA/(Civil)** **Dated: 23.10.2024**

No. XXIV-37: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ୟୁନିଟ୍ ନଂ. ୧୪, ବିରଜାକ୍ଷେତ୍ର, ଥାନା: ଯାଜପୁର, ନଂ. ୨୧୩, ତହସିଲ: ଯାଜପୁର, ଜିଲ୍ଲା: ଯାଜପୁରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶିବଦାସ ଛକଠାରୁ ମହାଲକ୍ଷ୍ମୀ କ୍ଲବ ଛକ ଭାୟା ପ୍ରହରାଜପୁର ତାରିଣୀ ଛକ ରାସ୍ତାର ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ ତତ୍‌ସହିତ ଲାଖବିନ୍ଧା ପଡ଼ିଆଠାରେ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ଲାଗି ଭୂମି ଅର୍ଜନ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୯୪୭/ ତା୦୯।୧୧।୨୦୨୩ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ ମୌଜା: ୟୁନିଟ୍ ନଂ. ୧୪ ବିରଜାକ୍ଷେତ୍ର, ଥାନା: ଯାଜପୁର ନଂ. ୨୧୩, ତହସିଲ: ଯାଜପୁର, ଜିଲ୍ଲା: ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହି ଘୋଷଣା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **https://jajpur.odisha.gov.in/**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି।

### ତଫସିଲ – କ

### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

**ତହସିଲ: ଯାଜପୁର** **ଜିଲ୍ଲା: ଯାଜପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୟୁନିଟ୍ ନଂ. ୧୪, ବିରଜାକ୍ଷେତ୍ର | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ୧୭.୮୧୬ ଡି. | ଏ୯.୦୬୯ଡି | ଏଥି ସହିତ ସଂଲଗ୍ନ |

### ତଫସିଲ – ଖ

### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

**ତହସିଲ: ଯାଜପୁର** **ଜିଲ୍ଲା: ଯାଜପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: **୨୪।୧୨।୨୦୨୩**

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./ – ଜିଲ୍ଲାପାଳ, ଯାଜପୁର**

## ଭୂମି ଅନୁସୂଚୀ

**ପ୍ରକଳ୍ପ–ଶିବଦାସ ଛକଠାରୁ ମହାଲକ୍ଷ୍ମୀ କ୍ଲବ ଛକ ଭାୟା ପ୍ରହରାଜପୁର ତାରିଣୀ ଛକ ରାସ୍ତାର ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ ତତ୍‌ସହିତ ଲାଖବିନ୍ଧା ପଡ଼ିଆଠାରେ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥ ଯାତ୍ରୀଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ**

**ମୌଜା: ୟୁନିଟ୍ ନଂ. ୧୪, ବିରଜାକ୍ଷେତ୍ର, ଥାନା ନଂ. ୨୧୩, ଥାନା/ତହସିଲ/ଜିଲ୍ଲା: ଯାଜପୁର**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨୫୩ | ୩୩୧ | ୦.୧୮୩ | ୦.୦୨୩ | ଘରବାରି–୨ | ହଲିମା ବିବି, ସ୍ୱା.: ସେକ ଖଲିର ରହେମାନ, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୨ | ୨୫୬/୧୭୬ | ୩୩୧/୧୬୮୯ | ୦.୧୮୨ | ୦.୦୨୨ | ଘରବାରି–୨ | ସେକ୍ ତାଜୁଦ୍ଦିନ, ପି.: ଖଲିଲଲୁର ରହେମାନ, ସେକ୍ ଜଇନୁଦ୍ଦିନ, ସେକ୍ ରିୟାଜୁଦ୍ଦିନ, ସେକ୍ କମାଲୁଦ୍ଦିନ, ପି.: ସେକ୍ ସଫିଉଦ୍ଦିନ, ଜା: ମୁସଲମାନ, ବା: ଦେବୀଦ୍ୱାର, ହା.ସା.: ନିଜଗାଁ |
| ୩ | ୨୫୬/୧୫୭ | ୩୩୨/୧୧୧୬ | ୦.୦୫୪ | ୦.୦୫୪ | ଘରବାରି–୨ | ସେକ୍ ଅମିରୁଦ୍ଦିନ, ପି.: ହାପିଯୁଦ୍ଦିନ, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୪ | ୨୫୬/୨୪୪ | ୩୩୨/୧୧୬୧ | ୦.୦୨୦ | ୦.୦୨୦ | ଘରବାରି–୨ | ସେକ୍ ଅମିରଉଦ୍ଦିନ, ପି.: ସେକ୍ ହଫିଯୁଦ୍ଦିନ, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୫ | ୧୫ | ୩୩୨ | ୦.୧୫୪ | ୦.୧୪୦ | ଘରବାରି–୨ | ୟାର ମହମ୍ମଦ, ଯୋବେଦା ଖାତୁନ, ଜହରନ ବିବି, ପି.: ନିଜାମ ମହମ୍ମଦ, ସଫିକ ଉଦ୍ଦିନ, କରିମନ ବିବି, ହାଲିମା ବିବି, ପି.: ରଫି ଉଦ୍ଦିନ, ରହେମନ ବିବି, ପି.: ମହିଉଦ୍ଦିନ, ଆଲ୍ଲାଉଦ୍ଦିନ, ସଲାଉଦ୍ଦିନ, ଅମିର ଉଦ୍ଦିନ, ପି.: ହାଫିଉଦ୍ଦିନ, ସମସୁମ ନିଶା ବିବି, ସ୍ୱା.: ହାଫିଉଦ୍ଦିନ, ସଇଫ ଉଦ୍ଦିନ, ନୁର ଉଦ୍ଦିନ, ପି.: ନସିରୁଦ୍ଦିନ, ହେଦାତୁଲା, ବିକ୍ରମ ବିବି, ସାହାବତୁନ ବିବି, ପି.: ସନାଉଲା, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୬ | ୨୫୬/୧୫୭ | ୩୩୨/୧୬୭୫ | ୦.୦୧୬ | ୦.୦୧୬ | ଘରବାରି–୨ | ସେକ ଅମିରୁଦ୍ଦିନ, ପି.: ହାପିଯୁଦ୍ଦିନ, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୭ | ୧୫ | ୩୨୫ | ୦.୧୭୫ | ୦.୧୭୫ | ଘରବାରି–୨ | ୟାର ମହମ୍ମଦ, ଯୋବେଦା ଖାତୁନ, ଜହରନ ବିବି, ପି.: ନିଜାମ ମହମ୍ମଦ, ସଫିକ ଉଦ୍ଦିନ, କରିମନ ବିବି, ହାଲିମା ବିବି, ପି.: ରଫି ଉଦ୍ଦିନ, ରହେମନ ବିବି, ପି.: ମହିଉଦ୍ଦିନ, ଆଲ୍ଲାଉଦ୍ଦିନ, ସଲାଉଦ୍ଦିନ, ଅମିର ଉଦ୍ଦିନ, ପି.: ହାଫିଉଦ୍ଦିନ, ସମସୁମ ନିଶା ବିବି, ସ୍ୱା.: ହାଫିଉଦ୍ଦିନ, ସଇଫ ଉଦ୍ଦିନ, ନୁର ଉଦ୍ଦିନ, ପି.: ନସିରୁଦ୍ଦିନ, ହେଦାତୁଲା, ବିକ୍ରମ ବିବି, ସାହାବତୁନ ବିବି, ପି.: ସନାଉଲା, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୮ | ୧୫ | ୩୨୪ | ୦.୧୧୫ | ୦.୧୧୫ | ଘରବାରି–୧ | ୟାର ମହମ୍ମଦ, ଯୋବେଦା ଖାତୁନ, ଜହରନ ବିବି, ପି.: ନିଜାମ ମହମ୍ମଦ, ସଫିକ ଉଦ୍ଦିନ, କରିମନ ବିବି, ହାଲିମା ବିବି, ପି.: ରଫି ଉଦ୍ଦିନ, ରହେମନ ବିବି, ପି.: ମହିଉଦ୍ଦିନ, ଆଲ୍ଲାଉଦ୍ଦିନ, ସଲାଉଦ୍ଦିନ, ଅମିର ଉଦ୍ଦିନ, ପି.: ହାଫିଉଦ୍ଦିନ, ସମସୁମ ନିଶା ବିବି, ସ୍ୱା.: ହାଫିଉଦ୍ଦିନ, ସଇଫ ଉଦ୍ଦିନ, ନୁର ଉଦ୍ଦିନ, ପି.: ନସିରୁଦ୍ଦିନ, ହେଦାତୁଲା, ବିକ୍ରମ ବିବି, ସାହାବତୁନ ବିବି, ପି.: ସନାଉଲା, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୯ | ୧୦ | ୩୩୩ | ୦.୧୦୦ | ୦.୧୦୦ | ଘରବାରି–୧ | ଅଭୟ କୁମାର ମହାନ୍ତି, ପି.: ପଦ୍ମଚରଣ ମହାନ୍ତି, ଜା: କରଣ, ବା: ନିଜଗାଁ |
| ୧୦ | ୩୮ | ୩୩୪ | ୦.୧୨୦ | ୦.୧୨୦ | ଘରବାରି–୧ | କୁଞ୍ଜ ବିହାରୀ ମହାନ୍ତି, ପି.: ପଦ୍ମଚରଣ ମହାନ୍ତି, ଜା: କରଣ, ବା: ନିଜଗାଁ ସାମିଲ ଦେବୀଦ୍ୱାର |
| ୧୧ | ୧୫ | ୩୨୩ | ୦.୧୮୫ | ୦.୧୮୫ | ଘରବାରି–୧ | ୟାର ମହମ୍ମଦ, ଯୋବେଦା ଖାତୁନ, ଜହରନ ବିବି, ପି.: ନିଜାମ ମହମ୍ମଦ, ସଫିକ ଉଦ୍ଦିନ, କରିମନ ବିବି, ହାଲିମା ବିବି, ପି.: ରଫି ଉଦ୍ଦିନ, ରହେମନ ବିବି, ପି.: ମହିଉଦ୍ଦିନ, ଆଲ୍ଲାଉଦ୍ଦିନ, ସଲାଉଦ୍ଦିନ, ଅମିର ଉଦ୍ଦିନ, ପି.: ହାଫିଉଦ୍ଦିନ, ସମସୁମ ନିଶା ବିବି, ସ୍ୱା.: ହାଫିଉଦ୍ଦିନ, ସଇଫ ଉଦ୍ଦିନ, ନୁର ଉଦ୍ଦିନ, ପି.: ନସିରୁଦ୍ଦିନ, ହେଦାତୁଲା, ବିକ୍ରମ ବିବି, ସାହାବତୁନ ବିବି, ପି.: ସନାଉଲା, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୧୨ | ୨୫୬/୩୩୦ | ୩୧୯ | ୦.୨୦୦ | ୦.୨୦୦ | ଘରବାରି–୨ | ସେକ୍ ରିଆଯୁଦ୍ଦିନ, ସେକ କମାଲୁଦ୍ଦିନ, ସୁଲତାନା ବେଗମ, ପି.: ସେକ୍ ସଫିଉଦ୍ଦିନ, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୧୩ | ୨୫୦ | ୩୨୧/୧୧୩୮ | ୦.୦୧୩ | ୦.୦୧୩ | ଘରବାରି–୧ | ହରେକୃଷ୍ଣ ବାରିକ, ପି.: ବୁଲେଇ ବାରିକ, ଜା: ନିଆରି, ବା: ନିଜଗାଁ ସାମିଲ ନାଏକ ସାହି |
| ୧୪ | ୨୫୬/୧୭୦ | ୩୨୧ | ୦.୦୧୩ | ୦.୦୧୩ | ଘରବାରି–୧ | ସୁରେନ୍ଦ୍ର ଚନ୍ଦ୍ର ବେହେରା, ପି.: ନନ୍ଦ କିଶୋର ବେହେରା, ଜା: ନିଆରି, ବା: ୟୁନିଟ୍ ନଂ. ୧୫, ନାଭିଗୟା ସାମିଲ ବରୁଆଡ଼ି |
| ୧୫ | ୭୫ | ୩୨୦ | ୦.୦୦୯ | ୦.୦୦୯ | ଘରବାରି | ମାନଗୋବିନ୍ଦ ସେନାପତି, ପି.: ନନ୍ଦ ସେନାପତି, ଜା: କୁବେର ପୁତ୍ର, ବା: ବରୁଆଡ଼ି |
| ୧୬ | ୩୭ | ୩୨୨ | ୦.୧୪୦ | ୦.୧୪୦ | ଘରବାରି–୧ | କିରଣ ବାଳା ମହାନ୍ତି, ସ୍ୱା.: ନିକୁଞ୍ଜ ବିହାରୀ ମହାନ୍ତି, ଜା: କରଣ, ବା: ନିଜଗାଁ ସାମିଲ ଦେବୀଦ୍ୱାର |
| ୧୭ | ୨୫୬/୩୧୪ | ୩୧୮/୧୧୩୦ | ୦.୦୨୦ | ୦.୦୨୦ | ଘରବାରି–୨ | ରେହନୁମା ପରିୱିନ, ପି.: ଖଲିଲଲୁର ରହେମାନ, ଜା: ମୁସଲମାନ, ବା: ଦେବୀଦ୍ୱାର, ହା. ବା. ନିଜଗାଁ |
| ୧୮ | ୨୫୬/୩୨୫ | ୩୧୮/୧୭୬୬ | ୦.୦୧୦ | ୦.୦୧୦ | ଘରବାରି–୨ | ସୁଲତାନା ବେଗମ, ପି.: ସେକ୍ ସଫିଉଦ୍ଦିନ, ଜା: ମୁସଲମାନ, ବା: ନିଜଗାଁ |
| ୧୯ | ୨୫୬/୩୧୩ | ୩୧୮/୧୭୫୭ | ୦.୦୩୦ | ୦.୦୩୦ | ଘରବାରି–୨ | ସେକ୍ ଜଇନୁଦ୍ଦିନ, ପି.: ସେକ୍ ସଫିଉଦ୍ଦିନ, ଜା: ମୁସଲମାନ, ବା: ଦେବୀଦ୍ୱାର, ହା. ବା. ନିଜଗାଁ |
| ୨୦ | ୨୫୬/୩୧୨ | ୩୧୮/୧୭୫୬ | ୦.୦୩୦ | ୦.୦୩୦ | ଘରବାରି–୨ | ସେକ୍ ତାଜୁଦ୍ଦିନ, ପି.: ଖଲିଲଲୁର ରହେମାନ, ଜା: ମୁସଲମାନ, ବା: ଦେବୀଦ୍ୱାର, ହା. ବା. ନିଜଗାଁ |
| ୨୧ | ୨୫୬/୩୪୪ | ୩୧୮ | ୦.୦୬୦ | ୦.୦୬୦ | ଘରବାରି–୨ | ଯୋବେଦା ଖାତୁନ, ଜହରନ ବିବି, ପି.: ନିଜାମ ମହମ୍ମଦ, ସଫିକ ଉଦ୍ଦିନ, କରିମନ ବିବି, ହାଲିମା ବିବି, ପି.: ରଫି ଉଦ୍ଦିନ, ରହେମନ ବିବି, ପି.: ମହିଉଦ୍ଦିନ, ଆଲ୍ଲାଉଦ୍ଦିନ, ସଲାଉଦ୍ଦିନ, ଅମିର ଉଦ୍ଦିନ, ପି.: ହାଫିଉଦ୍ଦିନ, ସମସୁମ ନିଶା ବିବି, ସ୍ୱା.: ହାଫିଉଦ୍ଦିନ, ସଇଫ ଉଦ୍ଦିନ, ନୁର ଉଦ୍ଦିନ, ପି.: ନସିରୁଦ୍ଦିନ, ହେଦାତୁଲା, ବିକ୍ରମ ବିବି, ସାହାବତୁନ ବିବି, ପି.: ସନାଉଲା, ସେଖ ଗୟାସୁଦ୍ଦିନ, ସେଖ ଆଜାରୁଦ୍ଦିନ, ପି.: ସେଖ ନୁରୁଦ୍ଦିନ, ଫିରଦାସ ଅକତର, ସ୍ୱା.: ସେଖ ସାହାଯୁଦ୍ଦିନ, ଜା: ମୁସଲମାନ, ବା: ଦେବୀଦ୍ୱାର |
| ୨୨ | ୨୫୬/୧୫୮ | ୩୨୬/୧୬୭୬ | ୦.୦୫୨ | ୦.୦୧୬ | ଘରବାରି–୨ | ସେକ ଅମିରୁଦ୍ଦିନ, ସେକ ଆଲାଉଦ୍ଦିନ, ବା: ସେକ ସଲାଉଦ୍ଦିନ, ପି.: ସେକ ହାପିଯୁଦ୍ଦିନ, ଜା: ମୁସଲମାନ, ବା: ଦେବିଦ୍ୱାର |
| ୨୩ | ୨୪୦ | ୪୩୩ | ୦.୦୫୨ | ୦.୦୩୦ | ବଗାୟତ–୨ | ସୁବାସ ଚନ୍ଦ୍ର ମହାନ୍ତି, ସୁରେଶ ଚନ୍ଦ୍ର ମହାନ୍ତି, ଭୁନ ଚରଣ ମହାନ୍ତି, ଟୁନ ଚରଣ ମହାନ୍ତି, ପି.: ଜଗନ୍ନାଥ ମହାନ୍ତି, ପ୍ରଫୁଲ ଚନ୍ଦ୍ର ମହାନ୍ତି, ପ୍ରମୋଦ ଚନ୍ଦ୍ର ମହାନ୍ତି, ପି.: କୃଷ୍ଣ ଚରଣ ମହାନ୍ତି, ଜା: କରଣ, ବା: ନାଏକ ସାହି |
| ୨୪ | ୧୧୯ | ୪୩୪ | ୦.୦୫୩ | ୦.୦୩୦ | ବଗାୟତ–୨ | ପ୍ରମୋଦ ଚନ୍ଦ୍ର ମହାନ୍ତି, ପି.: କୃଷ୍ଣ ଚରଣ ମହାନ୍ତି, ଜା: କରଣ, ବା: ନାଏକ ସାହି |
| ୨୫ | ୨୪୦ | ୪୩୫ | ୦.୦୮୦ | ୦.୦୪୦ | ବଗାୟତ–୨ | ସୁବାସ ଚନ୍ଦ୍ର ମହାନ୍ତି, ସୁରେଶ ଚନ୍ଦ୍ର ମହାନ୍ତି, ଭୁନ ଚରଣ ମହାନ୍ତି, ଟୁନ ଚରଣ ମହାନ୍ତି, ପି.: ଜଗନ୍ନାଥ ମହାନ୍ତି, ପ୍ରଫୁଲ ଚନ୍ଦ୍ର ମହାନ୍ତି, ପ୍ରମୋଦ ଚନ୍ଦ୍ର ମହାନ୍ତି, ପି.: କୃଷ୍ଣ ଚରଣ ମହାନ୍ତି, ଜା: କରଣ, ବା: ନାଏକ ସାହି |
| ୨୬ | ୨୨୦ | ୪୩୭ | ୦.୫୫୦ | ୦.୧୧୦ | ଶାରଦ ଜଳ–୨ | ଶଶାଙ୍କ ଶେଖର ମିଶ୍ର, ପି.: ଲକ୍ଷ୍ମଣ ମିଶ୍ର, ଜା: ବ୍ରାହ୍ମଣ, ବା: ନାଏକ ସାହି |
| ୨୭ | ୫୬ | ୪୩୯ | ୨.୦୪୦ | ୨.୦୪୦ | ଶାରଦ ଜଳ–୧ | ଗୋପାଳ କୃଷ୍ଣ ପତି, ପି.: ରାମକୃଷ୍ଣ ପତି, ଜା: ବ୍ରାହ୍ମଣ, ବା: ନିଜଗାଁ, ସାମିଲ ନାଏକ ସାହି |
| ୨୮ | ୫୬ | ୪୪୩ | ୦.୦୨୦ | ୦.୦୨୦ | ରାସ୍ତା | ଗୋପାଳ କୃଷ୍ଣ ପତି, ପି.: ରାମକୃଷ୍ଣ ପତି, ଜା: ବ୍ରାହ୍ମଣ, ବା: ନିଜଗାଁ, ସାମିଲ ନାଏକ ସାହି |
| ୨୯ | ୫୬ | ୪୪୪ | ୦.୩୦୦ | ୦.୩୦୦ | ହୁଡ଼ା | ଗୋପାଳ କୃଷ୍ଣ ପତି, ପି.: ରାମକୃଷ୍ଣ ପତି, ଜା: ବ୍ରାହ୍ମଣ, ବା: ନିଜଗାଁ, ସାମିଲ ନାଏକ ସାହି |
| ୩୦ | ୫୬ | ୪୪୫ | ୧.୦୮୦ | ୧.୦୮୦ | ଜଳାଶୟ–୧ | ଗୋପାଳ କୃଷ୍ଣ ପତି, ପି.: ରାମକୃଷ୍ଣ ପତି, ଜା: ବ୍ରାହ୍ମଣ, ବା: ନିଜଗାଁ, ସାମିଲ ନାଏକ ସାହି |
| ୩୧ | ୫୬ | ୪୪୬ | ୦.୪୩୫ | ୦.୪୩୫ | ଶାରଦ–୧ | ଗୋପାଳ କୃଷ୍ଣ ପତି, ପି.: ରାମକୃଷ୍ଣ ପତି, ଜା: ବ୍ରାହ୍ମଣ, ବା: ନିଜଗାଁ, ସାମିଲ ନାଏକ ସାହି |
| ୩୨ | ୫୬ | ୪୬୦ | ୦.୫୫୦ | ୦.୫୫୦ | ଶାରଦ–୧ | ଗୋପାଳ କୃଷ୍ଣ ପତି, ପି.: ରାମକୃଷ୍ଣ ପତି, ଜା: ବ୍ରାହ୍ମଣ, ବା: ନିଜଗାଁ, ସାମିଲ ନାଏକ ସାହି |
| ୩୩ | ୫୬ | ୪୬୧ | ୦.୬୬୫ | ୦.୬୬୫ | ଶାରଦ–୧ | ଗୋପାଳ କୃଷ୍ଣ ପତି, ପି.: ରାମକୃଷ୍ଣ ପତି, ଜା: ବ୍ରାହ୍ମଣ, ବା: ନିଜଗାଁ, ସାମିଲ ନାଏକ ସାହି |
| ୩୪ | ୨୪୦ | ୩୫୩ | ୦.୩୩୦ | ୦.୦୫୫ | ଘରବାରି–୨ | ସୁବାସ ଚନ୍ଦ୍ର ମହାନ୍ତି, ସୁରେଶ ଚନ୍ଦ୍ର ମହାନ୍ତି, ଭୁନ ଚରଣ ମହାନ୍ତି, ଟୁନ ଚରଣ ମହାନ୍ତି, ପି.: ଜଗନ୍ନାଥ ମହାନ୍ତି, ପ୍ରଫୁଲ ଚନ୍ଦ୍ର ମହାନ୍ତି, ପ୍ରମୋଦ ଚନ୍ଦ୍ର ମହାନ୍ତି, ପି.: କୃଷ୍ଣ ଚରଣ ମହାନ୍ତି, ଜା: କରଣ, ବା: ନାଏକ ସାହି |
| ୩୫ | ୨୨୦ | ୩୫୪ | ୦.୨୫୦ | ୦.୦୨୫ | ଘରବାରି–୨ | ଶଶାଙ୍କ ଶେଖର ମିଶ୍ର, ପି.: ଲକ୍ଷ୍ମଣ ମିଶ୍ର, ଜା: ବ୍ରାହ୍ମଣ, ବା: ନାଏକ ସାହି |
| ୩୬ | ୨୨୦ | ୩୫୫ | ୦.୫୪୦ | ୦.୦୪୨ | ବଗାୟତ–୨ | ଶଶାଙ୍କ ଶେଖର ମିଶ୍ର, ପି.: ଲକ୍ଷ୍ମଣ ମିଶ୍ର, ଜା: ବ୍ରାହ୍ମଣ, ବା: ନାଏକ ସାହି |
| ୩୭ | ୨୪୦ | ୩୫୯ | ୦.୨୨୫ | ୦.୦୪୭ | ଘରବାରି–୨ | ସୁବାସ ଚନ୍ଦ୍ର ମହାନ୍ତି, ସୁରେଶ ଚନ୍ଦ୍ର ମହାନ୍ତି, ଭୁନ ଚରଣ ମହାନ୍ତି, ଟୁନ ଚରଣ ମହାନ୍ତି, ପି.: ଜଗନ୍ନାଥ ମହାନ୍ତି, ପ୍ରଫୁଲ ଚନ୍ଦ୍ର ମହାନ୍ତି, ପ୍ରମୋଦ ଚନ୍ଦ୍ର ମହାନ୍ତି, ପି.: କୃଷ୍ଣ ଚରଣ ମହାନ୍ତି, ଜା: କରଣ, ବା: ନାଏକ ସାହି |
| ୩୮ | ୨୫୬/୩୩୫ | ୩୬୨ | ୦.୦୩୫ | ୦.୦୨୦ | ଘରବାରି–୧ | ମିଳନ କୁମାର ପତି, ପି.: ଶଶଧର ପତି, ଜା: ବ୍ରାହ୍ମଣ, ବା: ସା: ନାୟକସାହି |
| ୩୯ | ୨୫୬/୧୨୦ | ୧୫୨ | ୦.୨୬୯ | ୦.୦୮୦ | ଘରବାରି–୨ | ଶ୍ରୀମତୀ ସାହୁ, ସ୍ୱା.: ଶରତ ଚନ୍ଦ୍ର ସାହୁ, ସୁଶାନ୍ତ କୁମାର ସାହୁ, ପ୍ରଭାତୀ ସାହୁ, ଗୀତାଞ୍ଜଳି ସାହୁ, ପି.: ଶରତ ଚନ୍ଦ୍ର ସାହୁ, ବା: ଜୟନ୍ତୀ ସାହୁ, ପି.: ଶରତ ଚନ୍ଦ୍ର ସାହୁ, ଜା: ତେଲି, ବା: ନହରପଦା |
| ୪୦ | ୨୫୬/୩୫୨ | ୧୫୩ | ୦.୩୧୦ | ୦.୦୨୨ | ଶାରଦ ଜଳ–୧ | ପ୍ରଫୁଲ ଚନ୍ଦ୍ର ମହାନ୍ତି, ପ୍ରମୋଦ ଚନ୍ଦ୍ର ମହାନ୍ତି, ପି.: କୃଷ୍ଣ ଚରଣ ମହାନ୍ତି, ଜା: କରଣ, ବା: ନାଏକ ସାହି, କିସ୍ମତ ଆଠଅଣା, ବା: ସୂର୍ଯ୍ୟମଣି ପୃଷ୍ଟି, ପି.: ଗୋଖେଇ ପୃଷ୍ଟି, କାର୍ତ୍ତିକ ଚନ୍ଦ୍ର ପୃଷ୍ଟି, ପି.: ଚକ୍ରଧର ପୃଷ୍ଟି, ବାୟାଣୀ ପୃଷ୍ଟି, ସ୍ୱା.: କୃଷ୍ଣ ପୃଷ୍ଟି, ଜା: ତନ୍ତି, ବା: ନହରପଦା, କିସ୍ମତ ଆଠଅଣା, ବା: |
| ୪୧ | ୫୭ | ୧୦୮ | ୦.୦୩୫ | ୦.୦୦୫ | ଶାରଦ ଜଳ–୧ | ଶ୍ରୀ ଶ୍ୟାମ ସୁନ୍ଦର ଠାକୁର, ବିଜେ ନିଜ ଗାଁ ମାର୍ଫତ ବା: ଗୋପୀନାଥ ଦାଶ, ପି.: ପୁରି ଦାଶ, ଜା: ବୈଷ୍ଣବ, ବା: ନହର ପଦା |
| ୪୨ | ୫୮ | ୧୦୯ | ୦.୦୨୪ | ୦.୦୨୪ | ଶାରଦ ଜଳ–୧ | ଗୋପୀନାଥ ଦାଶ, ସୁବଳ ଦାଶ, ପ୍ୟାରି ଦାଶ, ପି.: ପୁରୀ ଦାଶ, ଉମାକାନ୍ତ ଦାଶ, ପି.: ସିଦ୍ଧ ଦାଶ, ଜେମାମଣି ଦାଶ, ପି.: ମାଧ ଦାଶ, ଜା: ବୈଷ୍ଣବ, ବା: ନହର ପଦା |
| ୪୩ | ୫୮ | ୧୧୦ | ୦.୦୯୩ | ୦.୦୧୬ | ଘରବାରି–୨ | ଗୋପୀନାଥ ଦାଶ, ସୁବଳ ଦାଶ, ପ୍ୟାରି ଦାଶ, ପି.: ପୁରୀ ଦାଶ, ଉମାକାନ୍ତ ଦାଶ, ପି.: ସିଦ୍ଧ ଦାଶ, ଜେମାମଣି ଦାଶ, ପି.: ମାଧ ଦାଶ, ଜା: ବେଷ୍ଣବ, ବା: ନହରପଦା |
| ୪୪ | ୭୭ | ୧୨୭ | ୦.୧୦୨ | ୦.୦୪୪ | ଘରବାରି–୨ | ଶ୍ରୀ ବିରଜା ଠାକୁରାଣୀ ବିଜେ ଦେବୀଦ୍ୱାର ମାର୍ଫତ ଟ୍ରଷ୍ଟିବୋର୍ଡ଼ |
| ୪୫ | ୭୭ | ୧୨୮ | ୦.୦୬୧ | ୦.୦୩୫ | ଘରବାରି–୨ | ଶ୍ରୀ ବିରଜା ଠାକୁରାଣୀ ବିଜେ ଦେବୀଦ୍ୱାର ମାର୍ଫତ ଟ୍ରଷ୍ଟିବୋର୍ଡ଼ |
| ୪୬ | ୭୭ | ୧୨୯ | ୦.୧୯୦ | ୦.୦୬୦ | ଘରବାରି–୨ | ଶ୍ରୀ ବିରଜା ଠାକୁରାଣୀ ବିଜେ ଦେବୀଦ୍ୱାର ମାର୍ଫତ ଟ୍ରଷ୍ଟିବୋର୍ଡ଼ |
| ୪୭ | ୧୨୯ | ୧୩୦ | ୦.୦୫୦ | ୦.୦୨୫ | ଶାରଦ ଜଳ–୧ | ବ୍ରଜ କିଶୋର ମହାନ୍ତି, ପି.: ପିତାମ୍ବର ମହାନ୍ତି, ଜା: କରଣ, ବା: ଦେବୀଦ୍ୱାର |
| ୪୮ | ୧୨୯ | ୧୩୧ | ୦.୪୭୦ | ୦.୧୭୦ | ଶାରଦ ଜଳ–୧ | ବ୍ରଜ କିଶୋର ମହାନ୍ତି, ପି.: ପିତାମ୍ବର ମହାନ୍ତି, ଜା: କରଣ, ବା: ଦେବୀଦ୍ୱାର |
| ୪୯ | ୫୬ | ୪୪୧ | ୦.୦୬୫ | ୦.୦୧୦ | ଘରବାରି–୨ | ଗୋପାଳ କୃଷ୍ଣ ପତି, ପି.: ରାମକୃଷ୍ଣ ପତି, ଜା: ବ୍ରାହ୍ମଣ, ବା: ନିଜଗାଁ, ସାମିଲ ନାଏକ ସାହି |
| ୫୦ | ୧୫୦ | ୫୨୨ | ୦.୦୮୮ | ୦.୦୦୯ | ଘରବାରି–୧ | ସେକ ସାହାଜହାନ, ପି.: ସେକ ଅବଦୁଲ ସତାର, ଜା: ମୁସଲମାନ, ବା: ହରିପୁର |
| ୫୧ | ୪ | ୧୪୫ | ୦.୦୬୦ | ୦.୦୩୬ | ଶାରଦ ଜଳ–୨ | ଅଇଁଠି ଦାସ, ପି.: ସାଧୁ ଦାସ, ରଘୁନାଥ ଦାସ, ଭିକାରୀ ଚରଣ ଦାସ, ପି.: ଶୁକ ଦାସ, ଶୁକି ଦାସ, ସ୍ୱା.: ଶୁକ ଦାସ, ମାୟାଧର ଦାସ, ଗୟାଧର ଦାସ, ପି.: ଦୁଃଖିରାମ ଦାସ, ଉଷା ଦାସ, ସ୍ୱା.: ଦୁଃଖିରାମ ଦାସ, କୁଶ ଦାସ, ପି.: ଶଙ୍କର ଦାସ, ଜା: ହଂସି, ବା: ପ୍ରହରାଜପୁର, କିସ୍ମତ ଆଠଅଣା, ବା: ଫକୀର ଦାସ, ଗୁରୁ ଚରଣ ଦାସ, ପି.: ପୁନା ଦାସ, ବାବାଜି ଦାସ, ପି.: କୁଞ୍ଜ ଦାସ, ଉପେନ୍ଦ୍ର ଦାସ, ପି.: ପଞ୍ଚୁ ଦାସ, ରାମ ଦାସ, ପି.: କାଳନ୍ଦି ଦାସ, ଲବଣି ଦାସ, ସ୍ୱା.: କାଳନ୍ଦି ଦାସ, ଜା: ହଂସି, ବା: ପ୍ରହରାଜପୁର, କିସ୍ମତ ଆଠଅଣା, ବା: |
| ୫୨ | ୨୩୩ | ୧୪୬ | ୦.୬୭୨ | ୦.୦୫୦ | ଶାରଦ ଜଳ–୨ | ଶ୍ରୀନିବାସ ମିଶ୍ର, ଶ୍ରୀକାନ୍ତ ମିଶ୍ର, ଶ୍ରୀବନ୍ତ ମିଶ୍ର, ରତିକାନ୍ତ ମିଶ୍ର, ସୁକାନ୍ତ ମିଶ୍ର, ଦୁର୍ଗେଶ ନନ୍ଦିନି ମିଶ୍ର, ପି.: ଭାଗବତ ମିଶ୍ର, ରୁକ୍ମଣୀ ମିଶ୍ର, ସ୍ୱା.: ଭାଗବତ ମିଶ୍ର, ଜା: ଯୋଗୀ, ବା: ୟୁନିଟ୍ ନମ୍ବର ୧୫ ନାଭିଗୟା ସାମିଲ ଦେବୀଦ୍ୱାର |
| ୫୩ | ୨୫୬/୩୭୮ | ୧୪୭ | ୦.୬୭୨ | ୦.୦୫୦ | ଘରବାରି–୨ | ଗୋପବନ୍ଧୁ ମିଶ୍ର, ପି.: ରମାକାନ୍ତ ମିଶ୍ର, ଜା: ଯୋଗି, ବା: ୟୁନିଟ୍ ନଂ. ୧୫ ନାଭିଗୟା |
| ୫୪ | ୨୫୬/୨୪୧ | ୫୨୪/୧୧୫୮ | ୦.୦୨୦ | ୦.୦୨୦ | ଶାରଦ ଜଳ–୨ | ସବିତା ରଥ, ସ୍ୱା.: ପ୍ରମୋଦ କୁମାର ରଥ, ଜା: ବ୍ରାହ୍ମଣ, ବା: ନଟପଡ଼ା |
| ୫୫ | ୪ | ୫୨୩ | ୦.୦୨୦ | ୦.୦୨୦ | ଜଳାଶୟ–୨ | ଅଇଁଠି ଦାସ, ପି.: ସାଧୁ ଦାସ, ରଘୁନାଥ ଦାସ, ଭିକାରୀ ଚରଣ ଦାସ, ପି.: ଶୁକ ଦାସ, ଶୁକି ଦାସ, ସ୍ୱା.: ଶୁକ ଦାସ, ମାୟାଧର ଦାସ, ଗୟାଧର ଦାସ, ପି.: ଦୁଃଖିରାମ ଦାସ, ଉଷା ଦାସ, ସ୍ୱା.: ଦୁଃଖିରାମ ଦାସ, କୁଶ ଦାସ, ପି.: ଶଙ୍କର ଦାସ, ଜା: ହଂସି, ବା: ପ୍ରହରାଜପୁର, କିସ୍ମତ ଆଠଅଣା, ବା: ଫକିତର ଦାସ, ଗୁରୁ ଚରଣ ଦାସ, ପି.: ପୁନା ଦାସ, ବାବାଜି ଦାସ, ପି.: କୁଞ୍ଜ ଦାସ, ଉପେନ୍ଦ୍ର ଦାସ, ପି.: ପଞ୍ଚୁ ଦାସ, ରାମ ଦାସ, ପି.: କାଳନ୍ଦି ଦାସ, ଲବଣି ଦାସ, ସ୍ୱା.: କାଳନ୍ଦି ଦାସ, ଜା: ହଂସି, ବା: ପ୍ରହରାଜପୁର, କିସ୍ମତ ଆଠଅଣା, ବା: |
| ୫୬ | ୨୫୬/୨୪୧ | ୫୨୫ | ୦.୩୬୦ | ୦.୦୧୮ | ଶାରଦ ଜଳ–୨ | ସବିତା ରଥ, ସ୍ୱା.: ପ୍ରମୋଦ କୁମାର ରଥ, ଜା: ବ୍ରାହ୍ମଣ, ବା: ନଟପଡ଼ା |
| ୫୭ | ୨୫୬/୧୯ | ୫୨୪ | ୦.୦୨୦ | ୦.୦୨୦ | ଘରବାରି–୧ | ଶେଖ ସାହାଜାହାନ, ପି.: ଶେଖ୍ ଅବଦୁଲ ସତ୍ତାର, ଜା: ମୁସଲମାନ, ବା: ହରିପୁର, ଥା: ଯାଜପୁର |
| ୫୮ | ୧୮୯ | ୫୭୧ | ୦.୦୫୬ | ୦.୦୦୬ | ବଗାୟତ–୨ | ରଘୁନାଥ ଦାସ, ଭିକାରୀ ଚରଣ ଦାସ, ପି.: ଶୁକ ଦାସ, ଶୁକି ଦାସ, ସ୍ୱା.: ଶୁକ ଦାସ, ଅଇଁଠୁ ଦାସ, ସ୍ୱା.: ସାଧୁ ଦାସ, ରାମଚନ୍ଦ୍ର ଦାସ, ପି.: କାଳନ୍ଦି ଦାସ, ବାବାଜି ଦାସ, ପି.: କୁଞ୍ଜ ଦାସ, ଉପେନ୍ଦ୍ର ଦାସ, ପି.: ପଞ୍ଚୁ ଦାସ, ମାୟାଧର ଦାସ, ଗୟାଧର ଦାସ, ପି.: ଦୁଃଖିରାମ ଦାସ, ଉଷା ଦାସ, ସ୍ୱା.: ଦୁଃଖିରାମ ଦାସ, ଜା: ହଂସି, ବା: ପ୍ରହରାଜପୁର |
| ୫୯ | ୧୮୯ | ୫୭୨ | ୦.୦୫୫ | ୦.୦୦୭ | ବଗାୟତ–୨ | ରଘୁନାଥ ଦାସ, ଭିକାରୀ ଚରଣ ଦାସ, ପି.: ଶୁକ ଦାସ, ଶୁକି ଦାସ, ସ୍ୱା.: ଶୁକ ଦାସ, ଅଇଁଠୁ ଦାସ, ସ୍ୱା.: ସାଧୁ ଦାସ, ରାମଚନ୍ଦ୍ର ଦାସ, ପି.: କାଳନ୍ଦି ଦାସ, ବାବାଜି ଦାସ, ପି.: କୁଞ୍ଜ ଦାସ, ଉପେନ୍ଦ୍ର ଦାସ, ପି.: ପଞ୍ଚୁ ଦାସ, ମାୟାଧର ଦାସ, ଗୟାଧର ଦାସ, ପି.: ଦୁଃଖିରାମ ଦାସ, ଉଷା ଦାସ, ସ୍ୱା.: ଦୁଃଖିରାମ ଦାସ, ଜା: ହଂସି, ବା: ପ୍ରହରାଜପୁର |
| ୬୦ | ୨୫୬/୩୭ | ୫୫୫/୧୧୪୭ | ୦.୦୯୦ | ୦.୦୦୭ | ଘରବାରି–୧ | ବାସନ୍ତି ରାଉତ, ସ୍ୱା.: କପିଳ ଚରଣ ରାଉତ, ଜା: ଖଣ୍ଡାୟତ, ବା: କୁରୁଳି |
| ୬୧ | ୧୮୮ | ୫୫୩ | ୦.୦୪୧ | ୦.୦୨୮ | ଶାରଦ ଜଳ ଦୋଫସଲ–୨ | ରଘୁନାଥ ଦାସ, ଭିକାରୀ ଦାସ, ପି.: ଶୁକ ଦାସ, ଶୁକି ଦାସ, ସ୍ୱା.: ଶୁକ ଦାସ, ଅଇଁଠୁ ଦାସ, ପି.: ସାଧୁ ଦାସ, ମାୟାଧର ଦାସ, ଗୟାଧର ଦାସ, ପି.: ଦୁଃଖିରାମ ଦାସ, ଉଷା ଦାସ, ସ୍ୱା.: ଦୁଃଖିରାମ ଦାସ, ଜା: ହଂସି, ବା: ପ୍ରହରାଜପୁର |
| ୬୨ | ୧୭୭ | ୫୫୪ | ୦.୩୦୩ | ୦.୦୧୬ | ଶାରଦ ଜଳ–୨ | ମାୟାଧର ସାହୁ, ଗୟାଧର ସାହୁ, ପି.: ମାଗୁଣି ସାହୁ, ଜା: କୁବେର, ବା: ପ୍ରହରାଜପୁର |
| ୬୩ | ୨୫୬/୨୪ | ୫୫୫ | ୦.୧୨୦ | ୦.୦୧୧ | ଘରବାରି–୧ | ସୁରେନ୍ଦ୍ର ଦାସ, ନରେନ୍ଦ୍ର ଦାସ, ପି.: ବାବାଜି ଦାସ, ଜା: ହଂସି, ବା: ପ୍ରହରାଜପୁର |
| ୬୪ | ୧୭୭ | ୫୫୪/୧୧୮୭ | ୦.୦୮୦ | ୦.୦୧୦ | ଘରବାରି–୧ | ମାୟାଧର ସାହୁ, ଗୟାଧର ସାହୁ, ପି.: ମାଗୁଣି ସାହୁ, ଜା: କୁବେର, ବା: ପ୍ରହରାଜପୁର |
| ୬୫ | ୨୫୬/୫୨ | ୫୨୬/୧୫୯୧ | ୦.୦୪୦ | ୦.୦୧୦ | ଶାରଦ ଜଳ–୨ | ଆୟୁବ ଖାଁ, ପି.: ରସିଦ ଖାଁ, ଜା: ମୁସଲମାନ, ବା: ଦେବୀଦ୍ୱାର |

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଇଶାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟେଲିଗ୍ରାମ ଆପ୍‌ରେ ହେଉଥିଲା ଲୁଟ୍ ପ୍ଲାନିଂ

## ପାଣିକୋଇଲି ସୁନା ଅଳଙ୍କାର ଦୋକାନରୁ ଲୁଟ୍, ହତ୍ୟା ମାମଲା

**କୋରେଇ,୨୪।୧(ଚନ୍ଦ୍ରକାନ୍ତ ପତି)**

- ଆଉ ଜଣେ ଅଭିଯୁକ୍ତ ବିହାରରୁ ଗିରଫ
- ପୂର୍ବରୁ ୨ ଅଭିଯୁକ୍ତ ଧରାପଡ଼ିଥିଲେ
- ମାଷ୍ଟର ମାଇଣ୍ଡ୍‌କୁ ଧରିବାରେ ପୋଲିସ ବିଫଳ

ପାଣିକୋଇଲି ପଣ୍ଡା ଅଳଙ୍କାର ଦୋକାନରେ ଲୁଟ୍ ଏବଂ ୨ ଜଣଙ୍କୁ ହତ୍ୟା ମାମଲାରେ ଯାଜପୁର ପୋଲିସ ୨୦ ଦିନର ତଦନ୍ତ ପରେ ବିହାରର ସାରଣ ଜିଲା ଛପ୍ରା ଅଞ୍ଚଳରୁ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମନଜିତ କୁମାର ଚୌଧୁରୀ(୨୩)। ତାଙ୍କ ନିକଟରୁ ଏକ ବନ୍ଧୁକ ଏବଂ ସୁନା ଅଳଙ୍କାର ଜବତ ହୋଇଛି। ପୂର୍ବରୁ ଏହି ଘଟଣାରେ ବିହାର ବେଗୁସରାଇ ଜିଲାର ରାଜା ସାହାଣୀ(୩୩) ଏବଂ ସାରଣ ଜିଲାର ମଧୁକାନ୍ତ କୁମାର(୨୪)ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ୨ ରିଭଲଭର ଏବଂ ସୁନାଅଳଙ୍କାର ଜବତ ହୋଇଛି। ଅନ୍ୟପକ୍ଷରେ ଯାଜପୁର ରୋଡ୍ ସେନକୋ ଗୋଲ୍ଡ ଶୋରୁମ୍‌ରେ ହୋଇଥିବା ଲୁଟରେ ଏହି ଗ୍ୟାଙ୍ଗ୍‌ର ହାତଥିବା ସନ୍ଦେହ କରାଯାଉଛି। ସବୁଠାରୁ ବଡ଼କଥା ହେଉଛି ଧରାପଡ଼ିଥିବା ଅଭିଯୁକ୍ତ କେହି କାହାକୁ ଜାଣନ୍ତିନାହିଁ। ମୁଖ୍ୟତଃ ଏମାନେ ନିଜନିଜ ମଧ୍ୟରେ କଥାବାର୍ତ୍ତା ପାଇଁ ଟେଲିଗ୍ରାମ ଆପ୍ ବ୍ୟବହାର କରୁଛନ୍ତି। ସେମାନେ ଲୁଟ୍ ପାଇଁ ଏହି ଆପ୍ ମାଧ୍ୟମରେ ପ୍ଲାନିଂ କରି କାର୍ଯ୍ୟ କରୁଥିଲେ। କୌଣସି ମୋବାଇଲ ସିମ୍ ବ୍ୟବହାର ନ କରି ୱାଇଫାଇ ଡିଭାଇସ ମାଧ୍ୟମରେ ମୋବାଇଲ ଅପରେଟ କରୁଛନ୍ତି, ଯାହାକୁ ଟ୍ରାକ କରିବା ପୋଲିସ ପାଇଁ କଷ୍ଟସାଧ୍ୟ ହୋଇପଡୁଛି। ସେହିପରି ପଣ୍ଡା ଅଳଙ୍କାର ଏବଂ ଯାଜପୁର ରୋଡ୍ ସେନକୋ ଗୋଲ୍ଡ ଲୁଟ୍ ଘଟଣାରେ ଜଣେ ହିଁ ମାଷ୍ଟର ମାଇଣ୍ଡ ବୋଲି ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଏପରିକି ସମ୍ପୃକ୍ତ ମାଷ୍ଟରମାଇଣ୍ଡ ଜଣକ ବିହାରର ଏକ ଜେଲରେ ବନ୍ଦୀ ରହି ଗ୍ୟାଙ୍ଗ ଅପରେଟ କରୁଥିବା ସୂଚନା ମିଳିଛି। ତେବେ ଏହି ଘଟଣାର ମାଷ୍ଟର ମାଇଣ୍ଡଙ୍କୁ ପୋଲିସ କେବେ ଧରିବାରେ ସକ୍ଷମ ହେଉଛି ତାହା ଦେଖିବାକୁ ଅପେକ୍ଷା ରହିଛି।

ଜାନୁଆରୀ ୪ ତାରିଖ ମଧ୍ୟାହ୍ନ ୧ଟା ୩୦ରେ ପାଣିକୋଇଲି ସ୍ଥିତ ପଣ୍ଡା ଅଳଙ୍କାରରୁ ବନ୍ଧୁକ ଦେଖାଇ ୪ ଯୁବକ ସୁନାଅଳଙ୍କାର ଲୁଟ୍ କରିଥିଲେ। ବାଧା ଦେବାରୁ ଦୋକାନର କର୍ମଚାରୀ ସୁନୀଲ ରାୟଙ୍କ ଉପରକୁ ସେମାନେ ଗୁଳି ଚଳାଇଥିଲେ। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଅଳଙ୍କାର ଲୁଟ୍ କରି ଖସିଯିବାକୁ ଚେଷ୍ଟା କରୁଥିବା ସମୟରେ ଗୋଳେଇପୁର ସୋତି ଗ୍ରାମର ନୀଳମାଧବ ପଣ୍ଡା ନାମକ ଜଣେ ଯୁବକଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଅଭିଯୁକ୍ତ ରିଭଲଭର ବାହାର କରି ନୀଳମାଧବଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ୨ ଯୁବକଙ୍କୁ କାବୁ କରି ମାଡ଼ ମାରିଥିଲେ। ସେମାନଙ୍କ ହାତରେ ୨ ନିରୀହ ଜୀବନ ଯିବା ପରେ ଘଟଣାସ୍ଥଳରେ ପୋଲିସ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ପୋଲିସ ଧରାପଡିଥିବା ୨ ଯୁବକଙ୍କୁ ନିଜ ହେପାଜତକୁ ନେଇ ମେଡିକାଲରେ ଭର୍ତ୍ତି କରିଥିଲା। ପାଣିକୋଇଲି ପୋଲିସ ପଣ୍ଡା ଅଳଙ୍କାରର ମାଲିକ ଅଶୋକ ପଣ୍ଡାଙ୍କ ଅଭିଯୋଗକୁ ଭିତ୍ତିକରି ନଂ.୦୭/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରିଥିଲା।

ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଯାଜପୁର ପୋଲିସର ଏକ ୬ ଜଣିଆ ଟିମ୍ ଅଭିଯୁକ୍ତ ଦ୍ୱୟଙ୍କୁ ୫ ଦିନିଆ ରିମାଣ୍ଡରେ ନେଇ ଘଟଣାର ଅଧିକ ତଦନ୍ତ କରିଥିଲେ। ଏହି ଘଟଣାର ଅନ୍ୟଜଣେ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି। ଫେରାର ଅଭିଯୁକ୍ତଙ୍କ ପରିଚୟ ପୋଲିସକୁ ମିଳିସାରିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଯାଜପୁର ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ପୁଣି ରିମାଣ୍ଡରେ ଆସିବେ ହଂସିତା, ଅନିଲ

**ଭୁବନେଶ୍ୱର,୨୪।୧(ସତ୍ୟଜିତ୍ ରାଉତ)**

## ଯୁବତୀ ଚାଲାଣ ମାମଲାରେ କରାଯିବ ଜେରା

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଜ୍ୱାଇଁର ପରିଚୟ ଦେବା ସହ ନାମ ପରିବର୍ତ୍ତନ କରି ବଡ଼ବଡ଼ିଆଙ୍କୁ ଠକିଥିବା ହାଇପ୍ରୋଫାଇଲ୍ ଠକ ଯୋଡ଼ି ହଂସିତା ଅଭୀଲିପ୍ସା ଓରଫ ବିଷ୍ଣୁପ୍ରିୟା ଚାନ୍ଦ ଓ ଅନିଲ କୁମାର ମହାନ୍ତି ପୁଣି ରିମାଣ୍ଡରେ ଆସିବେ। ଇନ୍‌ଫୋସିଟି ଥାନାରେ ଉଭୟଙ୍କ ନାଁରେ ଯୁବତୀ ଚାଲାଣ ମାମଲା(ନଂ.୧୪/୨୦୨୫) ରୁଜୁ ହୋଇଛି। ଏହି ମାମଲାରେ ହଂସିତା ଓ ଅନିଲଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଶୁକ୍ରବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୨ କୋର୍ଟରେ ଆବେଦନ କରିଛି। ଆର୍ଥିକ ଦିଗ ଓ ଅନ୍ୟାନ୍ୟ ଦିଗକୁ ନେଇ ଅଧିକ ଖୋଳତାଡ଼ କରାଯିବ ବୋଲି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି। ପୋଲିସ ତଦନ୍ତ ବେଳେ ହଂସିତାଙ୍କ ମୋବାଇଲ ଓ ଲାପ୍‌ଟପ୍‌ରୁ ବହୁ ଯୁବତୀଙ୍କ ଫଟୋ ମିଳିଥିଲା। ଏଥିସହ ବିଭିନ୍ନ ଗ୍ରାହକ ଓ ଏଜେଣ୍ଟଙ୍କ ସହ ଯୁବତୀଙ୍କ ଫଟୋ ପଠାଇ ଟଙ୍କା ଡିଲ୍ କରାଯାଇଥିବା ମଧ୍ୟ ଚାଟିଂରୁ ପ୍ରମାଣ ମିଳିଥିଲା। ହଂସିତା ଓ ଅନିଲ ସେମାନଙ୍କ ଘନିଷ୍ଠ ସମ୍ପର୍କୀୟଙ୍କୁ ରୁଷୀୟ ଯୁବତୀ ମଧ୍ୟ ଉପହାର ଆକାରରେ ଭେଟି ଦେଉଥିଲେ। ପ୍ରତିବର୍ଷ ଡିସେମ୍ବର ୨୪ରେ ଅନିଲ ଧୁମଧାମ୍‌ରେ ଜନ୍ମଦିନ ପାଳନ ବେଳେ ବହୁ ବଡ଼ବଡ଼ିଆ ଅତିଥିମାନଙ୍କୁ ଯୁବତୀ ଭେଟି ଦେଉଥିଲେ ବୋଲି ଜଣାପଡିଥିଲା।

# ଜାଗା ବିବାଦରୁ ଘର ଭାଙ୍ଗିଦେଲେ

**ତାଳଚେର,୨୪।୧(ମନୋଜ ନନ୍ଦ)**

## ଥାନାର ଦ୍ୱାରସ୍ଥ ହେଲେ ଦମ୍ପତି

ଅନୁଗୋଳ ଜିଲା ତାଳଚେର କଳିଙ୍ଗ କଲୋନୀସ୍ଥିତ ଉପର ମାର୍କେଟଠାରେ ଦୀର୍ଘ ବର୍ଷ ହେଲା ରହୁଥିବା ବଡ଼ଯୋରଡ଼ା ଗ୍ରାମର ଚେମୁଟୁ ସାହୁଙ୍କ ଘରକୁ ଭାଙ୍ଗି ଦିଆଯାଇଥିବା ଶୁକ୍ରବାର ବିକ୍ରମପୁର ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ଚରଣ ପ୍ରଧାନଙ୍କ ପୁଅ ରଞ୍ଜନ ପ୍ରଧାନ ଓ ତାଙ୍କ ମା' ଚେମୁଟୁଙ୍କ ଘରେ ପଶି ଘର, ଟିଭି, ଫ୍ୟାନ ଆଦି ଭାଙ୍ଗି ଦେଇଥିବା ଚେମୁଟୁଙ୍କ ସ୍ତ୍ରୀ ପାର୍ବତୀ ସାହୁ ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ଏତଲାରେ ପାର୍ବତୀ ଦର୍ଶାଇଛନ୍ତି, କିଛି ମାସ ପୂର୍ବରୁ ସେ ରହୁଥିବା କଳିଙ୍ଗ କଲୋନୀସ୍ଥିତ ଜାଗାକୁ ନେଇ ରଞ୍ଜନଙ୍କ ସହିତ ତିକ୍ତତା ଲାଗି ରହିଥିଲା। ରଞ୍ଜନ ଉକ୍ତ ଜାଗାକୁ ହାତେଇବା ପାଇଁ ଜୋରଜବରଦସ୍ତ କରୁଥିଲେ। ଏ ନେଇ ଥାନାରେ ଗତ ନଭେମ୍ବର ୧୧ ଓ ଡିସେମ୍ବର ୧୮ରେ ସେ ଲିଖିତ ଭାବେ ଜଣାଇଥିଲେ। ଏହି ବିବାଦକୁ କେନ୍ଦ୍ରକରି ରଞ୍ଜନ ଓ ତାଙ୍କ ମା' ଜବରଦସ୍ତ ଘରେ ପଶି ଝିଅ ବିବାହ ପାଇଁ ସେ ରଖିଥିବା ଦେଢ଼ ଭରି ସୁନା ଚେନ୍, କାନଫୁଲ ସହିତ ନଗଦ ୫୦ ହଜାର ଟଙ୍କା ନେଇଯିବା ସହ ଘର ଭାଙ୍ଗିଦେଇଛନ୍ତି। ଏହାସହିତ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ପାର୍ବତୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ସଂକ୍ରାନ୍ତରେ ବିକ୍ରମପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି।


## ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଆବିର୍ଭାବ ତା୦୪.୧୧.୧୯୩୭ରିଖ

ତିରୋଧାନ ତା୦୫.୦୨.୨୦୨୪ରିଖ

**ଁ ଡା. ନଟବର ନାୟକ (ହୋମିଓପ୍ୟାଥ୍)**

ଜଗତ୍‌ସିଂହପୁର

ଆପଣ ଏକାଧାରରେ ଜଣେ ସଫଳ ଚିକିତ୍ସକ, ଶିକ୍ଷକ, ଲେଖକ ଓ ସମାଜସେବୀ। ହୋମିଓପ୍ୟାଥି ଚିକିତ୍ସାରେ ମାନବସେବା ପାଇଁ ଆପଣ ଓଡ଼ିଶାର ପୁରପଲ୍ଲୀ ତଥା ହୋମିଓପ୍ୟାଥି ଜଗତରେ ଖ୍ୟାତି ଅର୍ଜନ କରିଛନ୍ତି। ହୋମିଓପ୍ୟାଥି ଓ ସ୍ୱାସ୍ଥ୍ୟ ଉପରେ ଆପଣଙ୍କ ଲିଖିତ ଅନେକ ପୁସ୍ତକମାଳା ପାଇଁ ଓଡ଼ିଶାରେ ହୋମିଓପ୍ୟାଥିର ବହୁଳ ପ୍ରସାର ଘଟିଛି। କେତେବେଳେ ବର୍ଷେ ପୂରିଗଲା, ପ୍ରତି ମୁହୂର୍ତ୍ତରେ ଆମେ ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ନୀତି ଓ ଆଦର୍ଶକୁ ଝୁରି ହେଉଛୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଆପଣଙ୍କ ଆତ୍ମାର ସଦ୍‌ଗତି ହେଉ, ଏତିକି ପ୍ରାର୍ଥନା।

ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ


# ୯ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨୪।୧(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ ନାରାୟଣପୁର ଜିଲା ପୋଲିସ ନିକଟରେ ଡିକେଏମ୍‌ଏସ୍ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ ସମେତ ୯ ଜଣ ମିଲିସିଆ ସଦସ୍ୟ ଶୁକ୍ରବାର ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ସନ୍ତୁରାମ ବଡଦା, ମାସା ବଡଦା, ପୁନଉରାମ ବଡଦା, ରମେଶ ବଡଦା, ଅଜୟ କୁମାର ଧ୍ରୁବ, ସୁଦିଲ କୁମାର କୁମେଟୀ, ଅନିଲ ବଡଦା, କରବେ ବଡଦା ଓ ଆଇତୁ ଉସେଣ୍ଡି ରହିଛନ୍ତି। ଏମାନେ ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିବା ବେଳେ ବର୍ତ୍ତମାନ ଛତିଶଗଡ ସରକାରଙ୍କ ଦ୍ୱାରା ଚାଲିଥିବା ମାଓବାଦୀ ଦମନ ପ୍ରକ୍ରିୟା, ଘରକୁ ଫେରିଆସ ଯୋଜନା, ସରକାରଙ୍କ ଥଇଥାନ ନୀତିରେ ଅନୁପ୍ରାଣିତ ହେବା ସହ ସଂଗଠନରେ ପୂର୍ବ ଆଦର୍ଶ ନ ଥିବା ଏବଂ ନିରୀହ ଆଦିବାସୀଙ୍କୁ ସଂଗଠନ ନେତାମାନେ ପୋଲିସ ସୂଚନାଦାତା ସନ୍ଦେହରେ ହତ୍ୟା କରୁଥିବାରୁ ଆତ୍ମସମର୍ପଣ କରିଥିବା କହିଛନ୍ତି। ଏମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ସହ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି।


## ତୃତୀୟ ଜନ୍ମଦିନର ଶୁଭେଚ୍ଛା



**ମୟଙ୍କ କେଶବ ବେହେରା**

ବାଲକାଟି (ମହଲା ସାହି), ବାଲିଅନ୍ତା, ଖୋର୍ଦ୍ଧା

ଜନ୍ମଦିନର ଅଭିନନ୍ଦନ! ଆଜି ଏହି ଶୁଭ ଦିନରେ ଅନେକ ଆନନ୍ଦ ଓ ସୁଖ ମିଳିବା ପାଇଁ ମହାପ୍ରଭୁଙ୍କ ନିକଟରେ କାମନା କରୁଛୁ।

ଆଶୀର୍ବାଦ ସହ: ପରିବାର ସଦସ୍ୟ ଓ ଆତ୍ମୀୟସ୍ୱଜନ

ଧ-୨୬୯୬

## ଷଷ୍ଠତମ ଜନ୍ମବାର୍ଷିକୀ ଶୁଭେଚ୍ଛା



**ଦେବାଂଶ ଦାଶ (ଇଶାନ)**

ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର

ସରଳ ହୃଦୟକୁ ଶ୍ରଦ୍ଧାର ସଞ୍ଚୟ, ନିଷ୍ପାପ ମନଟି ତୋର,
ହଟଇ ବିପଦ ଅରକେ ସମ୍ପଦ, ଆଶିଷ ମିଳୁ ଅପାର,
ସଦାସର୍ବଦା ହସୁଥାଉ ଏଇ ତୋର ଜନ୍ମଦିନ,
ଜୀବନ ପଥ ଆଗକୁ ଲମ୍ବି ଯାଉ, କୁସୁମିତ ହେଉ ତୋର ଜୀବନ।

ଶୁଭେଚ୍ଛା ସହ- ଜେଜେବାପା, ଜେଜେମା', ଆଇ, ପାପା, ମାମା, ପିଉସା, ମାମାନାନୀ, ଗୁନୁନାନୀ, ମାମୁ, ମାଇଁ, ମଉସା, ମାଉସୀ, ଟିଟିଲି, ସାଇ, ଶ୍ରଦ୍ଧା, ସୃଷ୍ଟି, ମିଷ୍ଟି, ୟାଶିକା ଓ ୟେଶିଲ।

ଧ-୭୬୦୪୧



# Classified Everyday

0674-2580101, 9692975378



**REAL ESTATE**

**SALE**

G+2 residential building Mukunda Prasad Housing Board near Industrial Police Station, Barunei Bypass Road, Khorda. Contact- 9337371391, 7978836746. D-2653

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

Ready to move new 4BHK flat 2049sqft. SBA @ 1Cr 36 Lakh including all, Saubhagya Nagar, near OUAT. Contact-7978584549. D-75590

For sale- Balianta Bainchua Duplex, Nakhara 5BHK House. Contact- 7326963978. D-2692

4BHK Luxurious flat for sale at Unit-3, Kharavelanagar, back side of Ram Mandir, Handover within 2 months. Please contact-9438362399. D-2670

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8895816302, 8328857872. D-2698





A four storied building (on Patia-Infocity main road) with Six Halls & five bedrooms with Toilet and another building in same plot with Five rooms and Toilets to be rented. Suitable for Nursing Home/ Office/ Coaching Center. 9078630318, 9435193999. D-2673





Newly open health benefits SPA special Offer @ 799 Bapujinagar. 8018429809. D-76189

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

I Mitesh Kumar Agrawal, R/o. At- Main Road Patnagarh, P.O./P.S.- Patnagarh, Dist.- Balangir declare that the ROR Khasra No.- 379/387, Village/ Tahasil/ Dist.- Raipur (CG) recorded in the name of my father Braja Kishore Agrawal. Regd, deed of sale bearing document No.- 793, Book No- 25842 dt- 14.08.2011. That on dt- 07.01.2025 the above mentioned Regd. deed of sale, ROR and other land related documents have been lost somewhere at Patnagarh. Inspite of my best efforts I could not traced it out. For which I have filed FIR in Patnagarh Police Station, FIR No- 09. D-2691

I, Sri Narayan Panda, aged about 56 years, S/o- Late Muralidhar Panda, resident of At/P.O.- Brahmansailo, P.S.- Gobindpur, Dist.- Cuttack (ODISHA), PIN- 754018, I have purchased the land from Smt. Shibani Dash, W/o- Rabindra Kumar Dash by virtue of Registered Deed of Sale vide Document No.- 11081212264 dtd. 24.05.2012. And Smt. Shibani Dash have purchased the same from Orissa Co-operative Housing Corporation Ltd. vide Regd. Sale Deed No.- 4184, dtd. 05.05.1990. I have lost the above mentioned Interim Regd. Sale Deed No.- 4184, dtd. 05.05.1990 some where while I was travelling from Lingipur to Brahmansailo on dtd. 22.01.2025 and inspite of my best effort. I could not find it out again. If any person find the same kindly call in my Mobile No.- 9835925130. D-2686

**AFFIDAVIT**

I ARPITA PRIYADARSHINEE BEHERA, spouse of No.-14935669X, Rank Nk, Name Sushanta Kumar Behera, Village- Patnagarh, Post- Patnagarh, Teh- Patnagarh, Dist.-Balangir, State-Odisha, PIN- 767025 have changed my Name from ARPITA PRIYADARSHINEE BEHERA to ARPITA PRIYADARSHNEE DASH, affidavit date 29.07.2024 before Court of the Executive Magistrate, Patnagarh. D-2701

By virtue of an affidavit sworn before the Notary Public, Bhubaneswar, on dated 04.Dec.2024, I Mrs. MANI OJHA, At- ARILO, P.O.- NARAJ, P.S.- BARANGA, Dist.- Cuttack, PIN.- 754006, Odisha have changed my name from MINI OJHA to MANI OJHA. Henceforth, I shall be known as MANI OJHA for all purposes.
MANI OJHA D-2685

I Bidyut Prava Mohanty, W/o- Lachhaman Behera, D/o- Dhuruba Charan Mohanty, resident of At- H.No- 106, Badambadi near Special UP School, P.O.- Arunodaya Market, P.S.- Badambadi, Dist.- Cuttack- 753012, Odisha declare by this affidavit No- 243, dated- 22.01.2025 that now onwards I shall be known as Bidyut Prabha Behera for all future purposes. D-2697

I, Tapaswini Lenka, W/o- Jogeswar Lenka, resident of Tulasichoura, Ward No.- 23, P.O./ P.S.-Baripada, Dist.- Mayurbhanj, PIN- 757001, Odisha declare by this affidavit No.-181, dtd-22.01.2025 that now onwards I shall be known as TAPASWINI ROUT for all future purposes. D-75482

I, Jyoti Prakash Mohanty, S/o- Digambar Mohanty, R/o- Police Line, Padhuanpada Behind Pwd Division Office, Khaparapada, Balasore Baleswar, Odisha- 756001 have changed my Minor Son's name aged 1 years from Arhant Jyotiprakash Mohanty to Arhant Mohanty for all future purposes. D-2699

By virtue of an affidavit CF No.-54, sworn before the Executive Magistrate, Bhubaneswar, dated 13.01.2025, I, AUSURYA MAHAPATRA, D/o- Bijay Kumar Mahapatra, resident of Badusahi, Old Town, P.S.-Shree Lingaraj, Bhubaneswar, Dist.-Khurda have changed my name from AUSURYA MAHAPATRA to AISWARYA MAHAPATRA. Henceforth, I shall be known as AISWARYA MAHAPATRA for all purposes. D-2688

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଁରତିଶ୍ ରଞ୍ଜନ ଦାସ**

ମୁଣ୍ଡମାଳ, ଚୌଦ୍ୱାର, କଟକ

ଆବିର୍ଭାବ: ୦୭।୦୫।୧୯୬୪
ତିରୋଧାନ: ୧୧।୦୧।୨୦୨୫

ଆପଣଙ୍କ ଅବର୍ତ୍ତମାନ ଆମପାଇଁ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆଜି ଆପଣଙ୍କ ତିରୋଧାନରେ ଆମ୍ଭମାନଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକ ସନ୍ତପ୍ତ: ପୁତ୍ର-ପ୍ରୀତିଶ ଦାସ, ଝିଅ- ପ୍ରିୟଙ୍କା ଦାସ, ଜ୍ୱାଇଁ- ଭଗବାନ ସାହୁ, ନାତି: ରୁଦ୍ର, ନାତୁଣୀ: ପଲ୍ଲବୀ, ବନ୍ଧୁ ଓ ପରିବାରବର୍ଗ।

ଧ-୨୭୦୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ଁଆଶାଲତା ମିଶ୍ର**

ମୁକ୍ତାଦେଇପୁର ଶାସନ, ଢେଙ୍କାନାଳ

ଆବିର୍ଭାବ : ୧୮।୦୮।୧୯୪୦
ତିରୋଧାନ : ୨୩।୦୧।୨୦୨୪

ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଚିର ସ୍ମରଣୀୟ ହୋଇ ରହିବ। ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ପୁତୁରା, ପୁତୁରାବୋହୂ, ଭଣଜା, ଭାଣିଜୀ, ନାତିନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୭୫୪୮୩

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ



**ଁଇଂ. ନିର୍ମଳ ଚନ୍ଦ୍ର ମହାନ୍ତି**

ଜଗନ୍ନାଥପୁର, ଭଦ୍ରକ

ଆବିର୍ଭାବ: ତା୨୬।୦୧।୧୯୪୧ରିଖ
ତିରୋଧାନ: ତା୧୭।୦୧।୨୦୨୪ରିଖ

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ପୁତ୍ର- ସୁମିତ, କନ୍ୟା- ରିଚା, ନାତି- ଉତ୍ସବ ଓ ସମସ୍ତ ପରିବାରବର୍ଗ, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ।

ଧ-୨୭୦୨

### ଧରିତ୍ରୀ DHARITRI Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ବିଜେଡି ଛାଡ଼ିଲେ ମୟୂରଭଞ୍ଜ ଜିଲା ସମ୍ପାଦକ**

ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ବିଜେଡି ସମ୍ପାଦକ ଅଭିନ୍ନ ସୁନ୍ଦର ପାତ୍ର ଦଳର ପ୍ରାଥମିକ ସଦସ୍ୟ ପଦରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ତାଙ୍କୁ ଗୁରୁତ୍ୱ ଦିଆ ନ ଯିବାରୁ ସେ ଦଳ ପରିତ୍ୟାଗ କରିଥିବା ଆଲୋଚନା ହେଉଛି। ୧୯୯୭ରେ ସେ ୨୪ନଂ. ଜିଲା ପରିଷଦ ଜୋନରେ ଭାଜପା ଟିକଟରୁ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ବିଜେଡିରେ ସାମିଲ ହୋଇଥିଲେ। ତେବେ ବିଜେଡି ଛାଡ଼ିବା ପରେ ଅଭିନ୍ନ ଭାଜପାରେ ଯୋଗଦେଇ ପାରନ୍ତି ବୋଲି ଅଲୋଚନା ହେଉଛି।

# ଶାସକ-ବିରୋଧୀ ବିଧାୟକ ମୁହାଁମୁହିଁ



ଜିଲା ପରିଷଦ ବୈଠକରେ ବିଧାୟକମାନଙ୍କ ମଧ୍ୟରେ ଯୁକ୍ତିତର୍କ ଚାଲିଛି।

**ଭଦ୍ରକ ଜିଲା ପରିଷଦ ବୈଠକ**

**ଧାନ କଟ୍‌ନିଛଟ୍‌ନିକୁ ନେଇ ହୋହଲ୍ଲା**

ଭଦ୍ରକ,୨୪।୧(ସନାତନ ରାଉତ)

ଭଦ୍ରକର ୭ମ ଜିଲା ପରିଷଦ ବୈଠକରେ ଶାସକ ଓ ବିରୋଧୀ ଦଳର ବିଧାୟକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ପ୍ରଥମରୁ ଧାନକିଣାରେ କଟ୍‌ନିଛଟ୍‌ନିକୁ ନେଇ ହୋହଲ୍ଲା ହୋଇଥିଲା। ଧାନ କଟ୍‌ନି ଛଟ୍‌ନି ଓ ସରକାରୀ ଅଧିକାରୀଙ୍କୁ ଦୋଷାରୋପ କରାଯିବାରୁ ଏଭଳି ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିଲା। ଜିଲାପାଳ ଦିଲୀପ ରାଉତରାଏ ବୁଝାଶୁଝା କରିବା ପରେ ଶାନ୍ତିଶୃଙ୍ଖଳାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାକୁ ନେଇ ବୈଠକ ବାହାରେ ମଧ୍ୟ ଉଭୟ ଦଳର ସମର୍ଥକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଫୋର୍ସ ମୁତୟନ ରହିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ବୈଠକ ଆରମ୍ଭରେ ବିଭିନ୍ନ ବ୍ଲକ ଅଧକ୍ଷ ଓ ଜିଲା ପରିଷଦ ସଭ୍ୟମାନେ ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ନିଷ୍ପତ୍ତି ବିଷୟରେ ସେମାନଙ୍କୁ ସୂଚନା ଦିଆଯାଉ ନାହିଁ। ସେମାନଙ୍କ ଅଜାଣତରେ ବିଡିଓମାନେ ବିଭିନ୍ନ କାର୍ଯ୍ୟ କରୁଥିବା ନେଇ ସେମାନେ ଅଭିଯୋଗ କରିଥିଲେ। ବିଜେଡି ବିଧାୟକ ସଞ୍ଜୀବ ମଲ୍ଲିକ କହିଥିଲେ, ଭଣ୍ଡାରିପୋଖରୀ ବ୍ଲକରେ ବିଡିଓ ମନଇଚ୍ଛା କାମ କରୁଛନ୍ତି। ବ୍ଲକ ଅଧକ୍ଷାଙ୍କୁ ଅଣଦେଖା କରି ସେ ବିଭିନ୍ନ ପ୍ରକଳ୍ପ ଚୂଡ଼ାନ୍ତ କରୁଛନ୍ତି। ସେହିପରି ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ପଞ୍ଚାୟତ ସମିତି ଓ ଜିଲା ପରିଷଦ ଅଧକ୍ଷଙ୍କର ଯଦି କୌଣସି ଆବଶ୍ୟକ ନାହିଁ, ତାହେଲେ ଭାଙ୍ଗି ଦିଆଯାଉ ବୋଲି କହିଥିଲେ। ସରକାରୀ ମଣ୍ଡିରେ ଚାଷୀଙ୍କଠାରୁ ଧାନ କିଣିବା ବେଳେ ୮ ରୁ ୧୨ କିଗ୍ରା ପର୍ଯ୍ୟନ୍ତ କଟ୍‌ନିଛଟ୍‌ନି କରାଯାଉଥିବା ସେ ଅଭିଯୋଗ କରିଥିଲେ। ରାଜ୍ୟରେ ଭାଜପା ସରକାର ଚୋର ସରକାର ବୋଲି ବୈଠକରେ ଜଣେ ଜିଲା ପରିଷଦ ସଭ୍ୟ କହିବା ପରେ ଏହାକୁ ନେଇ ଭଦ୍ରକ ଭାଜପା ବିଧାୟକ ସୀତାଂଶୁ ଶେଖର ମହାପାତ୍ର କଡ଼ା ଜବାବ ଦେଇଥିଲେ। ସେ କହିଥିଲେ, ୨୪ ବର୍ଷ ସରକାରରେ ସେହି ଅଫିସରମାନେ ଭଲ ଥିଲେ। ଏବେ ଭାଜପା ସରକାରରେ ସେମାନେ ଖରାପ କେମିତି ହେଲେ ବୋଲି ପ୍ରଶ୍ନ କରିଥିଲେ। ସେମାନଙ୍କ ଉପରେ ଦୋଷ ଲଦିବା ସମ୍ପୂର୍ଣ୍ଣ ଭୁଲ୍। ପୂର୍ବ ସରକାର ଅମଳରେ ସରକାରୀ ଅଧିକାରୀମାନେ ଚାପଗ୍ରସ୍ତ ହୋଇ କାମ କରୁଥିଲେ। ଏବେ ସ୍ୱାଧୀନ ଭାବେ କାମ କରୁଛନ୍ତି। ଆଉ ରାଜ୍ୟରେ ଭାଜପା ସରକାର ଆସିବା ପରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଛି। ଚାଷୀଙ୍କଠାରୁ ୩୧ଶହ ଟଙ୍କାରେ ଧାନ କିଣାଯାଉଛି। ସରକାରଙ୍କ ଲୋକପ୍ରିୟତା ଦେଖି ବିରୋଧୀ ଅସହିଷ୍ଣୁ ହେଉଛନ୍ତି ବୋଲି ସେ କହିଥିଲେ।

ବୈଠକରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସହ ବାହାରେ ଏହାର ପ୍ରତିଫଳନ ଦେଖାଯାଇଥିଲା। ଉଭୟ ବିଧାୟକଙ୍କ ସମର୍ଥକମାନେ ଜିଲା ପରିଷଦ କାର୍ଯ୍ୟାଳୟ ପରିସରରେ ଭିଡ଼ ଜମାଇ ନାରାବାଜି କରିଥିଲେ। ପ୍ରଶାସନ ପକ୍ଷରୁ ଗୋଇନ୍ଦା ବିଭାଗର ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯିବାରୁ ପରିସ୍ଥିତି ନିୟନ୍ତ୍ରଣ ରହିଥିଲା। ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଜେନା ବୈଠକରେ ଅଧକ୍ଷତା କରିଥିଲେ। ଭଦ୍ରକ, ଭଣ୍ଡାରିପୋଖରୀ, ଚାନ୍ଦବାଲି ବିଧାୟକଙ୍କ ସହ ବାସୁଦେବପୁର ବିଧାୟକ ଅଶୋକ ଦାସ, ଧାମନଗର ବିଧାୟକଙ୍କ ପ୍ରତିନିଧି ଅଶୋକ ପୁହାଣ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ ଓ ଜିଲା ପରିଷଦ ଉପାଧକ୍ଷା ଚୁନିବାଳା ବିଶ୍ୱାଳ ଯୋଗ ଦେଇଥିଲେ। ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ବ୍ଲକ ଅଧକ୍ଷ, ବିଡିଓ, ଜିଲା ପରିଷଦ ସଭ୍ୟ ଓ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

# ସୁଭଦ୍ରା ଯୋଜନାରେ ପୁରୁଷ ଆବେଦନ: ଜୋର୍ ଧରିଲା ରାଜନୀତି

ଭୁବନେଶ୍ୱର, ୨୪।୧(ସୁନିତ୍ ମିଶ୍ର)

ସୁଭଦ୍ରା ପୋର୍ଟାଲରେ ପୁରୁଷମାନେ ଆବେଦନ କରିବାକୁ ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି। ଆଉ ଏହି ଘଟଣାରେ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ଆଧାରକାର୍ଡ ଜରିଆରେ ମହିଳାମାନେ ଆବେଦନ କରୁଥିବାବେଳେ ପୁରୁଷମାନେ କେମିତି ଆବେଦନ କଲେ ବୋଲି ବିଜେଡି ପ୍ରଶ୍ନ କରିଛି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ଯଦି ମହିଳାମାନେ ଆଧାର କାର୍ଡ ଦେଇ ଆବେଦନ କଲେ, ସେବେଠାରୁ ତ ଜଣାପଡ଼ିଯିବା କଥା ମହିଳା କିଏ ପୁରୁଷ କିଏ। ଏହା କିପରି ଜଣାପଡ଼ିଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ମହିଳାଙ୍କ ଯୋଜନାରେ ପୁରୁଷ ଆବେଦନ କିପରି କଲେ। କେବଳ ୧୫୭ ଜଣ ପୁରୁଷ ନୁହନ୍ତି, ଆହୁରି ଅଧିକ ଆବେଦନ କରିଥିବେ। ସରକାରଙ୍କ କୌଣସି ଭୁଲ୍ କାରଣରୁ ଏପରି ହୋଇଛି। ସରକାର କିପରି ଏହା ଜାଣିପାରିଲେ ନାହିଁ ବୋଲି କାଡ଼ାମ ପ୍ରଶ୍ନ କରିଛନ୍ତି।

ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏ ପ୍ରସଙ୍ଗରେ ପ୍ରତିକ୍ରିୟା ରଖି କହିଛନ୍ତି, ରାଜ୍ୟର ୧୫୭ ଜଣ ପୁରୁଷ ସୁଭଦ୍ରା ପୋର୍ଟାଲରେ ଆବେଦନ କରିଛନ୍ତି। ସେମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ସେ ଭାବିପାରୁ ନାହାନ୍ତି ଯେ, ପୁରୁଷମାନେ କାହିଁକି ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଛନ୍ତି।

# ବିର୍ସା ମୁଣ୍ଡା, ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ପାଳନ ଲାଗି କମିଟି ଗଠନ କଲା ଭାଜପା



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର, ୨୪।୧(ସୁନିତ୍ ମିଶ୍ର)

ଭଗବାନ ବିର୍ସା ମୁଣ୍ଡା ଏବଂ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ, ସମ୍ବିଧାନ ଗୌରବ ଅଭିଯାନ, ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀକୁ ଦଳ ପକ୍ଷରୁ ମହାସମାରୋହରେ ପାଳନ କରାଯିବ । ଏଥିପାଇଁ ରାଜ୍ୟ କମିଟି ଗଠନ କରାଯାଇଛି। ବର୍ଷେ ବ୍ୟାପୀ ପାଳନ ହେବାକୁ ଥିବା ଭଗବାନ ବିର୍ସା ମୁଣ୍ଡା ଜୟନ୍ତୀ ପାଳନ ଲାଗି ଗଠିତ କମିଟିରେ ଏମ୍‌ପି ବଳଭଦ୍ର ମାଝୀ, ରାଜ୍ୟ ଉପସଭାପତି ସୁଶ୍ରୀ ସୁକେଶୀ ଓରାମ, ଏସ୍‌ଟି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୋର୍ଚ୍ଚା ରାଜ୍ୟ ଉପସଭାପତି ରାମଚନ୍ଦ୍ର ହାଁସଦା, ଫାଗୁ ହାଁସଦା, ମମିତା ନାୟକ, ବାସନ୍ତି ମାଝୀ, କରାମତି ଓରାମ, ଧ୍ରୁବ କାଲୋ, ପଦ୍ମଚରଣ ହାଇବ୍ରୁ, ଦଶମତୀ ଛତର, ହୃଷୀକେଶ ଦେହୁରୀ, ସିଦ୍ଧାର୍ଥ ସିଂହ ପ୍ରମୁଖ ସଦସ୍ୟ ଅଛନ୍ତି ବୋଲି ଭାଜପା ବରିଷ୍ଠ ନେତା ତଥା ଏମ୍‌ପି ପ୍ରତାପ ଷଡ଼ଙ୍ଗୀ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରତାପ କହିଛନ୍ତି, ଅଟଳ ବିହାରୀ ବାଜପେୟୀ ଜନ୍ମ ଶତାବ୍ଦୀ ପାଳନ କମିଟିରେ ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ (ସଂଯୋଜକ), ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର (ସହ ସଂଯୋଜକ), ପୂର୍ବତନ ବିଧାୟିକା କୁସୁମ ଟେଟେ, ରାଜ୍ୟ ସମ୍ପାଦିକା କସ୍ତୁରୀ ମିଶ୍ର, ବିଧାୟକ ରଘୁନାଥ ଜଗଦଲା, ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡା ପ୍ରମୁଖ ସଦସ୍ୟ ଅଛନ୍ତି। ସମ୍ବିଧାନ ଗୌରବ ଅଭିଯାନ କମିଟିରେ ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ଏମ୍‌ପି ସୁଜିତ କୁମାର ଓ ରବି ନାରାୟଣ ବେହେରା, ବିଧାୟକ ଇରାସିସ୍ ଆଚାର୍ଯ୍ୟ, ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାୟକ ଏବଂ ବିଧାୟକ ସନାତନ ବିଜୁଳି ପ୍ରମୁଖ ସଦସ୍ୟ ଅଛନ୍ତି ବୋଲି ସେ କହିଛନ୍ତି। ଅପରପକ୍ଷେ ଜିଲା ଓ ରାଜ୍ୟ ସଭାପତି ଘୋଷଣା ପ୍ରସଙ୍ଗରେ ପ୍ରତାପ କହିଛନ୍ତି, ସହମତିରେ ରାଜ୍ୟ ସଭାପତିଙ୍କ ନାଁ ଘୋଷଣା କରାଯିବ। ଖୁବ୍‌ଶୀଘ୍ର ଜିଲା ଓ ରାଜ୍ୟ ସଭାପତିଙ୍କ ନାମ ଘୋଷଣା ହେବ। ଦଳରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ନାହିଁ। ସଂସଦୀୟ କାର୍ଯ୍ୟ ଲାଗି ବ୍ୟସ୍ତ ଥିବା କାରଣରୁ ବିଳମ୍ବ ହେଉଛି। ଯାଞ୍ଚ ଚାଲିଛି, ଏହାପରେ ଜିଲା ସଭାପତିଙ୍କ ନାମ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି। ପ୍ରତାପ ଆହୁରି କହିଛନ୍ତି, ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫ମ ଥର ପାଇଁ ଓଡ଼ିଶା ଆସୁଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୨୮ ତାରିଖ ପୂର୍ବାହ୍ନ ୧୦ଟାରୁ ଏୟାରପୋର୍ଟରୁ ଆରମ୍ଭ କରି ଜନତା ମଇଦାନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇବେ।

# କଟକ ବିଜେଡିରେ ଗୋଷ୍ଠୀକନ୍ଦଳ

କଟକ,୨୪।୧(ଶିଳ୍ପା ପ୍ରିୟଦର୍ଶିନୀ)

**ବର୍ଜ୍ଜାଇ କହିଲେ ସୌଭିକ୍**

କଟକ ବିଜେଡି ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଗୁରୁବାର ନେତାଜୀ ଜୟନ୍ତୀରେ ଆୟୋଜିତ ମଶାଲ ଶୋଭାଯାତ୍ରାରେ ମେୟର ସୁବାସ ସିଂ ଓ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଉପସ୍ଥିତ ନଥିଲେ । ଦଳୀୟ କାର୍ଯ୍ୟକ୍ରମରୁ ଉଭୟ ନେତା ନିଜକୁ ଦୂରେଇ ରଖୁଥିବା ଓ ବିଜେଡିରେ କନ୍ଦଳ ଥିବା ନେଇ ବେଶ ଚର୍ଚ୍ଚା ହୋଇଥିଲା ।

ଏପରିକି ଶୋଭାଯାତ୍ରା ପରେ ରାଜ୍ୟସଭା ସଦସ୍ୟ ଦେବାଶିଷଙ୍କ ଘରେ ଯୁବ ନେତା ମେଳି ହୋଇଥିଲେ ମଧ୍ୟ ବିଧାୟକ ସୌଭିକ୍ ଉପସ୍ଥିତ ନଥିବା ଓ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ନ ଦେବା ପ୍ରସଙ୍ଗରେ ବିଧାୟକ ସୌଭିକ୍ ଶୁକ୍ରବାର ବାରବାଟୀ ଷ୍ଟାଡ଼ିୟମସ୍ଥିତ ଓସିଏ ସମ୍ମିଳନୀକକ୍ଷରେ ଆୟୋଜିତ ଏକ ବୈଠକରେ ଯୋଗ ଦେବା ପରେ ଖବରଦାତାଙ୍କ ପ୍ରଶ୍ନରେ ପ୍ରତିକ୍ରିୟା ରଖି କହିଛନ୍ତି, ଦୁଇଟି ଅନ୍ୟ କାର୍ଯ୍ୟକ୍ରମ ଥିବାରୁ ଶୋଭାଯାତ୍ରାରେ ଯୋଗ ଦେଇ ପାରି ନଥିଲି। ଦେବାଶିଷ ସାମନ୍ତରାୟଙ୍କ ଘରକୁ ଯୁବନେତା ଯିବା ବିଷୟରେ ମୁଁ ଅବଗତ ନଥିଲି ସେଥିପାଇଁ ଯାଇପାରିନି। ଅନ୍ୟପକ୍ଷେ ମେୟର ସୁବାସ ଏହି ସମସ୍ତ ପ୍ରସଙ୍ଗରେ ପ୍ରତିକ୍ରିୟା ଦେବାକୁ ସିଧାସଳଖ ମନା କରିଥିଲେ।

## ଯୁବପିଢ଼ି ଦଳକୁ ଆଗେଇ ନେବେ: ଦେବାଶିଷ

କଟକ ବିଜେଡିରେ ଗୋଷ୍ଠୀକନ୍ଦଳ ଧୀରେ ଧୀରେ ସାମ୍ନାକୁ ଆସୁଥିବାବେଳେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଏହାକୁ ଖଣ୍ଡନ କରିଛନ୍ତି। ଏଥିସହ କଟକ ରାଜାବଗିଚାଠାରେ ଥିବା ତାଙ୍କ ବାସଗୃହରେ ଯୁବନେତାଙ୍କ ମେଳି ପ୍ରସଙ୍ଗରେ ଦେବାଶିଷ ରାଜାବଗିଚାସ୍ଥିତ କାର୍ଯ୍ୟାଳୟରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଦଳକୁ ଏହି ଯୁବପିଢ଼ି ଆଗେଇ ନେବେ। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱପ୍ନ ସାକାର କରିବା ପାଇଁ ଏମାନେ ମଙ୍ଗ ଧରିବେ ବୋଲି ଦେବାଶିଷ କହିଛନ୍ତି।

**Business**

# ୮୩,୦୦୦ ଡେଇଁଲା ସୁନା ଦର

**ଟ୍ରମ୍ପଙ୍କ ନୀତିକୁ ନେଇ ବଜାରରେ ଅନିଶ୍ଚିତତା**

ନୂଆଦିଲ୍ଲୀ,୨୪।୧



କ୍ରମାଗତ ଭାବେ ଘରୋଇ ବଜାରରେ ସୁନା ଦର ବୃଦ୍ଧିପାଇ ଚାଲିଛି। ଏପରି କି ୮ମ ଦିନ ଲାଗି ସୁନା ଦର ବଢ଼ିଥିବାବେଳେ ରୁପା ଦରରେ ମଧ୍ୟ ବୃଦ୍ଧି ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ, ଗୁରୁବାର ଜାତୀୟ ବଜାରରେ ସୁନା ଦର ୨୦୦ ଟଙ୍କା ପ୍ରତି ୧୦ ଗ୍ରାମ ପିଛା ବଢ଼ି ପ୍ରାୟ ୮୩,୦୦୦ (୮୨,୯୦୦ ଟଙ୍କା) ଟଙ୍କାର ନିକଟବର୍ତ୍ତୀ ହୋଇଛି। ଅପରପକ୍ଷରେ ପ୍ରିସିୟମ ମେଟାଲ ୯୯.୯%ର ଦରରେ ୨୦୦ ଟଙ୍କା ବୃଦ୍ଧି ଘଟି ୮୩,୧୦୦ ଟଙ୍କାରେ ପହଞ୍ଚିଛି ବୋଲି ଅଲ ଇଣ୍ଡିଆ ସରାଫ ଆସୋସିଏଶନ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରି କି ଗତକାଲି ଏହି ଦର ପ୍ରତି ୧୦ଗ୍ରାମ ପିଛା ୮୨,୯୦୦ ଟଙ୍କା ଥିଲା। ସେହିଭଳି ବଜାରରେ ୟେଲୋ ମେଟାଲର ୯୯.୫%ର ଦରରେ ୨୦୦ ଟଙ୍କା ବଢ଼ି ୮୨,୭୦୦ ଟଙ୍କା ହୋଇଛି। ଗତକାଲି ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୨,୫୦୦ଟଙ୍କା ଥିଲା। ଏପରି କି ରୁପା ଦରରେ ମଧ୍ୟ ୫୦୦ ଟଙ୍କା ବୃଦ୍ଧି ଘଟି ପ୍ରତି କିଲୋଗ୍ରାମ ପିଛା ୯୪,୦୦୦ ଟଙ୍କାରେ ପହଞ୍ଚିଛି। ଗତକାଲି ଏହି ଦର ୯୩,୫୦୦ ଟଙ୍କାରେ କାରବାର ହେଉଥିଲା। ଏ ନେଇ ବଜାର ବିଶେଷଜ୍ଞ ତଥା ଆକ୍ସିସ ସିକ୍ୟୁରିଟିର ( ରିସର୍ଚ୍ଚ ଆନାଲିଷ୍ଟ- କମ୍ୟୁଡିଟିଜ)ଦେବୟା ଗଗଲାନି କହିଥିଲେ, ବର୍ତ୍ତମାନ ସମୟରେ ବଜାର ଅସ୍ଥିରତା ଓ ଅନ୍ତଃରାଷ୍ଟ୍ରୀୟ ସମସ୍ୟା ସହିତ ଟ୍ରମ୍ପଙ୍କ ନୂଆ ଟ୍ରେଡ ପଲିସି (ନୀତି) ଯୋଗୁ ସୁନା ଦର ବୃଦ୍ଧି ପାଉଛି। ଏପରିକି ଟ୍ରମ୍ପଙ୍କ ନୀତିକୁ ନେଇ ବଜାରରେ ଅନିଶ୍ଚିତତା ଦେଖାଦେବା ସହିତ ଏମ୍‌ସିଏକ୍ସ ଦରରେ ଅସ୍ଥିରତା ସହ ସୁନା ଦର ରେକର୍ଡ ସ୍ତରରେ ପହଞ୍ଚିଛି। ସେହିଭଳି ଆଗାମୀ ଦିନରେ ମଧ୍ୟ ଟ୍ରମ୍ପ୍ ନୂଆ ନିୟମ ଓ ବାଣିଜ୍ୟ ନୀତି ଲାଗୁ କରିବା ନେଇ ଘୋଷଣା ପରେ ବଜାର ଦର ଅକ୍ସମାତ ଭାବେ ବୃଦ୍ଧି ପାଇଛି।

## ଖସିଲା ଶେୟାର ବଜାର

ମୁମ୍ବାଇ,୨୪।୧

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରି କି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନ୍‌ସେକ୍ସ ୩୩୦ (୩୨୯.୯୨) ପଏଣ୍ଟ କମି ୭୬,୧୯୦(୭୬,୧୯୦.୪୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୧୩ (୧୧୩.୧୫) ପଏଣ୍ଟ ହ୍ରାସ ଘଟି ୨୩,୦୯୨ (୨୩,୦୯୨.୨୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

## ୨୬ରେ ଜିଓ ସାଉଣ୍ଡ ପେ'ର ଶୁଭାରମ୍ଭ




ମୁମ୍ବାଇ,୨୪।୧

ରିଲାଏନ୍ସ ଜିଓର ବହୁ ପ୍ରତୀକ୍ଷିତ ଫିଚର 'ଜିଓ ସାଉଣ୍ଡ ପେ'ର ଶୁଭାରମ୍ଭ ଚଳିତ ବର୍ଷ ଗଣତନ୍ତ୍ର ଦିବସ (ଜାନୁୟାରୀ ୨୬) ରେ କରାଯିବ। ଏପରିକି ଏହି ସୁବିଧା ଜିଓ ଭାରତ ଫୋନରେ ଆଜୀବନ ମାଗଣା ଉପଲବ୍ଧ ହେବ। ଜିଓ ସାଉଣ୍ଡପେରୁ ବିନା କୌଣସି ସାଉଣ୍ଡ ବକ୍ସରେ ୟୁପିଆଇ ପେମେଣ୍ଟ ଆଲର୍ଟ ମିଳିବ। କମ୍ପାନୀର ସୂଚନା ଅନୁସାରେ ଜିଓସାଉଣ୍ଡପେ ଏକ ଅଭୂତପୂର୍ବ ନବସୃଜନ ବା ଇନୋଭେସନ୍ କରିଛି, ଯାହା ପ୍ରତ୍ୟେକ ୟୁପିଆଇ ଦେୟର ତତକ୍ଷଣାତ ବହୁଭାଷୀ ଅଡିଓ ଆଲର୍ଟ ବାର୍ତ୍ତା ଦେବ। ଏହା ଛୋଟରୁ ଛୋଟ ଗ୍ରସେରୀ ଓ ଖାଦ୍ୟସାମଗ୍ରୀ ଦୋକାନ, ପନିପରିବା ବିକ୍ରେତା ଏବଂ ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ଖାଦ୍ୟ ଓ ପାନୀୟ ବିକ୍ରେତାମାନଙ୍କ ପାଇଁ ବ୍ୟବସାୟ କରିବା ଅଧିକ ସହଜ କରିବ। ଜିଓର ସଭାପତି ସୁନୀଲ ଦତ୍ତ କହିଛନ୍ତି, ଜିଓ ପ୍ରତ୍ୟେକ ଭାରତୀୟଙ୍କୁ ସଶକ୍ତ କରିବା ପାଇଁ ଟେକ୍ନୋଲୋଜି ଉପଯୋଗ କରିବାରେ ବିଶ୍ୱାସ କରିଥାଏ। ଜିଓ ଭାରତ ଫୋନରେ ମାଗଣା ଜିଓସାଉଣ୍ଡପେ ଫିଚର ଏବଂ ବନ୍ଦେ ମାତରମ ସଙ୍ଗୀତର ଭାବପୂର୍ଣ୍ଣ ପ୍ରସ୍ତୁତି ସହିତ ଆମେ ଭାରତର ଭାବନାର ଉତ୍ସବ ପାଳନ କରୁଛୁ ଏବଂ ଏକ ବାସ୍ତବ ଡିଜିଟାଲ ଭାରତ ନିର୍ମାଣ ଦିଗରେ ଆମର ପ୍ରତିବଦ୍ଧତାକୁ ପ୍ରତିପାଦିତ କରୁଛୁ।

## ବଜାରରେ ଫାଷ୍ଟ ୟର୍ନ ରୁପେ କ୍ରେଡିଟ୍ କାର୍ଡ

ନୂଆଦିଲ୍ଲୀ,୨୪।୧

ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଫାଷ୍ଟ ୟର୍ନ' ରୁପେ କ୍ରେଡିଟ୍ କାର୍ଡର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରି କି ଭାରତର ଏକ ଗ୍ଲୋବାଲ କାର୍ଡ ପେମେଣ୍ଟ ନେଟ୍‌ୱର୍କ ରୁପେ ସହଭାଗିତାରେ ବ୍ୟାଙ୍କ ୟୁପିଆଇ ସକ୍ଷମ ରୁପେ କ୍ରେଡିଟ୍ କାର୍ଡ 'ଫାଷ୍ଟ ୟର୍ଣ୍ଣ'ର ଅନାବରଣ ସହ ବଜାର ପ୍ରବେଶ କରାଇଛି। ଏହି କ୍ରେଡିଟ କାର୍ଡ ଫିକ୍ସଡ୍ ଡିପୋଜିଟ ଦ୍ୱାରା ସମର୍ଥିତ ରହିଛି, ତେଣୁ ପ୍ରତ୍ୟେକ ବ୍ୟକ୍ତି ଅନ୍‌ଲାଇନରେ ତତ୍କାଳ ଏହି ସ୍ୱତନ୍ତ୍ର କ୍ରେଡିଟ୍ କାର୍ଡ ପାଇଁ ଯୋଗ୍ୟ ହୋଇପାରିବେ। ଏହା ୟୁପିଆଇ ପେମେଣ୍ଟଗୁଡ଼ିକ ଉପରେ କ୍ୟାଶବ୍ୟାକ ମଧ୍ୟ ପ୍ରଦାନ ସହ ଏହି ଉତ୍ପାଦକୁ ଉପଭୋକ୍ତାଙ୍କ ପାଇଁ ରିୱାର୍ଡିଂ କରିଛି। ସମସ୍ତ ଗ୍ରାହକଙ୍କ ପାଇଁ କ୍ରେଡିଟ କାର୍ଡ ଆବେଦନ ମଧ୍ୟରେ ଫିକ୍ସଡ୍ ଡିପୋଜିଟ ବା ସ୍ଥାୟୀ ଜମା ସୃଷ୍ଟିକୁ ବାଧାହୀନ ଭାବେ ଏକୀକୃତ କରାଯାଇଛି। ତେଣୁ ଗ୍ରାହକମାନେ ୟୁପିଆଇ ଜରିଆରେ ଋଣ ପାଇବା ପାଇଁ ଏକ ଅତୁଳନୀୟ ସୁଯୋଗ ମଧ୍ୟ ପାଇବେ, ରିୱାର୍ଡ ଜିତିପାରିବେ ଏବଂ ଫିକ୍ସଡ୍ ଡିପୋଜିଟ ଉପରେ ଆକର୍ଷଣୀୟ ସୁଧ ହାର ଜିତି ପାରିବେ। ୟୁପିଆଇ ସହିତ ଏହି କାର୍ଡର ବାଧାମୁକ୍ତ ଏକତ୍ରୀକରଣ ଭାରତବ୍ୟାପୀ ୬୦ମିଲିୟନରୁ ଅଧିକ ୟୁପିଆଇ-ସକ୍ଷମ ମର୍ଚ୍ଚାଣ୍ଟ ପାଇଁ ସାର୍ବଜନୀନ ପହଞ୍ଚ ପ୍ରଦାନ କରୁଛି। ପ୍ରତ୍ୟେକ ୟୁପିଆଇ ପେମେଣ୍ଟ ସହିତ ଗ୍ରାହକମାନେ ୧% ପର୍ଯ୍ୟନ୍ତ କ୍ୟାଶବ୍ୟାକ ପାଇପାରିବେ । ଏ ସମ୍ପର୍କରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କର କ୍ରେଡିଟ କାର୍ଡସ୍, ଫାଷ୍ଟଟ୍ୟାଗ ଓ ଲୟାଲ୍‌ଟି ବିଭାଗର ମୁଖ୍ୟ ଶିରିଷ ଭଣ୍ଡାରୀ କହିଛନ୍ତି, ଆମେ ଫାଷ୍ଟ ୟର୍ଣ୍ଣ ରୁପେ କ୍ରେଡିଟ କାର୍ଡର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ। ଯାହାକୁ ଆର୍ଥିକ ସେବା ଦୁନିଆର ଏକ ଗେଟ୍‌ୱେ ପ୍ରଡକ୍ଟ ଭାବେ ପ୍ରଥମ ଥର କ୍ରେଡିଟ କାର୍ଡ ବ୍ୟବହାର କରୁଥିବା ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଛି।

## କେ ୩୦୦ଏସ୍‌ଏଫ୍‌ର ଅନାବରଣ

ନୂଆଦିଲ୍ଲୀ,୨୪।୧

କିୱେ ଇଣ୍ଡିଆ (ଆଦିଶ୍ୱର ଅଟୋ ରାଇଡ ଇଣ୍ଡିଆ)ର ବହୁ ପ୍ରତୀକ୍ଷିତ ମଡେଲ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'କେ ୩୦୦ଏସ୍‌ଏଫ୍' (ଷ୍ଟ୍ରିଟ ଫାଇଟର)ର ଅନାବରଣ ନିକଟରେ ହୋଇଯାଇଛି। ଏ ସମ୍ପର୍କରେ କିୱେ ଇଣ୍ଡିଆର ଏମ୍‌ଡି ବିକାଶ ଝାବଖ କହିଛନ୍ତି, କେ ୩୦୦ ଏସ୍‌ଏଫ୍‌କୁ ଆନୁଷ୍ଠାନିକ ଭାବେ ଅନାବରଣ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରି କି ଏହି ମଡେଲ ଭାରତୀୟ ଆରୋହୀଙ୍କ ଆବଶ୍ୟକତା ଅନୁସାରେ ତିଆରି କରାଯାଇଛି ଓ ଏହା ଏକ ବିଶ୍ୱସ୍ତରୀୟ ଉତ୍ପାଦ ହୋଇଥିଲାବେଳେ କେ ୩୦୦ଏସ୍‌ଏଫ୍‌ର ନୂତନତା ଓ କାର୍ଯ୍ୟଦକ୍ଷତା ପ୍ରତି ଆମର ଆଗ୍ରହକୁ ଅଂଶୀଦାର କରୁଥିବା ଗ୍ରାହକମାନଙ୍କ ପ୍ରତି ଆମର ସ୍ୱତନ୍ତ୍ରତା ସ୍ପର୍ଶ ରହିଛି।



ଉଲ୍ଲେଖଯୋଗ୍ୟ, କେ ୩୦୦ଏସ୍‌ଏଫ୍‌ରେ ଏକ ଦୃଢ଼ ୨୯୨.୪ ସିସିର ଏକ ୪ ଷ୍ଟ୍ରୋକର ଇଞ୍ଜିନ ସାମିଲ ରହିଛି, ଯାହା ଅସାଧାରଣ କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ। ଏପରି କି ସର୍ବାଧିକ ଆଉଟପୁଟ ୮,୭୫୦ ଆର୍‌ପିଏମ୍‌ରେ ୨୭.୫ ଏଚ୍‌ପିର ସର୍ବାଧିକ ଶକ୍ତି ଓ ୭୦୦୦ ଆର୍‌ପିଏମ୍‌ରେ ୨୫ଏନ୍‌ଏମ୍‌ର ସର୍ବାଧିକ ଟର୍କ ପ୍ରଦାନ କରିବ। ଉନ୍ନତ ରାଇଡିଂ ସହ ୬ ସ୍ପିଡ ଗିଅର, ଡିଜାଇନ ଓ ନିର୍ମାଣରେ ମଧ୍ୟ ଉନ୍ନତ ଜ୍ଞାନ କୌଶଳର ମିଶ୍ରଣ, ତୀକ୍ଷ୍ଣ ଏଲଇଡି ହେଡଲ୍ୟାମ୍ପର ବ୍ୟବସ୍ଥା ରହିଛି, କେବଳ ଏତିକି ନୁହେଁ ଅନେକ ପ୍ରକାର ବୈଶିଷ୍ଟ୍ୟ ଓ ସୁବିଧାଯୁକ୍ତ କେ ୩୦୦ଏସ୍‌ଏଫ୍ ଖୁବ୍‌ଶୀଘ୍ର ସାରା ଭାରତରେ ଅଧିକୃତ ଡିଲରଙ୍କ ପାଖରେ ଉପଲବ୍ଧ ହେବ। ସେହିଭଳି ମୋଟର ସାଇକେଲ ପ୍ରତି ଆଗ୍ରହୀ ଗ୍ରାହକମାନେ ଏହାକୁ ପସନ୍ଦ କରିବେ। କେ ୩୦୦ଏସ୍‌ଏଫ୍‌ର ସ୍ପୋର୍ଟି ଡିଜାଇନ ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତାର ଏକ ସୁଗମ ମିଶ୍ରଣ ପ୍ରଦାନ କରିଥାଏ, ଯାହା ଏକ ଅତୁଳନୀୟ ରାଇଡିଂ ଅଭିଜ୍ଞତା ପ୍ରଦାନ କରିବ। ଏହାର ଆକର୍ଷଣୀୟ ନୂଆ ନାମ ଓ ବୈଶିଷ୍ଟ୍ୟ ଆରୋହୀମାନଙ୍କ ଲାଗି ସର୍ବୋତ୍ତମ ପସନ୍ଦ ହୋଇପାରିବ।

## ନିବେଶ କ୍ଷେତ୍ରକୁ ନୂଆ ରୂପ ଦେବ କ୍ୱାଣ୍ଟ ଫଣ୍ଡ

ନୂଆଦିଲ୍ଲୀ,୨୪।୧

ବର୍ତ୍ତମାନ ସମୟରେ ନିବେଶ କ୍ଷେତ୍ର ପ୍ରତି ସବୁ ବର୍ଗର ଲୋକ ଉତ୍ସାହ ଦେଖାଉଛନ୍ତି। ଏପରି କି ନିବେଶ କ୍ଷେତ୍ରକୁ ନୂଆ ରୂପ ଦେବା ଲାଗି କ୍ୱାଣ୍ଟ ଫଣ୍ଡ ବେଶ୍ ସହାୟକ ହେଉଛି, ମ୍ୟୁଚୁଆଲ ଫଣ୍ଡର ଏହି ଗତିଶୀଳ ଦୁନିଆରେ କ୍ୱାଣ୍ଟିଟେଟିଭ ବା କ୍ୱାଣ୍ଟ ଫଣ୍ଡ ଗେମ ଚେଞ୍ଜର ଭାବେ ଉଭା ହୋଇଛି। ସେହିଭଳି ନିବେଶ ସହ ଆଧୁନିକ ଟେକ୍ନୋଲୋଜିକୁ ଏକତ୍ରିତ କରି ଏଭଳି ଫଣ୍ଡଗୁଡ଼ିକ ନିବେଶକଙ୍କୁ ଅର୍ଥ ପରିଚାଳନା କରିବା ପାଇଁ ଏକ ନୂତନ ମାର୍ଗ ପ୍ରଦାନ କରୁଛନ୍ତି। ଯେଉଁଠାରେ ମାନବ ବିଚାର ପରିବର୍ତ୍ତେ ଆଲ୍‌ଗୋରିଦମ, ଡାଟା ଓ ମେଶିନ ଲର୍ନିଂ ଦ୍ୱାରା ନିଷ୍ପତ୍ତି ନିଆଯାଇଥାଏ। କ୍ୱାଣ୍ଟିଟେଟିଭ ଫଣ୍ଡଗୁଡ଼ିକ ଅନେକ ଦେଶରେ ଏକ ବଡ ପ୍ରଭାବ ସୃଷ୍ଟି କରିଥିବା ବେଳେ ଭାରତ ବର୍ତ୍ତମାନ ଏହାକୁ ଦ୍ରୁତ ବେଗରେ ଗ୍ରହଣ କରିବା ଆରମ୍ଭ କରିଛି ବୋଲି ଆକ୍ସିସ ମ୍ୟୁଚୁଆଲ ଫଣ୍ଡର ଫଣ୍ଡ ମ୍ୟାନେଜର କାର୍ତ୍ତିକ କୁମାର କହିଛନ୍ତି। ସେହିପରି କାର୍ତ୍ତିକଙ୍କ କହିବା ଅନୁଯାୟୀ ଭାରତୀୟ ନିବେଶ କ୍ଷେତ୍ର କ୍ୱାଣ୍ଟ ଫଣ୍ଡଗୁଡ଼ିକର ଅଭିବୃଦ୍ଧି ପାଇଁ ଏକ ସ୍ୱତନ୍ତ୍ର ସୁଯୋଗ ପ୍ରଦାନ କରୁଛି, ଯାହା ଦେଶର ଅନେକ ନିର୍ଦ୍ଦିଷ୍ଟ କାରକ ଦ୍ୱାରା ପରିଚାଳିତ ହେଉଛି, ସେଥିମଧ୍ୟରୁ ଗୋଟିଏ ହେଉଛି ବଢୁଥିବା ନିବେଶକ ବିଳାସପୂର୍ଣ୍ଣତା। ଅପରପକ୍ଷରେ ଭାରତୀୟ ନିବେଶକମାନେ ବିଶେଷ କରି ମିଲେନିଆଲ ନିବେଶକମାନେ ଆର୍ଥିକ ରୂପେ ଅଧିକ ସ୍ୱାକ୍ଷର ହେଉଛନ୍ତି ଏବଂ ବିଳାସପୂର୍ଣ୍ଣ ନିବେଶ ବିକଳ୍ପଗୁଡ଼ିକ ପ୍ରତି ଆଗ୍ରହ ଦେଖାଉଛନ୍ତି। ଅନ୍ତର୍ଜାତୀୟ ବଜାରଗୁଡିକ ପାଇଁ ପହଞ୍ଚ ସହିତ ଫିନ୍‌ଟେକ ପ୍ଲାଟଫର୍ମଗୁଡ଼ିକର ବୃଦ୍ଧି କ୍ୱାଣ୍ଟ ଫଣ୍ଡ ଭଳି ଆଧୁନିକ ନିବେଶ ରଣନୀତିଗୁଡ଼ିକୁ ଅଧିକ ପହଞ୍ଚଯୋଗ୍ୟ କରିଛି। ୨୦୨୩ରେ ମର୍ନିଂ ଷ୍ଟାର ଦ୍ୱାରା କରାଯାଇଥିବା ଏକ ସର୍ଭେ ମୁତାବକ, ୫୫% ଭାରତୀୟ ନିବେଶକ ଟେକ୍ନୋଲୋଜି-ଚାଳିତ ନିବେଶ ସମାଧାନଗୁଡ଼ିକୁ ଆପଣାଇବାକୁ ଆଗ୍ରହୀ ଅଛନ୍ତି। ସେହିପରି ଅନ୍ୟ ଏକ ସୁଯୋଗ ଆମର ବିବିଧ ବଜାର ସ୍ଥିତି ପ୍ରଦାନ କରୁଛି।

# ଏମ୍.ଟି. ବାସୁଦେବନ୍ ନାୟର: ଆଶାବାଡ଼ି ପ୍ରାନ୍ତିକ ଜନର



ମଦଥ ଥେକ୍କେପାଟ୍ଟୁ ବାସୁଦେବନ୍ ନାୟରଙ୍କ ଜନ୍ମ ୧୫ ଜୁଲାଇ ୧୯୩୩ରେ ବ୍ରିଟିଶ୍-ଭାରତର ମାଡ୍ରାସ୍ ପ୍ରେସିଡେନ୍ସି ଅନ୍ତର୍ଗତ କୁଡ଼ଲ୍ଲୁର ଗାଁରେ। ଏକାଧାରରେ ସେ କଥାକାର, ଔପନ୍ୟାସିକ, ଶିଶୁ ସାହିତ୍ୟିକ, ପ୍ରାବନ୍ଧିକ ଓ ଚଳଚ୍ଚିତ୍ରର ପଟକଥା ଲେଖକ। ମାଲାୟାଲମ୍ ଓ ଇଂଲିଶ୍ ଉଭୟ ଭାଷାରେ ଲେଖୁଥିବା ଏହି କିମ୍ବଦନ୍ତୀପ୍ରତିମ ଲେଖକଙ୍କର ପ୍ରମୁଖ ଗ୍ରନ୍ଥଗୁଡ଼ିକ ମଧ୍ୟରେ ରହିଛି- 'ନାଲୁକେଟ୍ଟୁ', 'ରଣ୍ଡାମୁଝମ୍', 'ମଂଜୁ', 'କାଲମ୍', 'ଅସୁରବିଥୁ' ଓ 'ଇରୁଟ୍ଟିନ୍ତେ ଆତ୍ମାଭୂ'। ମାଲାୟାଲମ୍ ଭାଷାରେ ଭାରତୀୟ ସାହିତ୍ୟକୁ ମହତ୍ତ୍ୱପୂର୍ଣ୍ଣ ଅବଦାନ ପାଇଁ ଲେଖକଙ୍କୁ ମିଳିଛି ବହୁ ରାଜ୍ୟ ଓ ଜାତୀୟସ୍ତରର ପୁରସ୍କାର, ଯହିଁରେ ଅନ୍ତର୍ଭୁକ୍ତ- 'ପଦ୍ମଭୂଷଣ', 'କେରଳ ଜ୍ୟୋତି', 'କେରଳ ସାହିତ୍ୟ ଏକାଡେମୀ ପୁରସ୍କାର' (୧୯୫୮), 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' (୧୯୭୦) ଓ 'ଜ୍ଞାନପୀଠ' (୧୯୯୫)। ମାଲାୟାଲମ୍ ସାହିତ୍ୟର ଏହି ଶାଳପ୍ରାଂଶୁ ବ୍ୟକ୍ତିତ୍ୱଙ୍କର ପରଲୋକ ହୋଇଛି ୨୫ ଡିସେମ୍ବର ୨୦୨୪ରେ। ପାଠକ ମହଲରେ ଏମ୍.ଟି. ବାସୁଦେବନ୍ ନାୟର ଭାବେ ପରିଚିତ ଏଇ ଲେଖକଙ୍କ ଜୀବନ ଓ କୃତୀକୁ ନେଇ 'ସାହିତ୍ୟାୟନ'ର ଏ ଆଲେଖ୍ୟ...

ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ

ଭାରତ-ଭାରତୀ

ସୁଗନ୍ଧିତ ଫୁଲର ବାସ୍ନାକୁ ଜଙ୍ଗଲ ବେଶୀ ସମୟ ଲୁଚେଇପାରେନା। ମନ୍ଦମନ୍ଦ ପବନରେ ଅବିଳମ୍ବେ ତାହା ଦିଗ୍‌ବିଦିଗ ପ୍ରସରିଯାଏ। ଠିକ୍ ସେହିପରି ମାଲାୟାଲମ୍ ସାହିତ୍ୟରେ ଏମ୍.ଟି. ବାସୁଦେବନ୍ ନାୟରଙ୍କ ଲେଖକୀୟ ଜୀବନ-ଯାତ୍ରା। ବୟସ ୨୫ ନ ଡେଇଁଣୁ ସେ ଲେଖକ ଭାବେ ଖ୍ୟାତ ହୋଇ ସାରିଥିଲେ। ମାତ୍ର ୨୯ ବର୍ଷ ବୟସରେ ପ୍ରକାଶ ପାଇଥିଲା ତାଙ୍କର 'ଅସୁରବିଥୁ' ଉପନ୍ୟାସ। ଯଶସ୍ୱୀ ସମାଲୋଚକ ଏମ୍. ଲୀଳାବତୀ କହନ୍ତି: ଏହା ହେଉଛି ମାଲାୟାଲମ୍ ଭାଷାର ସର୍ବଶ୍ରେଷ୍ଠ ଉପନ୍ୟାସ। କଲେଜରେ ପଢ଼ିବା ବେଳେ ଏମ୍.ଟି. ସର୍କସର ପୃଷ୍ଠଭୂମିରେ ଲେଖିଥିଲେ 'Valarthumrigangal' ଶୀର୍ଷକ ଏକ ଲଘୁକଥା, ଯାହାକୁ ମିଳିଥିଲା ନ୍ୟୁୟର୍କ ହେରାଲ୍ଡ ଟ୍ରିବ୍ୟୁନ୍, 'ମାତୃଭୂମି' ଓ 'ହିନ୍ଦୁସ୍ତାନ ଟାଇମ୍ସ' ଦ୍ୱାରା ମିଳିତ ଭାବେ ୧୯୫୪ରେ ଆୟୋଜିତ ବିଶ୍ୱପ୍ରତିଯୋଗିତାରେ ପ୍ରଥମ ପୁରସ୍କାର। ସେଇଠୁ ସେ ଆଉ ପଛକୁ ଫେରିନାହାନ୍ତି। ଆରମ୍ଭ ହୋଇଛି ମାଲାୟାଲମ୍ କଥା ଓ ନିବନ୍ଧ ସାହିତ୍ୟରେ ତାଙ୍କ ବିରାମହୀନ ଯାତ୍ରା। ଏମ୍.ଟି. ତାଙ୍କ ପ୍ରଥମ ପ୍ରମୁଖ ଉପନ୍ୟାସ 'ନାଲୁକେଟ୍ଟୁ' (ଭିଟାମାଟି) ଲେଖିଥିଲେ ମାତ୍ର ୨୩ ବର୍ଷ ବୟସରେ, ଯାହା ୧୯୫୮ରେ କେରଳ ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲା। ତାଙ୍କର ଅନ୍ୟ ଉଲ୍ଲେଖନୀୟ ଉପନ୍ୟାସଗୁଡ଼ିକ ହେଲା 'ମଂଜୁ' (କାକର), 'କାଲମ୍' (ସମୟ), 'ଅସୁରବିଥୁ' (ଅସୁରବୀଜ) ଓ 'ରଣ୍ଡାମୁଝମ୍' (ଦ୍ୱିତୀୟ ପାଣ୍ଡବ)। ଲେଖକଙ୍କ ଜନ୍ମିତ ଗଛଲତାଘେରା ଛୋଟ ଗାଁଟିକୁ ଛୁଇଁଛୁଇଁ ବହିଯାଇଛି 'ନୀଳା' ନଈ, ଯେଉଁଠି ସେ ବିତାଇଛନ୍ତି ଜୀବନର ଗଠନମୁଖୀ ବହୁବର୍ଷ। ଗାଁ ଭୂଇଁରୁ ଅର୍ଜିତ ସୁକୁମାର ଅନୁଭୂତି, ପରିବାର ବ୍ୟବସ୍ଥା ଓ କୁଟୁମ୍ବୀ-ସଂସ୍କୃତିର ଅନେକ ଛାପ ତାଙ୍କ ଗଳ୍ପ ଓ ଉପନ୍ୟାସକୁ ଆବେଗୋଚ୍ଛଳ ତଥା ଭାବଗର୍ଭୀ କରିଛି।

ଏମ୍.ଟି. ଏକ ସାକ୍ଷାତ୍‌କାରରେ କହିଛନ୍ତି: "ମହାଭାରତ ମୁଁ ବହୁବାର ପଢ଼ିଛି। ପଢ଼ି ଅଭିଭୂତ ହୋଇଛି। ସବୁଠୁଁ ମୋତେ ପ୍ରଭାବିତ କରିଛି ଭୀମସେନ ଚରିତ୍ର। ସକଳ ସାମର୍ଥ୍ୟ ଓ ବୁଦ୍ଧିମତ୍ତା ସତ୍ତ୍ୱେ ଯୁଧିଷ୍ଠିର ଓ ଅର୍ଜୁନଙ୍କୁ ମହାଭାରତର କବି ବେଦବ୍ୟାସ ଯେପରି ପ୍ରାଧାନ୍ୟ ଦେଇଛନ୍ତି, ଭୀମଙ୍କୁ ତାହା ମିଳିନାହିଁ। ପୁଅ 'ଘଟୋତ୍କଚ' ବଧ ଅବକାଶରେ ବିମର୍ଷ ଯୁଧିଷ୍ଠିରଙ୍କୁ କୃଷ୍ଣ କହିଛନ୍ତି- ରାକ୍ଷସମାନଙ୍କର ନିୟତି ହିଁ ମୃତ୍ୟୁ। ଘଟୋତ୍କଚ ବଧ ଆନନ୍ଦରେ ଉଲ୍ଲସିତ ହେବାର ମୁହୂର୍ତ୍ତ, ଦୁଃଖ ବା ମନସ୍ତାପ କରିବାର ନୁହେଁ। ମହାଭାରତରେ ଏକଥା ପଢ଼ିଲାବେଳେ ମୁଁ ବିଚଳିତ ହୋଇଛି। ଯେଉଁ ବୀରପୁତ୍ର ଅର୍ଜୁନଙ୍କୁ ସୁରକ୍ଷା ଦେବାକୁ ଯାଇ ସ୍ୱେଚ୍ଛାରେ ପ୍ରାଣପାତ କଲା, ତା'ରି ପିତାଙ୍କ ଆଗରେ ପ୍ରଦର୍ଶିତ ଏ କି ସମ୍ବେଦନହୀନ ବୀଭତ୍ସତା!" ମହାଭାରତର ଅନ୍ୟ ଏକ ଦୃଶ୍ୟ, ଯାହା ମୋତେ ହତଚକିତ କରିଛି, ତାହା ହେଲା- 'ଅଭିମନ୍ୟୁ ବଧ'। ଚକ୍ରବ୍ୟୂହରେ ଅଭିମନ୍ୟୁଙ୍କୁ ସୁରକ୍ଷା ଦେବାପାଇଁ ବଚନବଦ୍ଧ ଭୀମ ଶେଷ ଅବଧି ଅଭିମନ୍ୟୁଙ୍କୁ ସୁରକ୍ଷା ଦେଇପାରୁ ନାହାନ୍ତି। ଭୀମଙ୍କର ଏ ବିବଶତା ମହାଭାରତରେ ଉପରଠାଉରିଆ ଭାବେ ଚିତ୍ରିତ। ମହାପ୍ରସ୍ଥାନିକ ପର୍ବରେ ହିମାଳୟ ଯାତ୍ରା ପଥରେ ପତନ ହେଉଛି ଦ୍ରୌପଦୀଙ୍କର, ଅଥଚ ତାଙ୍କ ପତିତ କାୟା ପାଖରେ ଭୀମ ହିଁ କେବଳ ଅଟକୁଛନ୍ତି, ଅନ୍ୟ କେହି ନୁହନ୍ତି। ମୋର ମନେହେଲା, ବେଦବ୍ୟାସ ଭୀମସେନଙ୍କୁ ତାଙ୍କ ତ୍ୟାଗ ତୁଳନାରେ ନ୍ୟାୟ ଦେଇନାହାନ୍ତି। 'ମହାଭାରତ'ରେ ଉପେକ୍ଷିତ ଏହି ଭୀମସେନଙ୍କୁ ନେଇ ମୁଁ ଲେଖିବାକୁ ମନସ୍ଥ କଲି ମୋ' ଉପନ୍ୟାସ 'ରଣ୍ଡାମୁଝମ୍' ୧୯୮୪ରେ। ଉଲ୍ଲେଖନୀୟ ଯେ, ଏହି ଉପନ୍ୟାସ ପାଇଁ ଏମ୍.ଟି.ଙ୍କୁ ମିଳିଛି ସମ୍ମାନଜନକ 'ଭାୟାଲାର୍ ପୁରସ୍କାର' ୧୯୮୫ରେ। 'ରଣ୍ଡାମୁଝମ୍' ତା'ର ଉପସ୍ଥାପନା ଓ ବ୍ୟତିକ୍ରମୀ ଅନ୍ତର୍ଦୃଷ୍ଟିରେ କେବଳ ମାଲାୟାଲମ୍ ସାହିତ୍ୟର ଧ୍ରୁପଦୀ ରଚନା ନୁହେଁ, ସମଗ୍ର ଭାରତୀୟ ସାହିତ୍ୟରେ ଏକ ଅବିସ୍ମରଣୀୟ କାଳଜୟୀ ଉପନ୍ୟାସ।

ଏମ୍.ଟି. ତାଙ୍କ ସମକାଳର ସାମାଜିକ ସ୍ଥିତି ଓ ତହିଁରେ ଆତଯାତ ଦୀନଦୁଃଖୀ ମଣିଷଙ୍କ ହୃଦୟର ବେଦନାକୁ ଯେପରି ବୁଝିଥିଲେ, ମାଲାୟାଲମ୍ ସାହିତ୍ୟରେ ତାହା ବିରଳ। ତାଙ୍କର ପ୍ରଥମ ଗଳ୍ପ 'Vishuvaghosham' ପ୍ରକାଶପାଏ ୧୯୪୮ରେ, ମାଡ୍ରାସ୍‌ରୁ ପ୍ରକାଶିତ 'ଚିତ୍ରକେରଳମ୍' ପତ୍ରିକାରେ, ଯେତେବେଳେ ତାଙ୍କ ବୟସ ମାତ୍ର ୧୫ ବର୍ଷ। ବିଶୁ ନାମକ ପିଲାଟିଏ ଗଳ୍ପର ନାୟକ, ଯାହା ପାଖରେ ବାଣ କିଣିବାକୁ ପଇସା ନାହିଁ। ନୂଆବର୍ଷ ପାଳନ ଅବକାଶରେ ବାଣ ଫୁଟାଇ ଖୁସି ମନାଉଥିବା ବଡ଼ଲୋକିଆ ପିଲାଙ୍କ ଆଡ଼କୁ ଅନାଇ ରହି ସେମାନଙ୍କ ବାଣ ଫୁଟିବା ଶବ୍ଦକୁ ସେ କାନପାତି ଶୁଣୁଛି। ଏହି ଦୃଶ୍ୟର ଅନୁଭୂତି ଏମ୍.ଟି.ଙ୍କ ଲେଖକ ହୃଦୟକୁ ବିଗଳିତ କରିଦେଇଛି। ଏହା ହିଁ ତା'ହେଲେ ସମାଜର ବାସ୍ତବ ସ୍ଥିତି, ଏହା ହିଁ ତା'ହେଲେ ଜୀବନ- ହାୟ! ଅନ୍ୟ ଏକ ଗଳ୍ପ 'ଇରୁଟ୍ଟିନ୍ତେ ଆତ୍ମାଭୂ' (ଅନ୍ଧକାରର ଆତ୍ମା)ରେ ସେ ୨୧ ବର୍ଷର ଜଣେ ଯୁବକ (ଯାହାଙ୍କୁ ସଭ୍ୟ ସମାଜ ପାଗଳ ଭାବେ)ର ଜୀବନ କାହାଣୀକୁ ଉଜାଗର କରିଛନ୍ତି ଓ ଇଂଗିତରେ କହିଛନ୍ତି- ଯୁବକଟି ପ୍ରକୃତରେ ପାଗଳ ନୁହେଁ, ତାକୁ ପାଗଳ ଭାବୁଥିବା ସଭ୍ୟ ସମାଜର ଲୋକେ ହିଁ ପାଗଳ। ଏମ୍.ଟି.ଙ୍କ ଗଳ୍ପ ଓ ଉପନ୍ୟାସରେ ପାଠକ ଭେଟେ ମଣିଷର ବିରଳ ମଣିଷପଣକୁ, ନିପୀଡ଼ିତ ଲୋକଙ୍କ ଲୁହ ଲହୁରେ ତାଙ୍କର ପ୍ରତିଟି ଶବ୍ଦ ଭିଜାଭିଜା, ପ୍ରସଙ୍ଗର ସରଳ ଅବତାରଣା ତଳେ ଛପିଥାଏ ଅଗ୍ନିଗର୍ଭୀ ଶ୍ଳେଷ। ମାଲାୟଲମ୍ କଥାସାହିତ୍ୟରେ ଏମ୍.ଟି. ତା'ରି ଜଗଦୀଶ୍ୱର, ଯାହାର କେହି ନାହିଁ, ଆଶାବାଡ଼ି ପ୍ରାନ୍ତିକ ଜନର।

କେବଳ ସାହିତ୍ୟ ନୁହେଁ, ମାଲାୟାଲମ୍ ଚଳଚ୍ଚିତ୍ର ଜଗତରେ ଏମ୍.ଟି. ଜଣେ ଅବତାରୀ ପ୍ରଯୋଜକ, ପଟକଥା ଲେଖକ ଓ ଅଜସ୍ର ଦେଖଣାହାରିଙ୍କ ମନର ମଣି। 'ଅସୁରବିଥୁ'ରେ ବାହ୍ୟ ସଂସ୍କୃତି କିପରି ଭାରତର ଗୌରବମୟ ସଂସ୍କୃତିକୁ ବିକାରଗ୍ରସ୍ତ ଓ ବିନଷ୍ଟ କରୁଛି, ତା'ର ଜୀବନ୍ତ ଚିତ୍ର ପ୍ରତିଫଳିତ। ଭାରତର ପରିବାର ବ୍ୟବସ୍ଥା, ଏକତା ସୂତ୍ରରେ ବନ୍ଧା ଗୋଷ୍ଠୀ ଜୀବନର ବିକୃତି ମୂଳରେ କିପରି ରହିଛି ବାହ୍ୟସଂସ୍କୃତିର କ୍ଷୟକାରୀ ପ୍ରଭାବ, ତାହା ସେ ତାଙ୍କର ବହୁ ଲେଖାରେ ଦର୍ଶାଇଛନ୍ତି। ଭାରତୀୟ ସାହିତ୍ୟକୁ ନିଜର ଅମୂଲ୍ୟ ଅବଦାନ ପାଇଁ କାଲିକଟ୍ ବିଶ୍ୱବିଦ୍ୟାଳୟ ଓ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟ ୧୯୯୬ରେ ଓ ନେତାଜୀ ସୁଭାଷ ମୁକ୍ତ ବିଶ୍ୱବିଦ୍ୟାଳୟ ୨୦୦୮ରେ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରିଛନ୍ତି। ୨୦୦୫ରେ ତାଙ୍କୁ ମିଳିଛି 'ପଦ୍ମଭୂଷଣ' ଓ ୨୦୨୨ରେ ମିଳିଛି କେରଳ ସରକାରଙ୍କ ଦ୍ୱାରା ପ୍ରଦତ୍ତ 'କେରଳ ଜ୍ୟୋତି' ପୁରସ୍କାର। ୨୦୦୫ରେ ସେ କେରଳ ସାହିତ୍ୟ ଏକାଡେମୀ ଓ ୨୦୧୩ରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋସିପ୍‌ରେ ସମ୍ମାନିତ। କେରଳର ଏକ ଅଖ୍ୟାତ ଗାଁରେ ଜନ୍ମିତ ଏହି ମହାନ୍ ଲେଖକଙ୍କ ଜଗଦ୍‌ଖ୍ୟାତିର ପ୍ରମାଣ ହେଉଛି ମାଲାୟାଲମ୍‌ସମେତ ଅନୁବାଦ ସୂତ୍ରରେ ବହୁ ଭାଷାରେ ପ୍ରସାରିତ ତାଙ୍କ ରଚନାଗୁଡ଼ିକର ଅବିଶ୍ୱସନୀୟ ଆଦୃତି। ମାଲାୟାଲୀ ସମାଜ ଓ ଅର୍ଥନୀତିରେ ଆସିଥିବା ବ୍ୟାପକ ପରିବର୍ତ୍ତନ ମୂଳରେ ଏମ୍.ଟି.ଙ୍କ ଯାଦୁକରି ଲେଖନୀର ସ୍ଥାପତ୍ୟ ଯେ ବର୍ତ୍ତମାନ- ଏହାର ପୁନରୁଲ୍ଲେଖ ଅନାବଶ୍ୟକ।

ମୋ: ୯୮୫୩୨୮୭୭୫୫




## କବିତା

### ବୋଉ

ସନ୍ନ୍ୟାସୀ ନାୟକ

**ବୋଉ** ବୁଢ଼ୀ ହୋଇଯାଏ, ମୁଁ ବଡ଼ ହୁଏନି,
କେହି ଅଧା ନିଦରୁ ଉଠାଇ ଡାକେନି
ପଥରମୁଣ୍ଡି ଶୁଖୁଆ, ଭେଣ୍ଡି, ବାଇଗଣ
ଚୁଲିଝିଙ୍କା ପୋଡ଼ା କେହି ବି ଦେବେନି।

ଆଉ ଦି' ଗୁଣ୍ଡା ଖାଇଦେରେ ମୋ' ଧନ
ରାଣ ଦେଇ କେହି ବଳାନ୍ତିନି
ଠାକୁର ଭୋଗ କରିବା ଆଗରୁ
ପରବର ପିଠାପଣା
ଖାଇବାକୁ କେହି ଦିଅନ୍ତିନି
ରାତିରେ ପାଠ ପଢ଼ି ବସିଲେ
ବୁଟ ମଟରଭଜା କେହି ସଜାଇ ଦିଅନ୍ତିନି।

କୋଟି ପରମାୟୁ ଦେଇ
ବୋଉ ମଶାଣିକୁ ଗୋଡ଼ ବଢ଼ାଏ,
ମରିବା ପୂର୍ବରୁ କାନେ କାନେ କହେ
ମୋତେ ଡରିବୁନି
ତୋତେ ଏକା କରି ଯାଉନିରେ...
ମୋ' ଲୁହାର ଆଖିରେ ନିଘା ରଖିଥିବି,
ମୋ' ଲାଗି କେବେ କାନ୍ଦିବୁନି।

ପୁଅରେ! ତୁ ଚାଲିଲେ ମୁଁ ଚାଲୁଥିବି,
ତୋ' ସହ ତାରା ହୋଇ
ତୁ ଅଟକିଗଲେ ମୁଁ ଅଟକିଯିବି
ଆକାଶରୁ ରହିଥିବି ଚାହିଁ।

ବୋଉ, ତୋ' ପାଇଁ ମୋର
କିଛି ଭାଷା ନାହିଁ
ସତରେ, ଯା'ର ବୋଉ ନାହିଁ
ଦୁନିଆରେ ତା'ର କିଛି ନାହିଁ।

ମୋ: ୯୪୩୭୩୫୨୫୬୦

### ମୁକୁଳିଯାଅ

ନର୍ମଦା ନୀଳୋତ୍ପଳା

**ତୁମ** ଅହଂକାର ଭିତରେ
ଖୋଜି ପାଇଛି ସେ
ଆଗ୍ନେୟ ସ୍ତୂପଟିଏ, ଯାହା
ଦରଜଳା ହୋଇ ଧୂଆଁରେ ଧକଉଛି।

ତୁମେ ଭୟଙ୍କର ଚଉକାନ୍ଥଘେରା
ଜୀବନକୁ, ଫମ୍ପା ସ୍ୱପ୍ନକୁ।
ଥରେ ମୁକୁଳିଯାଅ ତ ତୁମ
ଅହଂକାର ଖୋଳପାକୁ
ପୋଡ଼ିଦେଇ ଦେଖିବ
ତୁମ ସାମ୍ନାରେ ସେଦିନ ଠିଆ ହୋଇଥିବ
ଚିନ୍ତାଶୂନ୍ୟ ହୋଇ ଗୋଟେ ଉଲଗ୍ନ ପୃଥିବୀ
ସେ ତୁମକୁ ନିଶ୍ଚୟ
ଗୋଟେ ଭଲ ମଣିଷର ସଂଜ୍ଞା
କ'ଣ କହିଦେବ?

ମୋ: ୮୭୬୩୧୯୧୯୬୮

### ପ୍ରତିଜ୍ଞା କରୁଛି

ମୂଳ ରଚନା: ମାର୍କ ଟ୍ୱେନ୍
ଅନୁସୃଜନ: ଡ. ସୂଚନା ପାଢ଼ୀ

**ନିଃସ୍ୱ** ମୁହିଁ
ପ୍ରତିଜ୍ଞା କରୁଛି
ଚାନ୍ଦ ଆଣିଦେବି ତୁମ ପାଇଁ
ସତ କହୁଛି ଦେହ ଛୁଇଁ
ମୋ ହୃଦ କନ୍ଦର
ନିରୁତା ପ୍ରେମର ଗନ୍ତାଘର
ଧନ ସମ୍ପଦ ସଂସାରର
କିଛି ନାହିଁ କିଛି ନାହିଁ।

କାଳର କରାଳ ସ୍ରୋତ
କ୍ଷଣେ ବଦଳାଏ ପଥ
ଦାମ୍ଭିକପଣେ ରଖ ବିଶ୍ୱାସ
ଝରାଅନା ଲୋତକ
ଦୁଇ ପ୍ରେମୀ ଏକ ପ୍ରାଣ
ପ୍ରେମ ଫଗୁଆର ବନ୍ଦୀ ଜୀବନ
ଚିର ଜ୍ୟୋତିଷ୍ମାନ୍ ଚିର ଅମଳିନ।

ମୋ: ୭୦୦୮୨୯୧୦୪୦

ଗୀତି-କବିତା

### ତୁମେ ଆସିଗଲା ପରେ

ପ୍ରଣତୀ ରଥ

**ମୋ'** ଜୀବନର ଉଆଁସ ରାତିରେ
ଜହ୍ନର ଆଲୋକ ଆଣି
ଦୁନିଆକୁ ମୋର ଆଲୋକିତ କଲ
ନୂଆ ନୂଆ ଆଶା ବୁଣି।

ଜୀବନ ଧାରାର ଛୋଟିଆ ନଈଟି
ଏଠି ଥମି ଯାଇଥିଲା,
ତୁମ ଗତିପଥ ପାଇଗଲା ପରେ
ବହିବା ଆରମ୍ଭ ହେଲା।

ବୈଶାଖର ତୃଷ୍ଣା କଲା ବାଟବଣା
ତୃଷାରେ ମନ ବ୍ୟାକୁଳ
ତୁମ ଶ୍ରାବଣର ଝରିରେ ସେ ତୃଷା
ମେଣ୍ଟିଲା ଏବେ ସକଳ।

ଶୀତ ସକାଳର ପହିଲି ଖରାରେ
ତୁମରି ଛବିକୁ ଖୋଜେ,
ସ୍ୱପ୍ନହୋଇ ଯେବେ ନିଦରେ ମୋ' ଆସ
ପ୍ରେମର ରାଗିଣୀ ବାଜେ।

ଦରଦୀ ମନର ମଲମ ସାଜିଣ
ଯେବେ ଛୁଇଁଗଲ ଧୀରେ
ମୁଁ ନାଚିଉଠିଲି ଉଲ୍ଲସିତ ମନେ
ତୁମେ ଆସିଗଲା ପରେ।

ମୋ: ୯୩୩୭୮୨୮୦୫୧

## କାଳକାଳକୁ

"ନାୟକ ସିଏ,
ଯାହାର ଥାଏ ଈଶ୍ୱରଙ୍କ ସହ
ତର୍କ କରିବାର ସାମର୍ଥ୍ୟ।"
– ନରମାନ୍ ମେଲର୍



**ନରମାନ୍ ମେଲର୍‌ଙ୍କ** ଜନ୍ମ ୩୧ ଜାନୁଆରୀ ୧୯୨୩ରେ ଆମେରିକାର ନିଉ ଜର୍ସିରେ ଓ ପରଲୋକ ନ୍ୟୁୟର୍କରେ ୧୦ ନଭେମ୍ବର ୨୦୦୭ରେ। ଏକାଧାରରେ ସେ କବି, କଥାକାର, ପ୍ରାବନ୍ଧିକ, ନାଟ୍ୟକାର, ବାର୍ତ୍ତାଜୀବୀ ଓ ଚଳଚ୍ଚିତ୍ର ନିର୍ମାତା। ୧୧ଟି ବହୁଳ ବିକ୍ରିତ ଗ୍ରନ୍ଥର ଏଇ ସ୍ରଷ୍ଟାଙ୍କର ପ୍ରମୁଖ କେତୋଟି ପୁସ୍ତକ ହେଲା– 'ଦ ନେକେଡ୍ ଆଣ୍ଡ ଦ ଡେଡ୍' (୧୯୪୮), 'ଏନ୍ ଆମେରିକାନ୍ ଡ୍ରିମ୍ (୧୯୬୫), 'ଦ ଆର୍ମିଜ୍ ଅଫ୍ ଦ ନାଇଟ୍' (୧୯୬୮, ଅଣକଥା ସାହିତ୍ୟ ବର୍ଗରେ ପୁଲିଜର୍ ପ୍ରାଇଜ୍ ପ୍ରାପ୍ତ), 'ଦ ଫାଇଟ୍' (୧୯୭୫) ଓ 'ଏକ୍‌ଜିକ୍ୟୁସନର୍‌ସ ସଂଗ୍' (୧୯୭୯, କଥା ସାହିତ୍ୟ ବର୍ଗରେ ପୁଲିଜର୍ ପ୍ରାଇଜ୍ ପ୍ରାପ୍ତ)। ମେଲର କହନ୍ତି: "ସଫଳତା ପାଇଁ କାମନା ହେଉଛି ବେଶ୍ୟାବୃତ୍ତି ପାଇଁ ଆତ୍ମାକୁ ଟିହାଇବା" ଏବଂ କହନ୍ତି: "ଜୀବନ ନିରର୍ଥକ ନୁହେଁ, ବିପୁଳ ଉଦ୍ଦେଶ୍ୟର ପୂର୍ତ୍ତି ପାଇଁ ଏଠାରେ ଆମେ ଅଛେଁ।"

## ପୁସ୍ତକ ପରିଚୟ

### ଓଡ଼ିଶାର ଧର୍ମ ସଂସ୍କୃତି ଓ ସାହିତ୍ୟରେ ଶ୍ରୀଜଗନ୍ନାଥ

**ଲେଖକ:** ରମେଶ ଚନ୍ଦ୍ର ସାହୁ
**ପ୍ରକାଶକ:** ଜୟ ଜଗନ୍ନାଥ ପବ୍ଲିକେଶନ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୩୯୯/–



ଶ୍ରୀଜଗନ୍ନାଥ ଧର୍ମ, ସାହିତ୍ୟ ଓ ସଂସ୍କୃତି ସମ୍ବନ୍ଧିତ ୧୮ଟି ପ୍ରବନ୍ଧର ସମାହାର ହେଉଛି ଆଲୋଚ୍ୟ ପୁସ୍ତକ। ଏଥିରେ ଲେଖକ ନାନା ଦିଗରୁ ତାଙ୍କ ଈପ୍‌ସିତ ଚିନ୍ତନର ପରିପ୍ରକାଶ ଘଟାଇଛନ୍ତି ପୁସ୍ତକସ୍ଥ ପ୍ରବନ୍ଧଗୁଡ଼ିକରେ। ପୁରୁଷୋତ୍ତମ ଶ୍ରୀଜଗନ୍ନାଥ, ଶ୍ରୀଜଗନ୍ନାଥ ଧର୍ମର ଧାରାପ୍ରବାହ, ଶ୍ରୀକ୍ଷେତ୍ରରେ ପ୍ରେମଧର୍ମର ସ୍ୱରୂପ, ଉତ୍କଳ ଶିଳ୍ପକଳାରେ ଶ୍ରୀଜଗନ୍ନାଥ, ଓଡ଼ିଆ ଜନମାନସରେ ଶ୍ରୀକୃଷ୍ଣ, କବି ଜୟଦେବଙ୍କ କବିତ୍ୱ ଓ ତା'ର ପ୍ରଭାବ, ରାସଲୀଳାର ଆଧ୍ୟାତ୍ମିକ ଯାତ୍ରା, ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ, ଓଡ଼ିଆ ଗୀତି କବିତା ଓ ସଙ୍ଗୀତରେ ଶ୍ରୀଜଗନ୍ନାଥ, ଆଧୁନିକ ଓଡ଼ିଆ କବିଙ୍କ କୃତିରେ ଶ୍ରୀଜଗନ୍ନାଥ, ମାଣବସା ଓଷା ଓ ମହାଲକ୍ଷ୍ମୀଙ୍କ ବିଜୟ ଯାତ୍ରା, ଭକ୍ତକବି ଗୋପାଳକୃଷ୍ଣ, ଶକ୍ତିପୂଜା ଓ ଶ୍ରୀକ୍ଷେତ୍ର, ଓଡ଼ିଶାର ଜନଜୀବନରେ ତନ୍ତ୍ରର ପ୍ରଭାବ, ଶ୍ରୀଜଗନ୍ନାଥ ଓ କବି ଦୀନକୃଷ୍ଣ ଆଦି ବିଷୟ-ଚର୍ଚ୍ଚାରେ ଲେଖକ ନିଜର ଗବେଷଣା ଜ୍ଞାନର ସଦୁପଯୋଗ କରିଛନ୍ତି। ପ୍ରବନ୍ଧଗୁଡ଼ିକ ତଥ୍ୟନିଷ୍ଠ ଓ ଭାବ ପ୍ରସାରଣରେ ମୁକ୍ତମୁଖ। ଅଗ୍ରଲେଖରେ ଡ. ଶାନ୍ତନୁ କୁମାର ସର ଗ୍ରନ୍ଥସ୍ଥ ପ୍ରବନ୍ଧଗୁଡ଼ିକର ବୈଶିଷ୍ଟ୍ୟ ସୂଚାଇ କହିଛନ୍ତି ଯେ, "ଗ୍ରନ୍ଥରେ ସ୍ଥାନିତ ପ୍ରବନ୍ଧଗୁଡ଼ିକ ଅନୁଶୀଳନଧର୍ମୀ ଶୈଳୀ ଓ ପ୍ରାସଙ୍ଗିକ ତଥ୍ୟ ସମ୍ଭାର ଦ୍ୱାରା ପରିପୁଷ୍ଟ।" ଗ୍ରନ୍ଥଟି ସାଧାରଣ ପାଠିକାପାଠକ ଓ ଗବେଷକମାନଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବା ସଙ୍ଗେ ସଙ୍ଗେ ଛାତ୍ରୀଛାତ୍ରମାନଙ୍କୁ ଶ୍ରୀଜଗନ୍ନାଥ ସାହିତ୍ୟ ଓ ସଂସ୍କୃତି ଦିଗରେ ଅଧିକ ଗବେଷଣା ପାଇଁ ଅନୁପ୍ରେରିତ କରିବ ବୋଲି ଆଶା।

### ଅବିସ୍ମରଣୀୟ ମାନବେତର କାହାଣୀ

**ସଂକଳକ:** ରତ୍ନାକର ନାୟକ
**ପ୍ରକାଶକ:** ବନଫୁଲ, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୩୩୦/–




ନିକଟ ଅତୀତ ଓ ସମକାଳର ୩୨ଟି ବହୁପଠିତ ଗଳ୍ପକୁ ନେଇ ଆଲୋଚ୍ୟ ସଂକଳନରେ ସଂକଳକ ଓଡ଼ିଆ କଥା ସାହିତ୍ୟର ଧାରାବାହିକ ଗତିଧାରାକୁ କେବଳ ଜନଦୃଷ୍ଟିକୁ ଆଣିନାହାନ୍ତି, ଭାରତୀୟ କଥା ସାହିତ୍ୟର ପ୍ରେକ୍ଷାପଟ୍ଟରେ ଓଡ଼ିଆ କଥା ସାହିତ୍ୟର ଉଚ୍ଚତା ଓ ଗରିମାକୁ ସାକାର କରିଛନ୍ତି। ଏଥିରେ କାଳିନ୍ଦୀଚରଣଙ୍କଠୁଁ ଆରମ୍ଭ କରି ପରେଶ କୁମାରଙ୍କ ପର୍ଯ୍ୟନ୍ତ ପ୍ରାୟ ତିନି ପିଢ଼ିର କଥା ସାହିତ୍ୟ ଗ୍ରନ୍ଥାୟିତ ହୋଇଛି। ବହିଟିର ବିଶେଷତ୍ୱ ହେଲା ଏପରି କେତେକ ଗଳ୍ପକୁ ସଂକଳକ ବାଛିଛନ୍ତି, ଯାହା ପୂର୍ବବର୍ତ୍ତୀ ସଂକଳକଙ୍କ ଦ୍ୱାରା ସଂକଳିତ ଗଳ୍ପଗ୍ରନ୍ଥରେ ସଂକଳିତ ହୋଇପାରିନାହିଁ। ଯଥା କାହ୍ନୁଚରଣଙ୍କ 'ବୁଲା', ରାଜକିଶୋର ରାୟଙ୍କ 'ବଉଳି', ବସନ୍ତ ଶତପଥୀଙ୍କ 'ନୀଡ଼ାଶ୍ରୟୀ', ଫତୁରାନନ୍ଦଙ୍କ 'ଅନୁରକ୍ତ ମାର୍ଜାର ଶିଶୁ', ସଚ୍ଚି ରାଉତରାୟଙ୍କ 'ଦାରୋଗାଙ୍କ କୁକୁର', ବିଜୟ ପ୍ରସାଦ ମହାପାତ୍ରଙ୍କ 'କୁକୁର ଗପ', ପଦ୍ମଜ ପାଳଙ୍କ 'ଜଳଯକ୍ଷ', ରବି ସ୍ୱାଇଁଙ୍କ 'ହୃଦୟଯୋଗ', ଜଗଦୀଶ ମହାନ୍ତିଙ୍କ 'ତୁଚ୍ଛାତିତୁଚ୍ଛ', ରଜନୀକାନ୍ତ ମହାନ୍ତିଙ୍କ 'ବିଶାଶହେ କାହାଣ ଅନ୍ଧାର' ଓ ପରେଶ ପଟ୍ଟନାୟକଙ୍କ 'ମୁଖ୍ୟମନ୍ତ୍ରୀଙ୍କ କୁକୁର'। 'ଗ୍ରନ୍ଥଦ୍ୱାର'ରେ ସଂକଳକ କହନ୍ତି: "ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ ମାନବେତର ଚରିତ୍ରକୁ ନେଇ ଅସଂଖ୍ୟ ଗଳ୍ପ ସର୍ଜନା କରାଯାଇଛି। ମାତ୍ର ବତିଶଟି ହୃଦୟଗ୍ରାହୀ ଗଳ୍ପକୁ ନେଇ ଏ ସଂକଳନର ପରିକଳ୍ପନା।" ସଂକଳକ ତାଙ୍କ ନିକଟରେ ଉପଲବ୍ଧ ଗଳ୍ପକୁ ନେଇ ସଂକଳନଟି କରିଥିଲେ ବି ଏହା ସାମଗ୍ରିକ ଭାବେ ଓଡ଼ିଆ କଥା ସାହିତ୍ୟରେ ମାନବେତର ଚରିତ୍ରଭିତ୍ତିକ ଗଳ୍ପର ଏକ ପ୍ରତିନିଧି ସ୍ଥାନୀୟ ସଂଗ୍ରହ। ଏହାର ବହୁଳ ପ୍ରସାର ଆମର କାମନା।

## କଥାଟିଏ

# ଦୂର ସାଗର

ଶିବ ମିଶ୍ର

ପ୍ରତିଦିନ ସକାଳୁ ସୂର୍ଯ୍ୟ ଉଇଁଲାବେଳକୁ ସିଏ ଘର ପଛପଟକୁ ଯାଇ ଦୂରକୁ ଚାହିଁ ଘଡ଼ିଏ ଠିଆ ହୁଏ। ତା' ପଛେ ପଛେ ଧାଇଁ ଯାଉଥିବା ତା'ର ବାଳୁତ ପୁଅଟି ସେଇଠି ନିରବରେ ଠିଆ ହୋଇ ମାଆର ମୁହଁକୁ ଚାହିଁ ରହେ। ଦିନେ ପୁଅ ପଚାରିଲା- ମାଆ! ତୁ ସବୁଦିନ ଏଇଠି ଠିଆ ହୋଇ ଦୂରକୁ ଚାହିଁ କ'ଣ ଦେଖୁଛୁ?

ମାଆ କହିଲା- ସାଗରକୁ ଦେଖୁଛି। ପୁଅ ପଚାରିଲା- ସାଗର କ'ଣ? କୋଉଠି ଅଛି? ମାଆ କିଛି ନ କହି ପୁଅର ଡେଣା ଧରି ତାକୁ ସାଙ୍ଗରେ ନେଇ ଘରକୁ ଚାଲି ଆସିଲା। ଏବେ ମାଆର ବୟସ ଖସିଲାଣି। ସିଏ ବୁଢ଼ୀ ହେଲାଣି, ତଥାପି ନିତି ରାତି ପାହୁ ପାହୁ ବାଡ଼ିପଟକୁ ଯାଉଛି, ଦୂରକୁ ଚାହିଁ କିଛି ସମୟ ଠିଆ ହେଉଛି। ହେଲେ ପୁଅ ଆଉ ମାଆ ପଛରେ ଧାଉଁନି। ଯୁଆନ ପୁଅ ଏବେ ଧାଉଁଛି ପେଟପାଟଣା ଧନ୍ଦାରେ।

ହଠାତ୍ ଦିନେ ମାଆର ଦେହ ଖରାପ ହୋଇଗଲା। ତା' ଅବସ୍ଥା ସାଂଘାତିକ ହୋଇ ପଡ଼ିବାରୁ ପୁଅ ତାକୁ ନେଇଗଲା ସହରର ବଡ଼ ଡାକ୍ତରଖାନାକୁ।

ଡାକ୍ତରଖାନାର ଓସାରିଆ ବାରଣ୍ଡାରେ ଗୋଟିଏ ବେଞ୍ଚରେ ମାଆକୁ ବସାଇ ଦେଇ ପୁଅ ଯାଇଥିଲା ଡାକ୍ତରଙ୍କ ପାଖକୁ ଯିବା ପାଇଁ ନମ୍ବର କରିବାକୁ। ସେତିକିବେଳେ ସେଇ ପାଖଦେଇ ଯାଉଥିବା ଜଣେ ବୟସ୍କ ବ୍ୟକ୍ତି ଅଟକି ଯାଇ ବେଞ୍ଚରେ ବସିଥିବା ତା'ର ମାଆକୁ କିଛି ସମୟ ନିରେଖି ଚାହିଁଲା ପରେ ପାଖକୁ ଯାଇ କହିଲେ- ତୁ ଝରଣାଟି? ହଁ ତୁ ଝରଣା। ତୁ...। ଏଇ ସହରରେ କିଏ ତା' ନାଁ ଧରି ଡାକୁଛି ଜାଣିବା ପାଇଁ ଝରଣା ଧୀରେ ମୁହଁ ଉଠାଇ ଚାହିଁଲା, ତା'ପରେ ଚଟ୍‌କିନା ପିନ୍ଧା ପଣତ କାନିରେ ମୁହଁ ଲୁଚାଇଦେଲା। ସେ ବୟସ୍କ ଲୋକ ଜଣକ କହିଲେ- ତୁ ଯେତେ ଚେଷ୍ଟା କଲେ ବି ପଚିଶ ବର୍ଷ ହେଲା ମୋ' ମନ ସିନ୍ଦୁକରେ ସାଇତା ହୋଇଥିବା ତୋର ମୁହଁକୁ ମୋ'ଠାରୁ ଲୁଚେଇ ପାରିବୁନି। ଗୋଟାଏ ଦୀର୍ଘଶ୍ୱାସ ନେଇ କ୍ଷଣେ ନିରବ ରହିବା ପରେ ସେ ଲୋକ ପୁଣି କହିଲେ- ହଁ ମୁଁ ଦୋଷୀ, ଅପରାଧୀ। ଆଉ ଏକଥା ବି ଜାଣିଛି, ମୋର ଭୁଲ୍ ପାଇଁ ଭଗବାନ ମୋତେ କ୍ଷମା କରିବେ ନାହିଁ।

ହଠାତ୍ ଅଣାୟତ୍ତ ହୋଇ ଯାଇଥିବା ମନକୁ ବହୁ କଷ୍ଟରେ ଆୟତ୍ତକୁ ଆଣିବା ପାଇଁ ଚେଷ୍ଟା କରି ଝରଣା କହିଲା- ନା, ତୁମର କିଛି ଦୋଷ ନାହିଁ। ଆମ ଦୁହିଁଙ୍କ ପରିବାରର ଲୋକମାନେ ଆମ ସମ୍ପର୍କକୁ ସ୍ୱୀକୃତି ଦେବାପାଇଁ ରାଜି ହେଲେ ନାହିଁ, ତେଣୁ...। ସେ ଲୋକ ଜଣକ କହିଲେ- ସେଇଦିନଠାରୁ ମୁଁ ମୋ' ଘର, ମୋ' ପରିବାରଠାରୁ ଦୂରେଇଯାଇଛି। ଏକୁଟିଆ ରହୁଛି, ହେଲେ କେବେ ବି ନିଜକୁ ନିଃସଙ୍ଗ ମନେକରିନାହିଁ। କାହିଁକିନା ମୋ' ପାଖରେ ଆଉ କେହି ନ ଥିଲେ ବି ତୁ ଅଛୁ। ତୋତେ ମୁଁ ମୁହୂର୍ତ୍ତକ ପାଇଁ ମୋ'ଠାରୁ ଅଲଗା କରିପାରିନାହିଁ। ସେଇ ପଚିଶ ତିରିଶ ବର୍ଷ ତଳେ ତୁ ଯେମିତି ଥିଲୁ, ଏବେ ବି ସେମିତି ମୋ' ପାଖରେ, ମୋ' ମନରେ, ମୋ' ହୃଦୟରେ ଅଛୁ। ଜାଣିଛୁ ଝରଣା! ଦିନସାରା ତୋ' ରୂପକୁ ମୁଁ ମୋ' ଆଖିଡୋଳା ପଛପଟରେ ରଖୁଛି, ସନ୍ଧ୍ୟା ହୋଇ ଗଲେ ଜହ୍ନ ଆଉ ତାରାମାନଙ୍କ ଆଲୁଅ ନେଇ ସଜେଇ ଦେଉଛି ତୋର ରୂପକୁ ମୋ' ଆଖି ସାମ୍ନାରେ। ତା'ପରେ କ'ଣ ହେଉଛି ଜାଣିଛୁ, ତୋର ସେହି ରୂପ ରାତିସାରା କଥା ହେଉଛି ମୋ' ସାଙ୍ଗରେ। ରାତି ପାହିଯାଉଛି ହେଲେ ଆମ କଥା ସରୁ ନାହିଁ। ଅସରନ୍ତି ଆମର କଥା ଚାଲିଛି, ସବୁ ରାତିରେ, ପୁଣି ସବୁ ଋତୁରେ।

ଏ ସବୁ କହିବା ଭିତରେ ସିଏ ବସି ପଡ଼ିଥିଲେ ଝରଣା ପାଖରେ। ସେ ଦୁଇଜଣଙ୍କ ଆଖିରୁ ଝରି ଯାଉଥିଲା ଧାର ଧାର ଲୁହ। ନିଜ ଆଖିର ଲୁହ ପୋଛିଲା ପରେ ସେଇ ଓଦାହାତ ପାପୁଲିରେ ଝରଣା ଆଖିର ଲୁହ ପୋଛି ଦେଇ ବୟସ୍କ ଲୋକ ଜଣକ କହିଲେ- ଏବେ ତୋ' ସାଙ୍ଗରେ କିଏ ଆସିଛି? ଝରଣା କହିଲା- ତ...ମ ପୁ...ଅ। ସ୍ପଷ୍ଟ ଭାବରେ କହି ପାରୁ ନଥିଲା ସିଏ। ବେଳୁବେଳ କ୍ଷୀଣ ହୋଇ ଯାଉଥିଲା ତା'ର ଯନ୍ତ୍ରଣା ବତୁରା ସ୍ୱର।

ଏତିକି ବେଳକୁ ପୁଅ ଆସିଲା। ମାଆର ମୁଣ୍ଡ ଆଉଁଶୁଥିବା ସେ ବୟସ୍କ ଲୋକ ଜଣକୁ ଦେଖି କ'ଣ ଭାବିଲା କେଜାଣି, ନିରବରେ ଠିଆ ହୋଇ ରହିଲା। ମାଆ ତା'ର ମିଞ୍ଜି ମିଞ୍ଜି ଆଖିରେ ପୁଅ ଆଡ଼କୁ ଚାହିଁ ଥଙ୍ଗ ଥଙ୍ଗ ସ୍ୱରରେ ଯାହା କହିଲା, ପୁଅ ବୁଝି ପାରିଲାନି ସେ କଥା। ଶେଷରେ ସବୁଦିନ ପାଇଁ ଆଖି ବୁଜି ଦେଇ ସେ ବୟସ୍କ ଲୋକଙ୍କ କୋଳରେ ଢଳି ପଡ଼ିବା ଆଗରୁ ମାଆ ଯାହା କହିଲା, ସେଥିରୁ ପୁଅ ବୁଝିଲା, ଏତେ ଦିନଯାଏ ନିତି ଘର ପଛପଟକୁ ଯାଇ ଯାହା ପାଇଁ ମାଆ ଚାହିଁ ରହୁଥିଲା, ଏଇ ଲୋକ ସେଇ ଦୂର ସାଗର।



ମୋ: ୯୮୫୩୦୭୦୦୧୮


"M.B.K."
Great Eastern® RETAIL
UPTO ₹45000 CASH BACK*
UPTO ₹26000 LOYALTY DISCOUNT*
₹888 LOWEST EMI*
Cost to Cost Offer
2 EMI OFF* HDB FINANCIAL SERVICES
UPTO 36 MONTH EMI*
0 DOWN PAYMENT*
BUY AT COST PRICE UPTO 85%* OFF
GUARANTEED LOWEST PRICE OR DOUBLE DIFFERENCE BACK*
HOT DEAL 52% OFF OUTDOOR BRACKET + ELECTRIC KETTLE
1 T 3* INVERTER AC MRP ₹41900 COST PRICE ₹19990* EMI ₹58/Day
1 T 5* INVERTER AC MRP ₹48900 COST PRICE ₹23490* EMI ₹68/Day
1.5 T 3* INVERTER AC MRP ₹45900 COST PRICE ₹23490* EMI ₹68/Day
1.5 T 5* INVERTER AC MRP ₹54900 COST PRICE ₹28490* EMI ₹73/Day
HOT DEAL 50% OFF 596L SIDE BY SIDE + 24 L OTG MRP ₹98990 COST PRICE ₹49480* EMI ₹93/Day
HOT DEAL 48% OFF 7 kg FRONT LOAD + ELECTRIC KETTLE + STEAM IRON MRP ₹40000 COST PRICE ₹20680* EMI ₹56/Day
HOT DEAL 55% OFF 65 QLED TV MRP ₹99990 COST PRICE ₹44990* EMI ₹82/Day
48% OFF 55 UHD ANDROID TV MRP ₹66990 COST PRICE ₹34590* EMI ₹59/Day
48% OFF 43 SMART TV MRP ₹52490 COST PRICE ₹27190* EMI ₹67/Day
65% OFF 32 SMART TV MRP ₹28390 COST PRICE ₹9990* EMI ₹28/Day
41% OFF 7 kg FULL AUTO + DRY IRON MRP ₹20700 COST PRICE ₹12190* EMI ₹34/Day
43% OFF 7 kg SEMI AUTO + DRY IRON MRP ₹14200 COST PRICE ₹8090* EMI ₹22/Day
40% OFF 237 L BMR + ELECTRIC KETTLE MRP ₹37790 COST PRICE ₹22490* EMI ₹63/Day
40% OFF 235 L 2* DOUBLE DOOR + ELECTRIC KETTLE MRP ₹30400 COST PRICE ₹18390* EMI ₹51/Day
61% OFF 188 L 3* SINGLE DOOR + MINI CHOPPER MRP ₹30400 COST PRICE ₹11790* EMI ₹33/Day
24% OFF 13 PLATE DISHWASHER MRP ₹58690 COST PRICE ₹44590* EMI ₹124/Day
32% OFF 225L DEEP FRIDGE MRP ₹33590 COST PRICE ₹22690* EMI ₹63/Day
41% OFF 19 L SOLO MICROWAVE OVEN + MIXING BOWL MRP ₹8500 COST PRICE ₹4990* EMI ₹14/Day
44% OFF HAVELLS ACTIVE WATER PURIFIER MRP ₹12499 COST PRICE ₹6990* EMI ₹19/Day
51% OFF 10L WATER HEATER MRP ₹11900 COST PRICE ₹5790* EMI ₹16/Day
65% OFF HAVELLS PROLIFE CRYSTAL AIR FRYER MRP ₹17895 COST PRICE ₹6299* EMI ₹17/Day
SUPER SAVER 69% OFF MIXER GRINDER DRY IRON ELECTRIC KETTLE MINI CHOPPER MRP ₹7435 COST PRICE ₹2280*
SAMSUNG LG Panasonic SONY LLOYD Haier Whirlpool Godrej IFB BOSCH VOLTAS DAIKIN HITACHI GENERAL BLUE STAR HAVELLS EUREKA FORBES Livpure KUTCHINA GLEN hindware FABER Sunflame USHA
Widest Range Of Products* | Extended Warranty*
www.greateasternretail.com | Great Eastern Retail | HELPLINE 033 4037 2000
Easy Finance Available HDB FINANCIAL SERVICES BAJAJ FINSERV EMI IDFC FIRST Bank
ଭୁବନେଶ୍ୱର ବାପୁଜୀ ନଗର 7064029935 | ରାଉରକେଲ ଜାମ୍ବୁନାନାକି 8984831218
କଟକ ଯୋବ୍ରା ରୋଡ 8010618727 | ବାଲେଶ୍ୱର ବିବେକାନନ୍ଦ ମାର୍ଗ 9658806880 | ସିଡିଏ 95836 47161
ଯାଜପୁର ରୋଡ଼ ଚୋର୍ଦା ବାଇପାସ୍ 7978077155 | ପଟିଆ 9853766293 | ବ୍ରହ୍ମପୁର ଦଳୁଆ ସାହି 9938668181
ODISHA | WEST BENGAL | RAJASTHAN | UTTAR PRADESH | DELHI | HARYANA | ANDHRA PRADESH | 90+ STORES
*Terms & conditions - Price includes cashback and exchange offer. Pictures are indicative. Offer applicable on selected models and brands. Exchange value applicable for working 1 to 2 years old Air Conditioner based on physical condition. Some offers are applicable for 24th, 25th and 26th Jan 2025.
virtual frame

ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜାନୁଆରୀ ୨୫/୨୦୨୫ Bhubaneswar, Saturday, January 25/ 2025




# ଫାଇନାଲରେ ସିନର-ଜେଭରେଭ

## ଅଷ୍ଟ୍ରେଲିଆନ ଓପନ ଟେନିସ

### ଜୋକୋଭିଚ୍ ଓହରିଲେ

ମେଲବୋର୍ନ, ୨୪।୧ (ଏପି)

ଆଲେକ୍‌ଜାଣ୍ଡର ଜେଭେରେଭଙ୍କ ବିପକ୍ଷ ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚର ଅଧାରୁ ଓହିଯାଇଛନ୍ତି ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍। ସେତେବେଳେ ଜେଭରେଭ ପ୍ରଥମ ସେଟ୍‌ରେ ୭-୬ (୫)ରେ ଅଗ୍ରଣୀ ଥିଲେ। ୩୭ ବର୍ଷୀୟ ଜୋକୋଭିଚ୍ ତାଙ୍କ ବାମ ଗୋଡ଼ରେ ଯନ୍ତ୍ରଣା ଅନୁଭବ କରିଥିଲେ। ସେ କୋର୍ଟ ଛାଡ଼ି ଲକରରୁମ୍ ଆଡକୁ ପଳାଇଯାଇଥିଲେ। ଫଳରେ ଆଲେକ୍‌ଜାଣ୍ଡର ଜେଭରେଭଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ଜେଭରେଭ ଫାଇନାଲରେ ଜାନିକ ସିନରଙ୍କୁ ଭେଟିବେ। ଜୋକୋଭିଚ୍‌ଏକଖବରଦାତା ସମ୍ମିଳନୀରେ କହିଛନ୍ତି, ମଙ୍ଗଳବାର ରାତିରେ କାର୍ଲୋସ ଅଲ୍‌କାରାଜ ବିପକ୍ଷ କ୍ୱାର୍ଟରଫାଇନାଲ ବିଜୟ ବେଳେ ସେ ଆଘାତପ୍ରାପ୍ତ ହୋଇଥିଲେ। ଶୁକ୍ରବାର ମ୍ୟାଚ ଖେଳିବା ଦ୍ୱାରା ତାଙ୍କ ଇଞ୍ଜୁରୀର ମାତ୍ରା ବଢି ଯାଇଥିଲା।

ଗତଥରର ଚାମ୍ପିୟନ ତଥା ବିଶ୍ୱର ୨ନମ୍ବର ଖେଳାଳି ଜାନିକ ସିନର ଶୁକ୍ରବାର ଅନୁଷ୍ଠିତ ଏକ ସେମିଫାଇନାଲରେ ବେନ୍ ଶେଲଟନଙ୍କୁ ୭-୬(୨),୬-୨, ୬-୨ରେ ପରାସ୍ତ କରିଛନ୍ତି। ବିଶ୍ୱର ନମ୍ବର ୱାନ ଇଟାଲୀର ଏହି ୨୩ବର୍ଷୀୟ ଖେଳାଳି ତାଙ୍କ କ୍ୟାରିୟର ତୃତୀୟ ଗ୍ରାଣ୍ଡସ୍ଲାମ ଜିତିବା ଲକ୍ଷ୍ୟରେ ରହିଛନ୍ତି। ସିନର ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ବର୍ଷକ ପୂର୍ବେ ମେଲବୋର୍ନ ପାର୍କରେ ଏବଂ ଦ୍ୱିତୀୟଟି ସେପ୍ଟେମ୍ବରରେ ୟୁସଏ ଓପନରେ ଜିତିଥିଲେ। ରବିବାର ଫାଇନାଲରେ ସେ ୨ନମ୍ବର ଖେଳାଳି ଆଲେକ୍‌ଜାଣ୍ଡର ଜେଭେରେଭଙ୍କୁ ଭେଟିବେ।

### ଗାଡେକି-ପିଅର୍ସ ଯୋଡ଼ିଙ୍କୁ ମିକ୍ସଡ ଡବଲ୍ସ ଟାଇଟଲ

ଓଲିଭିଆ ଗାଡେକି ଓ ଜନ୍ ପିଅର୍ସ ଯୋଡ଼ି ଅଷ୍ଟ୍ରେଲିଆନ ଓପନ ମିକ୍ସଡ ଡବଲ୍ସ ଟାଇଟଲ ଜିତିଛନ୍ତି। ଶୁକ୍ରବାର ୧୯୬୯ ପରେ ଅର୍ଥାତ ୫୮ବର୍ଷ ପରେ ଖେଳାଯାଇଥିବା ପ୍ରଥମ ଅଲ୍-ଅଷ୍ଟ୍ରେଲିଆନ ଫାଇନାଲରେ ସେମାନେ ନିଜ ଦେଶର ଜନ୍ ପ୍ୟାଟ୍ରିକ୍ ସ୍ମିଥ୍ ଓ କିମ୍ବର୍ଲି ବିରେଲଙ୍କୁ ୩-୬, ୬-୪, ୧୦-୬ରେ ହରାଇ ଦେଇଛନ୍ତି। ଶୁକ୍ରବାର ଦୁଇ ୱାଇଲ୍ଡ କାର୍ଡ ଯୋଡ଼ି ଏଣ୍ଟ୍ରିଙ୍କ ମଧ୍ୟରେ ଏହି ମ୍ୟାଚ ରଡ୍ ଲାଭର ଆରେନାଠାରେ ଖେଳାଯାଇଥିଲା। ଗାଡେକିଙ୍କର ଏହା ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ। ଅନ୍ୟପକ୍ଷରେ ପିଅର୍ସଙ୍କ ଏହା ହେଉଛି ଆଉ ଏକ ସଫଳତା। ସେ ପୂର୍ବରୁ ପୁରୁଷ ଡବଲ୍ସରେ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ଏବଂ ଅଷ୍ଟ୍ରେଲିଆନ ଓପନ ଏବଂ ୨୦୨୨ ୟୁଏସ ଓପନ ମିକ୍ସଡ ଡବଲ୍ସ ଟାଇଟଲ ଜିତିଥିଲେ।

# ପୋଦ୍ଦାରଙ୍କ ଶତକ: ଓଡ଼ିଶାର ବୃହତ୍ ସ୍କୋର

## ରଣଜୀ ଟ୍ରଫି

ଭୁବନେଶ୍ୱର, ୨୪।୧ (ତପନ ସ୍ୱାଇଁ)

ଗୋବିନ୍ଦ ପୋଦ୍ଦାରଙ୍କ ଶତକ ଏବଂ ଅଧିନାୟକ ସନ୍ଦୀପ ପଟ୍ଟନାୟକଙ୍କ ସମେତ ସ୍ୱସ୍ତିକ ସାମଲ, କାର୍ତ୍ତିକ ବିଶ୍ୱାଳ ଓ ରାଜେଶ ଧୂପରଙ୍କ ଅର୍ଦ୍ଧଶତକ ସହାୟତାରେ ଓଡ଼ିଶା ଶିଲଂର ଏମ୍‌ସିଏ ଗ୍ରାଉଣ୍ଡରେ ଚାଲିଥିବା ମେଘାଳୟ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ବୃହତ୍ ସ୍କୋର କରିଛି। ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୭ ଉଇକେଟ ହରାଇ ୫୨୩ ରନ ସ୍କୋର କରିଛି। ଫଳରେ ୩ ଉଇକେଟ ବାକିଥାଇ ଓଡ଼ିଶା ଘରୋଇ ମେଘାଳୟ ପ୍ରଥମ ଇନିଂସଠାରୁ ୩୨୫ ରନରେ ଅଗ୍ରଣୀଲାଭ କରିଛି। ମେଘାଳୟ ପ୍ରଥମ ଇନିଂସରେ ୧୯୮ ରନରେ ଅଲ୍‌ଆଉଟ ହୋଇଥିଲା।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୭୦/୦ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଆଉ ୫୦ ରନ ଯୋଗ କରିବା ପରେ ୧୨୦ ରନରେ ପ୍ରଥମ ଉଇକେଟ ହରାଇଥିଲା। ଶାନ୍ତନୁ ମିଶ୍ରଙ୍କ ସହ ଓପନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ି ଦଳକୁ ଦୃଢ଼ ଭିତ୍ତି ପ୍ରଦାନ ପରେ ସ୍ୱସ୍ତିକ ବ୍ୟକ୍ତିଗତ ୮୦ ରନକରି ଆଉଟ ହୋଇଥିଲେ। ସେ ୧୦୭ ବଲ୍ ଖେଳି ନିଜ ଇନିଂସ ମଧ୍ୟରେ ୧୬ ଚୌକା ମାରିଥିଲେ। ସମାନ ସ୍କୋରରେ ଶାନ୍ତନୁ ମଧ୍ୟ ୩୭ ରନକରି ପ୍ୟାଭିଲିୟନ ଫେରିଥିଲେ। ତେବେ ସନ୍ଦୀପ ଓ ପୋଦ୍ଦାର ଦୃଢ଼ ବ୍ୟାଟିଂ କରି ଆଉ ଏକ ଶତକୀୟ ପାର୍ଟନରଶିପ୍ ଗଢ଼ି ଓଡ଼ିଶାକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ଦୁହେଁ ତୃତୀୟ ଉଇକେଟରେ ୧୮୯ ବଲ୍‌ରୁ ୧୪୦ ରନ ଯୋଗ କରିବା ପରେ ସନ୍ଦୀପ ବ୍ୟକ୍ତିଗତ ୭୮ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ସନ୍ଦୀପ ନିଜ ଇନିଂସରେ ୧୧ ଚୌକା ମାରିଥିଲେ। କାର୍ତ୍ତିକ ବିଶ୍ୱାଳଙ୍କ ସହ ଆଉ ଏକ ଶତକୀୟ ଭାଗୀଦାରି ଗଢ଼ିଥିଲେ ଗୋବିନ୍ଦ ପୋଦ୍ଦାର। ଦ୍ରୁତ ହାରରେ ରନ ସଂଗ୍ରହ ଚକ୍କରରେ ଦୁହେଁ ୪ର୍ଥ ଉଇକେଟରେ ୧୦୪ ବଲ୍‌ରୁ ୧୦୨ ରନ ଯୋଗ କରିଥିଲେ। ଏହି ଅବସରରେ ଚଳିତ ସିଜନରେ ଦ୍ୱିତୀୟ ଓ ପ୍ରଥମ ଶ୍ରେଣୀ କ୍ରିକେଟରେ ୧୦ମ ଶତକ ପୂରଣ କରିଥିଲେ ପୋଦ୍ଦାର। ସେ ୧୫୭ଟି ବଲ୍‌ର ସମ୍ମୁଖୀନ ହୋଇ ୧୭ ଚୌକା ସହୟତାରେ ୧୨୧ ରନ ସ୍କୋର କରିଥିଲେ। ପୂର୍ବରୁ ପୋଦ୍ଦାର ଚଳିତ ସିଜନରେ କଟକର ବାରବାଟୀ ଷ୍ଟାଡିୟମରେ ଜମ୍ମୁ-କଶ୍ମୀର ବିପକ୍ଷରେ ଶତକ (୧୩୩ ରନରେ ଅପରାଜିତ) ହାସଲ କରିଥିଲେ। କାର୍ତ୍ତିକ ବିଶ୍ୱାଳ ୬୮ (୮୫ ବଲ, ୮ ଚୌକା) ଓ ରାଜେଶ ଧୂପର ଅପରାଜିତ ୮୦ (୮୧ ବଲ, ୭ ଚୌକା, ୪ ଛକା) ରନ କରିବାରୁ ଓଡ଼ିଶା ସ୍କୋର ୫୦୦ ଅତିକ୍ରମ କରିଥିଲା। ଶେଷ ଭାଗରେ ଆଶୀର୍ବାଦ ସ୍ୱାଇଁ ମଧ୍ୟ ୩୦ ବଲରୁ ୩୪ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଓଡ଼ିଶା ବ୍ୟାଟରଙ୍କ ଉପରେ ଚାପ ପକାଇବା ପାଇଁ ମେଘାଳୟ ୮ ବୋଲରଙ୍କୁ ନିୟୋଜିତ କରିଥିଲା। ସେମାନଙ୍କ ମଧ୍ୟରୁ ନଫିସ ସିଦ୍ଦିକ ୩ଟି, ଅଧିନାୟକ ଆକାଶ ଚୌଧାରୀ ୨ଟି ଏବଂ ୱାନଲାମବକ୍ ନଙ୍ଗକ୍ଲା ଓ ବାଲଚନ୍ଦର ଅନିରୁଦ୍ଧ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଗୋବିନ୍ଦ ପୋଦ୍ଦାର

**ସଂକ୍ଷିପ୍ତ ସ୍କୋର**

ମେଘାଳୟ ପ୍ରଥମ ଇନିଂସ: ୧୯୮। ଓଡ଼ିଶା ପ୍ରଥମ ଇନିଂସ: ୫୨୩/୭ (ଗୋବିନ୍ଦ ପୋଦ୍ଦାର-୧୨୧, ରାଜେଶ ଧୂପର-୮୦*, ସ୍ୱସ୍ତିକ ସାମଲ-୮୦, ସନ୍ଦୀପ ପଟ୍ଟନାୟକ-୭୮, କାର୍ତ୍ତିକ ବିଶ୍ୱାଳ-୬୮, ନଫିସ ସିଦ୍ଦିକ-୩/୭୮, ଆକାଶ ଚୌଧାରୀ-୨/୧୧୨, ୱାନଲାମବକ୍ ନଙ୍ଗକ୍ଲା-୧/୬୧, ବାଲଚନ୍ଦର ଅନିରୁଦ୍ଧ-୧/୪୨)।



ମହିଳା ହକି ଇଣ୍ଡିଆ ଲିଗ୍‌ରେ ଶୁକ୍ରବାର ମ୍ୟାଚ ବିଜୟରେ ଉଲ୍ଲସିତ ସୁର୍‌ମା ହକି କ୍ଲବର ଖେଳାଳି।

## ବାଙ୍କୁଆଳ ପ୍ରିମିୟର ଲିଗ୍

# ଫାଇନାଲରେ ଯାଆଁଳା

**ପୁରୁଣା ଭୁବନେଶ୍ୱର, ୨୪।୧ (ସୁବାସ ଚନ୍ଦ୍ର ପ୍ରଧାନ):** ସ୍ଥାନୀୟ ବାଙ୍କୁଆଳ ଖେଳ ପଡିଆରେ ଚାଲିଥିବା ୧୪ଶ ଜଗବନ୍ଧୁ ସ୍ମାରକୀ ବାଙ୍କୁଆଳ ପ୍ରିମିୟର ଲିଗର ଶୁକ୍ରବାର ୨ୟ ସେମିଫାଇନାଲରେ ମେଣ୍ଢାଶାଳର ଇଗଲ ଫାଇଟରକୁ ହରାଇ ଯାଆଁଳା କ୍ରିକେଟ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଯାଆଁଳା ବ୍ୟାଟିଂ କରି ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୩୨୭ ରନ କରିଥିଲା। ଦଳ ତରଫରୁ ବୀର ଅଭିମନ୍ୟୁ ୧୧୭ ରନ କରିଥିଲେ। ଜବାବରେ ଇଗଲ ଫାଇଟର ସମସ୍ତ ଉଇକେଟ ହରାଇ ୧୭୪ ରନ କରିଥିଲା। ବୀର ଅଭିମନ୍ୟୁ ପ୍ଲେୟର ଅଫ ଦି ମ୍ୟାଚ ହୋଇଥିଲେ। ଅତିଥି ଗ୍ରାମ୍ୟ କମିଟିର ଆଇନ ପରାମର୍ଶ ଦାତା ଭାଗବତ ମୁଖୀ ତାଙ୍କୁ ପୁରସ୍କୃତ କରିଥିଲେ। ଆସନ୍ତା ୨୬ରେ ଏଫ୍‌ସିସି କେଶୁରା ଓ ଯାଆଁଳା କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।



ଫେବୃଆରୀ ୯ରେ ହେବାକୁଥିବା ଭାରତ-ଇଂଲଣ୍ଡ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପୂର୍ବରୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର ବାରବାଟୀ ଷ୍ଟାଡିୟମ ପ୍ରସ୍ତୁତି କାର୍ଯ୍ୟର ଅନୁଧ୍ୟାନ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ଓଡ଼ିଶା-ସୁରମା ଫାଇନାଲ

## ମହିଳା ହକି ଇଣ୍ଡିଆ ଲିଗ୍

ଭୁବନେଶ୍ୱର, ୨୪।୧ (ତପନ ସ୍ୱାଇଁ)

ଓଡ଼ିଶା ୱାରିୟର୍ସ ଓ ସୁର୍‌ମା ହକି କ୍ଲବ ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଚାଲିଥିବା ସର୍ବପ୍ରଥମ ମହିଳା ହକି ଇଣ୍ଡିଆ ଲିଗର ଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇ ଦଳ ମଧ୍ୟରେ ଫାଇନାଲ ଆସନ୍ତା ୨୬ରେ ଅନୁଷ୍ଠିତ ହେବ। ଶୁକ୍ରବାର ପ୍ରତିଯୋଗିତାର ଅନ୍ତିମ ଲିଗ୍ ମ୍ୟାଚ ସୁର୍‌ମା ଓ ରର୍ ବେଙ୍ଗଲ ଟାଇଗର୍ସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁର୍‌ମା ୪-୨ ଗୋଲରେ ବେଙ୍ଗଲ ଟାଇଗର୍ସଙ୍କୁ ପରାସ୍ତ କରିଛି। ସୁର୍‌ମା ପକ୍ଷରୁ ଚାର୍ଲୋଟିଇଙ୍ଗ୍‌ଲେବର୍ଟ ୧ମ, ୧୭ ଓ ୪୭ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ହିନା ବାନୋ ୯ମ ମିନିଟରେ ଅନ୍ୟ ଗୋଲଟି ଦେଇଥିଲେ। ବେଙ୍ଗଲ ଟାଇଗର୍ସ ପକ୍ଷରୁ ବନ୍ଦନା କାଟରିଆ ୪୮ ଓ ଶିଲ୍ପି ଦାବାସ ୫୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଲିଗ୍ ପର୍ଯ୍ୟାୟ ଶେଷରେ ସୁର୍‌ମା ହକି କ୍ଲବ ୬ ମ୍ୟାଚରୁ ୪ ବିଜୟ, ୧ ପରାଜୟ ଓ ୧ ଶୁଟ୍‌ଆଉଟ ପରାଜୟ ସହିତ ୧୩ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଓଡ଼ିଶା ୱାରିୟର୍ସ ୬ ମ୍ୟାଚରୁ ୨ ବିଜୟ, ୨ ଶୁଟ୍‌ଆଉଟ ବିଜୟ, ୧ ପରାଜୟ ଓ ୧ ଶୁଟ୍‌ଆଉଟ ପରାଜୟ ସହିତ ୧୧ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ରର୍ ବେଙ୍ଗଲ ଟାଇଗର୍ସ ୬ ମ୍ୟାଚରୁ ୨ ବିଜୟ, ୩ ପରାଜୟ ଓ ୧ ଶୁଟ୍ ଆଉଟ ପରାଜୟ ସହ ୭ ଏବଂ ଦିଲ୍ଲୀ ଏସ୍‌ଜି ପାଇପର୍ସ ୬ ମ୍ୟାଚରୁ ୧ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୪ ପରାଜୟ ସହିତ ୫ ପଏଣ୍ଟରେ ରହି ବିଦାୟ ନେଇଛନ୍ତି।

# ଶାମିଙ୍କ ଫିଟ୍‌ନେସ ଉପରେ ନଜର

## ଭାରତ-ଇଂଲଣ୍ଡ ଦ୍ୱିତୀୟ ଟି୨୦ ଆଜି

**ମ୍ୟାଚ ଆରମ୍ଭ: ସନ୍ଧ୍ୟା ୭ଟା।**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ, ହଟ୍‌ଷ୍ଟାର**

ଚେନ୍ନାଇ, ୨୪।୧ (ପି.ଟି.)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଶନିବାର ଏଠାରେ ଅନୁଷ୍ଠିତ ହେବ। ଆହତ ସମସ୍ୟାରୁ ମୁକ୍ତିଲାଭ ପରେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଦ୍ରୁତ ବୋଲର ମହମ୍ମଦ ଶାମି ପ୍ରଥମ ମ୍ୟାଚରେ ସୁଯୋଗ ପାଇ ନ ଥିଲେ। ଫଳରେ ତାଙ୍କ ଫିଟ୍‌ନେସକୁ ନେଇ ପ୍ରଶ୍ନ ଉଠିଥିଲା। ପ୍ରଥମ ଟି୨୦ରେ ଭାରତ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ୭ ଉଇକେଟରେ ସହଜ ବିଜୟ ହାସଲ କରିଥିଲା। ଦ୍ୱିତୀୟ ଟି୨୦ରେ ମଧ୍ୟ ସେହିପରି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ରହିବ ଘରୋଇ ଦଳ। ଏପରିସ୍ଥିତିରେ ଶାମି ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଉଛନ୍ତି କି ନାହିଁ ତା ଉପରେ ନଜର ରହିବ। ୫ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀଲାଭ କରିଛି।

୩୪ ବର୍ଷୀୟ ଶାମି ନେଟ୍ସରେ ଯେପରି ଆକ୍ଟିଭ ଥିଲେ ପ୍ରଥମ ଟି୨୦ରେ ଖେଳିବେ ବୋଲି ଅନୁମାନ କରାଯାଉଥିଲା। ମାତ୍ର ତାହା ହୋଇ ନ ଥିଲା। କୋଲକାତା ମ୍ୟାଚରେ ଭାରତ ତାଙ୍କ ଅନୁପସ୍ଥିତି ମଧ୍ୟ ଅନୁଭବ କରି ନ ଥିଲା। ଅର୍ଶଦୀପ ସିଂ ଇଂଲଣ୍ଡର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବାବେଳେ ମିଡିଲ ଅର୍ଡରରେ ବରୁଣ ଚକ୍ରବର୍ତ୍ତୀ ଚମତ୍କାର ବୋଲିଂ କରି ଇଂଲଣ୍ଡକୁ ବଡ଼ ସ୍କୋର କରିବାକୁ ଦେଇ ନ ଥିଲେ। ଶାମି ଯଦି ସ୍ଥାନ ପାଆନ୍ତି ତେବେ ନୀତୀଶ କୁମାର ରେଡ୍ଡୀଙ୍କୁ ବାହାରେ ବସିବାକୁ ପଡ଼ିପାରେ। ଚେପକ୍‌ରେ ପିଚ୍ ସ୍ପିନରଙ୍କୁ ସୁହାଇବା ସମ୍ଭାବନା ରହିଛି। ଅତୀତରେ ମଧ୍ୟ ତାହା ହୋଇଛି। ଏପରିସ୍ଥଳେ ବରୁଣ, ଅକ୍ଷର ପଟେଲ ଓ ରବି ବିଷ୍ଣୋଇଙ୍କୁ ନେଇ ଭାରତୀୟ ଲାଇନ୍‌ଅପ୍‌ରେ କ୍ୱାଲିଟି ଏବଂ ଭେରାଇଟି ଥିବାରୁ ଇଂଲଣ୍ଡ ପୁଣି ଅସୁବିଧାରେ ପଡ଼ିପାରେ। ଇଂଲଣ୍ଡ କ୍ଷେତ୍ରରେ ଭାରତୀୟ ବ୍ୟାଟରଙ୍କୁ ଅସୁବିଧାରେ ପକାଇବାପାଇଁ ହେଲେ ଅଭିଜ୍ଞ ଆଦିଲ ରଶିଦ ଓ ଲିଆମ ଲିଭିଂଷ୍ଟୋନଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। ପ୍ରଥମ ଟି୨୦ରେ ଜୋଫ୍ରା ଆର୍ଚରଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଇଂଲଣ୍ଡ ଦ୍ରୁତ ବୋଲର ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ଆଗରେ ପ୍ରଭାବୀ ହୋଇ ପାରି ନ ଥିଲେ। ଅଭିଷେକ ଶର୍ମା ଓ ସଞ୍ଜୁ ସାମସନ ପୁଣି ଇନିଂସ ଓପନ କରିବା ଏକପ୍ରକାର ନିଶ୍ଚିତ। ତେବେ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ଫର୍ମକୁ ଫେରିବା ଆବଶ୍ୟକ ହେଉଛି।

ଚେପକ୍ ପିଚ୍‌କୁ ଦୃଷ୍ଟିରେ ରଖି ଇଂଲଣ୍ଡ ଯୁବ ଲେଗ୍ ସ୍ପିନର ରେହନ ଅହମଦଙ୍କୁ ଦଳରେ ନେବାକୁ ଚିନ୍ତା କରିପାରେ। ଏହା ବ୍ୟତୀତ ଗସ୍ ଆଟକିନସନଙ୍କ ସ୍ଥାନରେ ଡାହାଣହାତୀ ପେସର ବ୍ରେଡନ କର୍ସଙ୍କୁ ଦଳରେ ସାମିଲ ସାମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।



ଅଭ୍ୟାସ ଅବସରରେ ଟିମ୍ ଇଣ୍ଡିଆ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ।

# ସେହ୍ୱାଗଙ୍କ ବିବାହ ବିଚ୍ଛେଦକୁ ନେଇ ଗୁଜବ

ନୂଆଦିଲ୍ଲୀ, ୨୪।୧

କିମ୍ବଦନ୍ତୀ ଭାରତୀୟ କ୍ରିକେଟର ବୀରେନ୍ଦ୍ର ସେହ୍ୱାଗ ଓ ଆରତୀ ଆହ୍ଲାୱତଙ୍କୁ ଭାରତୀୟ କ୍ରିକେଟର ଅନ୍ୟତମ ଶ୍ରେଷ୍ଠ ଦମ୍ପତି ଭାବେ ବିବେଚନା କରାଯାଏ। ମାତ୍ର ଦୁହିଁଙ୍କ ମଧ୍ୟରେ ୨୦ ବର୍ଷର ଦାମ୍ପତ୍ୟ ଜୀବନ ପରେ ଏବେ ସେମାନଙ୍କ ମଧ୍ୟରେ ବିଚ୍ଛେଦ ଘଟିବାକୁ ଯାଉଛି ବୋଲି ଗୁଜବ ଶୁଣିବାକୁ ମିଳୁଛି। ଦୁହେଁ ବହୁ ମାସ ହେଲା ଅଲଗା ରହୁଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ଉଭୟ ପରସ୍ପରକୁ ଅନ୍‌ଫଲୋ କରିଛନ୍ତି। ଫଳରେ ଖୁବ୍ ନିକଟରେ ସେମାନଙ୍କ ମଧ୍ୟରେ ଛାଡ଼ପତ୍ର ହେବାକୁ ଯାଉଛି ବୋଲି ଶୁଣାଯାଉଥିବା ଗୁଜବକୁ ଏହା ଖୋରାକ ଯୋଗାଉଛି। ସେହ୍ୱାଗ ଓ ଆରତୀଙ୍କ ଲଭ ଷ୍ଟୋରୀ ଭିନ୍ନ ପ୍ରକାରର। ସେହ୍ୱାଗଙ୍କୁ ଯେତେବେଳେ ୭ବର୍ଷ ଏବଂ ଆରତୀଙ୍କୁ ୫ବର୍ଷ ବୟସ ହୋଇଥିବା ସେତେବେଳେ ଏକ ପାରିବାରିକ ବିବାହ ଉତ୍ସବରେ ଉଭୟଙ୍କ ମଧ୍ୟରେ ଭେଟ ହୋଇଥିଲା। ଦୁହେଁ ଦୂର ସମ୍ପର୍କୀୟ ଭାଇଭଉଣୀ ଥିଲେ। ଏହା ସତ୍ତ୍ୱେ ଉଭୟଙ୍କ ମଧ୍ୟରେ ସମ୍ପର୍କ କ୍ରମେ ନିବିଡ଼ ହେବାରେ ଲାଗିଥିଲା। ପରବର୍ତ୍ତୀ କାଳରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସେହ୍ୱାଗଙ୍କୁ ୨୧ ବର୍ଷ ବୟସ ହୋଇଥିବା ବେଳେ ସେ ଆରତୀଙ୍କ ନିକଟରେ ବିବାହ ପ୍ରସ୍ତାବ ରଖିଥିଲେ। ପରେ ଦୁହେଁ ୩ ବର୍ଷ ଡେଟିଂରେ ରହିଥିଲେ। ୨୦୦୪ ଏପ୍ରିଲ ୨୨ରେ ସେମାନଙ୍କର ବିବାହ ହୋଇଥିଲା। ଦମ୍ପତିଙ୍କ ଇଚ୍ଛା ମୁତାବକ ବିବାହ ଉତ୍ସବ ପୁଣି କଡ଼ା ସୁରକ୍ଷା ମଧ୍ୟରେ ସ୍ୱର୍ଗତ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ବାସଭବନରେ ଆୟୋଜିତ ହୋଇଥିଲା।



ଆରତୀ ଆହ୍ଲାୱତ ଓ ବୀରେନ୍ଦ୍ର ସେହ୍ୱାଗ।

# ବେଙ୍ଗଲ ଟାଇଗର୍ସର ପଞ୍ଚମ ବିଜୟ

**ଭୁବନେଶ୍ୱର, ୨୪।୧ (ତପନ ସ୍ୱାଇଁ):** ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ହକି ଇଣ୍ଡିଆ ଲିଗ୍ ମ୍ୟାଚରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ୫-୩ ଗୋଲରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସଙ୍କୁ ପରାସ୍ତ କରିଛି। ଚଳିତ ଟୁର୍ନାମେଣ୍ଟରେ ୮ ମ୍ୟାଚରୁ ବେଙ୍ଗଲ ଟାଇଗର୍ସର ଏହାଥିଲା ୫ମ ବିଜୟ। ଫଳରେ ଏହି ଦଳ ୧୫ ପଏଣ୍ଟ ସହିତ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଲାନ୍ସର୍ସ ୯ ମ୍ୟାଚରୁ ୧୨ ପଏଣ୍ଟରେ ସ୍ଥିର ରହିଛି। ମ୍ୟାଚରେ ବେଙ୍ଗଲ ଟାଇଗର୍ସ ପକ୍ଷରୁ ଯୁଗରାଜ ସିଂ ୧୦ମ ଓ ୨୭ତମ ମିନିଟରେ ୨ଟି ଏବଂ ରୂପିନ୍ଦର ପାଲ୍ ସିଂ ୧୬, ଅଭିଷେକ ୩୦ ଓ ପ୍ରଦୀପ ସିଂ ସାନ୍ଧୁ ୪୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କଳିଙ୍ଗ ଲାନ୍ସର୍ସ ପକ୍ଷରୁ ଅଙ୍ଗଦ ବୀର ସିଂ ୫ମ ମିନିଟରେ ଏକ ଗୋଲ ଦେଇ ଅଗ୍ରଣୀ କରିଥିଲେ ହେଁ ଦଳ ଏଥିରୁ ଫାଇଦା ଉଠାଇ ପାରି ନ ଥିଲା। ଥିଏରୀ ବ୍ରିଙ୍କମାନ ୧୧ ଓ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ୩୩ତମ ମିନିଟରେ ଅନ୍ୟ ୨ଟି ଗୋଲ ଦେଇଥିଲେ। ତାମିଲନାଡୁ ଡ୍ରାଗନ୍ସ ୧୭ ଓ ୟୁପି ରୁଦ୍ରାସ ୧୫ ପଏଣ୍ଟ ପାଇ ଟେବୁଲର ଶୀର୍ଷ ୨ ସ୍ଥାନ ଅଧିକାର କରିଛନ୍ତି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ